ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ



ଫେବୃଆରୀ ୨୦୨୪ ସଂଖ୍ୟା

କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ବସନ୍ତ ପଞ୍ଚମୀ ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାରର ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସଂପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| ଆମ ପୋଡ଼କାଷ୍ଟ ସେବାରୁ କାହାଣୀଟିଏ | | ୨୬ |
| ଗଳ୍ପ ବିଭାଗ | | ୩୬ |
| ଅନେକ କଳାଛାଇ - ୧୧ | ଅଶୋକ ବିଶ୍ୱାଳ | ୩୭ |
| ଭାଗ୍ୟ ଭବିଷ୍ୟ | ସିଦ୍ଧେଶ୍ୱର ତ୍ରିପାଠୀ | ୫୨ |
| ଶେଫାଳି | ସୁଧାଂଶୁ ଶେଖର ଦ୍ୱିବେଦୀ | ୫୪ |
| କର୍ମଫଳ ବଡ଼ ନିଷ୍ଠୁର | ନିତ୍ୟ ରଞ୍ଜନ ନନ୍ଦ | ୬୦ |
| ଭୂଲ ହୋଇଗଲା ତତେ ଭଲପାଇ | ସୁନିତା ମହାନ୍ତି | ୬୬ |
| ଭୂଲ ହୋଇଗଲା ତତେ ଭଲପାଇ | ନିବେଦିତା ପଣ୍ଡା | ୬୮ |
| ଭୂଲ ହୋଇଗଲା ତତେ ଭଲପାଇ | ପୁଷ୍ପଲତା ମିଶ୍ର | ୭୧ |
| ନିନା ଓ ନାନୀ | ପଦ୍ମାଳୟା ପାଢ଼ୀ | ୭୬ |
| ଭାଲୁକୁଣୀ ଓଷାରୁ ଭାଲେଣ୍ଟାଇନ୍ସ ଡେ | ସ୍ୱାଗତ ମିଶ୍ର | ୮୩ |
| ଡାଏରୀର ସେଇ ପୁରୁଣା ପୃଷ୍ଠା | ଶୁଭସ୍ମିତା ପ୍ରଧାନ | ୯୧ |
| ସ୍ୱପ୍ନ | ପପୁ ରାଉତ | ୯୬ |
| ଅଦେଖା ଲୁହ | ରୁଦ୍ରକାନ୍ତ ରାଉତରାୟ | ୯୯ |
| ବାଗଡ଼ା | ସଞ୍ଜୀବ କୁମାର ଦାସ | ୧୦୩ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


## କବିତା ବିଭାଗ ୧୦୮

| | | |
|---|---|---|
| ଶୀତ ରାତି | ଶିବ ନାରାୟଣ ଦାଶ | ୧୦୯ |
| ଅସତ୍ୟ ସହର | ସ୍ୱର୍ଗତ ମାୟାଧର ଦାଶ | ୧୧୪ |
| ମକର ବୁଲିବା ଆସ | ସିଦ୍ଧେଶ୍ୱର ତ୍ରିପାଠୀ | ୧୧୮ |
| ବିବେକ ରତ୍ନ | ସୁଜିତ ମିଶ୍ର | ୧୧୯ |
| ଲେଖୁଛି ତୁମକୁ ଚିଠି | ପ୍ରଶାନ୍ତ କୁମାର ଦାଶ | ୧୨୦ |
| ମାତ୍ର ଥରୁଟିଏ | ପୁଷ୍ପାଞ୍ଜଳୀ ପଣ୍ଡା | ୧୨୨ |
| ହୃଦୟେ | ପ୍ରଭାସ କୁମାର ମହାପାତ୍ର | ୧୨୩ |
| ମାଆ | ତ୍ରିନାଥ ନନ୍ଦୀ | ୧୨୪ |
| ହିସାବ ଖାତା | ବିଶ୍ୱନାଥ କର | ୧୨୫ |
| ଶୁଣ ହେ ମାଗୁଣି ମୋର | ରବି ନାରାୟଣ ମିଶ୍ର | ୧୨୭ |
| ସିନ୍ଦୁର | ବାସନ୍ତୀ ଲତା ଜେନା | ୧୨୮ |
| ଡଲଫିନ୍‌ରୁ ବାଘ ଗଣନା ଯାଏ | ନୀଳମଣି ଚାନ୍ଦ | ୧୨୯ |
| ମଙ୍ଗଳମୟ | ସୁହଂସ ଭୋଇ | ୧୩୦ |
| ସମ୍ପତ୍ତି | କୀର୍ତ୍ତନ ସାହୁ | ୧୩୧ |
| ମୋ ବୋଉ | ରାମଚନ୍ଦ୍ର ପ୍ରଧାନ | ୧୩୩ |
| ମୁଁ ତୁମ କବିତାର ନାୟିକା | ନିରଞ୍ଜନ ସାହୁ | ୧୩୪ |
| ମାନସୀ ମନ | ବିନୟାନନ୍ଦ ବସ୍ତ୍ରସ୍ୟ | ୧୩୫ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଅଧୁରା ଦେବଦାସୀ | ପ୍ରଶାନ୍ତ ବ୍ରହ୍ମା | ୧୩୬ |
| ଜୀବ ଗଲାପରେ | ଶାନ୍ତନୁ କୁମାର ରାଉତ | ୧୩୭ |
| ସନ୍ଦେହ | ଅଲେଖ ମେହେର | ୧୩୮ |
| ଆମ ବୀର ସୈନିକ | ବିକାଶ କୁମାର ହୋତା | ୧୩୯ |
| ତୁ କେବେ କାହାର ହେଇପାରୁନା | ଅନୁଶ୍ରୀ ନାଏକ | ୧୪୦ |
| ପୁରୁଣା ପୃଷ୍ଠାର ସ୍ମୃତି | ଆଶୁତୋଷ ମେହେର | ୧୪୨ |
| ଲବ-କୁଶଙ୍କ ପ୍ରଶ୍ନ ? | ଆଲୋକ ମେହେର | ୧୪୩ |
| ବରକୋଳି | ସରୋଜ କୁମାର ସାହୁ | ୧୪୬ |
| ଜୟ ମାଆ ଭାରତୀ | ନଳିନୀ ଦାଶ | ୧୪୭ |
| ଛନକା ପଶିଲା ଛାତିରେ | ଶିଶିର କୁମାର ମିଶ୍ର | ୧୪୮ |
| ଶୂନ୍ୟ ନୀଡ଼ | ବିନୟ ମହାପାତ୍ର | ୧୪୯ |
| ମାଆ | ଦେବାର୍ଚ୍ଚନ ମେହେର | ୧୫୧ |
| ଗାନ୍ଧୀ, ତୁମେ ଫେରିଆସ | ଚନ୍ଦ୍ରକାନ୍ତ ଜେନା | ୧୫୩ |
| ଶଙ୍ଖକ୍ଷେତ୍ର ଅଧୀଶ୍ୱର | ସୀମାଞ୍ଚଳ ରାଉଳ | ୧୫୫ |
| ଅନୁଭବ | ମନୋଜ କୁମାର ଭୋଇ | ୧୫୭ |
| ତ୍ରିରଙ୍ଗା ତଳେ | ଭାରତୀ ହୋତା | ୧୫୯ |
| ମାନବୀୟ ଲୀଳା | ରମାକାନ୍ତ ସ୍ୱାଇଁ | ୧୬୨ |
| ସପନରେ ତୁମେ କାହିଁକି ଆସ | ଶାନ୍ତିଲତା ପଣ୍ଡା | ୧୬୪ |
| ସପନରେ ତୁମେ କାହିଁକି ଆସ | ସଂଯୁକ୍ତା ସାହୁ | ୧୬୫ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ସପନରେ ତୁମେ କାହିଁକି ଆସ | ଡାନଶ୍ରୀ ପାଣିଗ୍ରାହୀ | ୧୬୬ |
| ସପନରେ ତୁମେ କାହିଁକି ଆସ | ବୀରେନ୍ଦ୍ର କୁମାର ସାହୁ | ୧୬୭ |
| ସପନରେ ତୁମେ କାହିଁକି ଆସ | ପୁଷ୍ପଲତା ମିଶ୍ର | ୧୬୮ |
| ସପନରେ ତୁମେ କାହିଁକି ଆସ | ସନ୍ତୋଷ କୁମାର ସାହୁ | ୧୬୯ |
| ସପନରେ ତୁମେ କାହିଁକି ଆସ | ରଞ୍ଜିତା ଦାଶ | ୧୭୦ |
| ସପନରେ ତୁମେ କାହିଁକି ଆସ | ନଳିନୀ ପ୍ରଭା ମିଶ୍ର | ୧୭୧ |
| ସପନରେ ତୁମେ କାହିଁକି ଆସ | ଲତା ବେହେରା | ୧୭୨ |
| ସପନରେ ତୁମେ କାହିଁକି ଆସ | ନୂତନ କୁମାର ବେହେରା | ୧୭୪ |
| ସପନରେ ତୁମେ କାହିଁକି ଆସ | ଭାରତୀ ଲେଙ୍କା | ୧୭୬ |
| ସପନରେ ତୁମେ କାହିଁକି ଆସ | ବିନୋଦିନୀ ଦାଶ | ୧୭୭ |
| ସପନରେ ତୁମେ କାହିଁକି ଆସ | କୃଷ୍ଣ କୁମାର | ୧୭୮ |
| ସପନରେ ତୁମେ କାହିଁକି ଆସ | ବିଦ୍ୟୁତପ୍ରଭା ମିଶ୍ର | ୧୭୯ |
| ସପନରେ ତୁମେ କାହିଁକି ଆସ | ନିବେଦିତା ପଣ୍ଡା | ୧୮୦ |
| ସପନରେ ତୁମେ କାହିଁକି ଆସ | ସ୍ୱାଗତିକା ସାହୁ | ୧୮୨ |
| ସପନରେ ତୁମେ କାହିଁକି ଆସ | ଭାସ୍କର ରାଉତ | ୧୮୪ |
| ସପନରେ ତୁମେ କାହିଁକି ଆସ | କଳ୍ପନା ମହାରଣା | ୧୮୫ |
| ମୋ ନାମ ସ୍ୱପ୍ନା | ସ୍ୱପ୍ନା ମହାନ୍ତି | ୧୮୬ |
| ଇଏ କଣ ଆମ ସ୍ୱାଧୀନତା ? | ଉପେନ୍ଦ୍ର କୁମାର ବସ୍ତିଆ | ୧୮୭ |
| କେଉଁଟା ମୋ ଶେଷ ? | ମନୋରଞ୍ଜନ ମହାନ୍ତି | ୧୮୮ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ରାତି ସପନ | ରଶ୍ମିରେଖା ସାହୁ | ୧୮୯ |
| ଇଚ୍ଛା | ଚିତ୍ରାରାଣୀ ପାତ୍ର | ୧୯୦ |
| ବଡ଼ବିଲ | ଦେବାଶିଷ ଚକ୍ରବର୍ତ୍ତୀ | ୧୯୧ |
| ଆମ ସମ୍ବିଧାନ ଆମରି ବଳ | ନିରୁପମା ପଣ୍ଡା | ୧୯୩ |
| ପ୍ରେମ କେବେ ମରେନା | ଏଲିନା ପାଣିଗ୍ରାହୀ | ୧୯୫ |
| ହୃଦୟର ସ୍ୱର ମହୁଠୁ ମିଠା | ସୂର୍ଯ୍ୟ ନାରାୟଣ ସାବତ | ୧୯୮ |
| ହୃଦୟର ସ୍ୱର ମହୁଠୁ ମିଠା | ରିନା ବେହେରା | ୧୯୯ |
| ଅଇଲେ ମା ସରସ୍ୱତୀ | ଅଂଶୁମାନ ସ୍ୱାଇଁ | ୨୦୦ |
| କନ୍ୟାଟିଏ ପରା ଘରକୁ ଲକ୍ଷ୍ମୀ | ଅରୁନ୍ଧତୀ ଲେଙ୍କା | ୨୦୧ |
| ଶୀତ କାଳ | ସଞ୍ଜୟ ନାୟକ | ୨୦୨ |
| ବନ୍ଧୁଟିଏ ଖୋଜୁ ଖୋଜୁ | ନାରାୟଣ ଚନ୍ଦ୍ର ସେନାପତି | ୨୦୩ |
| ଋତୁ ପ୍ରାୟ ସବୁ ବଦଳିଗଲା | ହେମନ୍ତ କୁମାର ନାୟକ | ୨୦୫ |
| ଓଡ଼ିଆ ଭାଷା | ପ୍ରଶାନ୍ତ କୁମାର ନାଥ | ୨୦୭ |
| ଧର୍ମ ସ୍ତମ୍ଭ | ମନୋରଞ୍ଜନ ସୁରୁଜାଳ | ୨୦୮ |
| ବାଟଗ୍ରାମ୍ ସେତୁ ସାୟାହ୍ନରେ | ପଙ୍କଜ କୁମାର ମଙ୍ଗଳ | ୨୧୦ |
| କେମିତି ଅଛ | ବାଲାଜୀ ସେଠୀ | ୨୧୧ |
| କେଉଁଠି ପୂର୍ଣ୍ଣତା | ସଞ୍ଜୀବ କୁମାର ଦାସ | ୨୧୩ |
| ମମତାମୟୀ ମାଆ | ଶୁଭସ୍ମିତା ପ୍ରଧାନ | ୨୧୪ |
| କେମିତି ସୁନ୍ଦରୀ ଝିଅ | ତାରା ପ୍ରସାଦ ଜେନା | ୨୧୬ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ପ୍ରତୀକ୍ଷା | ତନୁଜା ପ୍ରିୟଦର୍ଶିନୀ | ୨୧୭ |
| ପୁରପଲ୍ଲୀ | ମଧୁସ୍ମିତା ସାହୁ | ୨୧୮ |
| କୁନା ଶିଖିଲା ପିମ୍ପୁଡ଼ିଠାରୁ | ଅମରନାଥ ବାରିକ | ୨୨୦ |
| ଅର୍ଥହୀନ ଜୀବନ | ଶ୍ରୀତମ ରଣା | ୨୨୨ |
| ଖୁଦୁରୁକୁଣୀ, ସେକାଳ ଏକାଳ | ବିଶ୍ୱ ରଞ୍ଜନ ମହାନ୍ତି | ୨୨୪ |
| ପ୍ରତୀକ୍ଷିତ ମୁହୂର୍ତ୍ତ | ଦିବାକର ନାୟକ | ୨୨୬ |
| ବୁନ୍ଦାଏ କାକରର ମାୟାରେ | କିରନ୍ ସ୍ୱାଇଁ | ୨୨୯ |
| ଶୂନ୍ୟତା ଭିତରେ ପୂର୍ଣ୍ଣତା | ଅମୃତ ନାରାୟଣ ଶତପଥୀ | ୨୩୦ |
| ଆବେଗଭରା ମୁହୂର୍ତ୍ତ | ଡଃ ମନୋରଞ୍ଜନ ବିଷୋୟୀ | ୨୩୧ |
| ନିର୍ବାସିତ ଓଡ଼ିଆ | ଦଣ୍ଡାସି ପ୍ରଧାନ | ୨୩୨ |
| ନୁପୂର | ଡଃ ଆଭାଞ୍ଜଳି ଶତପଥୀ | ୨୩୪ |
| ମୋ ରାମ କେତେ ସୁନ୍ଦର | ବିଜୟ କୁମାର ସାହୁ | ୨୩୫ |
| ରାସ୍ତାର କଡ଼େ କଡ଼େ | ପ୍ରହ୍ଲାଦ ସାହୁ | ୨୩୭ |
| ତମ ପାଇଁ | ସତ୍ୟବ୍ରତ ବାରିକ | ୨୪୦ |
| **ପ୍ରବନ୍ଧ ବିଭାଗ** | | **୨୪୧** |
| ଶ୍ରୀରାମଙ୍କ ଜୀବନର ଶିକ୍ଷା | ଆଶୁତୋଷ ନାୟକ | ୨୪୨ |
| ଆଜାଦ ହିନ୍ଦର ବାଘ | ପ୍ରଭାସ କୁମାର ମହାପାତ୍ର | ୨୪୯ |
| ବିଦ୍ୟାଳୟ ସ୍ତରରେ ଆର୍ଥିକ ଶିକ୍ଷା | ଜଗଜୀବନ ସେଠୀ | ୨୫୨ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ପାଠକୀୟ ସ୍ୱୀକୃତି | ଅମରନାଥ ବାରିକ | ୨୫୫ |
| ବିଶେଷ ସୂଚନା | | ୨୫୭ |















ଆହ୍ୱାନ ଇ-ପତ୍ରିକାର ପ୍ରତିଷ୍ଠିତ ପୋଡ଼କାଷ୍ଟ ସେବା ଏବଂ ୟୁଟ୍ୟୁବ୍ ଚ୍ୟାନେଲରେ ନିଜ ଲିଖିତ କୃତିକୁ ଅପଲୋଡ୍ କରିବାକୁ ଚାହୁଁଛନ୍ତି କି ? ଆମ ସହ ହ୍ୱାଟସ୍‌ଆପ୍ ଦ୍ୱାରା ସମ୍ପର୍କ କରନ୍ତୁ । ବିଶେଷ ସୂଚନା ପାଇଁ ବିବରଣୀ ପୁସ୍ତିକା ଆମ ସାଇଟ୍ www.aahwaan.com ରୁ ଡାଉନଲୋଡ୍ କରନ୍ତୁ କିମ୍ବା ହ୍ୱାଟସ୍‌ଆପ୍ ମାଧ୍ୟମରେ ପ୍ରାପ୍ତ କରନ୍ତୁ ।

ବି.ଦ୍ର.: ଏହା ଏକ ଦେୟଯୁକ୍ତ ସେବା ଅଟେ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ୟୁଟ୍ୟୁବ୍ ଚ୍ୟାନେଲ୍ ଆଜି ହିଁ ସବସ୍କ୍ରାଇବ୍ କରନ୍ତୁ । ଏବଂ ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ ସୁନିର୍ବାଚିତ କଥା କାହାଣୀ ସବୁ ଶୁଣିବାକୁ ପାଆନ୍ତୁ ।

https://www.youtube.com/@drjyotiprasad

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସମ୍ପାଦକଙ୍କ କଲମରୁ...



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ନମସ୍କାର

ଜୟ ଜଗନ୍ନାଥ । ଜୟ ଶ୍ରୀ ରାମ ।

ବିଗତ ମାସ ଅତି ପବିତ୍ର ପର୍ବର ସମାହାରରେ ବିତିଲା, ଯାହା ଏ ଚର୍ମଚକ୍ଷୁ ଏ ଜନ୍ମରେ ଦେଖିପାରିବ କି ନାହିଁ, ବୋଲି ଆଶଂକା କରୁଥିଲା, ତାହା ଦର୍ଶନ ହେଲା । ଦୀର୍ଘ ପାଞ୍ଚଶହ ବର୍ଷର ପ୍ରତୀକ୍ଷା ପରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ବାଲ୍ୟ ବିଗ୍ରହ ତାଙ୍କର ନବନିର୍ମିତ ମନ୍ଦିରରେ ପ୍ରତିଷ୍ଠା କରାଗଲା । ସମଗ୍ର ବିଶ୍ୱ ଏହି ଦୃଶ୍ୟକୁ ଦେଖି ଆମୋଦିତ ହେବା ସହ ଭାବବିଭୋର ହୋଇ ଯାଇଥିଲା । ବିଶ୍ୱର ଅଗଣିତ ଦେଶରେ ବସବାସ କରୁଥିବା ହିନ୍ଦୁ ଧର୍ମାବଲମ୍ବୀ ମାନଙ୍କ ପାଇଁ ଏହା କୌଣସି ଆଶ୍ଚର୍ଯ୍ୟଜନକ ତଥା ଅବିଶ୍ୱାସଜନକ ଘଟଣା ଠାରୁ କମ ନଥିଲା । ଭାରତର କିଛି ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ମାନଙ୍କ ଗହଣରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହି ଉତ୍ସବକୁ ଏତେ ସୁନ୍ଦର ଭାବରେ ଚଳାଇନେଲେ ଯେ ଏହା ଏକ ଦୃଷ୍ଟାନ୍ତ ହୋଇ ରହିଗଲା । ଯଦିଓ ଏହି ଉତ୍ସବକୁ ବିରୋଧୀଦଳ ସଦସ୍ୟମାନେ ବର୍ଜନ କରିଥିଲେ, କିନ୍ତୁ ସର୍ବଭାରତୀୟ ସ୍ତରରେ ସର୍ବସାଧାରଣଙ୍କ ମନରେ ଯେଉଁ ଭାବରେ ଉତ୍ସାହ ଓ ଉଦ୍ଦୀପନା ଦେଖା ଦେଇଥିଲା ତାହା ଅକଳ୍ପନୀୟ ଥିଲା । ମନ୍ଦିର ପ୍ରତିଷ୍ଠା ପରଠାରୁ ସେଠାରେ ଭକ୍ତମାନଙ୍କ ଜନଗହଳି ଦେଖିବାକୁ ମିଳୁଛି । ଆଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରାଯାଉଛି ଯେ ଆଗାମୀ ଏକ ବର୍ଷରେ ଏହି ସହରକୁ ପାଞ୍ଚ କୋଟିରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ପରିଦର୍ଶନରେ ଆସିବେ । ଶୁଣାଯାଉଛି ଯେ ମାତ୍ର ଏକ ମାସ ମଧ୍ୟରେ ଏକ କୋଟିରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଆସିବା ଅନୁମାନ କରାଯାଉଛି । ଏତେ ବଡ଼ ପର୍ବ ଆୟୋଜିତ ହେଉଥିବା ବେଳେ କିଛି ବ୍ୟକ୍ତି କିନ୍ତୁ କୁସ୍ପାରଟନା କରିବାରୁ ବିରତ ହେଉନାହାନ୍ତି ।

ଜାନୁଆରୀ ମାସର ବାଇଶି ତାରିଖ ସବୁବେଳେ ମନେ ରହିବ । ସେହିଭଳି ଓଡ଼ିଶାରେ ମଧ୍ୟ ଦୁଇ ଦୁଇଟି ପ୍ରକଳ୍ପର ଉଦଘାଟନ ଉତ୍ସବ ପାଳିତ ହୋଇଥିଲା । ଜାନୁଆରୀ ୧୭ ତାରିଖରେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ଚତୁର୍ପାର୍ଶ୍ୱରେ ପରିକ୍ରମା ପ୍ରକଳ୍ପ ଉଦଘାଟନ ହୋଇଥିଲା । ପୁଣି ସମ୍ବଲପୁରରେ ମା ସମଲେଇ ପ୍ରକଳ୍ପ ମଧ୍ୟ ଏହି ମାସରେ ହିଁ ଉଦଘାଟନ ହୋଇଥିଲା । ଏହି ଦୁଇଟି ପ୍ରକଳ୍ପ କାର୍ଯ୍ୟକାରୀ ହେବାପରେ ଓଡ଼ିଶା ଭିତରେ ପର୍ଯ୍ୟଟନକୁ ଅନେକ ପ୍ରୋତ୍ସାହନ ମିଳିପାରିବ ବୋଲି ଆଶା କରାଯାଉଛି ।

ଉତ୍ତରାଞ୍ଚଳର କୁମାଉଁ ପାର୍ବତ୍ୟାଞ୍ଚଳ ନିକଟରେ ଅବସ୍ଥିତ ହଲ୍ଦ୍ୱାନୀ ସହର ନିକଟ ଅତୀତରେ ଖବରର ଶିରୋନାମାରେ ଥିଲା । ଏହି ଅଞ୍ଚଳ ଅତୀତରେ ମଧ୍ୟ ସମାନ ରୂପକ ଖବର ପାଇଁ ଚର୍ଚ୍ଚାରେ ଥିଲା । ୧୭ ବର୍ଷ ପୂର୍ବେ ଏହି ଅଞ୍ଚଳରେ ରେଳବାଇର ସମ୍ପତ୍ତି ଉପରେ ଅବୈଧ ନିର୍ମାଣ ହୋଇଥିବା ଦର୍ଶାଇ ସରକାରୀ ସ୍ତରରେ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ବେଳେ ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ଏହାପରେ ପୁଣି କିଛି ବର୍ଷ ଅନ୍ତରାଳରେ ପ୍ରାୟ ୪୬୦୦ ଘର ଅବୈଧ ଭାବରେ ନିର୍ମାଣ ହୋଇଛି ବୋଲି ଦର୍ଶାଇ ସେ ସବୁକୁ ଭାଙ୍ଗିବା ନିର୍ଦ୍ଦେଶ ଦିଆଯାଇଥିଲା । ହେଲେ ତାହା ହୋଇ ପାରିନଥିଲା ।

ଗତ ବର୍ଷ ଡିସେମ୍ବର ୨୦୨୨ରେ ଜଣେ ଯାଚିକାକର୍ତ୍ତା ଅଦାଲତର ଦ୍ୱାରସ୍ଥ ହୋଇ ଏହି ସବୁ ଅବୈଧ ନିର୍ମାଣକୁ ବିରୋଧ କରି ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେବାପାଇଁ ଅନୁରୋଧ କରିଥିଲେ । ଏବଂ ଅଦାଲତର ନିର୍ଦ୍ଦେଶ ମିଳିବା ପରେ ଚଳିତ ମାସରେ ଯେତେବେଳେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରେଳବାଇ କର୍ତ୍ତୃପକ୍ଷ ଅବୈଧ ଭାବରେ ନିର୍ମିତ ମସଜିଦ, ମଦ୍ରାସା ସମେତ ଅନେକ ଘର ଭାଙ୍ଗିବା ପାଇଁ ସୁରକ୍ଷାକର୍ମୀଙ୍କ ସହ ପହଞ୍ଚିଲେ, ସେତେବେଳେ ସ୍ଥାନୀୟ ବାସିନ୍ଦା ମାନେ ଏହାର ବିରୋଧ କରି ପୋଲିସ ବଳ ଉପରେ ଆକ୍ରମଣ କରିବା ସହ ପଥର ଫୋପାଡିବା, ପୋଲିସ ଗାଡ଼ିରେ ନିଆଁ ଲଗାଇବା, ଥାନାକୁ ଭାଙ୍ଗିବା ଭଳି କାର୍ଯ୍ୟ କରିବାକୁ ପଛାଇନଥିଲେ । ପୋଲିସ ତରଫରୁ କାର୍ଯ୍ୟାନୁଷ୍ଠାନ ନିଆଯାଇ ଲୁହବୁହା ଗ୍ୟାସ ବ୍ୟବହାର କରିବାପରେ, ସେହି ଅଞ୍ଚଳର ଲୋକମାନେ ପୋଲିସ ଉପରକୁ ପେଟ୍ରୋଲ୍ ବୋମା ଫୋପାଡ଼ିଥିଲେ ।

ଏହି ଘଟଣାରେ ଛଅ ଜଣ ବ୍ୟକ୍ତିଙ୍କ ଜୀବନ ହାନୀ ହେବା ସହ ଶତାଧିକ ଲୋକ ଆହତ ହୋଇଥିଲେ । ପ୍ରଶାସନ ତରଫରୁ ଅଧିକ ବଳ ପ୍ରୟୋଗ କରାଯାଇ, କାର୍ଯ୍ୟାନୁଷ୍ଠାନ କରାଯାଇଥିଲା । ଜିଲ୍ଲା ପ୍ରଶାସନ ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ଏହି ଘଟଣା ସମ୍ପୂର୍ଣ୍ଣ ଭାବରେ ପ୍ରାକପ୍ରୟୋଜିତ ଏବଂ ସୁନିୟୋଜନ ହୋଇଥିଲା । ଏଥିପାଇଁ ଘର ମାନଙ୍କ ଉପରେ ପଥର ରଖାଯିବା ସହ, ପେଟ୍ରୋଲ୍ ବୋମା ମଧ୍ୟ ତିଆରି କରି ରଖାଯାଇଥିଲା । ସିସିଟିଭି କ୍ୟାମେରା ଏବଂ ଗଣମାଧ୍ୟମର କ୍ୟାମେରାରେ ଯେଉଁ ସବୁ ଦଙ୍ଗାକାରୀଙ୍କ ଛବି ମିଳିଛି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ସର୍ବଶେଷ ସମ୍ବାଦ ମିଳିବା ବେଳକୁ ଏହି ଦଙ୍ଗାର ମୁଖ୍ୟ କାରପଟଦାର୍ ଧରା ପଡ଼ିଛି । ଦେଶର ଆଇନ ବ୍ୟବସ୍ଥାକୁ ଖାତିର କରୁନଥିବା ଏହି ଶାନ୍ତିପ୍ରିୟ ଗୋଷ୍ଠୀ ଯେ ଦେଶପାଇଁ କେଉଁଭଳି ପରିସ୍ଥିତି ସୃଷ୍ଟି କରୁଛନ୍ତି ତାହା ସମସ୍ତେ ଦେଖିପାରୁଛନ୍ତି ।

ପୁଣିଥରେ କୃଷକ ରାଲି କଥା ଉଠିଲାଣି । କରୋନା ପୂର୍ବବର୍ତ୍ତୀ ସମୟରୁ କୃଷକ ରାଲି ଦିଲ୍ଲୀର ଏକ ବିଶାଳ ଅଞ୍ଚଳକୁ ସ୍ଥାଣୁ କରି ଦେଇଥିଲା ଏବଂ ଅନେକ ପ୍ରଚେଷ୍ଟା ସତ୍ତ୍ୱେ ଏହାକୁ ବନ୍ଦ କରିବା ସମ୍ଭବ ନ ହେବାପରେ, ସରକାର କୃଷକ ମାନଙ୍କ ଭଲପାଇଁ ଆଣିଥିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତିନୋଟି କାନୁନକୁ ଫେରାଇ ନେବାକୁ ବାଧ୍ୟ ହେଇଥିଲେ । ଏଥିରେ କୃଷକମାନଙ୍କ କ୍ଷତି ହେଉଥିବା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ବିରୋଧ କରିବା ଉଦ୍ଦେଶ୍ୟରେ ବିରୋଧୀ ଦଳ କୃଷକମାନଙ୍କୁ ଉସୁକାଇବା ସହ ଦେଶ ଓ ବିଦେଶରେ ଏହି ଖବରକୁ ନେଇ ଅଶାନ୍ତ ବାତାବରଣ ସୃଷ୍ଟି କରିବାକୁ ଲାଗିଥିଲେ । କୃଷି କାନୁନ ଫେରାଇ ନେବାପରେ ଆନ୍ଦୋଳନ ବନ୍ଦ ହୋଇଥିଲା । ହେଲେ ପରେ ପରେ ଅନେକ ଖବର କୃଷକମାନଙ୍କ ଅସନ୍ତୋଷକୁ ଦେଖାଇ ଆସୁଥିଲା । ଯେଉଁ ସବୁ ପ୍ରାବଧାନ ସରକାର କରିଥିଲେ ସେ ସବୁ ଯେ ପ୍ରକୃତରେ କେତେ ଲାଭଜନକ ଥିଲା ତାହା କାନୁନ ଖାରଜ ହେବା ପରେ ଜଣାପଡ଼ିଲା । ଏବେ ପୁଣିଥରେ କୃଷକ ଆନ୍ଦୋଳନ ପାଇଁ ସଜବାଜ ହେଲେଣି ।

ଭାରତର ସର୍ବସାଧାରଣ ନିର୍ବାଚନ ଆଉ କେଇ ମାସ ଥିବା ବେଳେ ଏଭଳି ଆୟୋଜନ ଯେ ସମ୍ପୂର୍ଣ୍ଣ ଦେଶକୁ ଅସ୍ଥିର କରିବା ପାଇଁ କରାଯାଉଛି ତାହା ଆପଣ ନିଶ୍ଚୟ ବୁଝି ପାରୁଥିବେ । ନିମ୍ନତମ ସହାୟକ ମୂଲ୍ୟ ବିଷୟରେ ଏହି ଆନ୍ଦୋଳନ କରାଯାଇଥିବା କଥା କୁହାଯାଉଛି । କେନ୍ଦ୍ର ସରକାର ଆଣିଥିବା କାନୁନରେ ଏହି ବ୍ୟବସ୍ଥା ଥିଲା, କିନ୍ତୁ ସେତେବେଳେ କୃଷକ ସଂଗଠନମାନେ ଅନ୍ଧଭଳି ମୋଦୀ ବିରୋଧ କରିବା ପାଇଁ ଏହି କାନୁନର ସୁଫଳକୁ କଳନା କରି ପାରିନଥିଲେ । ଏବେ ପୁଣି ସେଇ କଥାକୁ ନେଇ ଆନ୍ଦୋଳନ କରିବା ଧମକ ମିଳିଲାଣି । ଶୁଣାଯାଉଛି ପଞ୍ଜାବରୁ ଶହ ଶହ କୃଷକ ଦିଲ୍ଲୀ ଅଭିମୁଖେ ଯାତ୍ରା ଆରମ୍ଭ କରି ସାରିଲେଣି ।

ସଂଯୁକ୍ତ କିଶାନ ମୋର୍ଚ୍ଚା ଏବଂ କିଶାନ ମଜଦୁର ମୋର୍ଚ୍ଚା ସମବେତ ଭାବରେ ଏହି ଆନ୍ଦୋଳନକୁ ଦିଗଦର୍ଶନ ଦେଉଛନ୍ତି । ଡିସେମ୍ବର ୨୦୨୩ରେ ଏହି ବାବଦରେ ଦିଲ୍ଲୀ ଚଲୋ ବୋଲି କୁହାଯାଇଥିଲା ।

ଦିଲ୍ଲୀ ଅଭିମୁଖେ ପଦଯାତ୍ରା କରୁଥିବା କୃଷକମାନଙ୍କୁ ଅଟକାଇବା ଉଦ୍ଦେଶ୍ୟରେ ଦିଲ୍ଲୀ-

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଞ୍ଜାବ-ହରିଆନା ସୀମାବର୍ତ୍ତୀ ଶମ୍ଭୁ ବୋର୍ଡର ଅଞ୍ଚଳରେ ପୋଲିସ ଦ୍ୱାରା ଲୁହବୁହା ଗ୍ୟାସ ଚାଳନ କରିବା ହେତୁ କୃଷକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା ।

କୃଷକ ମାନେ ଏହି ଆନ୍ଦୋଳନରେ ରାଜନୈତିକ ଦଳଙ୍କ ଆନୁଗତ୍ୟକୁ ମନା କରିଛନ୍ତି । ସେମାନଙ୍କ ନେତା ସରବନ୍ ସିଂ ପନ୍ଧେର୍ କହିଛନ୍ତି ଯେ କୃଷକମାନେ କୌଣସି ରାଜନୈତିକ ଦଳକୁ ସମର୍ଥନ କରୁନାହାନ୍ତି । କଂଗ୍ରେସ ଦଳ କୃଷକ ଆନ୍ଦୋଳନକୁ ସମର୍ଥନ କରେନାହିଁ । ଆମେ ମାନୁଛୁ ଯେ କୃଷକଙ୍କ ଦୁରାବସ୍ଥାପାଇଁ ଉଭୟ କଂଗ୍ରେସ ଓ ଭାଜପା ଦାୟୀ । ଦେଖାଯାଉ ପୁଣି କେଉଁ ପ୍ରକାରର ନାଟକ ଦିଲ୍ଲୀର ରାଜରାସ୍ତା ଉପରେ ହେବ । ନିର୍ବାଚନ ପୂର୍ବରୁ ଭାରତ ସରକାରଙ୍କ ଛବିକୁ ଧୂମିଳ କରିବା ଉଦ୍ଦେଶ୍ୟ ନେଇ ଏଇ ଆନ୍ଦୋଳନ ହେଉଛି ବୋଲି ବୁଦ୍ଧିଜୀବିମାନେ ମତ ଦେଇଛନ୍ତି ।

ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆୟୋଜନ କରୁଥିବା ରାହୁଲ ଗାନ୍ଧୀଙ୍କୁ ନୈତିକ ସମର୍ଥନ ମିଳୁନାହିଁ । ତେଣୁ ସେ ନିଜ ବକ୍ତବ୍ୟରେ ଏଣୁତେଣୁ ତଥ୍ୟ ଉପସ୍ଥାପନ କରି ଲୋକଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛନ୍ତି । ବିଗତ କିଛି ମାସ ହେବ ରାହୁଲ ଗାନ୍ଧୀ ଜାତିଗତ ଜନଗଣନା ଏବଂ ଜାତି କୁ ନେଇ ରାଜନୀତି କରିବା ଆରମ୍ଭ କରିଛନ୍ତି । ବିଗତ ଦିନରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରୁଥିବା ବେଳେ ରାହୁଲ ଗାନ୍ଧୀ ମନ୍ତବ୍ୟ ଦେଇଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ଜନ୍ମରୁ ସଂରକ୍ଷିତ ବର୍ଗର ନଥିଲେ, ପରେ ସେ ନିଜକୁ ସଂରକ୍ଷିତ ବର୍ଗରେ ସାମିଲ କରାଇ ଏବେ ନିଜକୁ ଦଳିତ ବୋଲି କହିଛନ୍ତି । ରାହୁଲ ଗାନ୍ଧୀଙ୍କ ଏହି ଭାଷଣ ଶୁଣିବା ପରେ ତୁରନ୍ତ ବୁଦ୍ଧିଜୀବିମାନେ ଗବେଷଣା କରି ଜଣାଇଥିଲା ଯେ ମୋଦୀ ମୁଖ୍ୟମନ୍ତ୍ରୀ ହେବାର ଅନେକ ବର୍ଷ ପୂର୍ବରୁ ହିଁ କଂଗ୍ରେସ ଦଳ ମୋଦୀ ସମ୍ପ୍ରଦାୟକୁ ସଂରକ୍ଷିତ ବର୍ଗରେ ସାମିଲ କରିଥିଲେ ।

ତେଣେ ବହୁ ଆକାଂକ୍ଷିତ ଇଣ୍ଡି ଗଠବନ୍ଧନ କୌଣସି ଉଲ୍ଲେଖନୀୟ ବେଗ ପାଇଥିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଳି ମନେ ହେଉନାହିଁ । ଏହାର ସହାୟକ ଦଳମାନଙ୍କ ମଧ୍ୟରେ ଗୋଷ୍ଠୀକନ୍ଦଳ ସର୍ବଜନବିଦିତ ଏବଂ ବିଭିନ୍ନ ରାଜ୍ୟରେ ଏହି ଦଳମାନେ ପରସ୍ପର ବିରୋଧୀ ହୋଇଥିବା ବେଳେ ସର୍ବଭାରତୀୟ ସ୍ତରରେ କିଭଳି ଏମାନେ ଏକତ୍ରିତ କାମ କରିବେ ତାହା ଦେଖିବାକୁ ରହିଲା । କଂଗ୍ରେସ, ତୃଣମୂଳ କଂଗ୍ରେସ, ଆରଜେଡ଼ି, ସମାଜବାଦୀ ପାର୍ଟି, ବହୁଜନ ସମାଜ ପାର୍ଟି ଇତ୍ୟାଦି ଦଳ ଯେତେ କହୁଥିଲେ ସୁଦ୍ଧା କୌଣସି ଦଳ ଯେ ନିଜର ଦଳୀୟ ସ୍ୱାର୍ଥରୁ ଊର୍ଦ୍ଧ୍ୱରେ କୌଣସି ଗଠବନ୍ଧନକୁ ସମର୍ଥନ କରନ୍ତି ନାହିଁ ତାହା ସ୍ପଷ୍ଟ ।

କଂଗ୍ରେସ ଦଳର ଜନୈକ ହିନ୍ଦୁବାଦୀ ପ୍ରବକ୍ତା ଶ୍ରୀ ଆଚାର୍ଯ୍ୟ ପ୍ରମୋଦ କ୍ରିଷ୍ଣନଙ୍କୁ ଦଳବିରୋଧୀ କାର୍ଯ୍ୟପାଇଁ ଛଅ ବର୍ଷପାଇଁ କଂଗ୍ରେସ ଦଳରୁ ବରଖାସ୍ତ କରାଯାଇଛି । ଆଚାର୍ଯ୍ୟ ସବୁବେଳେ ନ୍ୟାୟସଙ୍ଗତ ମନ୍ତବ୍ୟ ଦେବାକୁ ଉଚିତ ମନେ କରୁଥିବା ବେଳେ, ବିଗତ ଦିନରେ ସେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କଂଗ୍ରେସ ଦଳର ଶୀର୍ଷ ନେତୃତ୍ୱକୁ ସମାଲୋଚନା କରି ଆସୁଛନ୍ତି । ଅଯୋଧ୍ୟା ରାମ ମନ୍ଦିର ପ୍ରତିଷ୍ଠା ସମୟରେ ଆଚାର୍ଯ୍ୟଙ୍କୁ ନିମନ୍ତ୍ରଣ ପତ୍ର ମିଳିଥିଲା । ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ସେ ଉତ୍ସାହି ଥିବା ବେଳେ, ଅନ୍ୟମାନେ ଏହି କାର୍ଯ୍ୟକ୍ରମକୁ ବର୍ଜନ କରିବା ସମ୍ବାଦକୁ ସେ ସମାଲୋଚନା କରିଥିଲେ । ସେ ମୁଖର ଭାବରେ କଂଗ୍ରେସ ଦଳ ତରଫରୁ ନିଆଯାଉଥିବା ନିଷ୍ପତ୍ତି ଇତ୍ୟାଦିର ସମାଲୋଚନା କରିବା ହେତୁ ତାଙ୍କୁ ଦଳରୁ ନିଷ୍କାସିତ କରାଯାଇଛି ।

କିଛି ରାଜନୈତିକ ବିଶ୍ଳେଷକ ମତ ଦେଇଛନ୍ତି ଯେ ଆଚାର୍ଯ୍ୟ ଭାଜପାରେ ମିଶି ପାରନ୍ତି । ହେଲେ ଏଭଳି କୌଣସି ସଙ୍କେତ ଆଚାର୍ଯ୍ୟ ପ୍ରମୋଦ କ୍ରିଷ୍ଣନ ଦେଇନାହାନ୍ତି ।

ବିହାର ମୁଖ୍ୟମନ୍ତ୍ରୀ ନିତିଶ କୁମାର ସମସ୍ତଙ୍କୁ ଚମକାଇ ଦେଇ ନବମ ଥର ପାଇଁ ବିହାରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ମୋଦୀଙ୍କ ବିରୋଧରେ ନିର୍ମିତ ସର୍ବଭାରତୀୟ ମେଣ୍ଟର ପୁରୋଧା କୁହାଯାଉଥିବା ନିତିଶ କୁମାର ସମସ୍ତଙ୍କୁ ଚକିତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିଦେଇ ନିଜକୁ ଇଣ୍ଡି ମେଣ୍ଟରୁ ଅଲଗା କରିଦେବା ସହ ପୁଣିଥରେ ଭାଜପା ସହ ଗଠବନ୍ଧନ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ନିତିଶ କୁମାର ଭାଜପା ସହ ନିଜ ମେଣ୍ଟକୁ ଭାଙ୍ଗିଦେଇ ଲାଲୁ ପ୍ରସାଦ ଯାଦବଙ୍କ ଦଳ ସହ ମେଣ୍ଟ ଗଠନ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀ ଭାବରେ ଶାସନ କରୁଥିଲେ । ଦାୟିତ୍ୱ ହସ୍ତାନ୍ତରଣ ସମୟ ଆସିବା ବେଳକୁ ସେ ପୁଣିଥରେ ଲାଲୁଙ୍କ ଦଳକୁ ତ୍ୟାଗ କରି ଭାଜପାରେ ସହ ମେଣ୍ଟ ଗଢିବାକୁ ଉଚିତ ମନେ କଲେ । ଭାରତୀୟ ରାଜନୈତିକ ପରିଦୃଶ୍ୟରେ ନିତିଶ କୁମାରଙ୍କ ଭଳି ନେତା ବିରଳ, ଯେ ନିଜର ଉଚ୍ଚାକାଂକ୍ଷାକୁ ହାସଲ କରିବା ପାଇଁ ଯେକୌଣସି ଦଳ ସହ ମେଣ୍ଟ ଗଠନ କରି ପାରନ୍ତି ।

ନିତିଶ କୁମାରଙ୍କ ଜନତା ଦଳ (ସଂଯୁକ୍ତ) ଏବଂ ତେଜସ୍ୱୀ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ ତଥା କଂଗ୍ରେସର ସମ୍ମିଳିତ ମହାଗଠବନ୍ଧନ ମେଣ୍ଟକୁ ଜାନୁଆରୀ ମାସରେ ଭାଙ୍ଗି ଦିଆଯାଇଛି । ଏହାପରେ ନିତିଶ କୁମାର ପୁଣିଥରେ ଭାଜପା ସହ ମେଣ୍ଟ ଗଠନ କରିଛନ୍ତି । ଏହାପରେ ପରେ ନିତିଶ କୁମାରଙ୍କୁ ବିଶ୍ୱାସ ମତ ପ୍ରମାଣିତ କରିବା ଅନିବାର୍ଯ୍ୟ ହୋଇଥିଲା । ଫେବୃଆରୀ ୧୨ ତାରିଖରେ ବିହାର ବିଧାନ ସଭାରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ବିପକ୍ଷରେ ନିତିଶ କୁମାରଙ୍କ ନେତୃତ୍ୱାଧୀନ ନୂଆ ମେଣ୍ଟ ଗୃହରେ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା ।

ଭାରତର ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଶ୍ରୀ ପି ଭି ନରସିଂହ ରାଓଙ୍କୁ ମରଣୋତ୍ତର ଭାରତରତ୍ନ ପୁରସ୍କାର ଦିଆଯିବ ବୋଲି ଘୋଷଣା କରି କେନ୍ଦ୍ର ସରକାର ପୁଣିଥରେ ବିରୋଧୀମାନଙ୍କ ମଧ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛନ୍ତି । କଂଗ୍ରେସ ଦଳର ଜଣେ ମାତ୍ର ଅଣ ଗାନ୍ଧୀ ପ୍ରଧାନମନ୍ତ୍ରୀ ଯେ ପାଞ୍ଚବର୍ଷର ଶାସନ ସମ୍ପୂର୍ଣ୍ଣ କରିଥିଲେ, ନିଜର ଅନ୍ତିମ ସମୟରେ କଂଗ୍ରେସ ଦଳଦ୍ୱାରା ଅସମ୍ମାନିତ ହୋଇଥିଲେ । ତାଙ୍କର ମୃତଶରୀରକୁ କଂଗ୍ରେସ ମୁଖ୍ୟାଳୟରେ ସ୍ଥାନ ଦେବାକୁ ମନା କରି ଦିଆଯାଇଥିଲା । ଶ୍ରୀ ରାଓ ଜଣେ ପୋଖତ ରାଜନେତା ଥିଲେ ଏବଂ ତାଙ୍କର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶାସନକାଳ (୧୯୯୧-୧୯୯୬) ମଧ୍ୟରେ ଦେଶରେ ଅର୍ଥନୈତିକ ଏବଂ ବୈଶ୍ୱୀକରଣ ଭଳି ବ୍ୟବସ୍ଥାକୁ ପ୍ରୋତ୍ସାହନ ମିଳିଥିଲା ।

ଶ୍ରୀ ରାଓଙ୍କୁ ଭାରତରତ୍ନ ପୁରସ୍କାର ମିଳିବା ଖବର ଶୁଣିବା ପରେ କଂଗ୍ରେସ ଦଳ ସଭାପତି ମଲ୍ଲିକାର୍ଜୁନ ଖଡଗେ ଏହାକୁ ସ୍ୱାଗତ କରିଛନ୍ତି । ହେଲେ ଦଳର ଅନେକ ବରିଷ୍ଠ ନେତା ଏହି ପୁରସ୍କାର ଭାଜପା ଦ୍ୱାରା ରାଜନୀତିର ଅଂଶ ବୋଲି ମଧ୍ୟ ଦାବୀ କରୁଛନ୍ତି ।

ରାଜୀବ ଗାନ୍ଧୀଙ୍କ ହତ୍ୟା ପରେ କଂଗ୍ରେସରେ ପ୍ରଧାନମନ୍ତ୍ରୀ ପଦବୀ ପାଇଁ ପ୍ରାର୍ଥୀ ଚୟନ ହେଉଥିବା ସମୟରେ ଶ୍ରୀ ରାଓଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା । ସମ୍ଭବତଃ ସେ କିଛି ଦିନ ଶାସନ ଚଳାଇବା ପରେ ନିର୍ବାଚନ କରାଯାଇ ଗାନ୍ଧୀ ପରିବାରର କୌଣସି ସଦସ୍ୟଙ୍କୁ ଏହି ପଦବୀ ଦେବାପାଇଁ ମସୁଧା ହୋଇଥିଲା । କିନ୍ତୁ ଶ୍ରୀ ରାଓଙ୍କ ଦୃଢ଼ ନେତୃତ୍ୱ ଫଳରେ ପାଞ୍ଚବର୍ଷର ଶାସନ ସମାପନ ହୋଇ ପାରିଥିଲା ।

ଶ୍ରୀ ରାଓଙ୍କ ଶାସନ କାଳରେ ବର୍ଷ ୧୯୯୨ ମସିହାରେ ଅଯୋଧ୍ୟାରେ ବାବରୀ ମସଜିଦ ଢାଞ୍ଚାକୁ ଭାଙ୍ଗି ଦିଆଯାଇଥିଲା, ଯାହା ଅନେକ କଂଗ୍ରେସୀଙ୍କୁ ପସନ୍ଦ ହୋଇନଥିଲା, ଯାହା ଶ୍ରୀ ରାଓଙ୍କ ମୃତ୍ୟୁପରେ ମଧ୍ୟ ଜାହିର ହୋଇଥିଲା । ନିଜର ପ୍ରଥମ ପାଞ୍ଚବର୍ଷୀୟ କାର୍ଯ୍ୟକାଳରେ ପ୍ରଧାନମନ୍ତ୍ରୀ ମୋଦୀ ଭାରତର ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ବର୍ଷ ୨୦୧୫ରେ ଏକ ସ୍ମାରକସ୍ଥଳ ସ୍ଥାପନ କରିଥିଲେ ।

ବାୟୁ ମାର୍ଗରେ ସହରାଞ୍ଚଳରେ ସହଜରେ ଯାତାୟାତ ପାଇଁ ଏୟାର୍ ଟାକ୍ସି ସେବା ଖୁବ ଶୀଘ୍ର ସମ୍ଭବ ହେବାକୁ ଯାଉଛି । ସାଉଦୀ ଆରବ ଅମିରାତର ସହର ଦୁବାଇରେ ଏହି ସେବା ଆଗାମୀ ୨୦୨୬ ମସିହାରେ ଜାରୀ ହେବ । ଏହା ଫଳରେ ସହରାଞ୍ଚଳରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାପାଇଁ ସ୍ୱଳ୍ପ ସମୟ ଲାଗିବ ।

ଏହି ବ୍ୟବସ୍ଥାରେ ଏକ ଚାରିଜଣ ବସିବା ଭଳି ବୈଦ୍ୟୁତିକ ଟାକ୍ସି ଇଭିଟୋଲ୍ ବିମାନର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେବା ପ୍ରଦାନ କରାଯିବା ଯାହା ୧୬୧ କିଲୋମିଟର ଅଞ୍ଚଳରେ କାମ କରିବ ଏବଂ ସର୍ବାଧିକ ୩୨୧ କିଲୋମିଟର ପ୍ରତି ଘଣ୍ଟା ବେଗରେ ଚାଲିବ । ଏଥିପାଇଁ ଆବଶ୍ୟକ ଭିତ୍ତିଭୂମିର ନିର୍ମାଣ କାର୍ଯ୍ୟ ତୀବ୍ରବେଗରେ କରାଯାଉଛି ।

ଓଡ଼ିଶାର କୋରାପୁଟ ଜିଲ୍ଲାରେ ଅବସ୍ଥିତ ଗୁପ୍ତେଶ୍ୱର ମନ୍ଦିର ସନ୍ନିକଟ ୩୫୦ ହେକ୍ଟର ପରିମିତ ଏହି ଅଞ୍ଚଳ ଗୁପ୍ତେଶ୍ୱର ଜଙ୍ଗଲକୁ ଚତୁର୍ଥ ବାୟୋଡାଇଭର୍ସିଟି-ହେରିଟେଜ୍ ସାଇଟ୍ ଭାବରେ ଘୋଷଣା କରାଯାଇଛି । ଓଡ଼ିଶାରେ ମଣ୍ଡାସରୁ, ମହେନ୍ଦ୍ରଗିରି ଏବଂ ଗନ୍ଧମାର୍ଦ୍ଦନ ପରେ ଏହି ଅଞ୍ଚଳକୁ ଚତୁର୍ଥ ବିଏଚଏସ୍ ମାନ୍ୟତା ମିଳିଛି ।

ନିକଟ ଅତୀତରେ ଓଡ଼ିଶାସ୍ଥିତ ଶିମିଳିପାଳ ଅଭୟାରଣ୍ୟ ଅଞ୍ଚଳରେ ବିଶ୍ୱର ପ୍ରଥମ କଳାବାଘ ସଫାରୀର ଘୋଷଣା କରାଯାଇଛି । ଏହା ଫଳରେ ଏହି ଅଞ୍ଚଳର ପର୍ଯ୍ୟଟନ ବୃଦ୍ଧି ହେବା ସହ ଅଧିକ ଗବେଷଣା ହୋଇ ପାରିବ ଏବଂ ପର୍ଯ୍ୟଟକଙ୍କୁ ଏହି ବିରଳ ପ୍ରଜାତିର ବାଘକୁ ଦେଖିବାକୁ ସୁଯୋଗ ମିଳିପାରିବ ।

କଳା ବାଘ ହେଉଛନ୍ତି ବିଶାଳ ମହାବଳ ବାଘଙ୍କ ବଂଶଧର ଯେଉଁମାନଙ୍କ ଶରୀରରେ ଅଧିକ ମାତ୍ରାରେ ମେଲାନିନ ଥିବା ହେତୁ ସେମାନଙ୍କ ଶରୀରରେ କଳା କଳା ପଟା ଦାଗ ଦେଖିବାକୁ ମିଳେ । ସାଧାରଣ ବାଘ ଦେଶରେ ହଳଦିଆ ଓ ନାରଙ୍ଗୀ ରଙ୍ଗର ଦାଗ ଥିବା ବେଳେ ଏହି ଶ୍ରେଣୀର ବାଘ ଦେହରେ କଳା ଓ ନାରଙ୍ଗୀ ଦାଗ ଦେଖାଯାଏ । ଏହି ଶ୍ରେଣୀର ବାଘ କେବଳ ଶିମିଳିପାଳ ଅଭୟାରଣ୍ୟରେ ଦେଖିବାକୁ ମିଳନ୍ତି ।

ଏହି ଶ୍ରେଣୀର ବାଘ ପ୍ରଥମେ ୧୯୭୫-୭୬ ମସିହାରେ ଦେଖାଯାଇଥିଲା । ୧୯୯୩ ମସିହାରେ ଏହି ଶ୍ରେଣୀର ବାଘ ପ୍ରଥମ ଥରେ ଜଙ୍ଗଲ ମଧ୍ୟରେ ବାଘମାନଙ୍କ ସହ ଯୁଦ୍ଧକରି ମୃତ୍ୟୁବରଣ କରିବାପରେ ଏହି ବାଘ ସମ୍ବନ୍ଧୀୟ ଗବେଷଣାକୁ ଅଧିକ ଗୁରୁତ୍ୱ ଦିଆଗଲା । ବର୍ଷ ୨୦୨୨ ମସିହାର ଗଣନା ଅନୁସାରେ ଶିମିଳିପାଳ ଜଙ୍ଗଲ ମଧ୍ୟରେ ଥିବା ୧୬ଟି ମହାବଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଘ ମଧ୍ୟରୁ ୧୦ଟି ହେଉଛନ୍ତି କଳା ବାଘ । ବାଘ ସଂଖ୍ୟା ବୃଦ୍ଧି ପାଇଥାଇପାରେ ବୋଲି ବଣ୍ୟବିଭାଗ ତରଫରୁ କୁହାଯାଇଛି ।

ଓଡ଼ିଶା ସରକାର ଶିମିଳିପାଳ ସଂଲଗ୍ନ ରାଷ୍ଟ୍ରୀୟ ରାଜମାର୍ଗ ୧୮ ପାର୍ଶ୍ୱରେ ୨୦୦ ହେକ୍ଟର ବଣ୍ୟ ଜମିକୁ ନେଇ ଏକ ବିଶାଳ ସଫାରୀ ସ୍ଥାପନ ପାଇଁ ଯୋଜନା କରିଛନ୍ତି । ଏହି ସ୍ଥାନର ଅର୍ଦ୍ଧେକ ଅଞ୍ଚଳରେ ବାଘ ରହିବା ସ୍ଥାନ ସ୍ଥାପନ ହେବା ସହ ବାକି ଅଞ୍ଚଳରେ ବଣ୍ୟପ୍ରାଣୀ ସେବା କେନ୍ଦ୍ର ଏବଂ ପର୍ଯ୍ୟଟକ କେନ୍ଦ୍ର ଗଠନ ହେବ ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଏଠାରେ ତିନି ଗୋଟି କଳାବାଘ ରଖାଯିବ ଏବଂ ପରେ ପରେ ଏହି ସଂଖ୍ୟା ବୃଦ୍ଧି କରାଯିବ ।

ରାଷ୍ଟ୍ରୀୟ ବ୍ୟାଘ୍ର ସଂରକ୍ଷଣ ସଂସ୍ଥା ଏହି ଯୋଜନାକୁ ଅନୁମତି ଦେଇଛନ୍ତି । ଏହି ଅଞ୍ଚଳର ନିରୀକ୍ଷଣ ପରେ ହିଁ ସଫାରୀ ନିର୍ମାଣ ପାଇଁ ଅନୁମତି ଦିଆଯିବ ବୋଲି କେନ୍ଦ୍ରୀୟ ବନ୍ୟପ୍ରାଣୀ ଅଧୀକ୍ଷକଙ୍କ ଅଫିସରୁ କୁହାଯାଇଛି ।

ଓଡ଼ିଶା ସରକାରଙ୍କ ସୂଚନା ଅନୁସାରେ ଆଗାମୀ ଅକ୍ଟୋବର ମାସ ସୁଦ୍ଧା ଏହି ସଫାରୀ କାର୍ଯ୍ୟକାରୀ ହେବ । ଏହି ପ୍ରକଳ୍ପକୁ ନେଇ ଅନେକ ବୁଦ୍ଧିଜୀବି ମିଶ୍ରିତ ପ୍ରତିକ୍ରିୟା ଦେଇଛନ୍ତି, କିଛି ପ୍ରାଣୀ ବିଶେଷଜ୍ଞଙ୍କ ମତରେ ବାଘମାନଙ୍କୁ ବନ୍ଦୀ କରି ରଖିବା ଫଳରେ ସେମାନଙ୍କ ପ୍ରାକୃତିକ ବ୍ୟବହାରରେ ପରିବର୍ତ୍ତନ ଆସିଥାଏ । କିନ୍ତୁ ଅନ୍ୟମାନେ କୁହନ୍ତି ଯେ ଏହିଭଳି ପ୍ରଚେଷ୍ଟା ଫଳରେ ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରାଯାଇ ପାରିବ ଏବଂ ସଂରକ୍ଷଣ ପାଇଁ ଅଧିକ ସମ୍ବଳ ଯୋଗାଇ ହେବ ।

ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟ ବିଧାନସଭା ଏବଂ ସର୍ବସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଓଡ଼ିଶା ରାଜ୍ୟ ସରକାର ନୁଆ-ଓ ଛାତ୍ରବୃତ୍ତିର ଘୋଷଣା କରିଛନ୍ତି । ଏହା ଉଭୟ ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ମିଳିବ । ବାର୍ଷିକ ନଅ ହଜାରରୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏଗାର ହଜାର ପର୍ଯ୍ୟନ୍ତ ବୃତ୍ତି ମିଳିବ । ଛାତ୍ରମାନେ ନଅ ହଜାର ଏବଂ ଛାତ୍ରୀମାନେ ଦଶ ହଜାର ପାଇବେ । ସଂରକ୍ଷିତ ଜାତି ଓ ଉପଜାତିପାଇଁ ଏହି ବୃତ୍ତି ପରିମାଣ ଦଶ ଓ ଏଗାର ହଜାର ରହିବ ।

ଏହି ଛାତ୍ରବୃତ୍ତି ଦ୍ୱାରା ଛାତ୍ରଛାତ୍ରୀଙ୍କ ସାମଗ୍ରିକ ଉନ୍ନତି ହୋଇପାରିବ । ରାଜ୍ୟର ତିରିଶିଟି ଜିଲ୍ଲାରେ ଏହା କାର୍ଯ୍ୟକାରୀ କରିବା ନିମନ୍ତେ କ୍ୟାବିନେଟ୍ ନିଷ୍ପତ୍ତି ନିଆଯାଇଛି ଏବଂ ଏଥିପାଇଁ ୩୪୫ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ଅଟକଳ କରାଯାଇଛି । ଯେଉଁ ଛାତ୍ରଛାତ୍ରୀଙ୍କ ଅଭିଭାବକ ସରକାରୀ ଚାକିରୀ କରୁଥିବେ କିମ୍ବା ଆୟକର ଦେଉଥିବେ ସେମାନଙ୍କ ପାଇଁ ଏହି ବୃତ୍ତି ଉଦ୍ଦିଷ୍ଟ ନୁହେଁ । ଏହି ଯୋଜନାରେ ସାଢେ ଚାରିଲକ୍ଷ ସ୍ନାତକ ଏବଂ ୩୨ ହଜାର ସ୍ନାତକୋତ୍ତର ଛାତ୍ରଛାତ୍ରୀ ଲାଭବାନ ହେବେ ବୋଲି କୁହାଯାଇଛି ।

ଓଡ଼ିଶା ସରକାର ଗତ ସୋମବାର ଦିନ ଘୋଷଣା କରିଛନ୍ତି ଯେ, ରାଜ୍ୟର ସମସ୍ତ ରେସନ କାର୍ଡ଼ଧାରୀଙ୍କୁ ୨୦ କିଗ୍ରା ଏବଂ ୧୦ କିଗ୍ରା କ୍ଷମତା ବିଶିଷ୍ଟ ଝୋଟ ନିର୍ମିତ ବ୍ୟାଗ ଏବଂ ଏକ ହଜାର ଟଙ୍କା ଦିଆଯିବ ଏବଂ ଏହା ସହ ୨ ଲକ୍ଷ ଯୁବକଙ୍କୁ ସୁଧମୁକ୍ତ ୧ ଲକ୍ଷ ପର୍ଯ୍ୟନ୍ତ ଋଣ ଦିଆଯିବ ।

ନିର୍ବାଚନ ପୂର୍ବରୁ ଅନେକ ଯୋଜନାକୁ ପାସ୍ କରିବା ଅବସରରେ ୨୨ଟି ନୂତନ ପ୍ରସ୍ତାବକୁ ଧ୍ୟାନ ଦିଆଯାଇଥିଲା । ରାଜ୍ୟର ପଞ୍ଚାନବେ ଲକ୍ଷ ପରିବାରଙ୍କୁ ଝୋଟ ବ୍ୟାଗ ଏବଂ ଏକ ହଜାର ଟଙ୍କା ଦିଆଯିବ ବୋଲି କୁହାଯାଇଛି । କ୍ୟାବିନେଟ୍ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଥିବା କଥା, ରାଜ୍ୟ ଖାଦ୍ୟ ଆପୂର୍ତ୍ତି ତଥା ଉପଭୋକ୍ତା ସୁରକ୍ଷା ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହି ଘୋଷଣା କରିଛନ୍ତି । ଏହି ଏକ ହଜାର ଟଙ୍କା ଏକକାଳୀନ ଦିଆଯିବ ।

ଏହି ଯୋଜନା ଅନ୍ତର୍ଭୁକ୍ତ ଝୋଟ ବ୍ୟାଗ ବଣ୍ଟନରେ ୨୭୮.୬୯ କୋଟି ଟଙ୍କା ବ୍ୟୟ ହେବ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏବଂ ପରିବାର ମାନଙ୍କୁ ୧୦୦୦ ସହାୟତା ରାଶି ଦେବାପାଇଁ ୧୨୩୭.୭୪ କୋଟି ଟଙ୍କା ବ୍ୟୟ ହେବ ଯାହା ରାଜ୍ୟ ବଜେଟରୁ ଦିଆଯିବ ।

ଏହି ଯୋଜନା ଅନ୍ତର୍ଭୂକ୍ତ କିଛି ଅଞ୍ଚଳରେ ଲୋକଙ୍କୁ ଝୋଟ ବ୍ୟାଗ ମିଳିଥିବା ବେଳେ ଏଥିରେ ବିଜୁ ଜନତା ଦଳ ଏବଂ ନବୀନ ପଟ୍ଟନାୟକଙ୍କ ପ୍ରଚାର ହେଉଥିବା ଦାବୀ କରି ବିରୋଧୀମାନେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ବ୍ୟାଗ ଉପରେ ନୂତନ ଓଡ଼ିଶା, ନବୀନ ଓଡ଼ିଶାର ଲୋଗୋ ଛପା ହୋଇଥିବା ଦେଖିବାକୁ ମିଳିଛି । ରାଜ୍ୟ ସରକାରଙ୍କ ଯୋଜନାରେ ପାର୍ଟିର ଚିହ୍ନ ଦେଖା ଦେବା ଅନୁଚିତ ବୋଲି ବିରୋଧୀମାନେ ଅଭିଯୋଗ କରିଛନ୍ତି ।

ମାତୃତ୍ୱ ସୁରକ୍ଷା ଯୋଜନା "ମମତା"ରେ ଗର୍ଭବତୀ ଓ ପ୍ରସୁତୀ ମାଆ ମାନଙ୍କୁ ମିଳୁଥିବା ଭତ୍ତାକୁ ଦ୍ୱିଗୁଣିତ କରାଯାଇଛି । ଆଗରୁ ପାଞ୍ଚ ହଜାର ମିଳୁଥିବା ବେଳେ ଏବେ ଏହାକୁ ଦଶ ହଜାରକୁ ବୃଦ୍ଧି କରାଯାଇଛି । ଏହି ଯୋଜନା ଅନ୍ତର୍ଭୂକ୍ତ ମହିଳା ମାନଙ୍କୁ ଏହି ରାଶି ଅଗଷ୍ଟ ୨୦୨୩ ପରଠାରୁ ମିଳିବ ଏବଂ ଫେବ୍ରୁଆରୀ ୨୦-୨୫ ତାରିଖ ଭିତରେ ପ୍ରଦାନ କରାଯିବ ।

ଏହି ଯୋଜନା ଅନ୍ତୁର୍ଭୂକ୍ତ ମହିଳାମାନଙ୍କୁ ଏହି ସହାୟତା ରାଶି ସିଧା ସଳଖ ବ୍ୟାଙ୍କ ଖାତାରେ ଦୁଇ କିସ୍ତିରେ ଜମା କରାଯିବ । ଗର୍ଭ ଧାରଣର ଛଅ ମାସ ପରେ ପ୍ରଥମେ ଛଅ ହଜାର ଟଙ୍କା ମିଳିବା ବେଳେ ପରବର୍ତ୍ତୀ କିସ୍ତି ଛୁଆ ଦଶ ମାସର ହେବା ପରେ ମିଳିବ । ୧୯ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ଗର୍ଭବତୀ ମହିଳା ଏହି ଯୋଜନାର ଲାଭ ପାଇବେ । ଏହା କେବଳ ଦୁଇଟି ସନ୍ତାନ ପାଇଁ ହିଁ ମିଳିବ ।

ଏହି ମମତା ଯୋଜନା ୨୦୧୧ ମସିହାରେ ଓଡ଼ିଶା ସରକାର ଲାଗୁ କରିବା ପରେ ଏହାର ଲୋକପ୍ରିୟତାକୁ ଆଧାର କରି ଏହିଭଳି ଯୋଜନା ସମଗ୍ର ଦେଶରେ ଲାଗୁ ହୋଇଥିବା ଦେଖା ଦେଇଥିଲା ।

ଓଡ଼ିଶା ବିଦ୍ୟୁତ ନିୟାମକ ପ୍ରାଧିକରଣ ଦ୍ୱାରା ରାଜ୍ୟର ଉପଭୋକ୍ତାଙ୍କୁ ବିଦ୍ୟୁତ ବିଲରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରିହାତି ଦିଆଯାଇଛି । ବିଦ୍ୟୁତ ବିଲର ପ୍ରତ୍ୟେକ ସ୍ଲାବରେ ଦଶ ପଇସା କମ କରାଯାଇଛି ।

ଗରୀବିରେଖା ତଳେ ରହୁଥିବା ପରିବାର ମାନଙ୍କ ମାସିକ ନିର୍ଦ୍ଧାରିତ ଅଶୀ ଟଙ୍କାର ବିଲକୁ ସତୁରୀ ଟଙ୍କା କରି ଦିଆଯାଇଛି । ଇ-ବିଲ୍ ନେଉଥିବା ଉପଭୋକ୍ତାଙ୍କୁ ପ୍ରତ୍ୟେକ ବିଲରେ ଦଶ ଟଙ୍କାର ଅତିରିକ୍ତ ରିହାତି ମିଳିବ । ବର୍ତ୍ତମାନ ରାଜ୍ୟର ଉପଭୋକ୍ତା ମାନେ ବିଦ୍ୟୁତ ବିଲକୁ ୦-୫୦ ୟୁନିଟ୍ ପିଛା ୩ ଟଙ୍କା, ୫୧-୨୦୦ ୟୁନିଟ୍ ପିଛା ୪.୮୦ ଟଙ୍କା, ୨୦୧-୪୦୦ ୟୁନିଟ୍ ପିଛା ୫.୮୦ ଏବଂ ୪୦୧ ଏବଂ ତଦୁର୍ଦ୍ଧ୍ୱ ପାଇଁ ୟୁନିଟ୍ ପିଛା ୬.୨୦ ଟଙ୍କା ଦେଉଛନ୍ତି । ଅପ୍ରେଲ ଏକ ତାରିଖ ପରେ ଏହି ସବୁ ସ୍ଲାବରେ ଦଶ ପଇସା ରିହାତି ମିଳିବ ।

ଆଗାମୀ ସର୍ବସାଧାରଣ ନିର୍ବାଚନ ତଥା ରାଜ୍ୟ ବିଧାନ ସଭା ନିର୍ବାଚନକୁ ଆଖି ଆଗରେ ରହି ଏହି ସବୁ ନିଷ୍ପତ୍ତି ତରବରିଆ ଭାବରେ ନିଆଯାଇଛି ବୋଲି ବିରୋଧୀ ଦଳ ଅଭିଯୋଗ କରିଛନ୍ତି ।

ତେଣେ ରାଷ୍ଟ୍ରୀୟ ଦୃଶ୍ୟପଟରେ ମୋଦୀଙ୍କ ନେତୃତ୍ୱରେ ଭାଜପା ତଥା ଏନଡିଏ ଚାରିଶହରୁ ଅଧିକ ସିଟ୍ ପାଇବା ବୋଲି କଂଗ୍ରେସର ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ସଂସଦରେ ନିଜ ଭାଷଣ ଦେଉଥିବା ସମୟରେ କହିଛନ୍ତି । ବର୍ତ୍ତମାନ ସମୟରେ ଭାରତର ରାଜନୀତି ଏକ ବିଶାଳ ପରିବର୍ତ୍ତନ ଆଡ଼କୁ ଗତି କରୁଥିବା ବେଳେ ଲୋକ୍‌ଙ୍କୁ ମାଗଣା ଜିନିଷ ବଣ୍ଟନ କରିବା ରାଜନୀତି କିନ୍ତୁ ବନ୍ଦ ହେଉନାହିଁ । କୌଣସି ନା କୌଣସି ଉପାୟରେ ଲୋକଙ୍କୁ ଲୋଭାଇବାର ପ୍ରଚେଷ୍ଟା ପ୍ରାୟ ସମସ୍ତ ରାଜନୈତିକ ଦଳ କରୁଛନ୍ତି ।

ଆଜି ପବିତ୍ର ସରସ୍ୱତୀ ପୂଜା । ବର୍ଷ ୨୦୦୬ରେ ସରସ୍ୱତୀ ପୂଜା ଦିନ ଆହ୍ୱାନ ଇ-ପତ୍ରିକା ପ୍ରଥମ ଥର ଉନ୍ମୋଚିତ ହୋଇଥିଲା । ସେଇ ଦିନଠାରୁ ଊଣେଇଶି ବର୍ଷ ହେଲା ଏହି ପତ୍ରିକା ନିରବଚ୍ଛିନ୍ନ ଭାବରେ ଓଡ଼ିଆ ପାଠକ ଓ ଲେଖକ ଉଭୟଙ୍କୁ ଆପ୍ୟାୟିତ କରି ଆସିଛି । ଆଶା କରୁଛି ଏହାର କଳେବର ସବୁବେଳେ ଏମିତି ଉନ୍ନତ ହିଁ ହେଉ, ଆମ ଭାଷା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଓ ସାହିତ୍ୟର ଜୟ ହେଉ । ବିଗତ ଦିନରେ ଆୟୋଜିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଶେଷରେ ନିଷ୍ପତ୍ତି ନିଆଯାଇଥିଲା ଯେ ଇ-ସାହିତ୍ୟକୁ ପ୍ରୋତ୍ସାହନ ଦିଆଯିବ । ୟୁନିକୋଡ୍ ଓଡ଼ିଆ ଭାଷାର ପ୍ରସାର ପାଇଁ କାର୍ଯ୍ୟ କରାଯିବ । ଆହ୍ୱାନ ଇ-ପତ୍ରିକାରେ ୟୁନିକୋଡ୍ ଓଡ଼ିଆ ଭାଷାର ବ୍ୟବହାର ହେଉଥିବା ହେତୁ ଏହା ଭବିଷ୍ୟପାଇଁ ନିର୍ଭରଶୀଳ ଦସ୍ତାବେଜ ହୋଇପାରେ । ଏହାକୁ ଯୁଗ ଯୁଗ ପାଇଁ ସୁରକ୍ଷିତ କରି ହେବ । ଅଣ-ୟୁନିକୋଡ଼ ଲିପି ଯଥା ଶ୍ରୀଲିପି, ଆଇଲିପି, ଆକୃତି ଇତ୍ୟାଦି କେବଳ ଛାପିବା ପାଇଁ ହିଁ ବ୍ୟବହାର ହୋଇପାରେ, କିନ୍ତୁ ସେ ସବୁ ଲିପି ଅନଲାଇନ୍ ଓଡ଼ିଆ ସଂସ୍କରଣରେ ପ୍ରକାଶନ ଯୋଗ୍ୟ ହେବାପାଇଁ ଅଧିକ ଗବେଷଣା ଆବଶ୍ୟକ । ଯା ହେଉ ଆହ୍ୱାନ ଇ-ପତ୍ରିକା ୟୁନିକୋଡ୍ ଦ୍ୱାରା ପ୍ରକାଶିତ ହେଉଛି, ତେଣୁ ଏହା ଆପଣଙ୍କ ଆଲେଖ୍ୟକୁ ଅନଲାଇନରେ ପ୍ରସାର ପାଇଁ ସହଜସାଧ୍ୟ ମାଧ୍ୟମ ହୋଇପାରେ ।

ଆଶା କରୁଛି ଆହ୍ୱାନ ଇ-ପତ୍ରିକାର ଏହି ସ୍ୱନକ୍ଷତ୍ର ବିଶେଷାଂକ ଆପଣଙ୍କ ମନକୁ ପସନ୍ଦ ହେବ । ଆହ୍ୱାନ ଇ-ପତ୍ରିକାର ଅତୀତର ସମସ୍ତ ସଂସ୍କରଣ ଭଳି ଏହି ସଂସ୍କରଣ ମଧ୍ୟ ଆପଣଙ୍କୁ ଭଲ ଲାଗିବ ।

ଭଗବାନ ସମସ୍ତଙ୍କ ମଙ୍ଗଳ କରନ୍ତୁ ।

ଜୟ ଶ୍ରୀ ରାମ

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ପୋଡ଼କାଷ୍ଟ ପ୍ରସାରଣରୁ ଗୋଟିଏ କାହାଣୀ...

*ଟାଇମ୍ ଟ୍ରାଭେଲର ୧୦ଟି କାହାଣୀ*

ଟାଇମ୍ ଟ୍ରାଭେଲ ସତ୍ୟ ନା କେବଳ କାହାଣୀ ମାତ୍ର ? ଆମେ ଏହା ଆପଣଙ୍କ ଉପରେ ଛାଡ଼ି ଦେଉଛୁ । ଆଜି ଆମେ ଏହିଭଳି ଦଶଟି କାହାଣୀ ବିଷୟରେ ଶୁଣିବା ଯେଉଁଠି ଟାଇମ୍ ଟ୍ରାଭେଲ୍ କଥା କୁହାଯାଇଛି ।

ଏହି ଦଶଟି କାହାଣୀରେ ରହିଛି ଟାଇମ୍ ଟ୍ରାଭେଲର ଅନନ୍ୟ ପ୍ରମାଣ । ସ୍ଥଳ ବିଶେଷରେ ଶତପ୍ରତିଶତ ସଠିକ୍ ବି ମନେ ହୁଏ । କିନ୍ତୁ ସତରେ କଣ୍ ଏମିତି ହୋଇପାରେ ? ଆପଣ କହିବେ । ଚାଲନ୍ତୁ ଶୁଣିବା କାହାଣୀ ।

୧୦. ଜନ୍ ଟିଟର୍

୨୦୦୦ ମସିହା ବେଳକୁ ହଠାତ୍ ଅନଲାଇନ୍ ଦୁନିଆରେ ଏକ ଝଡ଼ ଆସିଲା । ଜନ୍ ଟିଟର୍ ନାମକ ଜଣେ ୟୁଜର ନିଜକୁ ଟାଇମ୍ ଟ୍ରାଭେଲର୍ ବୋଲି କହି ଅନେକ ତଥ୍ୟ ଅନଲାଇନ୍ ପୋର୍ଟାଲ୍ ମାନଙ୍କରେ ଲେଖିବାକୁ ଲାଗିଲେ । ସେ ନିଜକୁ ୨୦୩୬ ମସିହାର ଆମେରିକୀୟ ସୈନ୍ୟବାହିନୀର ଜଣେ ସୈନିକ ବୋଲି କହିଲେ । ଏହା ସହିତ ସେ ନିଜର ଟାଇମ୍ ମେସିନର ଏକ ଅସ୍ୱଚ୍ଛ ଛବି ସେୟାର୍ କରିଥିଲେ । ଏହା ସହିତ ସେ ଭବିଷ୍ୟତରେ ଘଟିବାକୁ ଥିବା ଅନେକ ଅଘଟଣ ବିଷୟରେ ମଧ୍ୟ ଲେଖିଥିଲେ ।

ଏହି ମାମଲାର ତଦନ୍ତ କରୁଥିବା କିଛି ଦଳ ମତ ଦେଇଥିଲେ ଯେ ଜନ୍ ଟିଟର୍ କୌଣସି ଚତୁର ବ୍ୟକ୍ତିଙ୍କର ମାନସ ଜାତ ଚରିତ୍ର ଏବଂ ଏହା ମାଧ୍ୟମରେ ସେ ପ୍ରଶଂସା ପାଇବାକୁ ଚାହୁଁଛନ୍ତି । କିଛି ବ୍ୟକ୍ତି ଦାବୀ କରିଥିଲେ ଯେ ଏହି ଚରିତ୍ର ଏଣ୍ଟେର୍ଟେଇନମେଣ୍ଟ ଓକିଲ୍ ଲାରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାବେର ଙ୍କ ଦ୍ୱାରା ରଚିତ ।

ଯାହା ବି ହେଉ ଅନେକ କିନ୍ତୁ ଜନ୍ ଟିଟରଙ୍କ ଉପରେ ବିଶ୍ୱାସ କରିଥିଲେ । ଅବଶ୍ୟ ସେ କହିଥିବା ଅନେକ ଭବିଷ୍ୟବାଣୀ ନିରର୍ଥକ ପ୍ରମାଣିତ ହୋଇଛି । ସେ କହିଥିଲେ ଯେ ୨୦୦୪ ମସିହାରେ ଆମେରିକାରେ ଗୃହଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହେବ, ଯାହା ହୋଇନଥିଲା ।

## ୯. ନୋଆହ୍

ମନେ କରନ୍ତୁ, ଆପଣଙ୍କୁ ଅତୀତକୁ ଯାଇ ନିଜର ବ୍ୟକ୍ତିତ୍ୱକୁ ଭେଟିବାର ସାମର୍ଥ୍ୟ ମିଳିବ । ଆପଣ କଣ କରିବେ ? ୨୦୧୭ ମସିହାରେ ନୋଆହ୍ ନାମକ ଜଣେ ବ୍ୟକ୍ତି ଦାବୀ କରିଥିଲେ ଯେ ସେ ୨୦୩୦ ମସିହାରୁ ଆସିଛନ୍ତି । ତାଙ୍କର ଦାବୀ ଯଥାର୍ଥ ମନେ ହେଉନଥିଲା ତେଣୁ ଲାଇ ଡିଟେକ୍ଟର୍ ଟେଷ୍ଟ କରାଗଲା, ଯେଉଁଠିରେ ସେ ପାସ୍ ହୋଇଥିଲେ । ପରେ ସେ ୨୦୭୦ ମସିହାର ଏକ ଭିଡ଼ିଓରେ ନିଜର ଭବିଷ୍ୟ ସହ ଦେଖାଦେଇଥିଲେ ।

ଭବିଷ୍ୟ ବିଷୟରେ ଅନେକ ରୋମାଞ୍ଚକର ଦାବୀ କରୁଥିବା ନୋଆହ୍ କହିଥିଲେ ଯେ ଭବିଷ୍ୟରେ କାର୍ ଗୁଡ଼ିକ ତୀବ୍ର ବେଗରେ ଯାତ୍ରା କରିବେ, ଏବଂ ସଡକ ଏତେ ଆଧୁନିକ ହେବ ଯେ ନିଜେ ନିଜେ ଗାଡ଼ି ଗୁଡ଼ିକୁ ଗତି ପ୍ରଦାନ କରିବ । ଏହା ସହିତ ସେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ୍, ମଙ୍ଗଳ ଗ୍ରହକୁ ମନୁଷ୍ୟର ଯାତ୍ରା, କ୍ୟାନସର ରୋଗର ସଫଳ ଚିକିତ୍ସା ଇତ୍ୟାଦି ବିଷୟରେ ମଧ୍ୟ ଭବିଷ୍ୟବାଣୀ କରିଥିଲେ ।

ଅବଶ୍ୟ କିଛିଦିନ ପରେ ଜଣେ ବ୍ୟକ୍ତି ଜାସନ ଦାବୀ କରି କହିଥିଲେ ଯେ ସେ ହିଁ ନୋଆହ୍ ଅଟନ୍ତି ଏବଂ ପ୍ରସିଦ୍ଧି ପାଇବା ପାଇଁ ସେ ଏ ସବୁ କଥା କହିଥିଲେ । ହେଲେ ସତ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଣ ତାହା କିଏ କହି ପାରିବ ?

## ୮. ୫୦୦୦ ମସିହାର ଫଟୋ

ଭବିଷ୍ୟରୁ ଆସିଥିବା ଜଣେ ଟାଇମ୍ ଟ୍ରାଭେଲର୍ କଣ ବା ସାକ୍ଷ୍ୟ ପ୍ରମାଣ ଦେଇ ପାରିବେ ? ୨୦୧୮ ମସିହାରେ ଏଡ଼୍‌ୱାର୍ଡ୍ ନାମକ ଜଣେ ବ୍ୟକ୍ତି ନିଜକୁ ସମୟ ପଥର ଯାତ୍ରୀ ବୋଲି କହିଥିଲେ । ଏବଂ ସେ ଦାବୀ କରିଥିଲେ ଯେ ସେ ୫୦୦୦ ମସିହାକୁ ଯାତ୍ରା କରି ଫେରିଛନ୍ତି । ଏବଂ ସେ ଯାତ୍ରା କରିଥିବାର ପ୍ରମାଣ ସ୍ୱରୂପ ସେ ସେହି ସମୟର ଛବି ଉତ୍ତୋଳନ କରି ସାଥିରେ ଆଣିଛନ୍ତି । ଏଡ଼୍‌ୱାର୍ଡଙ୍କ କହିବା ଅନୁସାରେ ୨୦୦୪ ମସିହାରେ ତାଙ୍କୁ ଏକ ଅତ୍ୟନ୍ତ ଗୋପନୀୟ ପ୍ରୋଜେକ୍ଟ ପାଇଁ ନିର୍ବାଚିତ କରାଯାଇ ଭବିଷ୍ୟକୁ ପଠା ଯାଇଥିଲା । ସେ ଶେୟାର୍ କରିଥିବା ଏକ ଜଳ ନିମ୍ନରେ ନିର୍ମିତ ସହର ବାସ୍ତବରେ ୩୦୦୦ ବର୍ଷ ପରେ ବର୍ତ୍ତମାନର ଲସ୍ ଏଞ୍ଜେଲସ୍ ବୋଲି ସେ ଦାବୀ କରିଥିଲେ । ସେ କହିଥିଲେ ଯେ ସେହି ସମୟରେ ବିଶ୍ୱର ତାପମାତ୍ରାରେ ବହୁତ ବୃଦ୍ଧି ପାଇବା ହେତୁ ସମୁଦ୍ରର ଜଳସ୍ତର ବୃଦ୍ଧି ପାଇବା ସହ ଅଧିକାଂଶ ମହାଦେଶ ଜଳମଗ୍ନ ହୋଇଥିଲେ । ଲୋକମାନେ ଏହି ଜଳମଗ୍ନ ଗ୍ରହରେ ଭାସମାନ ସହର ମାନଙ୍କରେ ବସତି ସ୍ଥାପନ କରି ରହିବେ, ଯାହାର ପ୍ରମାଣ ସେ ନିଜ ସାଥିରେ ଫଟୋରେ ନେଇ ଆସିଥିଲେ । ସେ କହିଥିବା ତଥ୍ୟ ସତ୍ୟ କିମ୍ବା ମିଥ୍ୟା ତାହା ତ ତଦନ୍ତ ସାପେକ୍ଷ କିନ୍ତୁ ଆମେ ଆଶା କରିବା ଅନ୍ତତଃ ଆମ ଭବିଷ୍ୟତ ପୀଢ଼ି ଏଭଳି ଜଳକଷ୍ଟ ନ ଭୋଗନ୍ତୁ ।

## ୭. ମୋଣ୍ଟାକ୍ ପ୍ରକଳ୍ପ

ଷ୍ଟ୍ରେଞ୍ଜର ଥିଙ୍ଗସ୍ ନାମକ ଏକ ପୁସ୍ତକ ଦୁନିଆରେ ହଇଚଇ ସୃଷ୍ଟି କରିଥିଲା । ଏଥିରେ ଉଲ୍ଲେଖ ଥିଲା ଟାଇମ୍ ଟ୍ରାଭେଲର ପରୀକ୍ଷଣର ସତ୍ୟ କାହାଣୀ । ପ୍ରେଷ୍ଟନ୍ ବି ନିକୋଲାସ୍

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବଂ ପିଟର୍ ମୁନଙ୍କ ଦ୍ୱାରା ରଚିତ ପୁସ୍ତକ "ମଣ୍ଟାକ୍ ପ୍ରୋଜେକ୍ଟ : ଏକ୍ସପେରିମେଣ୍ଟ ଇନ୍ ଟାଇମ୍" ଆଧାରରେ ନେଟଫ୍ଲିକ୍ସରେ ଏକ କାର୍ଯ୍ୟକ୍ରମ ବହୁତ ଲୋକପ୍ରିୟ ହୋଇଥିଲା । ଏହି ପୁସ୍ତକରେ ନିକୋଲାସ୍ ନିଜକୁ ମୋଣ୍ଟାକ୍ ପ୍ରୋଜେକ୍ଟର୍ କ୍ୟାମ୍ପ ହିରୋ ଭାବରେ ବର୍ଣ୍ଣନା କରିଛନ୍ତି, ଯେଉଁଥିରେ ଅଧିକ ମାନସିକ ଶକ୍ତି ଥିବା କିଛି ପିଲାଙ୍କର ମାନସିକ ଦକ୍ଷତାକୁ ବ୍ୟବହାର କରି ଏକ ଅଲଗା ସମୟ ତଥା ନୂତନ ଦିଗନ୍ତକୁ ଖୋଲି ଦିଆଯାଇଛି । ଏହି ପୁସ୍ତକରେ ଆଲ୍ ବୈଲିକ ନାମକ ଜଣେ ବ୍ୟକ୍ତିଙ୍କ ବିଷୟରେ ମଧ୍ୟ ଲେଖାଯାଇଛି । ଆଲ୍ ବୈଲିକ ୧୯୪୦ ଦଶକରେ ଫିଲାଡେଲ୍ଫିଆ ଏକ୍ସପେରିମେଣ୍ଟର ଅଂଶୀଦାର ଥିଲେ ବୋଲି ଦାବୀ କରନ୍ତି । ସେ କହିଥିଲେ ଯେ ସେ ଟାଇମ୍ ଟ୍ରାଭେଲ୍ କରି ୟୁଏସଏସ୍ ଏଡରିଜ୍ ନାମକ ଯୁଦ୍ଧପୋତରେ ପହଞ୍ଚି ପାରିଥିଲେ । ଏହି ସବୁ ଘଟଣାର ସତ୍ୟତା କେବେ ବି ଜଣା ପଡ଼ିବ ନାହିଁ ।

## ୬. ୧୯୪୦ ମସିହାର ଉଭାନ୍ ହେଉଥିବା କାର୍

୧୯୬୯ ମସିହାର କଥା, ସାଉଥ୍ ଲୁଇସିଆନା ସହରରେ ଦୁଇଜଣ ବ୍ୟକ୍ତି ମଧ୍ୟାହ୍ନ ଭୋଜନ କରୁଥିଲେ । ଖାଇବା ପରେ ସେମାନେ ଗାଡ଼ିରେ ବସି ୟୁଏସ୍ ରୁଟ୍ ୧୬୭ ଦେଇ ନିଜ ଅଫିସ ଦିଗରେ ପ୍ରସ୍ଥାନ କରିଲେ । କିଛି ଦୂରରେ ସେମାନେ ଏକ ପୁରୁଣା କାର୍ ଦେଖିବାକୁ ପାଇଲେ । ସେମାନେ ଏହି ଗାଡିର ଯେତେ ନିକଟବର୍ତ୍ତୀ ହେଲେ ସେତେ ସେତେ ଅନୁଭବ କରିଲେ ଯେ ଗାଡ଼ିଟି ବହୁତ ଧିରେ ଧିରେ ଚାଲୁଛି ଏବଂ ଗାଡିର ଲାଇସେନ୍ସ୍ ପ୍ଲେଟରେ ୧୯୪୦ ବୋଲି ଉଲ୍ଲେଖ ହୋଇଛି । ସେମାନେ ସେହି ଗାଡ଼ି ନିକଟରେ ନିଜ ଗାଡିକୁ ଧିର କରିଦେଇ ଦେଖିବାକୁ ଚାହିଁଲେ ସବୁକିଛି ଠିକ୍ ଅଛି ତ ? ସେଇ ପୁରୁଣା ଗାଡ଼ି ଭିତରେ ଜଣେ ମହିଳା ଏବଂ ଶିଶୁଟିଏ ବସିଥିଲେ । ଉଭୟ ୧୯୪୦ ମସିହା ଭଳି ପୋଷାକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିଧାନ କରିଥିଲେ । ସେମାନେ ମଧ୍ୟ ଏହି ଦୁଇଜଣଙ୍କୁ ଦେଖି ଆଶ୍ଚର୍ଯ୍ୟ ହେବା ସହ ଭୟଭୀତ ହୋଇ ପଡ଼ିଥିଲେ ।

ଏହି ଦୁଇଜଣ ବ୍ୟକ୍ତି ମହିଳା ଜଣଙ୍କୁ ଇଙ୍ଗିତ କରି କହିଲେ ଆପଣ ଗାଡ଼ି ବନ୍ଦ କରି ଦିଅନ୍ତୁ ଆମେ ଦେଖିବୁ କଣ ଅସୁବିଧା ହୋଇଛି । ମହିଳା ଜଣକ ନିଜ ଗାଡ଼ିକୁ ଧିର କରି ରାସ୍ତା ପାର୍ଶ୍ୱରେ ଠିଆ କରିବା ବେଳେ ଏହି ବ୍ୟକ୍ତି ଦୁଇଜଣ କିଛି ବାଟ ଆଗରେ ଗାଡି ଠିଆ କରି ବାହାରି ପଛକୁ ଫେରି ଚାହିଁଲା ବେଳକୁ ସେଠାରେ ସେହି ପୁରୁଣା ଗାଡ଼ି ନଥିଲା । କିମ୍ବା ଗାଡ଼ି ରାସ୍ତା ପାର୍ଶ୍ୱରେ ଦୁର୍ଘଟଣା ହେବାପରି କୌଣସି ସଙ୍କେତ ନଥିଲା ।

## ୫. ମୋବର୍ଲି-ଜୋର୍ଡେନ୍ ଘଟଣା

ଇଂଲାଣ୍ଡର ଅକ୍ସଫର୍ଡ୍ ସ୍ଥିତ ପ୍ରମୁଖ ସେଣ୍ଟ ହୁଗ'ସ୍ କଲେଜର ଦୁଇଜଣ ପ୍ରଫେସର ଭ୍ରସାଇଲିସ୍ ଦୁର୍ଗ ପରିଦର୍ଶନ ପାଇଁ ଯାଇଥିଲେ । ଭର୍ସାଇଲିସ୍ ଅତୀତରେ ଫ୍ରେଞ୍ଚ୍ ରାଜକୀୟ ପ୍ରାସାଦ ଥିଲା । ୧୭୯୨ ମସିହା ପରେ ଏଠାରୁ ରାଜତନ୍ତ୍ର ହଟେଇ ଦିଆଯାଇଥିଲା । ସେଇ ସମୟରେ ଏହି ଦୁର୍ଗରେ ବସବାସ କରୁଥିବା ଶେଷ ବ୍ୟକ୍ତି ଥିଲେ ମ୍ୟାରୀ ଆଣ୍ଟୋଇନିଟ୍, ଯାହାକୁ ୧୭୯୩ ମସିହାରେ ହତ୍ୟା କରାଯାଇଥିଲା ।

୧୯୦୧ ମସିହାର ସେହିଦିନ, ଯେତେବେଳେ ପ୍ରଫେସର୍ ଆନ୍ନେ ମୋବର୍ଲି ଏବଂ ଇଲିଆନୋର୍ ଜୋର୍ଡେଇନ୍ ସେହି ଭଗ୍ନ ଦୁର୍ଗରେ ପଦଚାରଣ କରୁଥିଲେ, ସେମାନେ ଆଦୌ ସ୍ୱପ୍ନରେ ଭାବିନଥିବେ ଯେ ସେମାନେ ମ୍ୟାରୀ ଆଣ୍ଟୋଇନିଟଙ୍କୁ ଦେଖିବେ । ଦୁର୍ଗର ଏକ ନିଭୃତ ଅଞ୍ଚଳରେ ନିର୍ମିତ ପେଟିଟ୍ ଟ୍ରାୟାନନ୍, ଯାହା ମ୍ୟାରୀଙ୍କ ସ୍ୱାମୀ ଲୁଇସ୍ ଷୋଡ଼ଷ ନିର୍ମାଣ କରାଇଥିଲେ, ସେମାନଙ୍କ ସମ୍ମୁଖରେ ମ୍ୟାରୀ ଆଣ୍ଟୋଇନିଟ୍ ଗୋଟିଏ ଛୋଟ୍ ଷ୍ଟୁଲ୍ ଉପରେ ବସିଥିଲେ ଏବଂ କିଛି ଛବି ଆଙ୍କୁଥିଲେ । ତାଙ୍କୁ ଘେରି ରହିଥିଲେ ସେଇ ଶତକର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅନେକ ବ୍ୟକ୍ତି । ସମସ୍ତେ ପୁରୁଣା ସମୟର ପୋଷାକ ପିନ୍ଧିଥିଲେ ଏବଂ ମ୍ୟାରୀଙ୍କୁ ଚାହିଁ ରହିଥିଲେ ।

ଦୁଇଜଣ ପ୍ରଫେସର ଏ ଦୃଶ୍ୟ ଦେଖି ନିଜ ଆଖି ଉପରେ ବିଶ୍ୱାସ କରି ପାରିଲେ ନାହିଁ । କିନ୍ତୁ ହଠାତ୍ ସେଇ ସମୟରେ ସେମାନଙ୍କ ସହ ଆସିଥିବା ଟୁର୍ ଗାଇଡ଼ର ହଠାତ୍ ଉପସ୍ଥିତି ପରେ ସେମାନଙ୍କ ସମ୍ମୁଖରୁ ମ୍ୟାରୀ ସମେତ ସମସ୍ତ ସମବେତ ଜନତା ହଠାତ୍ ଉଭାନ୍ ହୋଇ ଯାଇଥିଲେ । ଏହିଭଳି ଏକ ଅନୁଭୂତି ବିରଳ ଥିଲା । ଉଭୟ ପ୍ରଫେସର ଏହି ବିଷୟ ଆଧାରିତ ଏକ ପୁସ୍ତକ ରଚନା କରିଥିଲେ । ଉଭୟ ଅତି ଉଚ୍ଚ ଶିକ୍ଷିତା ଏବଂ କଲେଜରେ ପ୍ରଫେସର ଥିଲେ, ତେଣୁ ସେମାନେ କାହିଁକି ମିଛ କହିବେ ? ତାହେଲେ ସେମାନେ କଣ ସମୟରେ ପଛକୁ ଫେରି ଯାଇଥିଲେ କି ? ଟାଇମ୍ ଟ୍ରାଭେଲ୍ କାହାଣୀ ମାନଙ୍କ ମଧ୍ୟରେ ଏହି କାହାଣୀ ସବୁଠାରୁ ଅଧିକ ସଠିକ୍, ବିଶ୍ୱାସଯୋଗ୍ୟ ଓ ପ୍ରସିଦ୍ଧ ମନେ ହୁଏ ।

## ୪. ଟାଉରେଡ୍ ଦେଶର ଅଦ୍ଭୁତ ମନୁଷ୍ୟ

୧୯୫୪ ମସିହାର ଘଟଣା । ଜାପାନର ହେନେଡ଼ା ବିମାନବନ୍ଦରରେ ଜଣେ ଯାତ୍ରୀଙ୍କୁ ଛାଡ଼ିବା ନେଇ ବିବାଦ ସୃଷ୍ଟି ହେଇଥିଲା । ଅବଶ୍ୟ ସେହି ଯାତ୍ରୀ ଜଣଙ୍କ ନିଜ ବ୍ୟାଗରେ କୌଣସି ପ୍ରତିବନ୍ଧିତ ଦ୍ରବ୍ୟ ନେଉନଥିଲେ, ହେଲେ ସେ ବ୍ୟବହାର କରୁଥିବା ପାସପୋର୍ଟରେ ସେ ଏମିତି ଏକ ଦେଶର ବ୍ୟକ୍ତି ବୋଲି ଉଲ୍ଲେଖ ଥିଲା, ଯାହା ପୃଥିବୀର ମାନଚିତ୍ରରେ ନଥିଲା । ଅବଶ୍ୟ ସେ ବ୍ୟବହାର କରୁଥିବା ପାସପୋର୍ଟରେ ଷ୍ଟାମ୍ପ୍ ଲାଗିଥିଲା ଅର୍ଥାତ ତାହା ମିଛ ନଥିଲା ।

ପାସପୋର୍ଟରେ ଉଲ୍ଲେଖ ଥିଲା ଯେ ସେ ଟାଉରେଡ୍ ନାମକ ଦେଶର ବାସିନ୍ଦା । ଯାହା ବର୍ତ୍ତମାନର ସ୍ପେନ୍ ଓ ଫ୍ରାନ୍ସ୍ ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ବୋଲି ସେ କହିଥିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେତେବେଳେ ପୃଥିବୀ ମାନଚିତ୍ର ଅଣାଗଲା ଆଉ ଫ୍ରାନ୍ସ୍ ଓ ସ୍ପେନ୍ ମଧ୍ୟବର୍ତ୍ତି ଆଣ୍ଡୋରା ଦେଶ ଦେଖାଗଲା, ସେ ବିରକ୍ତ ଭାବ ପ୍ରକଟ କରି କହିଥିଲେ ଯେ, ଯଦିଓ ସ୍ଥାନ ସଠିକ୍ ଅଛି, କିନ୍ତୁ ସେଠାରେ ଆଣ୍ଡୋରା ନୁହଁ ବରଂ ଟାଉରେଡ୍ ଦେଶ ରହିଛି । କାରଣ ଟାଉରେଡ୍ ଦେଶର ଅବସ୍ଥିତି ପାଖାପାଖି ହଜାର ବର୍ଷର । ଆଉ ସେ ଆଣ୍ଡୋରା ନାଁ କେବେ ଶୁଣିନଥିବା କଥା ବି କହିଥିଲେ ।

ଏସବୁ ଘଟଣାର ସବିଶେଷ ତଦନ୍ତ ପର୍ଯ୍ୟନ୍ତ ଯାତ୍ରୀ ଜଣଙ୍କୁ ସୁରକ୍ଷା କର୍ମୀଙ୍କ ନିରୀକ୍ଷଣରେ ଜାପାନର ଗୋଟିଏ ହୋଟେଲରେ ରଖାଯାଇଥିଲା । ଆଶ୍ଚର୍ଯ୍ୟଜନକ ଭାବରେ ବ୍ୟକ୍ତିଜଣଙ୍କ ନିଜ ହୋଟେଲ୍ ରୁମରୁ ହିଁ ଉଭାନ ହୋଇଯାଇଥିଲେ । ଏବଂ ଏହାଠାରୁ ଅଧିକ ଆଶ୍ଚର୍ଯ୍ୟର ବିଷୟ ସେ ଯେଉଁ ପାସପୋର୍ଟ୍ ବ୍ୟବହାର କରୁଥିଲେ ତାହା ଜବତ କରାଯାଇ ସରକାରୀ ମହକୁମାରେ ରଖାଯାଇଥିଲା, ସେଇଟା ମଧ୍ୟ ଉଭାନ ହୋଇ ଯାଇଥିଲା ।

ତାହେଲେ ସେ ବ୍ୟକ୍ତିଜଣକ କିଏ ଥିଲେ, ଏବଂ ସେ କଣ ସତ କହୁଥିଲେ ନା ସେ ସମୟର ଭବିଷ୍ୟତ କିମ୍ବା ଅତୀତରୁ ଆସିଥିଲେ କି ?

## ୩. ହ୍ୟୁଟନ୍ ଏବଂ ବ୍ରାଣ୍ଡଟ୍ ଙ୍କ ଭବିଷ୍ୟ ଯାତ୍ରା

୧୯୩୨ ମସିହାର କଥା, ଜର୍ମାନୀର ଗୋଟିଏ ଖବରକାଗଜ ତରଫରୁ ସାଂବାଦିକ ଜେ ବର୍ନାର୍ଡ୍ ହ୍ୟୁଟନ୍ ଏବଂ ଫଟୋଗ୍ରାଫର୍ ଜୋସିମ୍ ବ୍ରାଣ୍ଡଟ୍ ଙ୍କୁ ହାମବର୍ଗ୍ ବନ୍ଦର ନିରୀକ୍ଷଣ କରି ସମ୍ବାଦ ସଂଗ୍ରହପାଇଁ ପଠାଯାଇଥିଲା । ସେମାନେ ବନ୍ଦର ଅଞ୍ଚଳରେ ବୁଲୁଥିବା ବେଳେ ହଠାତ୍ ସେମାନଙ୍କ ଉପରେ ଆକଶ ମାର୍ଗରୁ ବୋମାବର୍ଷଣ ହୋଇଥିଲା । ସେ ସମୟର ଅସ୍ଥିରତାକୁ ନିରୀକ୍ଷଣ କରି ସେମାନେ ଏହାକୁ ଯୁଦ୍ଧ ଅବସ୍ଥା ବୋଲି ଧରିନେଇ ନିଜକୁ ସୁରକ୍ଷିତ କରି ଘଟଣାର ଫଟୋ ଉଠାଇବା ପରେ ଅଞ୍ଚଳରୁ ନିଜକୁ ବଞ୍ଚାଇ ବାହାରକୁ ଚାଲି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସିଥିଲେ ।

ସେମାନେ ହାମବର୍ଗ୍ ସହରରେ ପହଞ୍ଚିବା ପରେ ଘଟଣା ବିଷୟରେ କହିବା ପରେ ଲୋକମାନେ ବିଶ୍ୱାସ କରିନଥିଲେ । କାରଣ ସେହିଭଳି କୌଣସି ଘଟଣା ବାସ୍ତବରେ ଘଟିନଥିଲା । ହେଲେ ସେମାନେ ନିଜର କଥାକୁ ସତ୍ୟ ବୋଲି ପ୍ରମାଣିତ କରିବାପାଇଁ ଯେତେବେଳେ ନେଇଥିବା ଫଟୋ ସବୁକୁ ଧୋଇଲେ ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ ସେଥିରେ ଯୁଦ୍ଧର କୌଣସି ସଙ୍କେତ ହିଁ ନଥିଲା ।

ଏହି ଘଟଣାର ଏଗାର ବର୍ଷପରେ ହ୍ୟୁଟନ୍ ଲଣ୍ଡନରେ ରହୁଥିବା ସମୟରେ ଖବରକାଗଜରେ ଗୋଟିଏ ଖବର ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ହାମବର୍ଗ୍ ସହର ଉପରେ ବାୟୁସେନାର ଆକ୍ରମଣ, ଅପରେସନ ଗୋମୋରା ବିଷୟରେ ସବିଶେଷ ଖବର ସହ ଛବି ବି ଛପିଥିଲା, ଯାହା ସେମାନେ ୧୯୩୨ରେ ଦେଖିଥିବା ଆକ୍ରମଣ ପରି ଅନୁଭବ ହୋଇଥିଲା । ସମସ୍ତ ଛବି ତାଙ୍କୁ ମନେ ହେଉଥିଲା ସେମାନେ ହିଁ ନେଇଥିଲେ ।

## ୨. ସାଉଥ୍ ଫର୍କ୍ ବ୍ରିଜରେ ସମୟ ଯାତ୍ରୀ

୧୯୪୧ ମସିହାର ଗୋଟିଏ ଛବି ବହୁତ ଭାବରେ ପ୍ରସାରିତ ହୋଇଥିଲା । କାନାଡ଼ାର ଗୋଲ୍ଡ ବ୍ରିଜ୍ ଅନ୍ତର୍ଗତ ସାଉଥ୍ ଫର୍କ୍ ବ୍ରିଜର ଉଦଘାଟନ ଉତ୍ସବରେ ନିଆଯାଇଥିବା ଏହି ଛବିରେ ସବୁକିଛି ସାମାନ୍ୟ ଦେଖାଯାଉଥିବା ବେଳେ ଜଣେ ବ୍ୟକ୍ତି କିନ୍ତୁ ଅନ୍ୟମାନଙ୍କ ଠାରୁ ଅଲଗା ଦେଖା ଯାଉଥିଲେ । ସେଇ ସମୟରେ ଲୋକମାନେ ସାଧାରଣତଃ କୋଟ୍ ପେଣ୍ଟ ଟୋପି ପିନ୍ଧୁଥିବା ବେଳେ ଏହି ବ୍ୟକ୍ତିଜଣକ ଟି-ସାର୍ଟ୍ ପିନ୍ଧିଥିଲେ ଏବଂ ଉପରେ ସ୍ୱେଟର୍ ଭଳି ଦିଶୁଥିବା ପୋଷାକ ସହ ଆଧୁନିକ ସମୟରେ ପ୍ରଚଳିତ ଚଷମା ପିନ୍ଧିଥିଲେ । ତାଙ୍କର ଶାରିରୀକ ଗଠନ, ମୁହଁର ଗଠନ ସେ ଯୁଗଠାରୁ ଭିନ୍ନ ଲାଗୁଥିଲା । ସେ ନିଜ ମୁଣ୍ଡ ବାଳକୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅତ୍ୟାଧୁନିକ ଷ୍ଟାଇଲରେ ସଜାଇଥିଲେ ।

ଏହି ଫଟୋଟି ପ୍ରସାରିତ ହେବାପରେ ଲୋକମାନେ କହିବା ଆରମ୍ଭ କରିଦେଲେ ଯେ ଏହି ବ୍ୟକ୍ତିଜଣକ ସେଇ ସମୟର ଲୋକ ଭଳି ମନେ ହେଉନାହାନ୍ତି । ତା ହେଲେ ସେ କଣ ସମୟ ଯାତ୍ରୀ ଥିଲେ କି ?

## ୧. ଭିକ୍ଟର ଗୋଡାର୍ଡଙ୍କ ଭବିଷ୍ୟ ଦର୍ଶନ

୧୯୩୫ ମସିହାର କଥା । ଏୟାର୍ ମାର୍ସାଲ୍ ସାର୍ ରବର୍ଟ୍ ଭିକ୍ଟର୍ ଗୋଡାର୍ଡଙ୍କୁ ଏଡିନବର୍ଗ୍ ସ୍ଥିତ ଏକ ଭଗ୍ନ ବିମାନ ଉଡ଼ାଣ ପଟିକୁ ନିରିକ୍ଷଣ କରିବାପାଇଁ ନିର୍ଦ୍ଦେଶ ମିଳିଲା । ବିମାନ ପଟି ଧ୍ୱସ୍ତ ଅବସ୍ଥାରେ ଥିଲା । ସେ ସେଠାରେ ଯାହା ଦେଖିଲେ ସେ ସବୁର ଲିଖିତ ବିବରଣୀ ନିଜ ନୋଟ୍ ବୁକରେ ଲେଖି ଫେରିବାକୁ ଚାହିଁଲେ । ତାଙ୍କର ବ୍ୟକ୍ତିଗତ ବିମାନ ଆକାଶମାର୍ଗର ଅଳ୍ପ ବାଟ ଯାଇଥିଲା ବେଳେ ହିଁ ସାମନାରୁ ଅତ୍ୟଧିକ ବର୍ଷା ଓ କୁହୁଡ଼ି ଦେଖାଗଲା ଏବଂ ତାଙ୍କୁ ଆଗରେ କିଛି ଦେଖାଯାଉନଥିଲା । ତେଣୁ ସେ ପୁଣିଥରେ ଏଡିନବର୍ଗ୍ ବିମାନ ଆଡ଼ାକୁ ଫେରି ଆସିଲେ । ପାଗ ଶୁଖିଲା ହେଲେ ସେ ପୁଣି ଫେରିବାକୁ ଚେଷ୍ଟା କରିବେ ବୋଲି ମନସ୍ଥ କରିଥିଲେ ।

ସେ ଯେତେବେଳେ ଉଡ଼ାଣ ପଟି ଦିଗକୁ ଆଗଭର ହେଉଥିଲେ ସେଇ ସମୟରେ କିଛି ବିସ୍ମୟକର ଘଟଣା ଘଟିଲା । ଆକାଶରୁ ମେଘ ହଟିଯାଇଥିଲା ଏବଂ ସୂର୍ଯ୍ୟ କିରଣ ବିଚ୍ଛେଇ ହୋଇ ପଡିଥିଲା । ଏବଂ ଯେଉଁ ଭଗ୍ନ ବିମାନବନ୍ଦରର ସେ କିଛି କ୍ଷଣ ପୂର୍ବରୁ ନିରୀକ୍ଷଣ କରି ଫେରିଥିଲେ ସେଇଠି ଏବେ ଚଳଚଞ୍ଚଳ ଥିଲା ଆଉ ବିମାନ ବନ୍ଦରରେ ନୀଳ ପୋଷାକ ପରିହିତ ଅନେକ କର୍ମଚାରୀ ବୁଲୁଥିଲେ । ସେଠି ଚାରୋଟି ହଳଦିଆ ରଙ୍ଗର ବିମାନ ଠିଆ ହୋଇଥିଲେ । ଏବଂ ସେଭଳି ବିମାନ ସେ କେବେ ଆଗରୁ ଦେଖିନଥିଲେ । ଯେହେତୁ ସେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଣେ ବିମାନ ସେବା ଦଳର ପାଇଲଟ୍ ଥିଲେ ତେଣୁ ପ୍ରାୟ ଅଧିକାଂଶ ବିମାନ ସମ୍ବନ୍ଧୀୟ ସୂଚନା ତାଙ୍କ ପାଖରେ ଥାଏ ।

ଗୋଡ଼ାର୍ଡ୍ ବିସ୍ମିତ ହୋଇଗଲେ । ମନେ ହେଉଥିଲା ସତେ ଯେମିତି ସେ ସ୍ୱପ୍ନ ଦେଖୁଛନ୍ତି ? ହୁଏତ ଏହା ତାଙ୍କ ମନର ଭ୍ରାନ୍ତ ଧାରଣା ହୋଇପାରେ ? କିମ୍ବା ଏହା ଏକ ସୁନ୍ଦର ସ୍ୱପ୍ନ ବି ହୋଇପାରେ ? ଯାହା ବି ହେଉ ତାହା କେବେ ବି ସତ୍ୟ ନ ହୋଇପାରେ । ଏହାପରେ ଚାରିବର୍ଷ ପରେ ତାଙ୍କୁ ପୁଣିଥରେ ସେହି ଏୟାରଫିଲ୍ଡ୍ ନିରୀକ୍ଷଣ ପାଇଁ ପଠାଗଲା । ବର୍ତ୍ତମାନ ସେଇ ବିମାନ ପଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଥିଲା । ନୀଳ ଓ ହଳଦିଆ ଜମ୍ପସୁଟ୍ ପିନ୍ଧିଥିବା କର୍ମଚାରୀମାନେ କାମ କରୁଥିଲେ ଏବଂ ବିମାନ ବନ୍ଦରରେ ହଳଦିଆ ରଙ୍ଗର ବିମାନ ରଖାଯାଇଥିଲା । ଗଡ଼ାର୍ଡ୍ ଏହି ବିମାନଙ୍କୁ ୧୦୩୫ ମସିହାରେ ଦେଖିଥିଲେ ଏବଂ ନିଜ ନୋଟରେ ଲେଖିଥିଲେ । କିନ୍ତୁ ସେଇ ବିମାନ ଥିଲା ମାଇଲସ୍ ମାଜିଷ୍ଟେର୍ ଯାହା ୧୯୩୮ ମସିହାରେ ନିର୍ମାଣ କରାଯାଇଥିଲା । ଅର୍ଥାତ ଗଡାର୍ଡ୍ ତିନିବର୍ଷ ପୂର୍ବରୁ ହିଁ ସେଇ ବିମାନକୁ ଦେଖି ସାରିଥିଲେ ! କିନ୍ତୁ କେମିତି ?

ଗଡ଼ାର୍ଡଙ୍କ କାହାଣୀ ବିଶ୍ୱାସଯୋଗ୍ୟ ମନେ ହୁଏ, କାରଣ ସେ ସମୟ ଚକ୍ର ବା ଟାଇମ୍ ଟ୍ରାଭେଲ୍ କରିଥିବା କଥା ଦାବୀ କରିନାହାନ୍ତି । ସେ କେବଳ ଉଲ୍ଲେଖ କରିଥିଲେ ଯେ ତାଙ୍କ ସହ କିଛି ଅବିଶ୍ୱସନୀୟ ଘଟଣା ଘଟିଥିଲା ।

**Search for "Dusty Tales Odia Podcast" and listen to the stories that puzzle your brain or Visit our YouTube channel at:**

**https://dustytales.podbean.com**

**https://www.youtube.com/@drjyotiprasad**

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନେକ କଳାଛାଇ - ୧୧



ଅଶୋକ ବିଶ୍ୱାଳ

ଏକୁଟିଆ ଦ୍ୱୀପର ଭଗ୍ନ ଐତିହ୍ୟ-୧

ଏକ ଅଜବ ଟେଲିସ୍କୋପ ମାଉଣ୍ଟ ହାରିଏଟ ଉପରେ ଲାଗିଛି । ସେ ଟେଲିସ୍କୋପରେ ବହୁ ଦୂରକୁ ଦେଖିହୁଏ । ଟେଲିସ୍କୋପର ଏକ ଫିକ୍ସଡ ଫୋକସ ରିଙ୍ଗ କିନ୍ତୁ ଭାରିଏବଲ ବା ପରିବର୍ତ୍ତନଶୀଳ ଟାଇମ ଦିଏ । ଅବିନାଶ ବହୁ ଟେଲିସ୍କୋପ କଥା ପଢିଥିଲା । ଟେଲିସ୍କୋପରେ ଦୂର ଜିନିଷ ସ୍ୱଷ୍ଟ ଦେଖାଯାଏ । ଏକ ଲମ୍ୱା ନଳୀ, ଆଗରେ ଏକ ବଡ଼ ଲେନସ ଆଉ ଆଇ-ପିସଟା ଛୋଟ । ଏକ ଛୋଟ ଅଞ୍ଚଳରୁ ଆସୁଥିବା ସବୁ ଆଲୋକର ରେଖାକୁ ଆଗେ ବଡ଼ ଲେନସ ସାଉଣ୍ଟି ଧରି ଆଇ-ପିସ ଉପରେ କେନ୍ଦ୍ରିତ କରିଦିଏ ଆଉ ଦୂର ଜିନିଷ ସ୍ୱଷ୍ଟ ଦେଖାଯାଏ । ଟେଲିସ୍କୋପରେ ପରା ଜୁପିଟର, ନେପଚୁନ ଗ୍ରହକୁ ଦେଖିହେଲାଣି । ଆମର ମିଲ୍କି ୱେ ଗାଲାକ୍ସି ପରେ ଆହୁ ବହୁ ଦୂରର ଗ୍ୟାଲାକ୍ସିମାନ ଦେଖିହେଲାଣି । କିନ୍ତୁ ମାଉଣ୍ଟ ହାରିଏଟରେ ଲାଗିଥିବା ଟେଲିସ୍କୋପଟା ଏକଦମ ଭିନ୍ନ । ଏଥିରେ ସମୟକୁ ଫୋକସ କରାଯାଇ ପାରେ । ବିସ୍ମୟକର ।

ଏକଥା ଜାଣି ଅବିନାଶ ବଡ଼ ଉତ୍ସାହିତ ହୋଇଯାଇଥିଲା । ଆଲୋକ ନୁହେଁ, ସମୟକୁ ଫୋକସ କରାଯାଇପାରେ । ଏମିତିଆ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଟେଲିସ୍କୋପ ଦେଖିବାକୁ ନିଶ୍ଚୟ ଯିବ । ଟେଲିସ୍କୋପଟା କେମିତି ଦେଖାଯାଉଥିବା କେଜାଣି ? ତା'କୁ କୁହାଯାଇଥିଲା ଏକ ଷ୍ଟାଣ୍ଡରେ ଟେଲିସ୍କୋପ ଲାଗିଛି ଆଉ ବୁଝାଇବା ପାଇଁ ଏକ ଅପରେଟର ମଧ୍ୟ ଅଛି । ଅପରେଟର ଲୋକଟା ବହୁ ପୁରୁଣା । ବହୁତ କଥା ଜାଣିଛି । ଶୃଙ୍ଗର ଉଚ୍ଚରୁ ବହୁ ଦୂର କଥା ଜାଣିହେବ । ଆଶ୍ଚର୍ଯ୍ୟର କଥା ।

ମୋ ଦେହ ମନକୁ ମନ ଆଲୋକିତ ହୋଇଯିବ । ନିଶ୍ଚୟ ଦେଖିବି ।– ଅବିନାଶ ମନକୁ ମନ କହିଲା ।

ଆଣ୍ଡାମାନରେ ଅନେକ ଅଦ୍ଭୁତ ପଦାର୍ଥଅଛି । ମତ୍ସ୍ୟକନ୍ୟା, ପାଣିରେ ମୋତି ଓ ଇନ୍ଦ୍ର ଉଦ୍ୟାନର ଶୋଭା ଆଉ ପାହାଡ ଉପରେ ଲାଗିଛି ବିଚିତ୍ର ଟେଲିସ୍କୋପ । ଅବଶ୍ୟ ଚାଲିକରି ପାହାଡ ଚଢ଼ିବାକୁ ପଡ଼ିବ । କ'ଣ ଘରେ ବସି ପ୍ରକୃତରେ କିଛି ଦେଖିହେବ ନା କ'ଣ ? ନୂଆ ଦେଖିବାକୁ ହେଲେ ନୂଆ ଜାଗାକୁ କଷ୍ଟ ସହି ଯିବାକୁ ପଡ଼ିବ । ପାହାଡ ଶିଖର ନିଶ୍ଚେ ଚମକୁଥିବ ।

ଅବିନାଶ ବେଶ ଉତ୍ସାହିତ ହୋଇପଡିଲା । ନିଜକୁ ପୁରା ପ୍ରସ୍ତୁତ କରିନେଲା । ଏକ ଅଭିଯାତ୍ରୀ ଭଳି ପୋଷାକ ପିନ୍ଧିନେଲା । ଆଉ ମନକୁ ଦୃଢ଼କରି ବାହାରି ପାଦ ଲମ୍ବାଇ ଚାଲିଲା ଆଉ ଚାଲିଲା, ବୋଟରେ ଉପସାଗର ପାରିହେଲା । ଆକାଶରେ ମେଘ ନଥିଲା, ଭାଗ୍ୟବଶତଃ କହିହେବ । ନହେଲେ ଆଣ୍ଡାମାନ ଆକାଶରେ ମେଘ ସବୁବେଳେ ଥାଏ । ପାଖରେ ଯାଉଥିବା ଲୋକମାନଙ୍କୁ ଅନାଇଲା । ବାମ୍ବୁଫ୍ଲାଟ ପର୍ଯ୍ୟନ୍ତ ଫେରିବୋଟ ଯିବ । ଟିକେଟ କିଣି, ଜାଣି ସିଟରେ ନବସି, ଡେକ ଉପରେ ଚଢ଼ି ଦୂର ଦିଗବଳୟକୁ ଅନାଇଲା । ସେଠାରେ ଗାଢ ସବୁଜିମା । ତଳେ ପାଣି ଏକଦମ ନୀଳ । କେହି ଯେମିତି ଅଳ୍ପ ନେଳିକୁ ପାଣିରେ ଗୋଳାଇ ଦେଇଛି ଆଉ ପାଣି ନେଳିଆ ଦେଖାଯାଉଛି । ସେ ପାଣିରେ ହାତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୁଡାଇଲେ ନେଳି ଲାଗିବନି କିନ୍ତୁ ଧଳା ଚିନା ମାଟିରେ ରଖିନେଲେ ପାଣି ନୀଳ ଦେଖାଯିବ । ତେଣୁ ସେ ବେଶ ଖୁସି ହୋଇଗଲା । ପଛରେ ଚାଥାମର ଜେଟିରେ ଲୋକମାନେ ଦୌଡି ଦୌଡି ଆସୁଥିଲେ । ବୋଟର ହର୍ଣ ବାଜିଲାଣି ଆଉ ବୋଟରେ ଆଗ ଲ୍ୟାଣ୍ଡିଙ୍ଗ ପଟଟା ଟେକି ହୋଇଯାଉଥିଲା । ସେ ବେଶ ଖୁସି ଥିଲା। ତା' ଚାରିପାଖେ ଲୋକମାନେ ନୂଆ ପୋଷାକ ପିନ୍ଧିଲା ଭଳି ଲାଗୁଥିଲେ ଆଉ ସମସ୍ତେ ଚମକୁଥିଲେ ।

ସେପଟ ଡାହାଣର ବଡ଼ ପାହାଡର ଶିଖରରେ ଟେଲିସ୍କୋପଟା ଅଛି ।- କିଏ ତା'କୁ କହିଲା ଆଉ ତା' ଆଖିର ଡୋଳା ଆଗପଛ ହୋଇ ମନକୁ ଫୋକସ କରୁଥିଲା ।

ଅବିନାଶ ତେଣୁ ପାହାଡକୁ ଭଲକରି ଅନାଇଲା । ପାହାଡ ଗଛରେ ପୂର୍ଣ ଥିଲା, କେଉଁଠି ଟିକେ ଖାଲି ଥିଲା ପରି ଜଣାଯାଉନଥିଲା । ସାଧାରଣତଃ ପାହାଡ, ଅବଶ୍ୟ ଅବିନାଶ ଆଗରୁ ଦେଖିଥିବା ପାହାଡମାନଙ୍କରେ କିଛି ଅଂଶ ଖାଲି ଥାଏ । ବହୁତ ବଡ଼ ବଡ ପଥର ଉପରକୁ ଉଠି ଆସିଥାଏ, କିଛି ଅଂଶ ଗଛଲତାରେ ଢାଙ୍କିଥାଏ ଆଉ କେଉଁଠି ରାସ୍ତା ଦେଖାଯାଉଥାଏ । ଏ ପାହାଡରେ କିଛି ଖାଲିଯାଗା ଦେଖାଯାଉନଥିଲା । ସବୁଆଡେ ଗଛ । ଯିବାକୁ ରାସ୍ତା ଅଛିନା ନାହିଁ ? ଆଣ୍ଡାମାନର ଜଙ୍ଗଲରେ କୁଆଡେ ଭିତରେ ଚାଲିବାକୁ ପାଦ ରାସ୍ତା ନଥାଏ । ଆଉ ହଜାରେ ଲତା, କଣ୍ଟା । ତା' ଭିତରେ ଚଢ଼ିବା କିଛି ସହଜ ହେବନି । କିନ୍ତୁ ନୂଆ ଜିନିଷ ଦେଖିବାର ନିଶା କିନ୍ତୁ ଅବିନାଶକୁ ଘାରିଥିଲା । ଆଉ ସେଇଟା ହେଉଛି ଜୁଏଲ ବା ମଣି କିମ୍ବା ଅତି ଆଶ୍ଚର୍ଯ୍ୟ ଜିନିଷ ।କାଳେ ଏମିତି ପାହାଡରେ ଥାଏ । ଏମିତି ଏକ ଜିନିଷ ସତରେ ଦେଖିଲେ ଭଲ ଲାଗିବ । ସାପର ମଣି ତ ଅଛି । ଆଉ ଏଠି ମାଉଣ୍ଟ ହାରିଏଟକୁ କେହି ଆଣ୍ଡାମାନର ଜୁଏଲ କହୁଛନ୍ତି । ସବୁବେଳେ ଟିକିଏ ସସପେନସ ରହିଯାଉଥାଏ । ଆଃ । ରହୁ । ସବୁ ଆଗରୁ ଜାଣିଦେଲେ କିଛି ଭଲଲାଗିବନି । ରାସ୍ତାର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥ୍ରୀଲ ତ ନଷ୍ଟ ହୋଇଯିବ । କିଛି ଅଜଣା ଥାଉ ।

ତା'ପରେ ଅବିନାଶ ବାମ୍ବୁଫ୍ଲାଟ ଜେଟିରେ ଓହ୍ଲାଇ ପଡିଲା । ସେଇଠୁ ଆଗକୁ ତା'କୁ ଯିବାକୁ ପଡ଼ିବ । ଆଜିକାଲି କ'ଣ ଏତେ ଗାଡି ରାସ୍ତା ଧାରରେ ଠିଆହୋଇଗଲାଣି ? ଅନେକ ବେଶି ଜିପ । ଲୋକମାନେ ତାହେଲେ ବହୁତ ବ୍ୟସ୍ତ ହୋଇଗଲେଣି । ଆଣ୍ଡାମାନ କ'ଣ ରୂପ ବଦଳାଇଲାଣି ନା କ'ଣ ? ସମୁଦ୍ରକୂଳିଆ ହୋଇ ରାସ୍ତା ଆଗକୁ ଚାଲିଯାଇଥିଲା । ପାଣିରେ ଅନେକ ଡଙ୍ଗା ଭାସୁଥିଲା । କିଛି ବୋଟ କିଛି ମେସିନ ଡିଙ୍ଗି । ସବୁଗୁଡାକୁ ନୂଆ ରଙ୍ଗ କରାଯାଇଥିଲା ଭଳି ଅବିନାଶକୁ ଲାଗୁଥିଲା । ନୂଆ ଜାଗାରେ ବୋଧହୁଏ ସବୁକୁ ଡଙ୍ଗାକୁ ନୂଆ ରଙ୍ଗ କରିଦିଆଯାଏ । ନୂଆ ଜାଗାରେ ବେଶି ଆଶା ପାଣିରେ ମିଳେ । ପାଣି ନୀଳ ହେଲେ ବୋଧେ ସବୁ ରଙ୍ଗୀନ ଲାଗେ । କଳା ପାହାଡ ସବୁଜ ହେଲେ ବୋଧେ ଜଙ୍ଗଲର ରଙ୍ଗ ପାଣିକୁ ଓହ୍ଲାଇ ଆସେ । ତା'ପରେ ପାଣିରେ ଭାସୁଥିବା, ନାଚୁଥିବା ଡଙ୍ଗାମାନ ରଙ୍ଗୀନ ହୋଇଯାଆନ୍ତି । ଆଣ୍ଡାମାନରେ କୁଆଡେ ଉଡନ୍ତା ମାଛ ଅଛନ୍ତି । ସେମାନେ ବେଶ ଛେପାଏ ଉଡି ପାଣିରେ ପଡିଯାଆନ୍ତି । ଏକଦମ ଲହଡିର ଶିଖରରୁ ଡେଣା ଖୋଲି ପବନରେ ଭାସିଯିବେ । କିଛି ମାଛ ତ ଏମିତି ଡିଙ୍ଗି ଭିତରେ ଆସି ପଡିଯାଆନ୍ତି । କି ମଜା । କଣ୍ଟା ନପକାଇ ମଧ୍ୟ ମାଛ ଧରି ହେଉଛି । ଏଇଟା ପରା ଆଣ୍ଡାମାନ । ତା' ଭିତରୁ କିଏ କହିଲା । ତୁମକୁ ବହୁ ଜିନିଷ ଆଶ୍ଚର୍ଯ୍ୟ ଲାଗିବ ।

ସମୁଦ୍ରକୂଳରେ ଏକ ଜାହାଜ ଲାଗିଛି । ଜାହାଜଟା ଭଙ୍ଗା ହେବ । ତା' ଉପରେ ଗଛ ଉଠିଗଲାଣି । କେଉଁ କାଳରୁ ଜାହାଜ ଲାଗିଛି କେଜାଣି ? କିନ୍ତୁ ଜାହାଜଟା ଜଙ୍ଗଲିଆ ହୋଇଗଲାଣି । ଏଇଟା ଆଶ୍ଚର୍ଯ୍ୟ । ଲୁହାରେ ଗଛ ଉଠେ ? ଅବିନାଶ ଜାଣିଛି ଭଙ୍ଗା କୋଠାରେ ଗଛ ଉଠେ । କିନ୍ତୁ ଲୁହା ଜାହାଜରେ ? ଏଇଟା ତା'ହେଲେ ଆଶ୍ଚର୍ଯ୍ୟ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାହାଜଗୁଡା ତା'ହେଲେ ଅତି ପୁରୁଣା କୋଠା ଭଳି ଇତିହାସର ଗର୍ଭକୁ ଚାଲିଯାଆନ୍ତି । ଆଉ ଇତିହାସ ଭିତରେ ସମସ୍ତେ ଗଛ ହୋଇ ଜୀବନ୍ତ ହୁଅନ୍ତି । ତେଣୁ ଇତିହାସ ଆଉ ଗଛ ଭିତରେ ବଡ଼ ସମ୍ବନ୍ଧ ଅଛି । ନହେଲେ ସବୁ ଐତିହାସିକ ସ୍ମାରକୀରେ କ'ଣପାଇଁ ଗଛ ଉଠେ ବା ସାପ, ବିଛା ରୁହେ ଆଉ ବୁଢ଼ିଆଣୀ ବସା ବାନ୍ଧେ । କିଛି ସମ୍ବନ୍ଧ ଅଛି ନିଶ୍ଚୟ । ଆଣ୍ଡାମାନର ପାଣିରେ ତା'ହେଲେ ଏ ଜାହାଜମାନଙ୍କର କିଛି କିଛି ଖୋଜିବାପାଇଁ ଇତିହାସ ଅଛି । ପାଖରେ ପାଣି ଭିତରେ ଏକ ଫ୍ଲୋଟିଙ୍ଗ ନାଭାଲ ଜେଟି ଥିଲା । ସେଥିରେ ବେଶ ଆଲୋକ ଜଳିଲାଭଳି ଲାଗୁଥିଲା । ଏକଦମ ନୂଆ ରଙ୍ଗ ହେଲାଭଳି ଜଣାଯାଉଥିଲା । କିଛି ଚକମକିଆ ରଙ୍ଗ କିନ୍ତୁ ନଥିଲା । ସେଇଟା କ'ଣପାଇଁ ? ଭାରତୀୟ ନେଭି ଏବେକାର । ଏପର୍ଯ୍ୟନ୍ତ ବ୍ଲୁ ୱାଟର ନେଭି ହୋଇନି ବୋଲି ଗାଢ ନୀଳ ରଙ୍ଗ ନେଇନି । କିନ୍ତୁ ନୀଳ ପାଣି ଭିତର ଧିରେ ନେଳିଆ ହୋଇଯାଉଛି । ଭାରତର ତା'ହେଲେ ଏକ ବ୍ଲୁ ଓ୍ୟାଟର ନେଭି ହେବାକୁ ଯାଉଛି । ତା'ହେଲେ ଏମିତି ଫ୍ଲୋଟିଙ୍ଗ ଜେଟି ମହାସମୁଦ୍ରରେ ଆଙ୍କୋର କରିବ । ଜୁଏଲ ବା ମୋତି ଭଳି ଚକଚକ କରିବ । ପାଣିରେ ଜୁଏଲ ।

ପାଣିରେ ଲହଡିମାନ ଚକଚକ କରୁଥିଲା । ପାଣିର ଧାରମାନ ଚମକୁଥିଲା । ସେଇ ଏକା ପାଣି, ହଠାତ୍ ଉପରେ ଏକ ଚକଚକିଆ ଧାର । ପାଣିରେ ତା'ହେଲେ ରତ୍ନ ଅଛି । ସେଇଥିପାଇଁ ତ ସମୁଦ୍ରକୁ ରତ୍ନାକର କୁହାଯାଇଛି, ସବୁ ରତ୍ନର ସମାହାର । ସେ ଏପଟ ସେପଟ ଅନାଇଲା । ପାଣିଘାଟ ଜେଟି ପାଖରେ କିଛି ଲୋକ ମାଛ ଧରୁଥିଲେ । ଏପଟକୁ ମଧ୍ୟ ଫେରି ବା ଯାତ୍ରୀ ବୋଟ ଆସେ । ମାଉଣ୍ଟ ହାରିଏଟର ପାଖରେ । କିନ୍ତୁ କମ ଆସେ । ଜେଟି ପାଖ ପଥର ସବୁ ଖାଲି ଖାଲି ଲାଗେ । ଆଉ ଏମିତି ଖାଲି ଯାଗରେ ବଢିଆ ଟୋପି ପିନ୍ଧା ଆଖିରେ ଷ୍ଟାଇଲିଶ ଗଗଲସ ଲଗାଇଥିବା ମାଛଧରାଳୀମାନେ ଆଡ୍ଡାମାରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବସିଯାଆନ୍ତି । ସେମାନଙ୍କ ଆଖିରେ ପାଣିର ଢେଉ ଚକଚକ କରେ । ଆଖି ଭିତରେ ଲେନସ ଲାଗିଥାଏ ଆଉ ସେମାନଙ୍କ କଣ୍ଟା ବହୁତ ଦୂରକୁ ବନଶିରୁ ଛିଟିକି ପଡେ । ସେ କଣ୍ଟାକୁ ସେମାନେ ଗୁଡାଉଥାଆନ୍ତି । ସେଥିରେ ମାଛ କେଉଁଠୁ ଛୁଟିଆସି କାମୁଡି ଧରେ । ସେମାନେ ଚକଚକିଆ ରଙ୍ଗୀନ ଆଲୁମିନିଅମର ମାଛକୁ ଥୋପ କରି ପକାଇଥାଆନ୍ତି । ପାଣିରେ ସେ ଧାତବ ମାଛ ସିରସିର କରି ଖେଳୁଥାଏ ଆଉ ପ୍ରକୃତ ମାଛ ଏହାକୁ ମାଛ ଭାବି କାମୁଡି ଝିଙ୍କି ନେବାକୁ ବସେ । ଏକ ସୁଆଦିଆ ଓଜନିଆ ମାଛ କଣ୍ଟାରେ ଲାଗିଯାଏ । ଅବିନାଶ ସେମାନଙ୍କୁ ଅନାଇଲା । ସେମାନେ ମୋଟେ ଅବିନାଶକୁ ଅନାଉନଥିଲେ । ନିଜ ଆଖିମାନ ପାଣି ଉପରେ ସ୍ଥିର କରି ମାଛକୁ ଅନାଇ ବସିଥିଲେ । ପାଣିରେ ସୂର୍ଯ୍ୟର ଅସଂଖ୍ୟ ପ୍ରତିବିମ୍ବ ଥିଲା ।

ଏଇଠୁ ତୁମକୁ ଉପରକୁ ଚଢ଼ିବାକୁ ପଡ଼ିବ । ଆଗକୁ ଯିବାକୁ କଷ୍ଟ ଅଛି ।

ଆଲୋକିତ ଶିଖର । ଆଉ ପୁରୁଣା ଲମ୍ବା ଟେଲିସ୍କୋପ । ସବୁ କଷ୍ଟ ସହିଯିବି ।

ଅବିନାଶ ଏକ ଖୋଲା ଜାଗାକୁ ଆସିଗଲା । ଭିଉ ପଏଣ୍ଟ । ମାଉଣ୍ଟ ଯିବାପାଇଁ ସମୁଦ୍ରର ପ୍ରଥମ ଭିଉ ପଏଣ୍ଟ, ଅର୍ଥ ଏଇଠୁ ସମୁଦ୍ରର ଏକ ଖୋଲା ଝଲକ । ସମୁଦ୍ର ଅତି ସୁନ୍ଦର ନୀଳ ଦେଖାଯାଉଥିଲା । ତଳେ ନଡିଆ ଗଛର ବିଶାଳ ବଗିଚା, ଆଉ କେଉଁ ତଳେ ପାଣି । ଲହଡି ଦିଶୁନଥିଲା, ବୋଟ ଦିଶୁ ନଥିଲା । ଦୂରରେ ଭୂମି ବଙ୍କେଇ ବୁଲିଯାଇଥିଲା । ଆଉ ନଡିଆ ଗଛର ପଛପଟେ, କୂଳରୁ କିଛି ଦୂରରେ ବତୀଘର ଟିକେ ଦେଖାଯାଉଥିଲା । ଆକାଶରେ ଧଳା ବଉଦ ଥିଲା । ପରିଷ୍କାର ବାତାବରଣ ହେତୁ ସବୁ ଚମକୁଥିଲା । ମଣି ଯେମିତି ବି ହେଉ, କିନ୍ତୁ ଯାତ୍ରାରେ ସୁନ୍ଦର ଦୃଶ୍ୟ ଦେଖିବାକୁ ମିଳିବ । ଅବିନାଶ ନିଶ୍ଚିନ୍ତ ହୋଇ ଛାତିରେ ତାଜା ପବନକୁ ଭରିନେଲା । କେଉଁଠି ଆଉ କିଛି ପାଇଁ ଖାଲି ଜାଗା ଟିକିଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛାଡିଲାନି ।

ରାସ୍ତାର ଶେଷ ମୋଡରେ ରଙ୍ଗର ଭେଳିକି ଲାଗିଛି ।- ଏକ ବୋର୍ଡରେ ଲେଖା ହୋଇଥିଲା ।

ଶେଷ ମୋଡଟା ତାହେଲେ କେଉଁଠି ? ଆଗକୁ ରଙ୍ଗ ତାହାହେଲେ ଅଛି । ଏବେଠୁ ଆରମ୍ଭ ହୋଇଯାଉ । ଅବିନାଶ ନିଜ ରାସ୍ତାରେ ବହୁ ଆକାରର ସୁନ୍ଦର ସୁନ୍ଦର ସବୁଜ ଗଛଲତା ଦେଖିଲା । ବର୍ଷାବନରେ ସବୁଜିମାର ବିବିଧତା ମନ ମୋହିନିଏ, ଏକ ଅନିସନ୍ଧିତ୍ସୁର ଆଖିରେ କେତେ ନୂଆ ଜିନିଷ ଦେଖାଯାଏ । କେତେ ପକ୍ଷୀ ଡାକୁଥିଲେ । ସେ ସେମାନଙ୍କ ସ୍ୱର ବାରିବାକୁ ଚେଷ୍ଟା କରୁଥିଲା । ଅଜଣା ଫୁଲମାନ ରାସ୍ତାରେ ବିଞ୍ଛି ହୋଇ ପଡିଥିଲା । ଏକ ଅଦାଜାତୀୟ ଗଛରେ ସୁନ୍ଦର ଲାଲ ଫୁଲ ଥିବ, ଯେମିତି ଏକ ବଡ଼ ଥୋପା ମନ୍ଦାର । ଏ ଫୁଲରେ ସବୁ ପାଖୁଡାରୁ ଯେମିତି ଏକ ଏକ ଲାଲ ଚମ୍ପାର କଳିକାମାନ ବାହାରି ଆସିଥିଲା ଆଉ ସବୁ କଳିକାକୁ କିଏ ବଡ଼ ଯତ୍ନର ସହ ଗୋଟିଏ ଫୁଲ ଗୋଛା କରିଦେଇଥିଲା । ତଳେ କେଉଁ ବଡଗଛରୁ ସୁନ୍ଦର ହଳଦିଆ ଗୋଲାପୀ ଫୁଲମାନ ଝରିପଡିଥିଲା ଯେମିତି ଚଲନ୍ତା ରାସ୍ତାକୁ କେହି କୁସୁମିତ କରିଦେଉଛି । ଅବିନାଶ ଏକ ଫୁଲକୁ ଉଠାଇ ଆଣି ଦେଖିଲା, ଚମତ୍କାର ଲାଲ ହଳଦିଆ ରଙ୍ଗ, ପାଖୁଡାର ମୂଳ ଆଡକୁ କିଏ ଯେମିତି ଲାଲ ଟିକାମାନ ପ୍ରତି ପାଖୁଡାରେ ଠିକ ଭାବେ ମାରିଦେଇଛି । ଅତି ସୁନ୍ଦର ଫୁଲ । ମୋଡି ମୋଡି ହୋଇଥିବା ବଡ଼ ବଡ ଲଟାମାନ ବଡ଼ ବଡ ଗଛ ଉପରୁ ଝୁଲୁଥିଲା । ସେ ଲଟାମାନଙ୍କର ଗଣ୍ଠି ଦେଖି ଲାଗୁଥିଲା ଯେମିତି ଏକ ବଡ଼ ଅଜଗର ସାପ ଏଡାଳରୁ ସେ ଡାଳ ପର୍ଯ୍ୟନ୍ତ ନିଜ ଦେହକୁ ଲମ୍ବାଇ ଦେଇ ଭିଡିମୋଡି ହେଉଛି । ଯଦି ଏ ଜଙ୍ଗଲରେ ବଡ଼ ସାପ ଥିବେ ତ କଥା ସରିଲା । ଥିବେ ତ ନିଶ୍ଚୟ । ବର୍ମିଜ ପାଇଥନ । ନଥାନ୍ତୁ ପ୍ରଭୁ । ଅବିନାଶ ଜାଣେ ଏ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜଙ୍ଗଲରେ ସବୁଜ ରଙ୍ଗର ସାପମାନ ଡାଳରେ କେଉଁଠି ଲଟକି ରହିଥିବେ । ଆଣ୍ଡାମାନର ନାଗ ସାପ ବା ଅହିରାଜ ସାପ କେଉଁଠି ଜଙ୍ଗଲ ଭିତରେ ବୁଲୁଥିବେ । ଲଟାଗୁଡାକ ଅଧିକାଂଶ ଗଛକୁ କୁଣ୍ଢେଇ ଧରିଥିଲେ ଆଉ ସାପର ଭ୍ରମ ଦେଉଥିଲେ । କିଛି ଲତାର ତ ବହୁତ ସୁନ୍ଦର ବଡ଼ ବଡ ପତ୍ର ଥିଲା ।

ରାସ୍ତାରେ ମଝିରେ ମଝିରେ ଅଜଣା ଗୀତ ସବୁ ଭାସିଆସୁଥିଲା । କେଉଁ ଉପରେ ଗଛ ଡାଳରେ ପକ୍ଷୀମାନେ ବସି ଗୀତ ଗାଉଥିବେ । ଆଣ୍ଡାମାନ ଶାମା, ଉଡ ପିଜନ, ଭାଓଲେଟ କୁକୁ ଆଦି କିଏ କେତେ ମଧୁର ସ୍ୱରରେ ଗୀତ ଗାଉଥିବେ ? ପକ୍ଷୀମାନଙ୍କର ଚମତ୍କାର ରଙ୍ଗ ହୋଇଥିବ । ଉଜ୍ଜ୍ୱଳ କଳା ଆଉ ଧଳା ପେଟଥିବା ଶାମା ଏକ ପୋକ ଧରିଦେଇ ଖୁସି ହୋଇଯାଇ ନିଜ ପ୍ରେମିକା ପାଖରେ ଗୀତଗାଇ ନାଚୁ ନଥବ ତ । ସେମିତିଆ ପକ୍ଷୀକୁ ଦେଖିଲେ ଭଲ ଲାଗନ୍ତା । କିନ୍ତୁ ଏତେ ବିରାଟ ଗଛ ଭିତରେ କେଉଁଠି ଥିବେ କେଜାଣି ? ଜଙ୍ଗଲୀ ସାରୀ ବି ଗୀତ ଗାଉଥିବ । ଅବିନାଶ ବହୁତ ଖୋଜିଲା, କିନ୍ତୁ କିଛି ଖୋଜି ପାଉନଥଲା । ଯାତ୍ରାର କ୍ଲାନ୍ତି ଏ ପକ୍ଷୀମାନଙ୍କ ମଧୁର ସୁର ଦୂର କରିଦେଉଥିଲା । ଗୁଆ ଜାତୀୟ ଏକ ଗଛରେ ଚଅଁର ପଡିଥିଲା ଆଉ ସେଥିରେ ସବୁଜ ରଙ୍ଗର ଫଳସବୁ ଚଅଁରରେ ଗୋଟକ ପରେ ଗୋଟାକୁ ଲିଚୁ ବଲବ ଭଳି କିଏ ଖଞ୍ଜି ଦେଇଥିଲା ।

ଗୀତ ତାହେଲେ ରଙ୍ଗକୁ ନିମନ୍ତ୍ରଣ ଦିଏ ।- ତା’ ମନ ଭିତରେ କିଏ କହିଲା । ସେ ଏକ ଚମତ୍କାର ଜିନିଷ ଦେଖିବାକୁ ଯାଉଛି ବୋଲି ନିଶ୍ଚିତ ହୋଇଗଲା । ରାସ୍ତାରେ କ୍ଲୁ ବା ତଥ୍ୟ ସବୁ ଦିଆଯାଇଥାଏ । କିଛି ନିଜ ମନ ହିିସାବରେ ଖୋଜି ନେବାକୁ ପଡେ ।

ତା’ ଗୋଡପାଖରେ ଏକ ସୁନ୍ଦର ସାରୁ ଜାତୀୟ ଗଛ ଥିଲା । ପତ୍ରଗୁଡା ସାରୁ ପତ୍ର ଭଳି ମୂଳରୁ ଟିକେ ଖୋଲିଯାଇ ଆଗକୁ ମୋଟା ହୋଇ ପରେ ମୁନିଆ ହୋଇଯାଇଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପତ୍ରଗୁଡିକର ୟୁନିଫର୍ମିଟି ପାଇଁ ସୁନ୍ଦର ଲାଗୁଥିଲା, ଚମତ୍କାର ଉଜ୍ଜ୍ୱଳ ସବୁଜ ରଙ୍ଗର ସାରୁ ଗଛଟିଏ ହଳଦିଆ ହୋଇଆସୁଥିବା ପତ୍ରମାନଙ୍କ ଉପରେ ମୁଣ୍ଡ ଟେକି ଠିଆହୋଇ ମୁଣ୍ଡ ହଲାଉଥିଲା । ସାରୁ ଗଛ ପାଖରେ ବେଙ୍ଗଟିଏ ମିଳିଲେ କେତେ ଭଲ ହୁଅନ୍ତା । ବେଙ୍ଗଟିଏ ସାରୁ ପତ୍ରକୁ ଛତା କରି ବର୍ଷା ଉପଭୋଗ କରୁଥିବା ଏଠି ରଙ୍ଗ ବେରଙ୍ଗର ବେଙ୍ଗ ଥିବେ । କାହାର ଲାଲ ରଙ୍ଗ ହୋଇଥିବ ତ କାହାର କଳା, ତ କାହାର ବାଦାମୀ ଆଉ କାହାର ଚମତ୍କାର ଲାଲ କଳା ଛାପିଛାପିକିଆ ରଙ୍ଗ ହୋଇଥିବ । ଏ ବେଙ୍ଗମାନେ ସବୁବେଳେ ସାପର ଭୋଜନ ହୋଇନଥାନ୍ତି । କିଛି ବେଙ୍ଗ ତ ଅନ୍ୟ ପତଙ୍ଗ, ଏମିତି କି ଛୋଟ ସାପକୁ ବୋଧେ ଖାଇଦେଉଥିବ ।

ମନକୁ ବେଙ୍ଗ ଭଳି ଡିଆଇଁଦେଲେ ?

ଆଖି ପିଛୁଳାକେ ତୁମେ ମୋତିର ପାଖରେ ପହଞ୍ଚିବ । ଟେଲିସ୍କୋପରେ ସାରା ଦ୍ୱୀପ ଦେଖିଦେବ । ଆଣ୍ଡାମାନର ଐତିହ୍ୟ ତୁମ ଆଗରେ ଖେଳାଇ ହୋଇପଡ଼ିବ ।

ସେତିକିରେ ହେବନି । ସେଇଟା ପଛରେ । ଅବିନାଶ ଜଙ୍ଗଲ ଭିତରେ ଆଖି ପକାଉଥିଲା । ବର୍ଷାବନରେ ଅପୂର୍ବ ଅର୍କିଡ ଫୁଲମାନ ଥାଏ । ବାସ୍ନା ନାହିଁ, କିନ୍ତୁ ରଙ୍ଗର ଏମିତି ସମାହାର ତାହା ଆଉ କେଉଁ ଫୁଲରେ ଦେଖିବାକୁ ମିଳେନା । ଝୁରୁ ଝୁରୁ ହୋଇ ଓହଳିପଡିଥିବ ଅର୍କିଡ ଫୁଲ, କେଉଁ ବଡ଼ ଗଛର ଡାଳକୁ ସାହାରା ହୋଇ ବଢୁଥିବ ଅର୍କିଡ ଗୁଳ୍ମ । ଅବିନାଶର ଆଖି ଜଙ୍ଗଲୀ ଗଛରେ ବୁଲୁଥିଲା । ଅର୍କିଡ ମିଳୁ କି ନମିଳୁ କିନ୍ତୁ ଜଙ୍ଗଲର ଅପୂର୍ବ ରଙ୍ଗର ବର୍ଣ୍ଣାଳୀରେ ସେ ଅଭିଭୂତ ହେଉଯାଉଥିଲା । ନବ ପତ୍ରର ରଙ୍ଗ ଆଉ ରୂପଛଟା ତା' ମନର ଆକାରକୁ ବୃଦ୍ଧିକରୁଥିଲା । ଏମିତି ଗଢଣ ଏକ ଛୋଟ ପତ୍ର, ଏକ ଛୋଟ ଅଗରେ କେମିତି ସଜାଇ ହୋଇପାରିଲା ବୋଲି ସେ ଭାବୁଥିଲା । ଏକ ନୂଆ ପତ୍ର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଫିକା ଲଲ, ମୋଟା ଆକାରର, ଆଉ ମୋଡି ହୋଇଥିବା ଗଢଣ ତା'କୁ କେମିତି ନୂଆ ରୂପ ଦେଉଥିଲା । ଗଛ ପ୍ରଥମରୁ ଏକ ଗୁଳ୍ମ ଥାଏ, ରଙ୍ଗ ଆଉ ବର୍ଣ୍ଣର ପ୍ରଥମ ସମ୍ଭାର ଆଉ ପରେ ନିଜର ଦ୍ୟୁତି ପ୍ରଦାନ କରେ । ବେତ ଲଟାଗୁଡିକ ହାଲୁକା ସବୁଜ ପତ୍ରସହ ନିଜ ଛଟା ଦେଖାଉଥିଲେ । କିଛି ବର ଜାତୀୟ ଗଛରୁ ଚେରମାନ ତଳକୁ ଝୁଲିଆସିଥିଲା ସତେ ଯେମିତି ଦୋଳି । ଏମିତିଆ ଦୋଳିରେ ଗୋଧି ଭଳି ବଡ଼ ଝିଟିପିଟିଟିଏ ଓହ୍ଲାଇ ଆସି ଦୋଳି ଖେଳନ୍ତା କି ?

ପ୍ରଥମ ଆଲୋକ ଏଇଠୁ ଦେଖିହୁଏ ।- ଏକ ବୋର୍ଡ ଲଗାହୋଇଥିଲା ।

ଅବିନାଶ ସେତେବେଳକୁ ଏକ ବଡ଼ କାଠର ଓ୍ୟାଚ ଟାୱାର ଉପରେ ଚଢ଼ି ସମୁଦ୍ର ଆଡକୁ ଅନାଇଥିଲା । ଅପୂର୍ବ ଦୃଶ୍ୟ । ନାହିଁ ପଟ୍ଟାନ୍ତର । ଅବିନାଶ ମୁହଁରେ ଭାଷା ନଥିଲା ବର୍ଣ୍ଣନା କରିବା ପାଇଁ । ରଙ୍ଗର ଅପୂର୍ବ ସମାହାର । ମଣିଷ ପାଖରେ ଅପୂର୍ବ ଦୃଶ୍ୟକୁ ବର୍ଣ୍ଣନା କରିବା ପାଇଁ ଭାଷା କ'ଣ ପାଇଁ ଆସେନା କେଜାଣି ? ସାମାନ୍ୟ ବର୍ଣ୍ଣନା ମାତ୍ର କରିପାରେ । କିନ୍ତୁ ବହୁ ବର୍ଣ୍ଣନା ଅବର୍ଣ୍ଣନୀୟ ହୋଇ ରହିଯାଏ । ଯେତେବେଳେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ନିଜର ସର୍ବବ୍ୟାପୀ ରୂପ ଦେଖାଇଲେ, ସେ ଭିତରେ ଥିଲା ଅସଂଖ୍ୟ ଗ୍ରହ, ସୂର୍ଯ୍ୟ, ଧୂମକେତୁ । ଅର୍ଜ୍ଜୁନ ତା'କୁ ବର୍ଣ୍ଣନା କରିପାରିଲେ ନାହିଁ । ବିଶ୍ୱରୂପ ଦେଖିବା ପାଇଁ ଚକ୍ଷୁର ଆବଶ୍ୟକ ଆଉ ବର୍ଣ୍ଣନା ପାଇଁ ନୀରବତା ଆବଶ୍ୟକ । ଦୁଇଟା ଅର୍ଜ୍ଜୁନଙ୍କ ପାଖରେ ନଥିଲା । ସେ ରୂପ ଦେଖିନେଲେ କିଂଚିତ, କିନ୍ତୁ ପୁରା ଦେଖିପାରିଲେନି, ଅତି ସାମାନ୍ୟ ବର୍ଣ୍ଣନା କରିପାରିଲେ । ସେମିତି ଅବିନାଶକୁ ଲାଗୁଥିଲା ।

ଅପୂର୍ବ ନୀଳିମା ଭିତରେ ଏକ ଦ୍ୱୀପ ମୁଣ୍ଡ ଟେକିଛି । କେଉଁଠି ସାମାନ୍ୟ ନୀଳ ତ କେଉଁଠି ଗାଢ ନୀଳ । କୂଳରେ ସାମାନ୍ୟ ଲହଡିର ପାଣିଚିଆ ନୀଳ ଧାର । ସେଇଟା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାହାଡିଆ ହୋଇଥିବ ନହେଲେ କୂଳରେ ଧଳା ଧାର ଦେଖାଯାଆନ୍ତାନି । ଦ୍ୱୀପ ଅଛି ମଝିସମୁଦ୍ରରେ । ଧିରେ ସମୁଦ୍ର କେମିତି ପାଣିଚିଆ ହୋଇଯାଉଛି ପଛକୁ, ଆହୁରି ପଛକୁ ଆଉ ସମୁଦ୍ର ଆକାଶରେ ମିଶି ଯାଇଛି । ମିଳନ ସ୍ଥାନରେ ଏକ ହାଲୁକା ରଙ୍ଗର ଧଳା ନୀଳ ପଟ୍ଟୀ । ଦୁଇ ଅନନ୍ତ ଏକା ଜାଗାରେ ମିଳନ୍ତି । ଘନ ନୀଳ ଆକାଶରେ ଧଳା ମେଘର ସମାହାର । କେତେ ଯେ ରୂପ ନେଇଛି ହିସାବ କରିହେଉନି । ସବୁ ଆକାରରୁ କିଛି ନା କିଛି ରୂପ ବାହାରି ଆସୁଛି ଆଉ ପରିବର୍ତ୍ତନ ଗଢୁଛି ପ୍ରତି ମୁହୁର୍ତ୍ତରେ । କିଛି ନିଶ୍ଚିତ ନୁହେଁ, ପରିବର୍ତ୍ତନୀୟ ଏ ମୁହୁର୍ତ୍ତର ପରେ । ଏତେ ନୀଳ, ଧଳାର ବର୍ଣ୍ଣନା ପରେ ଅବିନାଶ ନିଜକୁ ଆତ୍ମବିସ୍ମୃତ କରିଦେଇଥିଲା ।

ତୁମ ପାଇଁ ଏକ ଅମୂଲ୍ୟ ରତ୍ନ । ଐତିହ୍ୟ ।

ଅବିନାଶ ବୁଝିପାରିଲାନି କ'ଣ କୁହାଯାଉଛି । ତା' ଆଗରେ ଏକ ବଡ଼ ବେତଗଛ ତଳ ଜଙ୍ଗଲରୁ ମୁଣ୍ଡ ଟେକିଥିଲା ଆଉ ଏହାର ନୂଆ ପତ୍ରମାନ ବାଉଁଶର ଅଗଭଳି ବାହାରିଥିଲା, ପତ୍ର ବାହାରିବା ବାହାରିବା ହେଉଛି, ରଙ୍ଗ ସାମାନ୍ୟ ହଳଦିଆ ନୀଳ । ସେଇ ଅଗରେ ଛୋଟ ଥଣ୍ଟଥିବା ଏକ ହଳଦିଆ ଧଳା, ବୋଧହୁଏ ଗୋଲଡେନ ଓରିଓଲ ଚଢେଇ ବସି ଅବିନାଶକୁ ଲକ୍ଷ୍ୟ କରୁଛି । ତା' ପରେ ଆଉ କିଛି ନାହିଁ, ବହୁତ ଦୂର ଯାଏ ସବୁଜ ଶୂନ୍ୟତା । ଏଇ ଦେଖୁଥିବା ଚଢେଇ ଜଙ୍ଗଲର ରତ୍ନ ହୋଇପାରେ ।

ଅବିନାଶ ଗତ କିଛି ରାତିରେ ପୋର୍ଟବ୍ଲେଆର ପଟୁ ମାଉଣ୍ଟ ହାରିଏଟର ଅଗ ଚମକିଲା ପରି ଦେଖିଥିଲା । କଳା ପାହାଡ ଉପରେ ତାରା କେମିତି ଲାଖି ଯାଇଛି । ପାହାଡ ଏକଦମ ଅନ୍ଧାର ଭିତରେ ବୁଡିଥିଲା । ସେତେବେଳେ ସେ ଭାବୁଥିଲା ପାହାଡକୁ ତାରା ଓହ୍ଲାଇ ଆସେ ଆଉ ପାହାଡର ମଣି ପାଲଟିଯାଏ । ତେଣୁ ଯେତେବେଳେ ସେ ମଣି କଥା ଶୁଣିଥିଲା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେତେବେଳେ ସେ ବେଶ ଉତ୍ସାହିତ ହୋଇଯାଇଥିଲା । ହୋଇପାରେ ଅତି ଉଜ୍ଜ୍ୱଳ ବିଦ୍ୟୁତ ବତୀ । କିନ୍ତୁ ଜଳୁଛି ତାରା ଭଳି । ମଣି । ତା’ କାନରେ ଆଉକିଏ କହୁଥିଲା ।

ରସ ଦ୍ୱୀପର ପ୍ରତିଫଳନ ତ ତୁମେ କିଛି ରାତିରେ ଦେଖିଛ । ରାତିରେ ଦ୍ୱୀପରୁ ଆଲୋକ ପ୍ରତିଫଳିତ ହୁଏ ? ଆଶ୍ଚର୍ଯ୍ୟ ଲାଗୁଛି ।– ସେ ନିଜକୁ ନଜେ କହିଲା ।

ତୁମେ ଏଇ ଟେଲିସ୍କୋପରୁ ଦୂର ଦ୍ୱୀପ ଦେଖିପାରିବ ।– ଲୋକଟିଏ ଧିରେ କହିଲା ।

ତୁମେ ?

ମାଉଣ୍ଟ ହାରିଏଟର ଟେଲିସ୍କୋପ ଅପରେଟର ।

ଅବିନାଶ ଚମକି ପଡିଲା । ଏତେ ଜଲଦି ସେ ଟେଲିସ୍କୋପ ପାଖରେ ପହଞ୍ଚି ଯାଇଛି ବୋଲି ନିଜକୁ ବିଶ୍ୱାସ କରିପାରିଲାନି । ତା’ ଆଖି ଚମକି ଉଠିଲା । ଉପରେ ଆକାଶ ଅବର୍ଣ୍ଣନୀୟ ନୀଳ ଥିଲା । ଯେଉଁ ଟେଲିସ୍କୋପ କଥା ଏତେ ଶୁଣିଥିଲା, ସେଇ ଟେଲିସ୍କୋପ ତା’ ଆଗରେ । ପାଖରେ ଖୁନ୍ଦିଖାନ୍ଦି ହୋଇ ମାଡି ଆସୁଥିବା ଲୋକମାନେ ନାହାନ୍ତି । ବହୁତ ଭଲ ବନ୍ଦୋବସ୍ତ । ଅବିନାଶ ଅନାଇଲା । ଏକ ସୁନ୍ଦର ଲମ୍ବା ଟେଲିସ୍କୋପ । ପିତଳର ଚକଚକିଆ ଟ୍ୟୁବ । କାଚ ବେଶ ମୋଟା ଲାଗୁଛି । ପିତଳକୁ ଏତେ ପରିଷ୍କାର କରାଯାଇଛି ଯେ ସେଥିରେ ସାମାନ୍ୟ ଦାଗ ବି ରହିନି । ପିତଳ ଯେତେ ଭଲ ହେଲେବି ଆଦ୍ର ବାତାବରଣରେ ସାମାନ୍ୟ ନେଳିଆ ପଡିଯାଏ । କିନ୍ତୁ ଏହାକୁ ଯେମିତି କିଏ ଅତି ପରିଷ୍କାର କରି ରଖିଛି । ଏଠିକାର ନିୟମ ବୋଧେ । ସତରେ କ’ଣ ପଛଘଟଣା ସବୁକୁ ଫୋକସ କରିପାରିବ ? ଅଧିକ କିଛି ବତାଇବା ପାଇଁ ପାଖରେ ଅପରେଟର ମଧ୍ୟ ଅଛି । ଭଲ ବନ୍ଦୋବସ୍ତ ଅଛି ମାଉଣ୍ଟ ହାରିଏଟରେ ।

ତୁମେ ଏହି ଟେଲିସ୍କୋପରେ ବହୁ ଦୂର ଜିନିଷ ସ୍ପଷ୍ଟ ଦେଖିପାରିବ । ତୁମେ ଭାବି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଉନଥିଲା ଭଳି ସ୍ୱଷ୍ଟ ।- ଅପରେଟର କହିଲା ।

ଅବିନାଶ ଟେଲିସ୍କୋପକୁ ଛୁଇଁଲା । ଲାଗିଲା ତା' ଦେହରେ ଯେମିତି ଏକ ହାଲୁକା ବିଦ୍ୟୁତ ତରଙ୍ଗ ବୋହିଯାଉଛି । ସାମାନ୍ୟ ବିଦ୍ୟୁତ ଝଟକା ଲାଗିଲେ ଦେହ କେମିତି ରୋମାଞ୍ଚିତ ହୋଇଯାଏ, ଦେହରୁ ସବୁ ଆଳସ୍ୟ ଚାଲିଯାଏ ଆଉ ମନ ସତେଜ ହୋଇଉଠେ । ତା'କୁ ଟେଲିସ୍କୋପ ଟିକେ ଉଷୁମ ଲାଗୁଥିଲା, ଧାତବ ତ ଉଷୁମ ରଖିବା କଥା ନୁହେଁ. କିନ୍ତୁ କ'ଣପାଇଁ ଉଷୁମ ଥିଲା ଯେମିତି କିଏ ତା'କୁ ନିଜ ମୁଠାରେ ବନ୍ଦ କରି ରଖିଛି ଆଉ ଅବିନାଶର ବ୍ୟବହାରପାଇଁ ଏଇ କାଢି ଦେଇଛି । ଅବିନାଶ ଆଗରେ ଲେଖାଯାଇଥିବା ମାର୍କରମାନଙ୍କୁ ଦେଖିଲା । କ'ଣ ଦେଖାଯାଉଛି ଜାଣିବା ଦରକାର । ରସ ଦ୍ୱୀପ । ଆଜି ନୂଆ ନାମକରଣ ହୋଇଯାଇଛି । କିନ୍ତୁ ପୁରୁଣା ରସର ନାମକରଣ ଲୋକଙ୍କ ତୁଣ୍ଡକୁ ପୁରା ଯାଇନି । କିଛି ସମୟ ଲାଗିବ । କିନ୍ତୁ ଧୀରେ ନାମ ବଦଳିଯିବ ।

ଅବିନାଶ ଯନ୍ତ୍ରଟିକୁ ଭଲକରି ଦେଖିଲା । ଏ ଟେଲିସ୍କୋପରେ ଭିତରେ ଗୋଟିଏ ଭିତରେ ଗୋଟିଏ ହୋଇ ତିନିଟା ନଳୀ ଥିଲା. ସବୁଠାରୁ ସରୁ ନଳୀ ଆଇ-ପିସ ବା ଆଖିକୁ ଫୋକସ ପାଇଁ ଥିଲା, ତା' ପର ନଳୀ ଦୂର ଫୋକସ, ଆଉ ସବୁଠାରୁ ଲମ୍ବା ନଳୀରେ କ୍ୟାମେରା ଫୋକସର ଲେଖା ଯେମିତି ଥାଏ, ସେମିତି /୧, /୨, /୧, /୧୦୦, /୨୦୦ ଇତ୍ୟାଦି ଲେଖାଥିଲା । ତୃତୀୟ ନଳୀର ଶେଷରେ ଏକ ବଡ଼ ଫିଲଟର ଗ୍ଲାସକୁ ହାତରେ ଘୁରାଇ ହେଉଥିଲା । ଯନ୍ତ୍ରଟି ଏକ ରଷ୍ଟ ଆଇରନ ମାଉଣ୍ଟ ଉପରେ ଲଗାଯାଇଥିଲା । ସେ ମାଉଣ୍ଟଟା ଏତେ ନୂଆ ଲାଗୁଥିଲା ଯେମିତି ଏଇ କାଲି କାରଖାନାରୁ ଆସିଛି ।

ଏହା ଦୂରବୀକ୍ଷଣ ଆଉ ସମୟବୀକ୍ଷଣ ଯନ୍ତ୍ର । ପ୍ରଥମ ଦୁଇ ନଳୀରେ ତୁମେ ଦୂର ଜିନିଷକୁ ପାଖ ହିସାବରେ ଦେଖିପାରିବ, ଯେମିତି ତୁମେ ଅନ୍ୟ ଦୂରବୀକ୍ଷଣ ଯନ୍ତ୍ରରେ ଦେଖ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତୃତୀୟ ନଳୀର ଲେନସକୁ ଘୁରାଇ ତୁମେ ନିଜ ହିସାବରେ ବିତିଯାଇଥିବା ସମୟକୁ ଆଗ ପଛ କରିପାରିବ । ଏଇଟା ଏ ଯନ୍ତ୍ରର ବିଶେଷତ୍ୱ ।- ଅପରେଟର କହିଲା ।

ଅବିନାଶ ନିଜ ହିସାବରେ ଦୂରବିକ୍ଷଣ ଯନ୍ତ୍ରକୁ ରସ ଦ୍ୱୀପ ଉପରେ ଫୋକସ କରିନେଲା । ତା'କୁ ଦ୍ୱୀପ ନୂଆ ଭଳି ଦେଖାଗଲା ।  ଖୋଲା ସମୁଦ୍ର ଆଡକୁ ଦ୍ୱୀପଟି ଉଚ୍ଚ ହୋଇଯାଇଛି ଆଉ ତଳେ ଶେଷରେ ଏକ ବତୀଘର ଅଛି ।  ସେ ସମୟବୀକ୍ଷଣ ନଳୀ ଉପରେ ହାତ ଘୁରାଇଲା ।  ବହୁତ କିଛି ଦେଖାଇ ଚାଲୁଥିଲା ।  ଆରେ କ'ଣ ଭିତରେ ଲୋକ ଦେଖାଗଲେଣି ! କୋଠା ସବୁ ଦେଖାଗଲାଣି ! ସେ କୋଠାମାନଙ୍କ ଉପରେ ଫୋକସ କରି ଦେଖୁଥିଲା ଆଉ ତା' ଆଙ୍ଗୁଳି ସମୟବୀକ୍ଷଣ ରିଙ୍ଗ ଉପରେ ଘୁରୁଥିଲା ।  କ'ଣ ଅଛି ଏ ଦ୍ୱୀପରେ ? ସାଧାରଣ ଦ୍ୱୀପ ଭଳି ଲାଗୁଛି ।  ଅବିନାଶ ନିଜ ଭିତରେ ଏକ ପ୍ରଶ୍ନର ସ୍ରୋତ ତିଆରି କରୁଥିଲା ।  ପ୍ରତିଟି ଭାଙ୍ଗକୁ ସେ ଦେଖି ସେଥିରୁ କିଛି ଉତ୍ତର ମଧ୍ୟ ବାହାର କରୁଥିଲା ।

ଅନେକ ଭଙ୍ଗା କୋଠା ଦେଖାଗଲା ।  ସବୁରେ ଶିଉଳି ମାଡିଯାଇଛି ।  କିଛି କାଠର ଦୁଆର ବା ଝରକା ନାହିଁ, କେବେଠୁ କାହିଁ ସଢିଯାଇଛି, ଲୁହା କଳଙ୍କି ଲାଗି ଝଡିଯାଇଛି । ଗଛର ମୋଟା ମୋଟା ଚେର ସବୁ ମାଡିଯାଇ, ବଙ୍କେଇ କୋଠାର ତୋରଣ ଭଳି ଆକାର କରିଛି ।  ସବୁ କୋଠାର ସେହି ଦଶା ।  ଆଣ୍ଡାମାନରେ କିଛି ବର୍ଷ ଅବ୍ୟବହୃତ ରହିଲେ ଗଛ ଆସିଯିବା ସ୍ୱାଭାବିକ । କାଳର ଗର୍ଭରେ ସବୁଧିରେ ଲୋପ ପାଇଯାଉଛି ।

ଅବିନାଶ ଆଉ ସମୟବୀକ୍ଷଣ ରିଙ୍ଗକୁ ନବୁଲାଇ ନିଜ ଆଖିକୁ ଆଇ ପିସ ଉପରୁ ହଟାଇ ନେଲା ।  ଅସ୍ପଷ୍ଟ କିନ୍ତୁ ଭଲ ଭାବରେ ବାରି ହେଉଥିବା ଭୂମି ଦେଖାଗଲା । ଅପରେଟର ମଧ୍ୟ ଚିହ୍ନାଇ ଦେଉଥିଲା ।  ସେପଟେ ପୋର୍ଟବ୍ଲେଆରର ମୁଖ୍ୟ ଭୂମିରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆବର୍ଦ୍ଧୀନ ଜେଟି । ବାଟ ହେଇଠି ଦେଖାଯାଉଛି । ରସ ଦ୍ବୀପ ମୁଖ୍ୟ ଦକ୍ଷିଣ ଆଣ୍ଡାମାନ ଦ୍ବୀପର ଆଗରେ ପ୍ରହରୀ ଭଳି ଠିଆହୋଇ ବଡ଼ ସମୁଦ୍ରରୁ ଆସୁଥିବା ବଡ଼ ବଡ ଲହଡିକୁ ଅଟକାଇ ଦେଉଛି । ତେଣୁ ଦୁଇ ଭୂମ ମଝିରେ ସମୁଦ୍ର ଅଶାନ୍ତ ଲାଗୁନି ।

ପହଁରି ଯାଇହେବ ।- ଅବିନାଶ କହିଲା ।

ଆଗକୁ ତୁମେ ବହୁ ପହଁରି ଯାଇଥିବା ଲୋକଙ୍କ କଥା ଜାଣିବ ।- ଅବିନାଶ ମନର ଦ୍ବିଧାକୁ ଅପରେଟର ଦୂର କରିଦେଉଥିଲା ।

ଦେଖିଲେ ତ ସାହାସ ଆସୁଛି ।

ରସ ଦ୍ବୀପରେ ରହିଲେ ସାହାସ ମନକୁ ମନ ଆସିଯିବା କଥା । ରସ ଦ୍ବୀପ ସେ ଦିନମାନଙ୍କରେ ସବୁଠାରୁ ବୈଚିତ୍ରବ୍ୟଞ୍ଜକ, ଆକର୍ଷଣୀୟ ଦ୍ବୀପ ହୋଇଉଠିଥିଲା । ଇଂରେଜମାନେ ନିଜ ସୁଖ ସୁବିଧାପାଇଁ ସବୁ ଖଞ୍ଜି ରଖିଥିଲେ । ଅଫିସର୍ସ କ୍ଲବ ଆଉ ଚିଫ କମିଶନରଙ୍କ ବଙ୍ଗଲୋ ସବୁଠାରୁ ଆକର୍ଷଣୀୟ କୋଠା ଥିଲା । ଏହା ତିଆରି ହୋଇଥିଲା କଇଦୀମାନଙ୍କ ଶ୍ରମରେ ଆଉ ତଦ୍‌ପଶ୍ଚାତ କଇଦୀମାନେ ସେଠାରେ ସଫା ସୁତୁରା କାମରେ ନିୟୋଜିତ ଥିଲେ ।

କେହି କେହି ପ୍ରଶଂସା କରି ରସ ଦ୍ବୀପକୁ ତା'ର ଅନନ୍ୟ ଆକର୍ଷଣ ପାଇଁ ତୁଳନା କରି କହୁଥିଲା- ପୂର୍ବର ପ୍ୟାରିସ ଏହି ଦ୍ବୀପ, କଳ୍ପନା, ପ୍ରେମ ଆଉ ସ୍ବପ୍ନ ବିଳାସର ପାଇଁ ।

କ୍ରମଶଃ. . .

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭାଗ୍ୟ ଭବିଷ୍ୟ



ସିଦ୍ଧେଶ୍ୱର ତ୍ରିପାଠୀ

ବଟିଆ ଭାରି ଭଲ ପିଲା ଥିଲା ଭଲ ପାଠ ପଢୁଥିଲା । କର୍ମ ଉପରେ ବିଶ୍ୱାସ କରୁଥିଲା ଏଇ ଧର୍ମର ବାହ୍ୟ ଆଡ଼ମ୍ବର ତାକୁ ଭଲ ଲାଗୁନଥିଲା । ସେ ମେଟ୍ରିକ ପାସ କରିଛି । ଏବେ ଏମିତି କଣ ହେଲା କେଜାଣି । ବାହା ସାହା ହେଇଥିଲା କାମ କରୁଥିଲା ତାର ଦୁଇ ଝିଅ ସବୁ ଠିକ୍ ଠାକ ଚାଲୁଥିଲା ।

ଏଇ ପଡ଼ୋଶୀଙ୍କ ଧନ ବନ୍ଧୁ ମାନଙ୍କ ଅଧିକ ରୋଜଗାର ଆଉ ସ୍ତ୍ରୀର ପ୍ରରୋଚନାରେ ସେ ଏବେ ବ୍ୟସ୍ତ । ଏ ଗାଁରୁ ସେ ଗାଁ ବୁଲୁଛି କୋଉଠି ଦିଅଁ ଲାଗୁଛନ୍ତି । ମଙ୍ଗଳା ସନ୍ତୋଷୀ କମଳିନୀ ହାଡ଼ବାଇ ହନୁମାନ ସବୁ କାଳେସିଙ୍କ ପାଖରେ ହାଜର । ସେଠି ମନ ନବୁଝିଲେ କେତେ ବାବାଙ୍କ ପାଖକୁ ଧାଉଁଛି । ଏଇ ଦିଚାରିଟା ବାବାଙ୍କ କେସ ଆଉ ଜେଲ୍ ପରେ ଆଉ ଭବିଷ୍ୟତ ଜାଣିବାକୁ ବାଟ କାଇଁ ଯେ, ହଁ ଜ୍ୟୋତିଷ ଭରଷା ।

ଏବେ ତ ଜ୍ୟୋତିଷ ଗୋଟେ କୋର୍ସ ହେଇଗଲା ଯିଏ ପାଇଲା ସିଏ ପଢିଲା ଗାଁଠୁ ସହର ମାଳ ମାଳ ଜ୍ୟୋତିଷ । ଯିଏ ଯୋଉ ଜାତିର ହେଇଥାଉ ଜ୍ୟୋତିର୍ବିଦ ସାଜିଗଲେ ଭଲ ଦି ପଇସା ମିଳିବ । ତା ସାଙ୍ଗକୁ ମୁଦି ମାଳି ବିକ୍ରିର ଏବେ ଭଲ ଚାହିଦା । ଆଉ ଯଦି ଡେଉଁରିଆ ତିଆରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରି ବିକି ପାଇଲ ବହୁତ ବଢିଆ । ଆଉ ଏ ଗ୍ରହ ପାଇଁ ଅମୁକ ପୂଜା ସେ ଗ୍ରହ ପାଇଁ ସମୁକ ପୂଜା କହି ପୂଜକ ଠିକ୍ କଲେ ମୋଟା ଅଙ୍କର କମିସିନି ବି ଅଛି ।

କେତେ ଜ୍ୟୋତିଷଙ୍କୁ ଭେଟି ହାତ ଦେଖେଇ ଜାତକ ଦେଖେଇ ମନ ବୁଝୁନି ଭଲ ସମୟ କେବେ ଆସିବ ଯେ ଏବେ ଗୋଟେ ବଡ଼ ଜ୍ୟୋତିଷଙ୍କୁ ଭେଟିଲା ଦୁଇହଜାର ନେଲେ । ସିଏ ଟିଭିରେ ପେପରରେ ସବୁଦିନ ଆସୁଛନ୍ତି ପରା ।

ଏଇ କୋଣାର୍କ ଟିଭି ଧଳା ପେଚା ହନୁମାନ ପଇସା କୁମ୍ଭାଟୁଆ ବସାରେ ରଖିଥିବା କାଠି ଖୋଜା ଚାଲିଛି । ଯା ଭିତରୁ ଗୋଟେ ତ ମିଳିଗଲେ କେତେ କଥା । ଜ୍ୟୋତିଷ କହିଛନ୍ତି ପରା ଆଗକୁ ତାର ଦ୍ୱିତୀୟ ବୃହଷ୍ପତି ଆସୁଛି ପ୍ରଚୁର ଧନ ଲାଭ ହେବ ।

ପଇସା ମେଞ୍ଚେ ମିଳିବ ଘର ଗାଡି ଦାମୀ ମୋବାଇଲ ସବୁ ହବ ଦୁଇ ଝିଅ ଭଲ ଜାଗାରେ ବାହା ହେବେ ।ଏଇ ମିଛ ମୋହରେ ପଡି ସେ ଆଉ କିଛି କାମଧନ୍ଦାକୁ ଯାଉନି । ସ୍ତ୍ରୀଟା ତାର ଛୋଟ ଚାକିରି ଖଣ୍ଡେ କରିଛି ନହେଲେ ପରିବାର ଟା କେବେଠୁ ନଷ୍ଟ ହୋଇ ସାରନ୍ତାଣି । ଦେଖାଯାଉ ଦିଅଁ ଦେବତା ତ ଯା ତା ଦେହରେ ଆସି ବୁଝି ପାରିଲେନି । ବାବା ମାତା ତ କାମ କଲେନି । ଏବେ ଜ୍ୟୋତିଷ ବାଣୀ ହିଁ ଭରଷା ।

ସିଦ୍ଧେଶ୍ୱର ତ୍ରିପାଠୀ

ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶେଫାଳି



ସୁଧାଂଶୁ ଶେଖର
ଦ୍ୱିବେଦୀ

ଶେଫାଳି ଫୁଲର ଲୋକପ୍ରିୟତାରେ ବିଭିନ୍ନ ପ୍ରକାର ଲୋକକଥା, କିମ୍ବଦନ୍ତୀ ଆଦି ପ୍ରଚଳିତ । ଅନେକେ ତାକୁ ସ୍ୱର୍ଗର ଫୁଲ ବୋଲି କୁହନ୍ତି । ଆଉ କୋଉଠି ଜଣେ ଦୁଃଖିନୀ ସ୍ତ୍ରୀ ରୂପେ ବର୍ଣ୍ଣନା କରା ହୋଇଛି । ପୌରାଣିକ କଥାନୁସାରେ ଶେଫାଳି ଦେବରାଜ ଇନ୍ଦ୍ରଙ୍କ ନନ୍ଦନକାନନର ଏକ ପବିତ୍ର ତଥା ସୁଗନ୍ଧିତ ଫୁଲ ।

ଥରେ ଦେବର୍ଷି ନାରଦ ଉକ୍ତ ଫୁଲର କଥାବସ୍ତୁକୁ ସଂଯୋଗ କରି ଭଗବାନ ଶ୍ରୀକୃଷ୍ଣଙ୍କ ପତ୍ନୀ ସତ୍ୟଭାମାଙ୍କର ଗର୍ବ ଭଙ୍ଗ କରିଥିଲେ ।

ଶ୍ରୀକୃଷ୍ଣଙ୍କର ପତ୍ନୀ ସତ୍ୟଭାମା ଆନିନ୍ଦ୍ୟ ସୁନ୍ଦରୀ ଥିଲେ । ରୂପବତୀ ହେବା ସତ୍ତ୍ୱେ ଧନଧାନ୍ୟରେ ସମ୍ପନ୍ନ ଥାଆନ୍ତି । ତାଙ୍କ ପିତାଙ୍କ ନିକଟରେ ଅମାପ ଧନ ସମ୍ପତ୍ତି ଥିଲା । ସତ୍ୟଭାମାଙ୍କ ମନରେ ଏଥିପାଇଁ ଗର୍ବ ଥାଏ ଯେ ତାଙ୍କ ପରି ସୁନ୍ଦରୀ ଏବଂ ବୈଭବଶାଳୀ ଶ୍ରୀକୃଷ୍ଣଙ୍କର ଅନ୍ୟ ପତ୍ନୀଙ୍କ ସମକକ୍ଷ ଆଉ କେହି ନାହାନ୍ତି । ରୂପ ଓ ଧନ ବଳରେ ଶ୍ରୀକୃଷ୍ଣଙ୍କୁ ଆକର୍ଷଣର ଆଧାର ଭାବି ଯାହା ଚାହିଁବେ ତାହା କରିପାରିବେ ବୋଲି ମନ ମଧ୍ୟରେ ନିର୍ଣ୍ଣୟ ନେଇଥାଆନ୍ତି ।

ଦେବର୍ଷି ନାରଦ ଭଗବାନ ଶ୍ରୀକୃଷ୍ଣଙ୍କର ପରମ ଭକ୍ତ । ସେ ଜାଣିଥାନ୍ତି, ଶ୍ରୀକୃଷ୍ଣ ହିଁ ସ୍ୱୟଂ ନିରାକାର । ତାଙ୍କୁ ରୂପ ଏବଂ ଧନରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଶୀଭୂତ କରିହେବ ନାହିଁ । ସତ୍ୟଭାମାଙ୍କର ଗର୍ବ ଦେଖି ସେ ଆଉ ସହ୍ୟ କରିପାରିଲେ ନାହିଁ । ସେପଟେ ସତ୍ୟଭାମାଙ୍କର ଗର୍ବ ଦିନ ପ୍ରତିଦିନ ବଢି ଚାଲିଥାଏ । ଶେଷରେ ଦିନେ ଦେବର୍ଷି ସତ୍ୟଭାମାଙ୍କର ଗର୍ବ ଖଣ୍ଡନ ପାଇଁ ନିର୍ଣ୍ଣୟ ନେଲେ । ସେ ଜାଣିଥାନ୍ତି ଶ୍ରୀକୃଷ୍ଣଙ୍କ ଉପରେ ଧନ, ରୂପ, ବୈଭବ କିଛି ପ୍ରଭାବ ପଡିବ ନାହିଁ । ସେ ତ ପରମପିତା ପରମେଶ୍ୱର । ନିର୍ଣ୍ଣୟ ଅନୁସାରେ ଦିନେ ସେ ଇନ୍ଦ୍ରଙ୍କ ନନ୍ଦନବନରୁ ଏକ ଶେଫାଳି ଫୁଲ ତୋଳି ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ପହଞ୍ଚିଲେ । ସେତବେଳେ ଶ୍ରୀକୃଷ୍ଣ ଦେବୀ ରୁକ୍ମଣୀଙ୍କ ପାଖେ ବିସି ବର୍ତ୍ତାଳାପ କରୁଥାନ୍ତି । ଅପୂର୍ବ ସୁନ୍ଦରୀ ସତ୍ୟଭାମା ମଧ୍ୟ ନିକଟରେ ଛିଡା ହୋଇଥାନ୍ତି ।

ଶ୍ରୀକୃଷ୍ଣଙ୍କୁ ନାରଦଙ୍କ ଆସିବା ସୂଚନା ମିଳିବା ମାତ୍ରେ ସତର୍କ ହୋଇଗଲେ । ନାରଦଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ସେ ପୂର୍ବରୁ ଜାଣିଥାନ୍ତି । ଦେବର୍ଷି ନାରଦ ଭଗବାନ ଶ୍ରୀକୃଷ୍ଣଙ୍କର ଅତି ନିକଟତର ହୋଇ ଦେଖିଲେ ଦୁଇ ରାଣୀ ଉପସ୍ଥିତ ଅଛନ୍ତି । ପ୍ରଥମେ ସଭିଙ୍କୁ ପ୍ରଣାମ କରିସାରି ଶ୍ରୀକୃଷ୍ଣଙ୍କ ହାତରେ ଶେଫାଳି ପୁଷ୍ପ ସମର୍ପି ଦେଲେ । ଶ୍ରୀକୃଷ୍ଣ ଫୁଲଟିର ସୁଗନ୍ଧରେ ବିମୋହିତ ହୋଇ ନିକଟରେ ବସିଥିବା ରୁକ୍ମଣୀଙ୍କ ଗଭାରେ ଲଗେଇଦେଲେ । ସତ୍ୟଭାମା ଏହାଦେଖି ଆଶ୍ଚର୍ଯ୍ୟ ହେଉଥା'ନ୍ତି ।

ନାରଦଙ୍କ ଆଶା ପୂର୍ଣ୍ଣ ହୋଇ ସାରିଥାଏ । ପୁଣିଥରେ ଭଗବାନ ଶ୍ରୀକୃଷ୍ଣ, ରୁକ୍ମଣୀ ଓ ସତ୍ୟଭାମାଙ୍କୁ ପ୍ରଣାମ ସହିତ ନାରାୟଣ ନାରାୟଣ ଶବ୍ଦରେ ଫେରିଗଲେ । ଆନିନ୍ଦ୍ୟ ସୁନ୍ଦରୀ ସତ୍ୟଭାମା କେବେ କଳ୍ପନା କରିନଥିଲେ ଶ୍ରୀକୃଷ୍ଣ ନାରଦଙ୍କ ଉପହାର ତାଙ୍କୁ ନଦେଇ ରୁକ୍ମଣୀଙ୍କ ଗଭାରେ ଲଗେଇବେ । ସଙ୍ଗେ ସଙ୍ଗେ ତାଙ୍କ ମନର ଦର୍ପ ଗର୍ବ ସବୁକିଛି ଅପସରି ଗଲା । ଯେଉଁ ସତ୍ୟତାକୁ ସେ ଏତେଦିନ ଯାଏ ଖୋଜୁଥିଲେ ସମ୍ମୁଖରେ ପ୍ରମାଣିତ । ଈଶ୍ୱରଙ୍କୁ କେବେ ଧନ, ରୂପଦ୍ୱାରା ବଶୀଭୂତ କରି ହୁଏନାହିଁ । ସେ ତ ପ୍ରେମ, ଭକ୍ତି ଓ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମର୍ପଣର କ୍ଷୁଧାର୍ତ୍ତ । ଯାହା ରୁକ୍ମଣୀଙ୍କଠାରେ ବିଦ୍ୟମାନ ।

ସଂସ୍କୃତ ସାହିତ୍ୟରେ ଶେଫାଳି ଫୁଲ ସମ୍ପର୍କରେ ଅନେକ ଗାଥା ଅଛି । ଭାରତୀୟ ଲୋକକଥା, ଲୋକସଂସ୍କୃତି, କିମ୍ବଦନ୍ତୀରେ ମଧ୍ୟ ଶେଫାଳି ଫୁଲ ବିଷୟରେ ସବିଶେଷ ପ୍ରଚଳିତ । ଜନଜାତି କ୍ଷେତ୍ରରେ ପ୍ରଚଳିତ ଏକ କିମ୍ବଦନ୍ତୀ ଅନୁସାରେ ଶେଫାଳି ଫୁଲର ଉତ୍ପତ୍ତି ଜଣେ ରାଜକୁମାରୀଙ୍କ ଭସ୍ମରୁ ହୋଇଛି ବୋଲି ବିଦିତ ।

ବହୁଦିନ ତଳେ ଜଣେ ସତ୍ୟନିଷ୍ଠ, ନିଷ୍କପଟ ଏବଂ ପ୍ରଜାଙ୍କ ପାଇଁ ସଦା ହିତୈଷୀ ରାଜା ଥିଲେ । ସେ ଧାର୍ମିକ ହେବା ସହ ସାଧୁ-ସନ୍ଥ, ମୁନି-ମହର୍ଷିଙ୍କୁ ରାଜକୀୟ ଅତିଥି ଶାଳାରେ ରହିବାକୁ ସ୍ଥାନ ଦେଉ ଥିଲେ ତଥା ସେମାନେ ବିଦାୟ ନେବାବେଳେ ବହୁତ ଦାନ, ଦକ୍ଷିଣା ଦେଇ ବିଦା କରୁଥିଲେ । ପ୍ରଜାବତ୍ସଳ, ନ୍ୟାୟପ୍ରିୟ ରାଜାଙ୍କର ଖ୍ୟାତି ଦୂର ଦୂରାନ୍ତଯାଏ ବ୍ୟାପିଗଲା । ରାଜା ନିଜର ପୁରୋହିତଙ୍କୁ ଜଣେ ବିଦ୍ୱାନ ଏବଂ କର୍ମକାଣ୍ଡର ଜ୍ଞାତା ରୂପେ ଋଷିଙ୍କୁ ନିଯୁକ୍ତ କରି ଥାଆନ୍ତି । ଋଷି ମହାତପସ୍ୱୀ ହେବା ସହ ନଗର ବାହାରେ ଥିବା ଜଙ୍ଗଲର ଆଶ୍ରମରେ ରହି ତପସ୍ୟା କରନ୍ତି । ରାଜ୍ୟର ପିଲାମାନେ ଶିକ୍ଷାପ୍ରାପ୍ତ ପାଇଁ ତାଙ୍କ ନିକଟକୁ ଯାଆନ୍ତି । ସେ ରାଜ୍ୟର କୌଣସି ସାମାନ୍ୟ କାର୍ଯ୍ୟରେ ରୁଚି ରଖନ୍ତି ନାହିଁ ସତ କିନ୍ତୁ ଯଜ୍ଞ ଭଳି ପବିତ୍ର କାର୍ଯ୍ୟରେ ରାଜାଙ୍କ ଆମନ୍ତ୍ରଣ ପାଇ ରାଜଦରବାରକୁ ଯାଆନ୍ତି । ରାଜା ଋଷିଙ୍କର ଏତେ ସମ୍ମାନ କରୁଥିଲେ ଯେ ସେ ରାଜଦରବାରରେ ପହଞ୍ଚିବାକ୍ଷଣି ଆସନ ଅଳଙ୍କୃତ କରିବାକୁ ନିଜ ସିଂହାସନ ସମର୍ପି ଦେଉଥିଲେ ।

ଋଷି ରାଜ ପୁରୋହିତର ପଦ ନିଜର ହିତ ପାଇଁ ନୁହେଁ ବରଂ ରାଜା ଏବଂ ପ୍ରଜାଙ୍କ ହିତ ନିମନ୍ତେ ସ୍ୱୀକାର କରିଥିଲେ । ତାଙ୍କଦ୍ୱାରା ପ୍ରସ୍ତୁତ ଯଜ୍ଞ ସଂପୂର୍ଣ୍ଣ ବୈଦିକ ଢଙ୍ଗରେ ହେଉଥିଲା ଏବଂ ମନ୍ତ୍ର ଉଚ୍ଚାରଣରେ ଦେବତାମାନେ ବିବଶ ହେଉଥିଲେ । ସେ ମନ୍ତ୍ର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଉଚ୍ଚାରଣ କରି ଯେଉଁ ଦେବତାଙ୍କୁ ଆବାହନ କରୁଥିଲେ ସେହି ଦେବତା ଯଜ୍ଞରେ ଉପସ୍ଥିତ ହେଉଥିଲେ । ଋଷିଙ୍କ ଦ୍ୱାରା ସମ୍ପନ୍ନ ହୋଇଥିବା ଯଜ୍ଞରେ ବରୁଣ, ଇନ୍ଦ୍ର, ନାଗ, ସୂର୍ଯ୍ୟ, ଚନ୍ଦ୍ର ଆଦି ଦେବତା ବିରାଜମାନ ହୋଇଥିଲେ ।

ରାଜାଙ୍କର ଜଣେ ଦିବ୍ୟ ସୁନ୍ଦରୀ ଝିଅ ଥାଆନ୍ତି । ରାଜକୁମାରୀ ବିବାହଯୋଗ୍ୟା ହେଲେ । ରାଜା-ରାଣୀ ପୁତ୍ରୀର ବିବାହ ନିମନ୍ତେ ଅନ୍ୟ ରାଜ୍ୟର ରାଜ ପରିବାରରେ ପ୍ରସ୍ତାବ ପକାଇଲେ । କିନ୍ତୁ ରାଜକୁମାରୀ କୌଣସି ସାମାନ୍ୟ ପୁରୁଷଙ୍କୁ ବିବାହ କରିବାକୁ ଚାହୁଁ ନଥାନ୍ତି । ମନେ ମନେ ସେ ସୂର୍ଯ୍ୟଦେବଙ୍କୁ ବହୁତ ପସନ୍ଦ କରୁଥାନ୍ତି । ସୂର୍ଯ୍ୟଙ୍କ ଆଲୌକିକ ପ୍ରକାଶ ଏବଂ ସୁନ୍ଦରତାରେ ପ୍ରଭାବିତ ହୋଇ ତାଙ୍କୁ ବିବାହ କରିବାକୁ ଚାହୁଁଥା'ନ୍ତି । ଦେବଲୋକଙ୍କ ସହିତ ମାନବର ବିବାହ କେବେ ସମ୍ଭବ ନୁହେଁ । ରାଜା-ରାଣୀ, ପୁରୋହିତ ରାଜକୁମାରୀଙ୍କୁ ବହୁତ ବୁଝେଇଲେ । କିନ୍ତୁ ରାଜକୁମାରୀ ନିଜ ଜିଦରେ ଅଟଳ । କାହାରି ପରାମର୍ଶ ତାଙ୍କ ଉପରେ ପ୍ରଭାବ ପଡିଲା ନାହିଁ । ଧୀରେ ଧୀରେ ସମୟ ବିତିଲା । ତଥାପି ରାଜକୁମାରୀ ନିଜ ଜିଦରେ ଅଟଳ ରହି ଘୋଷଣା କରିଥାନ୍ତି ଯଦି ବିବାହ କରିବେ କେବଳ ସୂର୍ଯ୍ୟଦେବଙ୍କୁ ହିଁ କରିବେ ନହେଲେ ଆତ୍ମହତ୍ୟା କରିଦେବେ ।

ହଠାତ ଦିନେ ରାଜକୁମାରୀ ନିଜର କେତେଜଣ ସଖୀଙ୍କ ସହିତ ଋଷିଙ୍କ ଆଶ୍ରମରେ ପହଞ୍ଚିଲେ । ରାଜକୁମାରୀଙ୍କୁ ନିଜ ଆଶ୍ରମରେ ଦେଖି ଋଷି ଆଶ୍ଚର୍ଯ୍ୟ ହୋଇ ପଚାରିଲେ- କୁହନ୍ତୁ ରାଜକୁମାରୀ ! ମୋ ଆଶ୍ରମକୁ ଆସିବାର ଅଭିପ୍ରାୟ କଣ ହୋଇପାରେ ?

ରାଜକୁମାରୀ ତିଳେ ହେଁ ବିଳମ୍ବ ନକରି ନିଜ ମନର କଥା ଜଣାଇଲେ -ମହାଶୟ ! ମୋତେ ଆପଣ ସୂର୍ଯ୍ୟଦେବଙ୍କ ଆବାହନ ମନ୍ତ୍ର ଶିଖାଇ ଦିଅନ୍ତୁ । ଋଷି ରାଜକୁମାରୀଙ୍କ ଆଦେଶ ମାନି ସୂର୍ଯ୍ୟଦେବଙ୍କ ଆବାହନ ମନ୍ତ୍ର ଶିଖାଇଦେଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଜକୁମାରୀ ଋଷିଙ୍କଠାରୁ ସୂର୍ଯ୍ୟଦେବଙ୍କ ମନ୍ତ୍ର ପ୍ରାପ୍ତ କରି ରାଜ ମହଲକୁ ଲେଉଟିଆସି ଆହ୍ୱାନ କରିବା କ୍ଷଣି ଉଜ୍ଜ୍ୱଳ ଆଲୋକ ରାଶିରେ ସୂର୍ଯ୍ୟଦେବ ପ୍ରକଟ ହେଲେ । ରାଜକୁମାରୀ ସୂର୍ଯ୍ୟଦେବଙ୍କ ହାତ ଧରି ନିଜ ମନର କଥା କହିଲେ । ସୂର୍ଯ୍ୟଦେବ ବଡ଼ ସମସ୍ୟାରେ ପଡିଲେ । ସ୍ୱୟଂ ରାଜକୁମାରୀଙ୍କ ସୁନ୍ଦରତାରେ ମୋହିତ ହୋଇଛନ୍ତି ସତ ମାତ୍ର ଦେବଲୋକର ନିୟମ ଅନୁସାରେ କୌଣସି ପୃଥିବୀବାସୀଙ୍କ ସହିତ ବିବାହ କରିପାରିବେ ନାହିଁ । ଉପାୟଶୂନ୍ୟ ସୂର୍ଯ୍ୟଦେବ ରାଜକୁମାରୀଙ୍କୁ ବୁଝେଇ କହିଲେ-ତୁମ ସହିତ ବିବାହ କରିବା ମୋ ପାଇଁ ଅସମ୍ଭବ । ମୁଁ ଦେବଲୋକର ଜଣେ ଦେବତା ତେଣୁ ତୁମେ ମୋତେ ଆଉ ଆବାହନ ନକରି ଅନ୍ୟତ୍ର ବିବାହ କରି ନିଅ । ଏହା କହି ସେ ରାଜକୁମାରୀଙ୍କଠାରୁ ଅନ୍ତର୍ଦ୍ଧାନ ହୋଇଗଲେ ।

ରାଜକୁମାରୀଙ୍କ ମନ ଦୁଃଖ, କ୍ଷୋଭ, ଗ୍ଲାନିରେ ଭରିଗଲା । ଯେଉଁ ରୂପ ଓ ସୌନ୍ଦର୍ଯ୍ୟ ପାଇଁ ସେ ସୂର୍ଯ୍ୟଦେବଙ୍କୁ ବିବାହ କରିବା ପାଇଁ ଏତେ ଗର୍ବ କରୁଥିଲେ ତାହା ପାଣି ଫୋଟକା ଭଳି ଫାଟିଗଲା । ରାଜ କୁମାରୀ ରାତିସାରା ଆଖିରୁ ଲୁହ ଗଡେଇ ଚାଲିଲେ । ତାଙ୍କୁ ନିଜ ଜୀବନ ବ୍ୟର୍ଥ ବୋଲି ମନେହେଲା । ନିଜ ଇଚ୍ଛା ପୂରଣ ହୋଇ ନ ପାରିବାରୁ ଅପମାନରେ ଜଳି ଯାଉଥାନ୍ତି । ପ୍ରାତଃ କାଳ ହେଲା । ରାଜ କୁମାରୀ ରାତିସାରା କାନ୍ଦି କାନ୍ଦି ହାଲିଆ ହୋଇ ପଡ଼ିଥା'ନ୍ତି । ମନକୁ ଆଉ ବୁଝେଇ ନ ପାରି ବିଛଣାରୁ ଉଠି ମହଲ ଛାତରୁ ତଳକୁ କୁଦି ପଡିଲେ । ରାଜକୁମାରୀଙ୍କ ମୃତ୍ୟୁର କାରଣ ସଭିଙ୍କୁ ଜଣାଥାଏ । ରାଜ ପୁରୋହିତ ଆସିବା ପରେ ରାଜକୁମାରୀଙ୍କ ଅନ୍ତିମ ସଂସ୍କାର ହେଲା । ତାଙ୍କ ଚିତାଗ୍ନି ଶୀତଳ ହୋଇ ନଥାଏ ହଠାତ ଭୟଙ୍କର ଝଡ଼ ବତାସ ମାଡ଼ିଆସିଲା । ଏତେ ଜୋର ଝଡ଼ ବତାସ ହେଲା ଯେ ରାତି ପାହିବା ପରେ ସମସ୍ତେ ଦେଖିଲେ ଯେଉଁ ସ୍ଥାନରେ ରାଜକୁମାରୀଙ୍କ ଦାହ ସଂସ୍କାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୋଇଥିଲା ସେଠାରେ ଭସ୍ମର ଅଂଶମାତ୍ର ଚିହ୍ନ ବର୍ଣ୍ଣ ନାହିଁ । ଝଡ଼-ବତାସରେ ରାଜକୁମାରୀଙ୍କ ଭସ୍ମ ଦୂର ଦୂରାନ୍ତ ଯାଏ ଉଡି ଯାଇଥାଏ ।

ଲୋକକଥା ଅନୁସାରେ ତାଙ୍କ ଭସ୍ମ ଯେଉଁ ଯେଉଁ ସ୍ଥାନରେ ପଡିଥିଲା, ସେହି ସେହି ସ୍ଥାନରେ ଶେଫାଳି ଫୁଲର ଗଛ ଉଠିଲା । ସେହିଦିନରୁ ଶେଫାଳି ଫୁଲ ରାତିରେ ଫୁଟି ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ଝଡି ପଡ଼େ । ସୂର୍ଯ୍ୟଙ୍କ ସହିତ ଅଭିମାନ କରି ନିଜେ ରାତିରେ ବିକଶିତ ହୋଇ ସକାଳ ପୂର୍ବରୁ ଝଡି ପଡିଥାଏ ।

ବିସି-୭୪, ସଲଟ ଲେକ, କଲକତା-୬୪

ମୋ-୯୭୮୧୦୩୭୩୫୧୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# କର୍ମଫଳ ବଡ଼ ନିଷ୍ଠୁର



ନିତ୍ୟ ରଞ୍ଜନ ନନ୍ଦ

କିଏ ଜଣେ ବିଦ୍ୱାନ ଏକଦା କହିଥିଲେ- 'ଜନ୍ମ' ମଣିଷର ଅସଲ ପରିଚୟ ନୁହେଁ, ମଣିଷର ଅସଲ ପରିଚୟ ହେଉଛି ତା'ର କର୍ମ । ସେଇଥିପାଇଁ ମହାଭାରତରେ ମହାରଥୀ କର୍ଣ୍ଣ କହିଥିଲେ, "ଉଚ୍ଚକୁଳରେ ଜାତ ହେବା ଦୈବର ଅଧୀନ ହୋଇପାରେ, ମାତ୍ର ପୁରୁଷକାର ମୋର ଅଧୀନ ଅଟେ ।" ଗୀତାରେ ଭଗବାନ ଶ୍ରୀକୃଷ୍ଣ ବି କହିଛନ୍ତି, "ମୁଁ କାହାର ଭାଗ୍ୟ ତିଆରି କରେନାହିଁ, ମଣିଷ ନିଜେ ନିଜର ଭାଗ୍ୟ ତିଆରି କରେ ।"

ତୁମେ ଆଜି ଯାହା କରୁଛ, ତା'ର ଫଳ କାଲି ପାଇବ । ତୁମେ ଆଜି ଯାହା ପାଇଛ, ତାହା ତୁମର ଗତକାଲି କରିଥିବା କର୍ମର ଫଳ ।' କିଏ କହିଲା ମଣିଷ ଖାଲି ହାତରେ ଆସେ ଏବଂ ଖାଲି ହାତରେ ଏ ସଂସାରରୁ ଫେରିଯାଏ ? ଏହା ସତ୍ୟ ନୁହେଁ, ସତ୍ୟ ହେଉଛି ଏହା ଯେ, ମଣିଷ ତା'ର ଭାଗ୍ୟ ନେଇ ଆସିଥାଏ ଏବଂ କର୍ମଫଳ ନେଇ ଫେରିଯାଏ । ପ୍ରତ୍ୟେକ ମଣିଷ ତା'ର କର୍ମର ଫଳ ଅବଶ୍ୟ ପାଇବ, କିଏ ଏବେ ତ ଆଉ କିଏ କିଛି କାଳ ପରେ । ଏକଦା ଉଇଲିୟମ ସେକ୍ସପିଅର କହିଥିଲେ, "ମଣିଷର ଭାଗ୍ୟ କୋଉ ରାଶି କି ନକ୍ଷତ୍ରରେ ନଥାଏ, ସେ ନିଜେ ହିଁ ନିଜ ଭାଗ୍ୟର ନିର୍ମାତା । ଏଣୁ ରାଶିଫଳ ଉପରେ ବିଶ୍ୱାସ ନକରି ନିଜ କର୍ମ ଉପରେ ବିଶ୍ୱାସ ରଖନ୍ତୁ, କାହିଁକି ନା ରାଶି ତ ରାମ ଓ ରାବଣ ଉଭୟଙ୍କର ଗୋଟିଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥିଲା, କିନ୍ତୁ ନିୟତି ସେମାନଙ୍କର କର୍ମ ଅନୁସାରେ ଫଳ ପ୍ରଦାନ କରିଥିଲା । କେହି ଆମର ଅନିଷ୍ଟ କରିବ, ସେଇଟା ତା'ର କର୍ମ ଅଟେ । ମୁଁ କାହାରି ଅନିଷ୍ଟ କରିବି ନାହିଁ, ତାହା ମୋର ଧର୍ମ ଅଟେ । ତୁମେ ଆଜି ଯାହା ଅନ୍ୟକୁ ଦେଉଛ, ତାହା ତୁମକୁ କେବେ ନା କେବେ ନିଶ୍ଚିତ ମିଳିବ । ସେ ତାଳି ହେଉକି ଗାଳି । ଗୋଟିଏ କଥା ମନେ ରଖିଥିବେ- ଅନ୍ୟର ଆଖିର ଲୁହରେ ତିଆରି ସୁଖ ବେଶିଦିନ ତିଷ୍ଠି ରହେନା । ଏ ସଂସାରର ସବୁଠାରୁ ମୂଲ୍ୟବାନ ତରଳ ପଦାର୍ଥ ହେଉଛି ଲୁହ । ଲୁହରେ ଏକଭାଗ ଜଳ, ବାକି ଅନେଶତ ଭାଗ ଭାବାବେଗ ଥାଏ । ତେଣୁ କାହା ଆଖିରେ ଲୁହ ଦେବା ପୂର୍ବରୁ ଶହେଥର ଭାବନ୍ତୁ । କାରଣ କର୍ମଫଳ ବଡ଼ ନିଷ୍ଠୁର, ସେ କାହାକୁ ବି କ୍ଷମା ଦିଏନା । ସୁଧମୂଳ ସମସ୍ତଙ୍କୁ ଫେରେଇଦିଏ ।

ଆଲେକ୍‌ଜାଣ୍ଡର ପୋପ୍ ଏକଦା କହିଥିଲେ- 'ଭୁଲ କରିବା ହେଉଛି ମଣିଷର ପ୍ରକୃତି ।' କିନ୍ତୁ ଭୁଲ୍‌କୁ ମାନିନେବା ହେଉଛି ମଣିଷର ସଂସ୍କୃତି ଏବଂ ଭୁଲ୍‌କୁ ସଂଶୋଧନ କରିନେବା ହେଉଛି ମଣିଷର ପ୍ରଗତି । ସରଳ ମଣିଷଙ୍କ ସହ ଛଳ କପଟ କରି ଖୁସି ହେଉଥିବା ବ୍ୟକ୍ତି ନିଜକୁ କେତେ ବି ଚାଲାଖ ଭାବନ୍ତୁ ନା କାହିଁକି, ଅଜାଣତରେ ସେ ନିଜ ବରବାଦିର ସମସ୍ତ ଦ୍ୱାର ଖୋଲି ଦେଇଥା'ନ୍ତି । ଯେଉଁ କର୍ମର ବିଚାର ଅଦାଲତ କରିପାରେ ନାହିଁ, ତା'ର ବିଚାର ସମୟ ହିଁ କରିଦିଏ । ଆଉ ସମୟ ଯେତେବେଳେ ବିଚାର କରେ, ସେତେବେଳେ ସାକ୍ଷୀ ପ୍ରମାଣର ଆବଶ୍ୟକତା ପଡ଼େ ନାହିଁ । କର୍ମ ପାଖରେ ନା ଅଛି କାଗଜ, ନା କଲମ; କିନ୍ତୁ ଅନବରତ ସେ ମଣିଷର ଭାଗ୍ୟ ଲେଖିଚାଲିଛି । ମନେରଖନ୍ତୁ ଯେଉଁ ବ୍ୟକ୍ତି ଏବେ ଦୁଃଖ, କଷ୍ଟ ଓ ଅପମାନ ସହୁଛି, ତା'ର ପୂର୍ବ ଜନ୍ମର ପାପଲାଘବ ହେଉଛି । ଯିଏ ଏବେ ଅନ୍ୟକୁ ଦୁଃଖକଷ୍ଟ ଦେଉଛି, ତା'ର ଆଗାମୀ ଜନ୍ମ ପାଇଁ ପାପ ସଞ୍ଚିତ ହୋଇରହୁଛି । ଏଣୁ ଯଦି 'କଲମ' ହୋଇ କାହାର ସୁଖ ଲେଖିପାରୁନାହାନ୍ତି, ତା'ହେଲେ ରବର ହୋଇ କାହାର ଦୁଃଖ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲିଭେଇବା ପାଇଁ ଚେଷ୍ଟା କରନ୍ତୁ । ବିଶ୍ୱାସ କରନ୍ତୁ ବା ନକରନ୍ତୁ ଜୀବନରେ ଯେଉଁ ମଣିଷ ଯାହା କର୍ମ କରେ ସେ ତା'ର ପରିଣାମ ଭୋଗିବାକୁ ବାଧ୍ୟ । ପିତାମହ ଭୀଷ୍ମଙ୍କ ଜୀବନର କେବଳ ଗୋଟିଏ ମାତ୍ର ପାପ ଥିଲା ଯେ, ସେ ଭରା କୁରୁରାଜସଭାରେ ଦ୍ରୌପଦୀଙ୍କ ବସ୍ତ୍ରହରଣ ସମୟରେ କ୍ରୋଧ ପ୍ରଦର୍ଶନ କରିନଥିଲେ ଏବଂ ପକ୍ଷୀରାଜ ଜଟାୟୁଙ୍କ ଜୀବନର ଏକମାତ୍ର ପୁଣ୍ୟ ଥିଲା ଯେ, ସେ ସୀତାହରଣ ସମୟରେ କ୍ରୋଧ ପ୍ରଦର୍ଶନକରି ରାବଣ ସହ ଲଢ଼ିଥିଲେ । ପରିଣାମରେ ଜଣକୁ ଦୁର୍ବିସହ ଶରଶଯ୍ୟା ମିଳିଲା ତ ଅନ୍ୟଜଣକୁ ମିଳିଲା ପ୍ରଭୁ ଶ୍ରୀରାମଙ୍କର ଅଭୟ କୋଳ । ଏଣୁ ଆପଣ ଯେତେ ଶକ୍ତିଶାଳୀ ହୁଅନ୍ତୁ ନା କାହିଁକି କର୍ମଫଳ ଭୋଗକରିବାକୁ ପ୍ରସ୍ତୁତ ରୁହନ୍ତୁ । ଏ ପରିପ୍ରେକ୍ଷୀରେ ପୁରାଣରୁ ପ୍ରସଙ୍ଗଟିଏ ସ୍ମରଣକୁ ଆସୁଛି ।

କଂସ ନିଧନ ପରେ ଯେତେବେଳେ ଶ୍ରୀକୃଷ୍ଣ ମଥୁରାନଗରୀର ବନ୍ଦୀଶାଳାକୁ ଯାଇ ପିତା ବସୁଦେବ ଓ ମାତା ଦେବକୀଙ୍କୁ ବନ୍ଧନମୁକ୍ତ କଲେ, ସେତେବେଳେ ମା' ଦେବକୀ ଛାତିରେ ଛାତିଏ କୋହ ଓ ଆଖିରେ ଆଖିଏ ଲୁହ ନେଇ ଶ୍ରୀକୃଷ୍ଣଙ୍କୁ ପଚାରିଲେ- 'ଧନରେ ! ତୁ ହେଉଛୁ ସ୍ୱୟଂ ଭଗବାନ ! ଆମେ ଦୁହେଁ ତୋର ପିତାମାତା । ଆମେ ଏମିତି କି ପାପ କରିଥିଲୁ ଯେ ଆମକୁ ଚଉଦବର୍ଷ କାଳ ଏ ବନ୍ଦୀଶାଳାରେ ରଖି ଏତେ ଦୁଃଖ କଷ୍ଟ ଦେଲୁ ?' ଏ ପ୍ରଶ୍ନରେ ଶ୍ରୀକୃଷ୍ଣ ଅଳ୍ପ ହସି ମାତା ଦେବକୀଙ୍କୁ ପଚାରିଲେ- ମାଆ ! ମୁଁ ଏମିତି କି ପାପ କରିଥିଲି ଯେ ତୁମେ ମୋତେ ଚଉଦବର୍ଷ ବନବାସ ପଠେଇଦେଲ ? ରାତି ପାହିଥିଲେ ରାଜା ହୋଇଥାନ୍ତି, ମାତ୍ର ତୁମ ପାଇଁ ମୋତେ ଜଟାଜୂଟ ବକଳ ଧରି ବନକୁ ଯିବାକୁ ପଡ଼ିଲା।'

ଏ ପ୍ରଶ୍ନରେ ଚମକି ପଡ଼ି ଦେବକୀ ପଚାରିଲେ- 'ମୁଁ ତୋତେ ଚଉଦବର୍ଷ ବନବାସ ପଠେଇଥିଲି ? ତୁ ଏ କ'ଣ କହୁଛୁ ପୁତ୍ର ? ଶ୍ରୀକୃଷ୍ଣ ଉତ୍ତର ଦେଲେ- 'ହଁ ମାଆ ! ଗତ ଜନ୍ମରେ ତୁମେ ଥିଲ ମହାରାଣୀ କୈକେୟୀ ଓ ପିତା ବସୁଦେବ ଥିଲେ ମହାରାଜ ଦଶରଥ । ତୁମେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁହେଁ ମୋତେ ବିନା ଦୋଷରେ ଚଉଦବର୍ଷ ବନବାସ ପଠେଇଥିଲ । ସେଥିପାଇଁ ତୁମ ଦୁହିଁଙ୍କୁ ଏ ଜନ୍ମରେ ଏ ବନ୍ଦୀଶାଳା ଭିତରେ ଚଉଦବର୍ଷ କଟେଇବାକୁ ପଡ଼ିଲା । ଆଶ୍ଚର୍ଯ୍ୟ ସ୍ୱରରେ ଦେବକୀ ପଚାରିଲେ- 'ଆଉ ରାଣୀ କୌଶଲ୍ୟା ? 'ଶ୍ରୀକୃଷ୍ଣ କହିଲେ- 'ସେ ହେଉଛନ୍ତି ଏ ଜନ୍ମର ଯଶୋଦା । ଗତ ଜନ୍ମରେ ସେ ଚଉଦ ବର୍ଷ କାଳ ପୁତ୍ର ବିଚ୍ଛେଦ ସହ୍ୟ କରିଥିବାରୁ ଏ ଜନ୍ମରେ ମୋତେ ତାଙ୍କ ସହ ଗୋପପୁରରେ ଚଉଦବର୍ଷ କଟେଇବାକୁ ପଡ଼ିଲା । ପୁଅ ମୁହଁରୁ ଏ ଉତ୍ତର ଶୁଣି ନୀରବ ହୋଇଗଲେ ଦେବକୀ । ନିରପେକ୍ଷ, ବିଚାରବନ୍ତ ଭଗବାନ୍ ଯେ ନିଜ ପିତାମାତାଙ୍କୁ ପ୍ରାରବ୍ଧଭୋଗରୁ ରକ୍ଷା କରିପାରିନଥିଲେ, ଏ କଥାଟି ତା'ର ଜ୍ୱଳନ୍ତ ପ୍ରମାଣ । ଆଜି ନହେଲେ କାଲି କର୍ମଫଳ ଭୋଗ ଅନିବାର୍ଯ୍ୟ । ଉପର ବର୍ଣ୍ଣିତ ଆଖ୍ୟାନଟିକୁ ଅନେକ ପାଠକ ପାଠିକା ବିଶ୍ୱାସ ନକରି ବି ପାରନ୍ତି । ମାତ୍ର ଏ କଥା ଚନ୍ଦ୍ରସୂର୍ଯ୍ୟ ଭଳି ସତ୍ୟ ଯେ, ସ୍ୱର୍ଗ ମର୍ତ୍ତ୍ୟ ବୋଲି କିଛି ନାହିଁ । ଏଇଠି ସ୍ୱର୍ଗ ଏଇଠି ନର୍କ । ଭଲ କର୍ମ କଲେ ସ୍ୱର୍ଗସୁଖ ମିଳେ । ମନ୍ଦକର୍ମ ପାଇଁ ନର୍କଯନ୍ତ୍ରଣା ଭୋଗକରିବାକୁ ପଡ଼ିଥାଏ । ଏ ସମ୍ପର୍କରେ ସତ୍ୟ ଘଟଣାଟିଏ ଆପଣମାନଙ୍କ ସମକ୍ଷରେ ଉପସ୍ଥାପନ କରୁଛି ।

ଅନେକ ଦିନ ତଳେ ସୁପ୍ରିମକୋର୍ଟର ବିଚାରପତି ଥିବାବେଳେ ଜଷ୍ଟିସ ରଙ୍ଗନାଥ ମିଶ୍ର ପୁରୀରେ ଥିବା ଏକ ଲ' କଲେଜ୍‌ରେ ମୁଖ୍ୟ ଅତିଥି ଭାବରେ ଯୋଗଦେବା ପାଇଁ ପୁରୀ ଆସିଥିଲେ । ନିର୍ଦ୍ଧାରିତ ଦିନ ପୁରୀରେ ପହଞ୍ଚି ଜଗନ୍ନାଥ ଦର୍ଶନସାରି ଫେରୁଥିବା ବେଳେ ସିଂହଦ୍ୱାର ନିକଟରେ ବସିଥିବା ଜଣେ ଭିକାରି (ଯିଏ କି ଦୁରାରୋଗ୍ୟ ରୋଗ କାରଣରୁ ହାତରେ କନା ଗୁଡ଼େଇଥିଲେ) ବଡ଼ ପାଟିରେ ରଙ୍ଗନାଥ ବାବୁ ବୋଲି ନାଁ ଧରି ବାରମ୍ବାର ଡାକିଲେ । ଜଷ୍ଟିସ ମିଶ୍ର ହଠାତ୍ କିଛି ବୁଝିପାରିଲେନି । ଏ ସିଂହଦ୍ୱାରରେ ମୋତେ ସତରେ କିଏ ଡାକୁଛି ନା' ଆଉ କାହାକୁ ଡାକୁଛି । ଦ୍ୱିଧାରେ ପଡ଼ିଗଲେ ଜଷ୍ଟିସ ମିଶ୍ର । ବାରମ୍ବାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଡାକ ଶୁଣି ପଛକୁ ଚାହିଁ ଦେଖିଲେ ଜଣେ ଭିକାରି ଡାକୁଛି । ଭିକାରିଜଣକୁ ଦେଖି ଜଷ୍ଟିସ ମିଶ୍ର ପଚାରିଲେ- 'ତମେ କିଏ ? କ'ଣ ପାଇଁ ମୋତେ ଡାକୁଛ ?' ଏଥର ଭିକାରି ଜଣକ କହିଲେ- 'ସାର୍ ଆଜ୍ଞା ! ମୋତେ କ'ଣ ଚିହ୍ନିପାରୁନାହାନ୍ତି ? ମୁଁ ପରା ସେଇ କୁଳିଆ ଡାକୁ । ଆପଣ ଓଡ଼ିଶାରେ ଓକିଲାତି କଲାବେଳେ ମୋର ଡକାଏତି କେସ୍ ବୁଝୁଥିଲେ । ଗୋଟିଏ ଡକାଏତି କେସ୍‌ରେ ମୋତେ ତଳକୋର୍ଟରେ ଆଜୀବନ କାରାଦଣ୍ଡ ହୋଇଥିଲା; କିନ୍ତୁ ଆପଣ କେସ୍ ଲଢ଼ି ମୋତେ ହାଇକୋର୍ଟରେ ନିର୍ଦ୍ଦୋଷରେ ଖଲାସ କରି ଦେଇଥିଲେ; କିନ୍ତୁ ସେଇ କେସ୍‌ରେ ସତରେ ମୁଁ ଡକାଏତି ଓ ହତ୍ୟା କରିଥିଲି । ଏମିତି କେତେ କେସ୍‌ରେ ମୁଁ ଖଲାସ ହୋଇଯାଇଥିଲି । ସାର୍ ! ଏଠା କୋର୍ଟରେ ସିନା ଖଲାସ ହୋଇଗଲି, ହେଲେ ଉପରବାଲା ତା'କୋର୍ଟରେ ମୋତେ ଛାଡ଼ିଲାନି । ଏହି ଦୁରାରୋଗ୍ୟ ବ୍ୟାଧି ଦେଇଦେଲା । ଏହି ରୋଗ ହେବାରୁ ଘରେ, ବାହାରେ ସମସ୍ତେ ମୋତେ ଘୃଣା କଲେ । ବାଧ୍ୟ ହୋଇ ଘରଛାଡ଼ି ଏହି ସିଂହଦ୍ୱାରରେ ପ୍ରଭୁଙ୍କୁ ଆଶ୍ରାକରି ଭିକ୍ଷାମାଗୁଛି । ମିଳିଲେ ଖାଉଛି, ନ ମିଳିଲେ ନାହିଁ ।'

ଜଷ୍ଟିସ ମିଶ୍ର ଏସବୁ ନୀରବରେ ଶୁଣି ପକେଟରୁ ଗୋଟିଏ ଶହେଟଙ୍କିଆ ନୋଟ୍ କାଢ଼ି ତା' ହାତରେ ଦେଇ ଲ'କଲେଜ୍ ଉତ୍ସବକୁ ଚାଲିଗଲେ । ସେଠାରେ ତାଙ୍କ ବକ୍ତବ୍ୟରେ ଏହି ଘଟଣାର ବର୍ଣ୍ଣନା କରି କହିଲେ- 'ଆମେ ସବୁ ବିଚାରପତି କୋର୍ଟରେ ବସି ବିଚାର କରୁଛୁ; କିନ୍ତୁ ଆମ କୋର୍ଟ ଉପରେ ଆଉ ଗୋଟିଏ କୋର୍ଟ ଅଛି । ସେଠି ଆଉ ଜଣେ ବିଚାରପତି ଅଛନ୍ତି । ଜଣେ ଆମ କୋର୍ଟରୁ ଖସିଯାଇପାରେ, ମାତ୍ର ଭଗବାନଙ୍କ କୋର୍ଟରୁ ଖସିପାରିବନି । ଦୋଷୀକୁ ଦଣ୍ଡ ଅବଶ୍ୟ ମିଳିବ ।' ଏ କଥା କହିସାରିଲା ବେଳକୁ ଜଷ୍ଟିସ ମିଶ୍ରଙ୍କ ଆଖିରେ ଆଖିଏ ଲୁହ ।'

ପାଠକେ ! ମଣିଷର ମୃତ୍ୟୁ ପରେ ପତ୍ନୀ ଏରୁଣ୍ଡିବନ୍ଧ ଯାଏ, ଆତ୍ମୀୟସ୍ୱଜନ ଶ୍ମଶାନ ଯାଏ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓ ପୁତ୍ର ଅଗ୍ନିଦାନ ଯାଏ ଯାଆନ୍ତି; କିନ୍ତୁ କେବଳ ଗୋଟିଏ ମାତ୍ର ଜିନିଷ ମଣିଷ ସହ ଈଶ୍ୱରଙ୍କ ନିକଟକୁ ଯାଏ, ତାହା ହେଉଛି ମଣିଷର କର୍ମ । ଏଣୁ ଈଶ୍ୱରଙ୍କୁ ନୁହେଁ, ନିଜ କର୍ମକୁ ହିଁ ଡରନ୍ତୁ । ଈଶ୍ୱର ହୁଏତ ଆପଣଙ୍କୁ କ୍ଷମା କରିଦେଇପାରନ୍ତି, ମାତ୍ର କର୍ମ ନୁହେଁ । ବାଛୁରୀ ଯେମିତି ଶହଶହ ଗାଈଙ୍କ ଭିତରେ ନିଜ ମାଆ ଗାଈକୁ ଚିହ୍ନିନିଏ, ସେମିତି କର୍ମଫଳ କର୍ତ୍ତାଙ୍କୁ ହିଁ ଖୋଜିନିଏ । ଏଣୁ ଶାସ୍ତ୍ର କହେ- 'କର୍ମ କରିବ କଷ୍ଟ ସହି, କର୍ମରେ ଭଲ ମନ୍ଦ ନାହିଁ । ସତ୍ୟ କର୍ମରେ ଧର୍ମ ଅଛି, ଧର୍ମ କରିବ କର୍ମ ବାଛି ।' ନୀରବରେ କର୍ମ କରି ଚାଲନ୍ତୁ । କର୍ମ ଅନୁସାରେ ଫଳ ଅବଶ୍ୟ ମିଳିବ । ପ୍ରତିଶୋଧ ନେବା ପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ, କେବଳ ଚୁପ୍‌ଚାପ୍ ଅପେକ୍ଷା କରନ୍ତୁ । ଯିଏ ଅନ୍ୟର ଆଖିରେ ଲୁହ ଦେଇଛି, ସିଏ ନିଶ୍ଚିତ କାନ୍ଦିବ । ଆଉ ଯଦି ଆପଣ ଭାଗ୍ୟବାନ ହୋଇଥିବେ, ତା' ହେଲେ ଆପଣ ତାହା ନିଜ ଆଖିରେ ଦେଖିବେ । କାରଣ କର୍ମଫଳ ବଡ଼ ନିଷ୍ଠୁର । ସେ ନିମିଷକରେ ରଙ୍କକୁ ରାଜା କରିଦିଏ ଆଉ ରାଜାକୁ କରିଦିଏ ଲଙ୍ଗଳା ଫକିର ।

ନିତ୍ୟ ରଞ୍ଜନ ନନ୍ଦ
ଡ଼ି.ଏଲ.ଏ.-୧୨, ବୀର ସୁରେନ୍ଦ୍ର ସାଏ ନଗର
ଭୁବନେଶ୍ୱର-୧୦
ମୋ -୯୪୩୭୨୦୭୪୨୪

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଭୁଲ ହୋଇଗଲା ତତେ ଭଲପାଇ



ସୁନିତା ମହାନ୍ତି

ହଠାତ ଡାକବାଲା ପାଖରୁ ମୋ ନାଁରେ ଚିଠି ଖଣ୍ଡିକ ପାଇ ଖୁସି ହେଇଗଲି । ଉପର ଠିକଣା ତ ମୋ ନାଁରେ ଲେଖାଥିଲା କିନ୍ତୁ, ପଠାଇଥିବା ଲୋକର ଠିକଣା ଲେଖା ନଥିଲା । ବହୁତ ଖୁସିରେ ଚିଠିଟି ଖୋଲି ପଢିବାକୁ ଆରମ୍ଭ କାଲି ।

ମଞ୍ଜୁ,

ମୋର ସ୍ନେହ ନେବ । ଶୁଣିଲି ତୁମର ବିଭାଘର ଠିକ ହୋଇଯାଇଛି । ତୁମକୁ ଗୋଟିଏ କଥା କହିବାକୁ ଚାହିଁଛି କିନ୍ତୁ କହି ପାରିନି ଆଜିଯାଏ । ସ୍କୁଲ କଲେଜ ଆମେ ସାଥି ହୋଇ ପାଠ ପଢିଲେ । ଭଲ ପାଇବା ଆମର +୨ ପ୍ରଥମ ବର୍ଷରୁ ବଢିଯାଇଥିଲା । ମୁଁ ଖୋଲିକି କହି ପାରେନି ତୁମକୁ ନା ତୁମେ ମୋତେ । ଆଜି ଭାବିଲି ଚିଠି ମାଧ୍ୟମରେ ଜଣାଇବି । ତୁମେ ସତରେ ମୋତେ ବହୁତ ଭଲ ପାଅ, ମୁଁ ନିଜେ ସେକଥା ଅନୁଭବ କରେ । ଆମେ ପରସ୍ପର ଦୁହିଁଙ୍କୁ ଦିନେ କଲେଜରେ ନ ଦେଖିଲେ ପଚାରି ବୁଝନ୍ତି ସାଙ୍ଗମାନଙ୍କ ଠାରୁ ।

ତୁମେ ଧନୀ ଘରର ଝିଅଟିଏ ହେଲେବି ତୁମେ ବହୁତ ସ୍ନେହୀ, ତୁମେ ବହୁତ ସୁନ୍ଦର । ତୁମଠାରୁ ଅନେକ ସାହାଯ୍ୟ ପାଇଛି ପାଠପଢା ସମୟରେ । ମୁଁ ଅନେକ ସମୟରେ କ୍ଲାସ କରେନି, ଲିଡରସିପ କରେ, ତୁମେ ତୁମର ସମସ୍ତ ନୋଟ ବହି ମୋତେ ହେଲ୍ପ କର । ଆଜି ବି ତୁମ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯିବା ଆସିବା ରାସ୍ତାରେ ଆପେକ୍ଷ କରେ ।  ବେଳେ ବେଳେ ତୁମକୁ ଦେଖିବାକୁ ବହୁତ ଇଚ୍ଛା ହୁଏ । ମୁଁ କଣ କରେ ତୁମ ଘର ଆଡେ ବୁଲି ଦେଖି ଆସେ ତୁମକୁ । ତୁମେ ଗ୍ରାଜୁଏସନ ପାରେ କଣ କରିବ ପଚାରି ଥିଲି କହିଥିଲ କହିବି ତୁମକୁ । ତା ପରେ ମୁଁ  ଓକିଲାତି ପାଇଁ କଟକ ଆସିଥିଲି । ବର୍ଷଟିଏ ବି ହୋଇନି, ତୁମର ବାହାଘର କରିବାକୁ ସ୍ଥିର କରିଦେଇଛନ୍ତି । ସତରେ ମଞ୍ଜୁ ତମେ କଣ ଆଉ କାହାର ହେଇଯିବ ? ଆଉ କାହା ହାତଧରି ଚାଲିଯିବ ? ମୁଁ ଭାବିଲେ ଏ କଥା ପାଗଳ ହେଇଯିବି । ମୁଁ ତୁମକୁ ମୋ ଜୀବନଠୁଁ ଅଧିକ ଭଲପାଏ । ବେଳେ ବେଳେ ମୋ ନିଜକୁ ମୁଁ ପ୍ରଶ୍ନ କରେ ଓ ଉତ୍ତର ବି ପାଏ ଯେ "ଭୁଲ ହେଇଗଲା ତୁମକୁ ଭଲ ପାଇ ।"

ସତରେ ମଞ୍ଜୁ ମୋତେ କୁହ ଭଲ ପାଇବାଟା କଣ ଭୁଲ ? ମୋତେ ତୁମେ ସତରେ ଭଲ ପାଉଥିଲେ ନିଶ୍ଚୟ ଜଣାଇ ଥାଆନ୍ତ । ମୁଁ ଜାଣେ ଭଲ ପାଇବାଟା ଈଶ୍ୱରଙ୍କ ଦାନ । କିନ୍ତୁ, ଈଶ୍ୱର ଆମ ଭଲ ପାଇବାରେ କାହିଁକି ଆଶୀର୍ବାଦ କଲେନି ? କୁହ ମୋତେ ତୁମେ ଆଜି... ମୋ ପ୍ରଶ୍ନର ଉତ୍ତର ମୋତେ ନିଶ୍ଚୟ ଦେବ । ଆମେ ଭଲ ପାଇ କିଛି ଭୁଲ କରି ନାହାନ୍ତି । ପ୍ରେମ ସବୁ ବେଳେ ଅମର, ଶାଶ୍ୱତ ।  ତୁମେ ଚାହିଁଲେ ନିଶ୍ଚୟ ଏ ବିବାହ ଅଟକାଇ ପାରିବ  । ଆମେ ଦୁହେଁ, ଦୁହିଁଙ୍କ ଭଲପାଇବାକୁ ଫେରି ପାଇବା  ।

ମୋ ଚିଠିର ଉତ୍ତର ମୋତେ ଶୀଘ୍ର ଦେବ ।     ।। ଇତି ।।

ତୁମର ଶୁଭେଚ୍ଛୁ "ସଂଦୀପ"

ଚିଠିଟି ପଢିସାରିବା ପରେ ମୋ ଉପରେ ଆକାଶ ଛିଡିପଡିଲା ପରି ଲାଗିଲା । ବାହାରେ ବିଜୁଳି ଘଡ ଘଡି ଶବ୍ଦରେ ଚାରିଆଡ ଅନ୍ଧାର ହେଇଗଲା । ମୁଁ ମୋ ଖଟ ଉପରେ ଶୋଇ କଇଁ କଇଁ ହେଇ କାନ୍ଦିବାକୁ ଲାଗିଲି । ସେଇ ପ୍ରଶ୍ନ ମୋ ମନରେ ବି ଆସିଲା..... ଭୁଲ ହେଇଗଲା ତୁମକୁ ଭଲ ପାଇ ।

କେନ୍ଦ୍ରାପଡା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୁଲ ହୋଇଗଲା ତତେ ଭଲପାଇ



ନିବେଦିତା ପଣ୍ଡା

ତୁମ ଛାଇର ଶୀତଳତାରେ ମୋ' ଶବ୍ଦମାନେ ସନ୍ତରଣ କରନ୍ତି; ତୁମ ନୀରବତାର ନିର୍ବାକ୍ ପଣରେ ମୋ' କଳ୍ପନାର ପତ୍ର ଗୁଡ଼ିକ ସବୁଜିମାରେ ଖିଲିଖିଲି ହୋଇ ହସି ଉଠନ୍ତି....

ମୋତେ ଆଉ ଗୋଲାପର

ସୁରଭି କଣ ଦରକାର ଯେ !!

ଦରଦ ବାଣ୍ଟି ନେଇ ପାରୁଥିବା ଜଣେ....

ଯାହାକୁ କହିଦେଲେ ମନ ହାଲୁକା ହୋଇଯାଏ, ଦୁଃଖକୁ ଭୁଲି ହୁଏ, ନୂଆ ସ୍ୱପ୍ନ ଆସେ, ତାଙ୍କୁ କଣ ବୋଲି କହିବି ଯେ..... !!

ହଠାତ୍ ଏମିତି ରୋମାଞ୍ଚଭରା କଥା କେଇପଦ ଶୁଣି ସେଦିନ ଆହୁରି ପାଖକୁ ଲାଗି ଆସିଥିଲା ଅଂଶୁ । ଶ୍ରାବଣୀ ସତ କୁହ ମତେ କଣ ତୁମେ ଭଲ ପାଅନି ? କାହିଁ କେବେ ତ ଦିନେ "ମୁଁ ତୁମକୁ ଭଲପାଏ" ତୁମ ମୁହଁରୁ ଏକଥା ଶୁଣିଲିନି । ଅଭିମାନ ଭରା ଉକ୍ତିଥିଲା ଅଂଶୁର ପ୍ରେମିକା ଉଦ୍ଦେଶ୍ୟରେ ।

ଭଲପାଇବା ଭଳି ଅନୁଭବଟିଏ ସତରେ କ'ଣ କୌଣସି ଶବ୍ଦ ଭିତରେ ଅବିକଳ ଖାପ ଖାଏ ? ଭଲପାଇବାକୁ ହେଲେ କେବଳ ଭଲ ପାଇବାକୁ ହୁଏ, ତାକୁ ମୁହଁ ଖୋଲି ଜଣାଇବାର ଆବଶ୍ୟକତା କଣ ଥାଏ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେ ? ସେତ ଆପେ ଆପେ ସଞ୍ଚରିଯାଏ । ଆଉ ଯାହା ହୃଦୟରୁ ହୃଦୟକୁ ନ ଛୁଏଁ ତାହା କିଛି ବି ହୋଇପାରେ କିନ୍ତୁ ଭଲପାଇବା ବିଲ୍ କୁଲ୍ ବି ନୁହେଁ । ଅନ୍ତରର ଉଷ୍ମତା ଭିତରେ ଯିଏ ଯିଏଁ ତାକୁ କଥାରେ, କଥାରେ ବାହାରେ ଆଣି ଥୋଇଲେ ସିଏବା କେତେ ସମୟ ଜିଅନ୍ତା ? ବିକଳାଙ୍ଗ ହେଉଛି ଆଜିର ଭଲପାଇବା, କ୍ଷଣସ୍ଥାୟୀ ହେଉଛି ତାର ଅନୁଭବ, କମି କମି ଯାଉଛି ସମ୍ପର୍କର ଆୟୁଷ । ଅନୁଭବକୁ ଆଖି ଆଗରେ ଦେଖିକି ବି ଚିହ୍ନି ପାରନ୍ତିନି ଆଜିକାଲିକା ପିଲା କିନ୍ତୁ ଶବ୍ଦକୁ ସହଜରେ ମାନି ନିଅନ୍ତି । ସବୁକିଛି ବୁଝି ପାରନ୍ତିନି ଶବ୍ଦର ସୀମା ଭିତରେ ବାନ୍ଧି ରଖିବାରେ ହିଁ ଶ୍ୱାସରୁଦ୍ଧ ହୁଏ ସମ୍ପର୍କ ବିଛାଇ ଦେଇ ପାରେନି ନିଜକୁ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ।

ମୋ ମନ ପ୍ରାଣ ହୃଦୟ ସବୁକିଛି ଅଂଶୁ ପାଇଁ, ଅଂଶୁର ହୋଇ ରହିବ ସବୁଦିନ । ହୃଦୟ ସିଂହାସନରେ ବସି ସାରିଛି କାହିଁ କେବେ ଠାରୁ । ପିଲାଦିନର ସାଙ୍ଗ ପୁଣି ଧୂଳିଖେଳର ସାଥୀ । ଭଲପାଇବା କଣ ସେକଥା ଜାଣିବା ଆଗରୁ ହୋଇଯାଇଛି ପ୍ରେମ । ନିଷ୍ପାପ, ଶାଶ୍ୱତ । ସମୟର ଗତି ଆଗକୁ ବଢ଼ିବା ସହିତ ବାହାରେ କଲେଜରେ ପଢ଼ିବାକୁ ଚାଲିଗଲା ଅଂଶୁ ଦୂରରେ ରହିଲା, ଗାଁରେ ଶ୍ରାବଣୀ । ମନରେ ଅସୁମାରି ସ୍ୱପ୍ନ । କେବେ ସେ ସୁଖର ସୂର୍ଯ୍ୟୋଦୟ ହେବ ଅଂଶୁ ମନଦେବତା ରୂପେ ଜୀବନରେ ଆସି ତାକୁ ନେବ । ଗାଁକୁ ଆସିଲେ ଆଗେ ଦେଖା କରି ସବୁ ବୁଝୁଥିଲା । ଚିଠି ପତ୍ର ବି ଚାଲିଥିଲା । ଧୀରେ ଧୀରେ ତାହା କମି କମି ଆସିଲା । ଶ୍ରାବଣୀ ମନରେ ଆଶଙ୍କା ଉପୁଜିଲିଣି ଅଂଶୁ କଣ ବଦଳି ଗଲାଣି କି ? ସ୍ୱପ୍ନରେ ଭାବିପାରିବନି ସେକଥା । ବିବାହ ପାଇଁ ଘରେ ମନା କରିଦେଇଛି । ଶିକ୍ଷକତା ବୃତ୍ତିରେ ରହି ପ୍ରତିକ୍ଷା କରିଛି ଭଲ ପାଇବାର ମଧୁର ଲଗ୍ନର ବାସ୍ତବ ରୂପରେଖକୁ । ଦିନେ ଆସିଲା ଚିଠିଟିଏ । ପ୍ରେରକର ନାମ ନାହିଁ । ଖୋଲିଲା । ଅକ୍ଷର ଗୁଡିକ ଖୁବ୍ ଆପଣାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଉ ଚିହ୍ନା ଚିହ୍ନା ।

ଶ୍ରାବଣୀ କଣ ଲେଖିବି ବୁଝି ପାରୁନି । ଚିଠି ପଢ଼ି ସାରିବା ପରେ କଣ ପ୍ରତିକ୍ରିୟା ହେବ ତୁମ ମନରେ ସେକଥା ଭାବିଲେ ଅପରାଧିଟିଏ ପରି ଲାଗୁଛି । କଣ କରିବି ପରିସ୍ଥିତି ଏମିତି ହେଲା ଯେ ମୁଁ ଅନୁ ବୋଲି ଜଣେ ଝିଅକୁ ବାହାହେବା ପାଇଁ ବାଧ୍ୟ ହେଲି । ମତେ କ୍ଷମା କରିଦେବ ଏକ ଜନ୍ମରେ ତୁମ ପ୍ରେମର ଯୋଗ୍ୟ ମୁଁ ନଥିଲି । ଭୁଲ୍ ହୋଇଗଲା ତୁମକୁ ଭଲପାଇ ନିଜର କରି ପାରିଲିନି । ଭଗବାନ ବି କ୍ଷମା ଦେବେ ନାହିଁ ମତେ । ତୁମ ଆଖିରେ ଲୁହ ଦେଇଥିବାରୁ ।

ଇତି ପ୍ରତାରକ ପ୍ରେମିକ

ଶ୍ରାବଣୀ ମନେ ମନେ ଖୁବ୍ କାନ୍ଦି ଥିଲା ସେଦିନ । ଚିଠି ପଢ଼ି କହୁଥିଲା ବାହାରେ ଅଂଶୁ ଖୁବ୍ ସହଜରେ ଏସବୁ କଥା ତୁ ଚିଠିରେ ଲେଖିଦେଲୁ । ଭୁଲ୍ ହୋଇଗଲା ତୋର ବୋଲି । କାଗଜ ଖଣ୍ଡରେ ଭୁଲ୍ କହିଦେଲେ ଭଲପାଇବା ଶେଷ ହୋଇଯାଏ ନା କି ହୃଦୟରୁ ତାର କ୍ଷତ ବି ଲିଭିଯାଏନା । ତୁ ନୁହେଁ ଆଜି ମୁଁ ଶ୍ରାବଣୀ କହୁଛି- ତତେ ଭଲପାଇ ମୁଁ ଭୁଲ୍ କରିଛି, ଅର୍ଜୁନ ଭାବି ମନ ଦେଇଥିଲି ତୁ ଦୁଃସାସନ ହୋଇ ମତେ ଅପମାନିତ କରିଲୁ ସମାଜର କୁରୁ ସଭା ତଳେ । ହେଉ ଏବେ ତୁ ଭଲରେ ରହ, ଖୁସିରେ ରହ--ମତେ ଭୁଲିଯାଇ । ମୁଁ ଆଜି ଅନୁତାପ କରୁଛି, ଅପାତ୍ରରେ ପ୍ରେମ ଦାନ କରି ଅବଶୋଷ ମନରେ କ୍ଷତାକ୍ତ ହୃଦୟରେ, ଆଖିର ଲୁହରେ ଅବ୍ୟକ୍ତ ସ୍ୱରରେ କହୁଛି ଭୁଲ୍ ହୋଇଗଲା ତତେ ଭଲପାଇ ।

ନିବେଦିତା ପଣ୍ଡା, ରାଉରକେଲା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭୁଲ ହୋଇଗଲା ତତେ ଭଲପାଇ



ପୁଷ୍ପଲତା ମିଶ୍ର

ଅଡୁଆ ସୂତାର ଗୁନ୍ଥା ଏ ଜୀବନ, ତଥାପି ସରେନି ଆଖିରୁ ସପନ ଜୀବନର ପଥ ଭାରି ଅଙ୍କା ବଙ୍କା, କେବେ ଫୁଲ ପୁଣି କେବେ କଣ୍ଟା ମନ ମାରି ବସିଥିଲା ବର୍ଷା ପିଲାଦିନର ଧୂଳି ଖେଳ, ବୋହୁଚୋରି, କଣ୍ଢେଇ କନିଆଁର ବାହାଘର, ମିଛି ମିଛିକା ବୋହୂ ହେଇ ବସନ୍ତ ଭାଇ ଘରକୁ ଯାଏ, ଧୂଳିରେ ଭାତ, ଡାଲି, ମାଛ ତରକାରୀ କରି ଖୁସିରେ ଖେଳ ସାରି ଘରକୁ ଫେରି ଆସନ୍ତି ଏମିତି ପ୍ରତି ଛୁଟି ଦିନରେ ଚାଲେ । ଦିନକର କଥା ଖୁଦୁରୁକୁଣୀ ଓଷାରେ କଇଁ ଫୁଲ ତୋଳି ନପାରି କନିଆଁ ଯୋରରେ ବସି କାନ୍ଦୁଥାଏ । ପଛରୁ ଆସି ବସନ୍ତ ଭାଇ ଚମକେଇ ଦେଇ କହିଲା ମୋ ନାକ କାନ୍ଦୁରି ବର୍ଷା ଆଖିରୁ ଲୁହ ଧାର ଧାର ହେଇ ବୋହି ଯାଉଛି । ତୋର କେତେ ଫୁଲ ଦରକାର କହିଲୁ ? ଆସେ ମୁଁ କଇଁ ଫୁଲ ତୋଳି ଦେବି । ଏ ବସନ୍ତ ଭାଇ ତୋତେ ପରା ଜର ହେଇଛି ମୋର କଇଁ ଫୁଲ ଦରକାର ନାହିଁ ।

ଯୋରରେ ପଶି ତୁ କଇଁ ଫୁଲ ତୋଳିଲେ ତୋ ଦେହ ବେଶି ଖରାପ ହେଇଯିବ । ନାଁ ଲୋ ହୁଣ୍ଡି ମୋର କିଛି ହବନି ତୁ କଇଁ ଫୁଲ ପାଇଁ କାନ୍ଦିବୁ ତୋ ବସନ୍ତ ଭାଇ କଣ ସହି ପାରିବ ?

ଭାବନା ରାଇଜରୁ ଫେରି ଆସିଲା ବର୍ଷା କୁଆଡେ ଗଲା ସେ ଦିନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହସ ଖୁସିରେ ଖେଳି ବୁଲୁଥିବା ବର୍ଷା ବସନ୍ତର ପ୍ରେମ ସମ୍ପର୍କ ଗାଁର ଗୋଡ଼ି ମାଟି ଜାଣି ସାରିଲେଣି । ଏହି ସମୟରେ ବସନ୍ତ ଭାଇ ପାଠ ପଢ଼ିବାକୁ ଯାଇଛି ଯେ ଯାଇଛି, କିଛି ଖୋଜ ଖବର ନାହିଁ ।

କେମିତି ମୁଁ ଅପେକ୍ଷା କରିବି ଜାଣି ପାରୁନି । ଏଣେ ମୋ ବାହାଘର ପାଇଁ ମାଆ,ଭାଇ ଦାଦାଙ୍କର ଜୁଲମ । ଭାଇ ଜିଦ୍ କରି ବସିଛି ମୋ ବାହାଘର ଶୀଘ୍ର ସାରି ଦେଲେ ତାଙ୍କ ମୁଣ୍ଡରୁ ଗୋଟେ ବୋଝ ଯିବ, ଭାଇ ମାଆ ସହିତ ଜିଦ କରିଛି ବୈଶାଖ ସହିତ ମୋର ବାହାଘର କରି ଦବାକୁ...... ।

ବର୍ଷା ବସନ୍ତକୁ ଭୁଲି ବୈଶାଖର କଣ ହେଇ ପାରିବ, ବୈଶାଖର ଧୁ ଧୂ ଖରାରେ ଜଳି ପୋଡ଼ି ପାଉଁଶ ହେଇଯିବ ବର୍ଷା ! !

ବାପାଙ୍କ ମରିବା ପରେ ଦାଦା ମୋର ସବୁ ଭଲମନ୍ଦ କଥା ବୁଝୁଥିଲେ । ଦାଦା ବି ଏବେ କାହିଁକି ନୀରବ, ଭାଇର ବାଧ୍ୟ ବାଧକତାରେ ଦାଦା ଆସି ବୁଝାଇ କହିଲେ - ମୋ ଟିକି ମା ମୋ କଥା ନିଶ୍ଚୟ ରଖିବ, ମୋ କଥା ମାନି ତୁ ବୈଶାଖକୁ ବାହା ହବା ପାଇଁ ରାଜି ହେଇଯା । ଦାଦା ତୁମେ ଏ କଥା କହୁଛ ? ମୁଁ ପାରିବିନି ଦାଦା !

ବର୍ଷା ଯଦି ବସନ୍ତର ନ ହେଲା ବୈଶାଖର ହବ କେମିତି ? ?

ନାଇ ଦାଦା ବସନ୍ତ ଭାଇ ନିଶ୍ଚୟ ଆସିବ ଆଉ ଦିନ କେଇଟା ଅପେକ୍ଷା କର ଦାଦା, ମୋ ବସନ୍ତ ଭାଇ ବର ସାଜି ରୋଷଣୀ ସହ ପାଲିଙ୍କିରେ ବସି ବାହା ହେବାକୁ ଆସିବ । ମୁଁ ବୁଝୁଛି ଲୋ ବର୍ଷା ସତ୍ୟ ପରା ଜିଦ କରିଛି ତୋ ବାହାଘର ବୈଶାଖ ସହ କରିବ ବୋଲି, ତୋ ବାପାଙ୍କର ଯୋଉ କରଜ ଥିଲା, ଆଉ ଜମି ସବୁ ବନ୍ଧା ପଡ଼ିଛି ବୈଶାଖର ବାପା ପାଖରେ ........ । ବୈଶାଖକୁ ତୁ ବିବାହ କଲେ ସେ ଜମି ସବୁ ମୁକୁଳି ଯିବ, ଦାଦା ଭାଇର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୁଦ୍ଧି କଣ କହିଲ ଜମି, ଧନ, ଆଭିଜାତ୍ୟ ପାଖରେ ବନ୍ଧା ପଡ଼ିଯିବ ପ୍ରେମ !!

କୁହୁଡି ଠାରୁ ଏକ ଭଲ କଥା ଶିଖିବାକୁ ମିଳିଥାଏ, ଜୀବନରେ କିଛି ବାଟ ଦେଖା ଯାଏନି ବହୁ ଦୂରଯାଏ ଦେଖିବାକୁ ଚେଷ୍ଟା ନ କରି ଗୋଟିଏ ଗୋଟିଏ ପାଦ ଆଗକୁ ଚାଲିଲେ ଆପେ ଆପେ ରାସ୍ତା ଖୋଲିଯାଏ ଦାଦା ବୁଢିଆଣୀ ସୂତା ଜାଲରେ ଛନ୍ଦି ହୋଇ ଯାଇଛି ତୁମରି ଏ ବର୍ଷା ! କଣ କରିବ ବର୍ଷା କିଛି ବୁଝି ପାରୁନି, ମାଆ ଭାଇଙ୍କର ଜୁଲମ ବୈଶାଖ ଧନୀ ଘରର ପୁଅ କୋଠା ପ୍ରାଚୂର୍ଯ୍ୟ, ଐଶ୍ବର୍ଯ୍ୟରେ ଭରପୁର ଅଭାବ ନାହିଁ । ଭାଇର ଏକା ଜିଦ୍ ବୈଶାଖକୁ ବିବାହ କଲେ ସୁଖରେ ରହିବି ହେଲେ ଭାଇ ବୁଝି ପାରୁନି କୋଠାଘରର ତାତିରେ ବର୍ଷାର ପ୍ରେମ ଜଳି ପୋଡ଼ି ପାଉଁଶ ହୋଇଯିବ । ଭାଇ ତୁ କଟକ ଯାଇଥିଲୁ ବସନ୍ତକୁ ଦେଖାକଲୁ ସେ କଣ କହିଲା ଭାଇ..

ବର୍ଷା ତୁ ବସନ୍ତ କୁ ଭୁଲି ଯାଆ ....., ବସନ୍ତର ଗାଡି ଧକ୍କା ହେଇଛି । ତା ମୁଣ୍ଡରେ ଶକ୍ତ ଆଘାତ ଲାଗିଛି ସେ ମୁକ ହେଇଯାଇଛି କଥା କହି ପାରୁନି ତୁ ବସନ୍ତକୁ ଭୁଲିଯା ବର୍ଷା ମୋ ସୁନା ଭଉଣୀଟା ପରା, ବୈଶାଖକୁ ବାହା ହେବାକୁ ରାଜି ହୋଇଯାଆ ବର୍ଷା !! ବେକାର, ମୁକକୁ ବାହା ହୋଇ ତୁ ଜୀବନରେ କଷ୍ଟ ପାଇବୁ ବର୍ଷା, ତୁ ରାଜି ହେଇଗଲେ ମୁଁ ବୈଶାଖ ସହ ତୋର ବାହାଘର ଠିକ୍ କରିଦେବି ।

ବସନ୍ତ ମୁକ ହେଇଯାଇଛି, ଗୋଟିଏ ମୁକସାଙ୍ଗରେ କେମିତି ଏତେ ବଡ଼ ଜୀବନ କଟେଇବୁ ଭାଇ ଯୋଉ ବର୍ଷା ବସନ୍ତ ପାଇଁ ଜନ୍ମ ହେଇଥିଲା ସେ କେମିତି ବୈଶାଖର ହାତ ଧରି ଦିନ କାଟିବ ।

ଦାଦା ତୁମେ କଣ କିଛି ବୁଝି ପାରୁନ ? ବଣ ପୋଡ଼ିଗଲେ ସମସ୍ତେ ଦେଖି ପାରନ୍ତି ଲୋ ବର୍ଷା ହେଲେ ମନ ପୋଡ଼ି ଗଲେ କେହି ଦେଖି ପାରନ୍ତି ନାହିଁ, ସେଇ ପୋଡ଼ି ଯାଉଥିବା ମନର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଉଁଶ ଉପରେ ପାଦ ରଖି ତୁ ଏମାନଙ୍କ କଥାରେ ରାଜି ହେଇ ଯା ।

ଦେଖ ବର୍ଷା ତୋ ଭାଗ୍ୟରେ ସୁଖ ଲେଖା ହେଇଛି ଦେଖୁନୁ ଦୁଃଖ ଆପଣା ବାଟରେ ଚାଲିଗଲା । କାହାରି କଥା ବର୍ଷାର ମନକୁ ଛୁଉଁ ନଥିଲା, ଏ ବର୍ଷା ତୁ କିଛି କହୁନୁ ଯେ ସତ୍ୟ ତତେ କଣ କହୁଛି ପରା........। ସମସ୍ତେ ଯେତେବେଳେ ବର୍ଷା ଜୀବନର ସୁଖ ପାଇଁ ଏତେ ବ୍ୟସ୍ତ ତୁମ କଥାକୁ କାଟି ଦେଇ ମୁଁ ଦୁଃଖକୁ ଆପଣାର କରିବି କାହିଁକି ? ମୁଁ ବସନ୍ତର ହାତ ଛାଡ଼ି ବୈଶାଖର ହାତ ଧରିଲେ ଶାନ୍ତିରେ ରହିବି ମୋର କିଛି ଆଉ କହିବାର ନାହିଁ, ମୋର ଶୁଭ ମନାସି ମାଟି ଘରୁ ନେଇ କୋଠାଘରେ ରହିବାକୁ ଚାହୁଁଛ ମୁଁ ଅରାଜି ହେବି କାହିଁକି ? ମୋର ପ୍ରେମକୁ ଜଳାଞ୍ଜଳି ଦେଇ ତୋ କଥାରେ ରାଜି ହେଇଯିବି ମୋର ଗୋଟିଏ କଥା ତୋତେ ରଖିବାକୁ ପଡିବ ?

କଣ କହ ଭାଇ ମତେ ଥରଟେ ସୁଯୋଗ ଦେ ଭାଇ ମୁଁ ବସନ୍ତକୁ ଥରେ ଦେଖା କରି ଆସିଲେ ତୋ କଥାରେ ରାଜି ହୋଇଯିବି।

ବସନ୍ତ ଭାଇ ଏ ବସନ୍ତ ଭାଇ ଏ ସବୁ କଣ ହେଇଗଲା, ତମେ ମତେ ଚିହ୍ନି ପାରୁନ ? ମୁଁ ବର୍ଷା ! ତୁମେ କଥା କୁହ ବସନ୍ତ ଭାଇ, ତୁମେ କଣ ସତରେ କଥା କହିବନି ନା ମୋ ଉପରେ ରାଗି କଥା ନ କହିବାକୁ ଶପଥ କରିଛ ! ଅଭିମାନ କରିଛ ନା' ବର୍ଷା ତା ଜୀବନରେ ବସନ୍ତ ଛଡ଼ା ଆଉ କାହା କଥା ଚିନ୍ତା କରି ନଥିଲା ହେଲେ ବର୍ଷା ବସନ୍ତର ସପନ କୁଡିଆ ଭିତରେ କାହିଁକି ଯେ ବୈଶାଖୀ ବାଆଟା ଏମିତି ଝାଞ୍ଜି ପବନ ମରୁଛି ମୁଁ ବୁଝି ପାରୁନି । ଆମର ଭଲ ପାଇବାରେ ଭୁଲ କୋଉଠି ରହିଲା ? କେମିତି ଆଉ କୋଉ ପରିସ୍ଥିତିରେ ବର୍ଷା ଆଜି ବସନ୍ତକୁ ଭୁଲି ବୈଶାଖର ହାତ ଧରିବାକୁ ଯାଉଛି ।

ବସନ୍ତ ଭାଇ କିଛି ନ କହିଲେ ବି ଥରେ ଶୁଣିଯାଅ ଏ ବର୍ଷା ଆଷାଢ଼ର ପ୍ରଥମ ଅସରା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୁହେଁ ଶ୍ରାବଣର ଶେଷ ଅସରା ଏଇ ଶେଷ ଅସରା ତୁମ ଜୀବନର ଶେଷ ଅସରା ଭାବି ଭୁଲି ଯିବ । ବସନ୍ତ ଭାଇ କିଛି ନ କହିଲେ ବି କିଛି ଶୁଣି ଯାଅ - ତୁମେ ଚାଲି ଗଲେ ଶୁଣିବ କିଏ ? ଆଉ ଦିନ କେଇଟା ପରେ ମୋର ବାହାଘର ମୁଁ ଝିଅରୁ ହୋଇଯିବି ବୋହୁ !

ଭୁଲ ହେଇଗଲା ତୁମକୁ ଭଲ ପାଇ....................

ବସନ୍ତ ଭାଇ ଜାଣେନା ଜୀବନରେ ଆଉ କେବେ ଦେଖାହବ କି ନାହିଁ ବୋହୁ ଚୋରି ଖେଳ କଥା, କଣ୍ଢେଇ କନିଆଁର ବାହାଘର କଥା ଗାଁ ଦାଣ୍ଡରେ ଚକା ଭଉଁରି ଖେଳ କଥା ମନେ ପକେଇ ମତେ ଡାକିବ ବସନ୍ତ ଭାଇ ! ! ଏ ବର୍ଷା ତୁମ ଡାକ ଶୁଣି ଯୋଉଠି ଥିବ ତାର ପାଦ ସେଇଠି ଅଟକି ଯିବ । ବର୍ଷା ଆଜି ବସନ୍ତ ଆଉ ବୈଶାଖ ମଝିରେ ଠିଆ ହୋଇ ଭାବୁଛି ଜୀବନରେ ସେ ପାଇଛି କଣ ? ? ଆଉ ହରେଇଛି କେତେ ଭୁଲ ହେଇଗଲା ତୁମକୁ ଭଲ ପାଇ............

ପୁଷ୍ପଲତା ମିଶ୍ର
ଭୁବନେଶ୍ୱର
୯୩୩୭୯୯୪୭୫୬୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିନା ଓ ନାନୀ



ପଦ୍ମାଳୟା ପାଢ଼ୀ

ଏତେ ବର୍ଷ ପରେ ସେଇ ଘଣ୍ଟଶିଳା ପାହାଡ଼ ଏବଂ ତାର ପାଦ ଦେଶରେ ବାହୁଦା ନଦୀ ଠିକ ସେମିତି ରହିଛି ଟିକିଏ ବି ବଦଳି ନାହିଁ । ଘଟଣା ଗୁଡିକ ଦୃଶ୍ୟପଟରେ ବଦଳି ଯାଇଛି ସତ ହେଲେ ପ୍ରଚ୍ଛଦପଟ ଠିକ ସେମିତି ଅଛି ଯେମିତି ଥିଲା ଦୁଇ ଦଶନ୍ଧି ତଳେ ଯେତେବେଳେ ନିନାକୁ ନେଇ ମୁଁ ଆସିଥିଲି ଘଣ୍ଟଶିଳାର ପାଦଦେଶରେ କିଛି ସମୟ ବିତାଇବା ନିମନ୍ତେ । ସମୟ କଟାଇବା ତ ଏକ ବାହାନା ଥିଲା ମୂଳ ଉଦ୍ଦେଶ୍ୟ ଥିଲା ଦୂର ସମ୍ପର୍କୀୟା ଭଉଣୀ ନିନାକୁ କେତେ ସମୟ ପାଇଁ ସେଇ ପରିବେଶରୁ ବାହାରକୁ ନେଇ ଆସିବା । ନିନା ଘରେ ନିନାକୁ ନେଇ ପ୍ରବଳ ତୁମ୍ବି ତୋଫାନ ଚାଲିଥିଲା । ତେଣୁ ତା ମା ତାକୁ ଆଣି ଆମ ଘରେ ଛାଡି ଚାଲି ଯାଇଥିଲେ କାଳେ ମୋ ପରି ଝିଅ ପାଖେ ରହିଲେ ତା ମନ ବଦଳି ଯାଇପାରେ । ମୁଁ ଗୋଟିଏ ପୁସ୍ତକକୀଟ ପୁଣି ଘର ଲୋକଙ୍କ ବାରମ୍ବାର ତାଗିଦ ଓ ବାରଣ ସତ୍ତ୍ୱେ ଅବିବାହିତା ଏବଂ ବିବାହ ପ୍ରତି ବୀତସ୍ପୃହ ତେଣୁ ମୁଁ ହିଁ ତାକୁ ତା ବୟ ଫ୍ରେଣ୍ଡ ଠାରୁ ଛଡାଇ ଆଣି ପାରିବି ବୋଲି ସେମାନଙ୍କର ଅଗାଧ ବିଶ୍ୱାସ ଥିଲା ମୋ ଉପରେ !!!

ସୁତରାଂ ତା ମନ ବଦଳାଇବା ପାଇଁ ତାକୁ ନେଇ ଯାଇଥିଲି ସେଇ ଘଣ୍ଟଶିଳାର ପାଦ ଦେଶକୁ ଯୋଉଠି ବେଶୀ ଲୋକଙ୍କର ଆତଯାତ ନାହିଁ ଏବଂ ପାର୍ଟି ପିକନିକର ହାଙ୍ଗା ବାଜିନାହିଁ ତେଣୁ ସେଠିକାର ଅସରନ୍ତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରକୃତି ଅକ୍ଷୁର୍ଣ୍ଣ ରହିଛି । ସେଇଠି ହିଁ ନିନାର କଲେଜ ଲଭ ଷ୍ଟୋରି ଜାଣିବାକୁ ପାଇଥିଲି । ନିଳେଶ ବୋଲି ପିଲାଟିଏ ତା ବ୍ୟାଚ୍‌ର ଭଲ ପାଏ ତାକୁ ଏବଂ ସେ ବି । ମୋବାଇଲରୁ ଗୋଟେ ଦିଟା ମେସେଜ ଦେଖି ମାତ୍ର ସତର ବର୍ଷ ପୁଣି ପ୍ଲସ ଟୁ ରୁ ଝିଅର ଏଇ ସବୁ କାଣ୍ଡ କାରଖାନାକୁ ନେଇ ନିନାର ବାପା ମା ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲେ । ବାଡିଆ ପିଟା କରିବା ପର୍ଯ୍ୟନ୍ତ ବି କଥା ଯାଇଥିଲା । କିନ୍ତୁ ସେ କହୁଛି ନିଳେଶ ବିନା ତା ଜୀବନ ଅନ୍ଧକାରମୟ ।

– ନାନୀ ତା ବିନା ମୁଁ ବଞ୍ଚି ପାରିବିନି । ସେ ବି କହୁଛି ମୋତେ ନପାଇଲେ ଜୀବନ ହାରିଦେବ ।

–କିନ୍ତୁ ଏତେ କମ ବୟସରେ ପାଠ ପଢା ସମୟରେ ଏଇ ସବୁ କଥା ମୁଣ୍ଡରେ ଢୁକିବା ତ ଠିକ ନୁହେଁ ? ସେ ବି ତ ନିଜେ ସେଟଲ ହୋଇନାହିଁ । ଠିକ ଅଛି ପଢା ପଢି ସରୁ ତୁମେ ଦୁହେଁ ନିଜକୁ ନିଜେ ସମ୍ଭାଳିବାର ବୟସ ଆସିଯାଉ । ତା ପରେ ଯାହା କିଛି ।

–କିନ୍ତୁ ସେତେବେଳେ ସେ ଯଦି ମୋତେ ଛାଡି ଆଉ କାହାକୁ .... ତେବେ ? ମୁଁ ତ ସାରା ଜୀବନ ଏକୁଟିଆ କାଟିବାକୁ ପଡିବ ନା । ଆଉ କାହାର ତ ହୋଇ ପାରିବି ନାହିଁ । ଟିକିଏ ଚୁପ ରହି କହିଲା ।

–ଦେଖ ନାନୀ ! ଏଇ ପଥର ଗୁଡିକୁ ଦେଖ । କେତେ ନା କେତେ ପ୍ରେମିକ ପ୍ରେମିକା ସେମାନଙ୍କର ନାଁ ପରସ୍ପର ସହିତ ଯୋଡି ପଥର ଉପରେ ଲେଖି ନିଜ ନିଜର ପ୍ରେମକୁ ଅମର କରି ଦେଇଛନ୍ତି । ଏକୁଟିଆ କିଏ ନିଜ ନାଁ ନିଜେ ଲେଖିଥାଏ କି ? କେତେ ପ୍ରେମିକ ପ୍ରେମିକା ମାନଙ୍କ ନାଁ ସବୁ ଯୁକ୍ତ ଚିହ୍ନ ରେ ଯୋଡ଼ା ହୋଇ ଲେଖା ହୋଇଛି ଦେଖୁଥିଲି ମୁଁ ।

–ଏମିତି ଲେଖିଦେଲେ ପ୍ରେମ ପୁଣି ଅମର ହୋଇଯାଏ କାଇଁ ମୁଁ ତ ଜାଣିନାହିଁ । ବେଦି ଉପରେ ଦଶ ଦିଗପାଳଙ୍କୁ ସାକ୍ଷୀ ରଖି ମଧ୍ୟ ଛାଡବାଡ଼ କୋର୍ଟ କଚେରୀ ଯାଏଁ କଥା ଯାଉଛି । ଆଉ ଏ ପଥର ଉପରେ ନାଁ ଲେଖିଦେଲେ ପୁଣି ପ୍ରେମ କାହାଣୀ ଅମର ହୋଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯାଉଛି । କିନ୍ତୁ ଗୋଟିଏ କଥା ସତ ଯେ କେବଳ ନିଜ ନାଁ କେହି ଲେଖନ୍ତି ନାହିଁ । ନିଜ ସଙ୍ଗେ ବୟ୍ ଫ୍ରେଣ୍ଡ କି ଗାର୍ଲ ଫ୍ରେଣ୍ଡର ନାଁ ଯୋଡ଼ା ହୋଇ ହିଁ ଲେଖା ଯାଇଥାଏ । ତେଣୁ ନିନାର ଯୁକ୍ତି କେତେକାଂଶ ରେ ଯୁକ୍ତିଯୁକ୍ତ ମନେ ହେଲା ।

--ମାଇଁ ଡ଼ିଅର ନିନା ! ତୋତେ ଯଦି ଏକୁଟିଆ ନାଁ ଲେଖିବାକୁ ଭଲ ଲାଗୁନି ମୋ ନାଁ ସହିତ ମିଶାଇ ଲେଖ । ନିନା ପ୍ଲସ ନାନୀ, ହେବନି କି ? ହସିଥିଲା ସେ ମୋ କଥା ଶୁଣି ପୁଣି କଣ ଭାବି ଗୋଟିଏ ଧାରୁଆ ଗୋଡି ସାହାଯ୍ୟରେ ପଥର ଉପରେ ମୁଁ ଯାହା କହିଥିଲି ବସି ବସି ଲେଖିଥିଲା ।

--ଦେଖ ଏବେ ଆମ ପ୍ରେମ ଅମର ହୋଇଗଲା ନା ? ମୋ କଥା ତା ଉପରେ ପ୍ରଭାବ ପକାଉଥିଲା କି ନାହିଁ ଜାଣିନାହିଁ, ସେ କିନ୍ତୁ ଅମର ହେବାର ନଥିଲା ବରଂ ଅପ୍ରାପ୍ତ ବୟସ ରେ ଆତ୍ମହତ୍ୟା କରିବାକୁ ବାଛି ନେଇଥିଲା । ସେଦିନ ଆମେ ଫେରି ଆସିଥିଲୁ । ଯା'ର ଠିକ ଦୁଇ ମାସ ପରେ ଗୋଟିଏ ଦୁଃଖଦ ଖବର ମିଳିଲା ଯେ ନିନା ଆଉ ଏ ଦୁନିଆରେ ନାହିଁ । ଥରି ଉଠିଥିଲା ମୋର ସମଗ୍ର ଅବୟବ ।

ପ୍ରେମ ମଣିଷକୁ ଜୀଇଁବାକୁ ପ୍ରେରଣା ଯୋଗାଏ ପୁଣି ମଣିଷକୁ ଦୁନିଆ ଛାଡିବାକୁ ବି ସେଇ ପ୍ରେମ ହିଁ ବାଧ୍ୟ କରିଥାଏ । କଣ କରାଯିବ ଆଉ । ଯେ ଯେଉଁ ରୂପରେ ଗ୍ରହଣ କଲା । ମୁଠାଏ ଚାଉଳରେ କିଏ ଭାତ ରାନ୍ଧି ସମସ୍ତଙ୍କୁ ପରଷି ପାରେ ତ ପୁଣି କେହି ସେଇ ମୁଠାକ ଚାଉଳରୁ ପିଠଉ ବାଟି ଝୋଟି ପକାଏ । ଅଥବା କେହି କେହି ସେଇ ଚାଉଳ କୁ ନେଇ ପାରା ମାନଙ୍କୁ ଦାନା ଖୁଆଇଲା ବେଳେ କେହି କେହି ସେଥିରେ ନୂଆ ନୂଆ ଖାଦ୍ୟ ପ୍ରସ୍ତୁତ କରି ବାହାବା ନିଅନ୍ତି । ଜୀବନକୁ ଯିଏ ଯେମିତି ବୁଝିଲା ସେମିତି ଶୈଳୀରେ ଚଳାଇଲା ।

ନିନା ଚାଲି ଯିବାର ଅନେକ ବର୍ଷ ପରେ ନିନାର ନାନୀ ଅର୍ଥାତ ମୁଁ ଆଜି.... ନିୟୁଜ ଚାନେଲରେ ମୁଖ୍ୟ ଖବର ବିଶିଷ୍ଟ ଶିଳ୍ପପତି ସ୍ୱସ୍ତିକ ସୁନ୍ଦରଙ୍କ ବିବାହବାର୍ଷିକୀ ଶୁଣି .... !

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସ୍ୱସ୍ତିକ... ଆଃ... । ଏକ ମିଠା ବିଷ ଯାହା ଧୀରେ ଧୀରେ ରକ୍ତ କଣିକା ଗୁଡିକରେ ଖେଳିଯାଇ ହୃଦୟର କୋଣ ଅନୁକୋଣରେ ଭେଦି ମରିବା ପାଇଁ ଉପାଦନ ଯୋଗାଉଥିଲା ମୋତେ । ଅନେକ ବର୍ଷ ତଳେ ଠିକ ଦିନେ ଏମିତି ଏକ ପରିଷ୍କାର ମେଘମୁକ୍ତ ନୀଳଆକାଶ ତଳେ ସ୍ୱପ୍ନର ବୀଜ ବୁଣିଥିଲା ସ୍ୱସ୍ତିକ ମୋ ଜୀବନରେ । ମୁଁ କିଛି ବି ମାଗିନଥିଲି ତାକୁ ନା ସ୍ୱପ୍ନ ନା ବାସ୍ତବତା । ନିମ୍ନ ମଧ୍ୟବିତ୍ତ ପରିବାରର ଦୁଇ ଝିଅଙ୍କ ଭିତରେ ସବା ସାନ ଝିଅ ଥିଲି ମୁଁ । ବଡ଼ ଭଉଣୀ ମୋର ବିବାହିତା ଏବଂ ଦୁଃଖିନୀଟିଏ ମଧ୍ୟ । ଦୁଇଟି ଝିଅର ମା ହୋଇ ଆଜି ବି ତା ସ୍ୱାମୀ ଓ ଶାଶୁଙ୍କର ହତାଦରର ଶିକାର । ଆଉ ରହିଲି ମୁଁ । ମୁଁ ଗୋଟେ କିଏ କି ? ମୁଁ ତ ମୁଁ ଯାହାର ଭବିଷ୍ୟତ ଅନିଶ୍ଚିତ । ନା ଚାକିରୀ କରିଛି ନା ଭଲ ଜାଗାରୁ ବିବାହ ପ୍ରସ୍ତାବ ଆସିବାର ଅଛି । ତେଣୁ ସ୍ୱପ୍ନ ଦେଖିବାର ପରିସୀମା ମୋ ପାଇଁ ମୂଳରୁ ନଥିଲା । ଏଇ ସ୍ୱସ୍ତିକ ହିଁ ନିରବରେ ସ୍ୱପ୍ନ ଗୁଡିକ ବୁଣି ଦେଇ ଚାଲିଗଲା ଯେ ଆଉ କେହି ଜାଣି ପାରିଲେନାହିଁ । ନିରବ ରେ ଆସିଥିଲା ଓ ନିରବରେ ଚାଲିଗଲା । ଆଖିର ଲୁହ ଆଖିରେ ଶୁଖି ଗଲା ।

ହୁଏତ ମୋର ବି ଭୁଲ ଥିଲା । ସ୍ୱସ୍ତିକ ତାର କଳ୍ପିତ ଜୀବନ ସାଥିର ସ୍ୱରୂପ ମୋ ଆଗରେ ବର୍ଣ୍ଣନା କଲା ବେଳେ ଯେତେବେଳେ ସ୍ୱପ୍ନମଗ୍ନ ହୋଇ ଯାଉଥିଲା ସେତେବେଳେ ହିଁ ମୁଁ ତାଠାରୁ ଦୁରେଇ ଯିବା ଦରକାର ଥିଲା । ହେଲେ ସ୍ୱସ୍ତିକକୁ ମୁଁ ଛାଡି ପାରୁନଥିଲି । ଯେତେ ପର୍ଯ୍ୟନ୍ତ ସେ ମୋତେ ଛାଡିନଥିଲା ସେତେପର୍ଯ୍ୟନ୍ତ ତା ଠାରୁ ମୁଁ ଦୁରେଇ ପାରିନଥିଲି । ବେଳେ ବେଳେ ଭାବୁଥିଲି ଯେ ମୋତେ ସର୍ବ ଗୁଣ ସମ୍ପର୍ଣ୍ଣ ବୋଲି କହିଲା ପରେ ବି ସ୍ୱସ୍ତିକର କଳ୍ପନାରେ ପୁଣି ଆଉ କିଏ କେମିତି ଆସିଲା ? ସେଠାରେ ବି ମୁଁ ହିଁ ରହିବା କଥା । ହେଲେ ସତକୁ ସାମ୍ନା କରିବାର ସାହାସ ନଥିଲା ମୋର । କରିଥିଲେ ସ୍ୱସ୍ତିକକୁ କେତେବର୍ଷ ଆଗରୁ ହରାଇବାକୁ ପଡିଥାଆନ୍ତା । ସେଇ ଭୟରେ ମୁଁ ଆଖି ଥାଇ ବି ଅନ୍ଧଥିଲି । ସ୍ୱସ୍ତିକର କଳ୍ପିତ ସହଧର୍ମିଣୀଟି ଏକାଧାରରେ ସୁନ୍ଦର ସୁଶୀଳ ଧନୀ ପିତାମାତାଙ୍କ ଏକମାତ୍ର ସନ୍ତାନ ସାଙ୍ଗକୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରବଳ ଭାବରେ ସ୍ୱସ୍ତିକକୁ ଭଲ ମଧ୍ୟ ପାଉଥିବ । ଏସବୁ ଭିତରୁ ଭଲ ପାଇବାକୁ ଛାଡିଦେଲେ ସ୍ୱସ୍ତିକର ପତ୍ନୀ ହେବାପାଇଁ ମୋ ପାଖରେ ଆଉ କୌଣସି ଯୋଗ୍ୟତା ନଥିଲା । ଆଉ ସେ ଭଲ ପାଇବାକୁ ମୁଁ କେମିତି ଜଣାଇଥାନ୍ତି ଜାଣି ପାରୁ ନଥିଲି ।

ଯେଉଁଦିନ ସ୍ୱସ୍ତିକ ତାର ଭାବି ପତ୍ନୀ ସମ୍ପର୍କରେ ମୋ ସାମ୍ନାରେ ସଗର୍ବେ ଘୋଷଣା କଲା ସେଦିନ କେମିତି ଗୋଟେ ନିଜ ଭିତରେ ନିଜେ ମୁଁ ସଂକୁଚିତ ହୋଇ ଯାଇଥିଲି । ବୋଧେ ମୁଁ ନିଜକୁ ସ୍ୱସ୍ତିକର ସମକକ୍ଷ ଭାବୁନଥିଲି । ସ୍ୱସ୍ତିକର ବିବାହ ଖବର ଶୁଣି ପ୍ରଥମେ ତ ଆଗ୍ନେୟଗିରିର ସୁପ୍ତ ଅଗ୍ନିସ୍ଫୁଲିଙ୍ଗ ଗୁଡିକ ଜୀବନ୍ତ ହୋଇ ପରେ ପରେ ଅଶ୍ରୁ କଣିକାରେ ରୂପାନ୍ତରିତ ହୋଇ ଅବିଶ୍ରାନ୍ତ ବୋହି ଚାଲିଥିଲେ ଅବଶ୍ୟ ସ୍ୱସ୍ତିକର ଅଗୋଚରରେ । ସ୍ୱସ୍ତିକ ମୋତେ ଛାଡି ଚାଲିଗଲା । ହୁଏତ ଆଉ କେବେ ବି ମନେ ପଡିବି ନାହିଁ ତାକୁ । ସ୍ୱସ୍ତିକ ତୁମେ ମୋର ଜୀବନ ଠୁ ବଳି, ଭଲ ପାଉଛି ତୁମକୁ ବୋଲି ତ ଅନେକ ଥର କହିଥିବି ହେଲେ ଶେଷ ଦିନ ସ୍ୱସ୍ତିକ ତୁମକୁ କେମିତି ଛାଡି ରହିବି କିମ୍ବା ତୁମ ବିନା ବଞ୍ଚି ପାରିବି ନାହିଁ ମରିଯିବି ବୋଲି କହି ପାରି ନଥିଲି । ଲାଗିଲା ଯେମିତି ସେ ଅଧିକାର ମୋର ନାହିଁ କିମ୍ବା କହି ଥିଲେ କୋଉ ଲାଭ ହୋଇଥାନ୍ତା ନା ସ୍ୱସ୍ତିକ ବିବାହ ନକରି ମୋ ଲାଗି ଅଟକି ଯାଇଥାନ୍ତା ?

ତା ପରେ ନିଜକୁ ସମସ୍ତଙ୍କ ଠାରୁ ଦୁରେଇ ନେଇ ଭବିଷ୍ୟତ ଚିନ୍ତାରେ କେତେଦିନ ଘାରି ହେଲି । ଅକ୍ଲାନ୍ତ ଉଦ୍ୟମ କରି ବ୍ୟାଙ୍କ ପିଓ ପାଇସାରିବା ପରେ କ୍ରମଶଃ ଦୁରେଇ ଯାଇଥିଲି ସେଇ ପରିଚିତ ସହର ଓ ପରିଚିତ ବ୍ୟକ୍ତିମାନଙ୍କ ଠାରୁ । କିଏ ଥିଲା କି ଏବେ ଆଉ ? ଅବିବାହିତା ରହିବା ପାଇଁ ଦୃଢ଼ ନିଷ୍ପତ୍ତି ନେଇଥିବା ଏକଜିଦିଆ ଝିଅକୁ ସାଂସାରିକ ମୋହ ମାୟାରେ ବାନ୍ଧିବା ପାଇଁ ବ୍ୟର୍ଥ ଉଦ୍ୟମ କରି ଅସଫଳ ହେବା ପରେ ଝିଅଟି ତାଙ୍କର ବାକି ଜୀବନ ସୁଖରେ ରହୁ ବୋଲି ଈଶ୍ୱରଙ୍କ ନିକଟରେ ଖାଲି ମୋର ମଙ୍ଗଳ କାମନା କରିବା ଛଡା ମୋ ମାତା ପିତାଙ୍କ ହାତରେ ଆଉ ଅଧିକା କିଛି ନଥିଲା । ପରେ ପରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେମାନେ ଡକାଡକି ହୋଇ ଜଣକ ପରେ ଜଣେ ଆରପାରିକୁ ଚାଲି ଯାଇଥିଲେ । ଶେଷରେ ଭାଗଶେଷ ରହିଲି ମୁଁ ଯାହାକୁ ଧୀରେ ଧୀରେ ଗୁଡ଼ାଏ ଉପାଧିରେ ଭୂଷିତ କରା ଯାଇଥିଲା । କଣ ନା ଝିଅଟି ଅସମ୍ଭବ ଭାବେ ଗର୍ବୀ, ଗମ୍ଭୀର ଓ ଭାବ ବିହୀନ ପଥର ହୃଦୟ ସମ୍ପର୍ଣ୍ଣ ଇତ୍ୟାଦି ଇତ୍ୟାଦି....ବିଶେଷଣ ଦ୍ୱାରା । ସେଇ ପୂଜା ନାମ୍ନୀ ଗମ୍ଭୀର ଝିଅଟି ଆଜି ସ୍ୱସ୍ତିକର ବିବାହ ବାର୍ଷିକୀ ଖବର ଶୁଣି କାହିଁକି ଘଣ୍ଟଶିଳାର ପାଦ ଦେଶକୁ ଦୌଡ଼ି ଆସିଥିଲା ? ଖୋଜି ବସିଥିଲା ସେଇ ସ୍ମାରକୀ ପଥରଟିଏ ଯୋଉଠି କିଛି ବର୍ଷ ତଳେ ଆସି ନିଜ ନାଁ ସହ ନିନାର ନାଁ କୁ ଯୋଡି ଅମର କରିଥିଲା ? ମୁହୂର୍ତ୍ତକ ପାଇଁ ଲାଗିଲା ହୁଏତ ନିନା ଚାଲିଯାଇ ଠିକ କରିଛି । ବୋଝ ବୋହି ସାରା ଜୀବନ ହନ୍ତସନ୍ତ ହେବା ଅପେକ୍ଷା ଜୀବନକୁ ଛାଡି ଚାଲିଯିବାଟା ହିଁ ବିଜ୍ଞତାର ପରିଚୟ ।

ଚାଲିଯିବା ପୂର୍ବରୁ ଗୋଟିଏ ଛୋଟିଆ ଅଭିଳାଷ.....ମନର ନିଭୃତ କୋଣରେ ଥିବା ଗୋଟେ ଆଶାକୁ ଚରିତାର୍ଥ କରିବାକୁ ହେବ । ସାଙ୍ଗରେ ଚକ ଖଡ଼ି ଖଣ୍ଡିଏ ଧରି ଆସିଥିଲି । ଘଣ୍ଟଶିଳା ଆଜି ଅସମ୍ଭବ ଭାବେ ଗମ୍ଭୀର ଥିଲା ଠିକ ମୋ ଭଳି । ଯୁଗ ଯୁଗର କୋହ ନିଜ ମନ ଭିତରେ ଲୁଚାଇ ରଖିଥିବା ବାହୁଦା ମଧ୍ୟ ଆଜି ନିଜକୁ ଉନ୍ମୁକ୍ତ କରି ଦେଇଥିଲା । ଆଜି କାହିଁକି ନା ଗହଳି ଚହଳି ନଥିଲା ମୋଟେ । ହାତରେ ଖଣ୍ଡେ ଚକ ଖଡ଼ି ଧରି ଧୀରେ ଧୀରେ ଗୋଟିଏ ପଥର ଆଡକୁ ଅଗ୍ରସର ହେଉଥିଲି । ମରିବା ପୂର୍ବରୁ ମୋର ଅସଫଳ ପ୍ରେମକୁ ଅମର କରି ଲେଖିଯିବି - ସ୍ୱସ୍ତିକ ଯୁକ୍ତ ପୂଜା । ଛାତି ତଳେ କିଏ ଯେମିତି ଗୋଟେ ହାତୁଡି ପିଟୁଛି । ମନକୁ ମନ କାନ୍ଦୁଛି ମୁଁ ? ଗୋଟିଏ ପଥର ପାଖେ ପହଞ୍ଚିଲି । ବିଶାଳ ଆକାର ହେତୁ କୁଣ୍ଢେଇ ଧରି ପାରୁ ନାହିଁ ମାତ୍ର ତା ଉପରେ ଅଜାଡି ହୋଇ କେତେ ସମୟ ନା କାନ୍ଦିଥିଲି ଜାଣେନି । ପ୍ରକୃତିସ୍ଥ ହେବା ପରେ ଭାବିଲି କାହା ପାଇଁ ମୋର ଏ ହୃଦୟଫଟା କ୍ରନ୍ଦନ ? ସ୍ୱସ୍ତିକ ପାଇଁ ନା ମୋ ନିଜ ଉପରେ ଦୟା ଆସୁଛି ବୋଲି ? କିଛି ବି ନୁହେଁ । ତେବେ କାହା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଇଁ କାନ୍ଦୁଛି ଆଜି ? ଏତେ ଦିନ ପରେ ଏତେ ଲୁହ ଝରି ଆସିବାର କାରଣ କଣ ? ମୋ ମା ବାପାଙ୍କର ନିଷ୍କପଟ ଭଲ ପାଇବାକୁ ମୋ ଭିତରେ ଖୋଜୁଛି କି ମୁଁ ଆଜି ?

--ମାମା ବାବା ! ମୋ ପାଇଁ କେତେ ଶୁଭ ମନାସୁ ଥିଲ ନା ତୁମେ ଦୁହେଁ ? ଅଥଚ ଆଜି ଦେଖ ମୁଁ କେମିତି ପରିଣତ ବୟସରେ ଜୀବନ ହାରିବାକୁ ଆସିଛି । ତୁମର ଏଇ ଅବିବାହିତା ଝିଅଟିର ଲମ୍ବା ଆୟୁଷ ସର୍ବାଙ୍ଗୀନ ସୁଖ ଶାନ୍ତି ପାଇଁ କେତେ ନା ଉପାସ ବ୍ରତ ରଖିଥିବ ତୁମେ ମାନେ । ମୁଁ ଏଥିପାଇଁ ଅଯୋଗ୍ୟ ଅଟେ । ମୋର ପ୍ରତ୍ୟେକ ନିଶ୍ୱାସ ତୁମରି ଦାନ ଅଥଚ ଏଇ ମୂଲ୍ୟବାନ ଜୀବନଟିକୁ ଆଉ କାହାପାଇଁ ନଷ୍ଟ କରିବାକୁ ଆସିଛି ଦେଖ । ଲୁହରେ ଭିଜାଇ ଦେଇଥିବା ସେଇ ପଥର ର ଛାତିରେ ବାହାର କଲି ଚକ ଖଣ୍ଡ ଟି ଏବଂ ଅତି ଯତ୍ନ ରେ ଲେଖି ଚାଲିଲି - ମାମା ଯୁକ୍ତ ବାବା ଯୁକ୍ତ ପୂଜା !!!

ଏଥର ଆଉ ମୋ ଆଖିରୁ ଲୁହ ଝରୁ ନଥିଲା ଓ ପୁଣି ଫେରି ଆସିଥିଲି ମୁଁ ମୋର ସେଇ କର୍ମ ବହୁଳ ଜୀବନ ଭିତରକୁ । ବାହୁଦା ନଦୀ ଛଳ ଛଳ ହୋଇ ହସି ଚାଲିଥିଲା ଏବଂ ଘଣ୍ଟଶିଳା ତାର ସୁଉଚ୍ଚ ମସ୍ତକ କୁ ଗର୍ବ ର ସହ ଉତ୍ତୋଳନ କରି ଏବେ ବି ଠିଆ ହୋଇଥିଲା ।

ପଦ୍ମାଳୟା ପାଢ଼ୀ, ପୋଷ୍ଟାଲ ଆସିଷ୍ଟାଣ୍ଟ
ବ୍ରହ୍ମପୁର, ୯୪୩୭୩୭୨୫୫୦୧

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଭାଲୁକୁଣୀ ଓଷାରୁ ଭାଲେଣ୍ଟାଇନ୍ସ ଡେ



ସ୍ୱାଗତ ମିଶ୍ର

ଆମ ଗାଁରେ ପ୍ରାୟତଃ ସମସ୍ତେ ଜାଣନ୍ତି ମୁଁ କଟକରେ ରହି ପଢ଼େ । ତେଣୁ କାହାର କିଛି କାମ ପଡ଼ିଲେ ମତେ ଫୋନରେ ଜଣାନ୍ତି । ଯାହାର ଆବଶ୍ୟକ ଯାହା ଥିବ ମୁଁ ଘରକୁ ଯିବାବେଳେ ସାଙ୍ଗରେ ମଧ୍ୟ କିଣିନିଏ । କାଲି ରାତିରେ ପଢ଼ା ଶେଷ କରି ଶୋଇବା ବେଳକୁ ଡେରି ହେଲାଣି । ସକାଳ ପାହି ଦିନ ୯ଟା ବାଜିଲାଣି, ତଥାପି ମୋ ନିଦ ଭାଙ୍ଗିନଥାଏ । ଫୋନ୍ ରିଂ ହେବାରୁ ନିଦ ଭାଙ୍ଗିଲା । ଏତେ ସକାଳୁ ପୁଣି କିଏ ଫୋନ୍ କଲା, ଇଛା ନଥାଇ ବି ଫୋନ୍ ଉଠାଇ ଦେଖିଲି ସନ୍ତୋଷ ଫୋନ୍ କରିଛି । ଫୋନ୍ ଦେଖି ଯେତିକି ଯେତିକି ଖୁସି ଲାଗୁଥାଏ, ସେତିକି ଆଶ୍ଚର୍ଯ୍ୟ ମଧ୍ୟ ଲାଗୁଥିଲା । ଅନେକ ଦିନ ପରେ ସନ୍ତୁ ଆଜି ଫୋନ୍ କରିଚି ପୁଣି ସକାଳୁ ସକାଳୁ । ହେଲେ ଏହାର କାରଣ କ'ଣ ହେଇପାରେ ? ଗାଁରେ କାହାର କିଛି ଅସୁବିଧା ହେଇଗଲା କି ? ଆଖି ମଳିମଳି ଫୋନ୍ ଉଠେଇ ବିନା ଔପଚାରିକତାରେ ପଚାରିଲି,

: କଥା କ'ଣ, ଆଜି ଏତେ ସକାଳୁ ତୋର ସାଙ୍ଗ କଥା କେମିତି ମନେ ପଡିଗଲା ?

: ମୁଁ ଗୋଟେ ଅସୁବିଧାରେ ପଡ଼ିଯାଇଚିରେ, ମତେ ଟିକେ ସାହାଯ୍ୟ କରେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(ତା' କଥାରୁ ବ୍ୟତିବ୍ୟସ୍ତ ହେବାର ଆଭାସ ଜଣାପଡୁଥିଲା ।)

: କ'ଣ ହେଇଚି ତ ଆଗ କହ ?

: ମୁଁ ଗୋଟେ ଝିଅକୁ ସାଙ୍ଗରେ ଧରି ପଳେଇ ଆସିଛି । କଟକରେ କିଛି ଦିନ ରହିବାର ବ୍ୟବସ୍ଥା କରିଦେ, ତା'ପରେ ସୁବିଧା ଦେଖି ଆମେ ବାହାରକୁ ପଳେଇବୁ ।

: ତୁ ଏବେ କୋଉଠି ଅଛୁ ?

: ଏବେ ସାଙ୍ଗେ ସାଙ୍ଗେ ବସରୁ ଓହ୍ଲେଇ ଆମେ ବାଦାମବାଡ଼ି ବସ୍ ଷ୍ଟାଣ୍ଡରେ ଅଛୁ । ତୁ ଟିକେ ଜଲଦି ଆସେ ସାଙ୍ଗ ।

: ହଉ, ତୁ ବ୍ୟସ୍ତ ହେବାର କିଛି ନାହିଁ । ମୁଁ ଖୁବଶୀଘ୍ର ତୋ ପାଖରେ ପହଞ୍ଚିବି ।

ସନ୍ତୁର କଥା ଶୁଣି ମତେ ଗୋଟିଏ କଥା ଆଶ୍ଚର୍ଯ୍ୟ ଲାଗୁଥିଲା କି, ଯେଉଁ ପିଲା କଲେଜରେ ପଢ଼ିବା ବେଳେ କୌଣସି ଝିଅ ସହିତ କଥା ହେବାକୁ ଲାଜ କରୁଥିଲା, ସେ ପୁଣି ଗୋଟେ ଝିଅକୁ ଧରି କଟକରେ ହାଜର ହେଇଗଲାଣି । ଆଗରୁ ଶୁଣିଥିଲି ପ୍ରେମ ମଣିଷକୁ ପରିବର୍ତ୍ତନ କରିଦିଏ, ଏ କଥାର ପ୍ରମାଣ ଆଜି ମୋ ସାମ୍ନାରେ । କବି ସୁଲଭ ଭାବନାକୁ ସେତିକିରେ ପୂର୍ଣ୍ଣଚ୍ଛେଦ ପକାଇ ସାଙ୍ଗର ବାଇକ୍ ଧରି ବାହାରି ପଡ଼ିଲି ବାଦାମବାଡ଼ି ।

ଗାଡ଼ି ଯାଇ ଅଟକିଲା ସେମାନେ ଅପେକ୍ଷା କରିଥିବା ଯାଗାରେ । ଅନେକ ଦିନର ବ୍ୟବଧାନ ପରେ ସନ୍ତୁ ସହିତ ଭେଟ ହେଲା, କାଳବିଳମ୍ବ ନକରି ଗାଡିରୁ ଓହ୍ଲାଇ ତାକୁ କୁଣ୍ଢେଇ ପକେଇଲି । ତା' ପରେ ନଜର ପଡିଲା ପାଖରେ ଠିଆ ହେଇଥିବା ଝିଅ ଉପରେ । ଅନ୍ୟମାନଙ୍କ ଦୃଷ୍ଟିରୁ ନିଜକୁ ଲୁଚାଇ ରଖିବା ପାଇଁ କେବଳ ଆଖି ଯୋଡ଼ିକକୁ ଛାଡ଼ି ନିଜ ଓଢ଼ଣୀରେ ମୁହଁକୁ ଘୋଡ଼େଇ ରଖିଥିଲା । ପ୍ରଥମେ ସେ ଝିଅର ତାଳୁରୁ ତଳିପା ଯାଏଁ ଥରେ ନଜର ବୁଲେଇ ଆଣିବା ବେଳେ ମୁଁ ଅଟକି ଗଲି ତା' ଆଖି ନିକଟରେ । ବେଶ୍ ଚିହ୍ନା ଚିହ୍ନା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲାଗୁଥାଏ । ସନ୍ତୁକୁ ପାଖକୁ ଡାକି ତା' କାନରେ ଧିରେ ପଚାରିଲି -

ଏ ମହାରାଣୀ ଜଣକ କିଏ ?

ଝିଅଟି ମୋ କଥା ଶୁଣିଦେଲା କି କ'ଣ ମତେ କହିଲା -

ବଣ୍ଟି ଭାଇ, ମତେ ଚିହ୍ନି ପାରୁନ...

ପ୍ରଥମେ ଆଖି ଯୋଡ଼ିକ ଆଗରୁ କେଉଁଠି ଦେଖିଲା ଭଳି ଲାଗୁଥିଲା, ଆଉ ଏବେ କଣ୍ଠସ୍ୱର ଆଗରୁ ଅନେକ ଥର ଶୁଣିବା ଭଳି ମନେ ହେଉଛି । ମୋ ମନରେ ଥିବା ସନ୍ଦେହଟା ଉତ୍କଣ୍ଠାରେ ପରିବର୍ତ୍ତନ ହେଇଗଲା । କିଏ ଏ ଝିଅ, ଯିଏ ମତେ ଭାଇ ବୋଲି ଡାକୁଚି ମାନେ ମତେ ଚିହ୍ନିଚି ଅଥଚ ମୁଁ ତାକୁ ଚିହ୍ନି ପାରୁନି ।

ମୋ ମନରୁ ସନ୍ଦେହ ଦୂର କରିବା ଉଦ୍ଦେଶ୍ୟରେ ଝିଅଟି ମୁହଁରୁ ଓଢ଼ଣୀ ଖୋଲିଦେଲା । ତାକୁ ଦେଖି ମୋ ଆଶ୍ଚର୍ଯ୍ୟର ସୀମା ରହିଲାନି, କାହିଁକି ନା ତାକୁ ମୁଁ ପିଲାଟି ଦିନରୁ ଜାଣେ । ସେ ଥିଲା ଆମ ଗାଁ ହରଷ ମଉସାଙ୍କ ନାତୁଣୀ 'ଖୁସି' ।

ତା' ନାଁ ସିନା 'ଖୁସି' ହେଲେ ସଂସାରର ସବୁ ଦୁଃଖ ଯେମିତି ତାରି କପାଳରେ ଲେଖାଥିଲା ।

ସନ୍ତୁର ଘରଠାରୁ ଠିକ୍ ଦୁଇଟି ଘର ପରେ ହରଷ ମଉସାଙ୍କ ଘର । ଆମେ ଯେତେବେଳେ ଛୋଟ ଥିଲୁ ସେ ସମୟରେ ହରଷ ମଉସାଙ୍କ ଝିଅ ଶାନ୍ତି ଅପାର ବାହାଘର ହୋଇଥିଲା । ଭଲ ଘର, ଭଲ ବର, ଜମି ବାଡ଼ି ଦେଖି ହରଷ ମଉସା ଶାନ୍ତି ଅପାକୁ ବାହା ଦେଇଥିଲେ । ମହାକାଳ ଫଳ ଭଳି ବ୍ୟବହାରରୁ ଭଦ୍ର, ଚାଲିଚଳଣିରୁ ଶାନ୍ତ ସରଳ ଦେଖାଯାଉଥିବା ମଣିଷଟା ବାସ୍ତବରେ ଗୋଟେ ମଦୁଆ ଏବଂ ଜୁଆଡ଼ି ଏ କଥା କିଏ ବା କାହିଁକି ଜାଣିବ। ବାହାଘର ମାସେ ପୁରିଛି କି ନାହିଁ ଶାନ୍ତି ଅପା ଉପରେ ତା' ସ୍ୱାମୀର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅତ୍ୟାଚାର ଆରମ୍ଭ ହୋଇଗଲା ।

ଝିଅଟିଏ ଜନ୍ମ ହେଲେ ସମସ୍ତେ କୁହନ୍ତି ଘରକୁ ଲକ୍ଷ୍ମୀ ଆସିଲେ; କିନ୍ତୁ ଖୁସିର ଜନ୍ମରେ ପରିବାରର ସମସ୍ତେ ଆନନ୍ଦିତ ହେବା ପରିବର୍ତ୍ତେ ପୁଅଟିଏ ଜନ୍ମ ନହୋଇ ଝିଅ ଜନ୍ମ ହେଲା ବୋଲି ସମସ୍ତେ ମୁହଁ ଫେରାଇ ନେଇଥିଲେ । ସେବେଠାରୁ ସେ ଘରର ବୋହୂ ନୁହେଁ ତ ଚାକରାଣୀ ପରି ଚଳି ଆସୁଥିଲା ।

ସମୟକ୍ରମେ ଖୁସିର ବୟସ ବଢ଼ିବା ସହିତ ତା'ର ଆବଶ୍ୟକତା ମଧ୍ୟ ବଢ଼ିବାକୁ ଲାଗିଲା, ମାତ୍ର ସେ ସବୁକୁ ପୂରଣ କରିବାକୁ ସମସ୍ତେ କୁଣ୍ଠାବୋଧ କରିଥିଲେ ।

ଗୋଟିଏ ପକ୍ଷରେ ପରିବାରର ନିର୍ଯାତନା, ଅନ୍ୟ ପକ୍ଷରେ ନିଜ ସନ୍ତାନର କରୁଣ ଚିତ୍କାର । ନାରୀ ସର୍ବଂସହା ହେଲେ ମଧ୍ୟ ସବୁ ସହିବାର ଗୋଟିଏ ସୀମା ଥାଏ, ଆଉ ସେ ସୀମା ପାର ହେଲେ ମନୁଷ୍ୟ ଅସହ୍ୟ ଯନ୍ତ୍ରଣାରେ ଭୁଲ୍ କରି ବସେ । ଠିକ୍ ସେମିତି ଶାନ୍ତି ଅପା ଆତ୍ମହତ୍ୟା ପରି ଭୁଲ୍ ରାସ୍ତାକୁ ନିଜ ପାଇଁ ବାଛିଦେଇଥିଲା । ତା' ପରଠାରୁ ଖୁସି ଆସି ଆମ ଗାଁରେ ତା' ଅଜାଘରେ ରହି ଛୋଟରୁ ବଡ଼ ହେଇଛି ।

ସନ୍ତୁ ଆଉ ମୁଁ ପିଲାଦିନର ସାଙ୍ଗ, ଯାହାକୁ କୁହନ୍ତି ଧୂଳିଖେଳ ସାଥୀ । ପ୍ରଥମ ଶ୍ରେଣୀରୁ ବି.ଏ. ପର୍ଯ୍ୟନ୍ତ ଏକାଠି ପଢ଼ିଛୁ । ଆମେ ଅଷ୍ଟମ ଶ୍ରେଣୀରେ ପଢ଼ିବା ବେଳେ ଖୁସି ଆମ ଗାଁରେ ପାଦ ଦେଇଥିଲା । ସେତେବେଳେ ତାକୁ ବୟସ ମାତ୍ର ଆଠ ବର୍ଷ । ସେବେଠାରୁ ଖୁସି ଆମ ଗାଁର ଜଣେ ସଦସ୍ୟ ହୋଇଗଲା ।

ଖୁସି ଧିରେଧିରେ ବଡ଼ ହେବାକୁ ଲାଗିଲା । ରୂପରେ, ଗୁଣରେ ତା' ସରି କେହି ନଥିଲେ । ସେ ସ୍କୁଲ ଯିବା ବାଟରେ ସାହି ଟୋକାଙ୍କ ହିରୋଗିରି କହିଲେ ନସରେ ।

ଭାଦ୍ରବ ମାସ ଆସିଲେ ଗାଁର ଅଭିଆଡ଼ୀ ଝିଅମାନେ ଭାଲୁକୁଣୀ (ଖୁଦୁରୁକୁଣୀ) ଓଷା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରନ୍ତି । ସେମାନେ ସିନା ଓଷା କରନ୍ତି, କିନ୍ତୁ ଅଧା କାମ ସାହି ଟୋକାଙ୍କର । ଝିଅମାନେ ପାଟି ଫିଟାଇ କିଛି କହିବା ଆଗରୁ ସାହିଟୋକା ସବୁ ଆଗଭର ହେଇ ପ୍ରସ୍ତୁତ ରହିଥାନ୍ତି । ଯେତେବେଳେ ଯାହା କିଛି ଆବଶ୍ୟକ ସବୁ ଆଣି ଯୋଗାଇ ଦେଉଥିଲେ । ଆମ ସାହି ପିଲାଙ୍କ ଭିତରୁ ସନ୍ତୁ ଥିଲା ଜଣେ । ଅବଶ୍ୟ ସବୁ ଟୋକାଙ୍କ ଭଳି ସେ ନଥିଲା । ଅତ୍ୟନ୍ତ ଶାନ୍ତ, ସରଳ ପିଲା ହେଉଛି ସନ୍ତୁ । ପାଠରେ ଯେମିତି, ସାଠରେ ତତୋଧିକ । ସମସ୍ତଙ୍କ ଭଳି ଆଗଭର ହେଇ ନିଜ ଆଡୁ କିଛି କରେନି, କି ଯଦି କିଏ କିଛି କୁହେ କାହାକୁ ମନା କରେନି । ସେଥିପାଇଁ ତ ସେ ସମସ୍ତଙ୍କର ପ୍ରିୟ ।

ଖୁସିର ଆଗରେ ପଛରେ ସିନା ସବୁ ଟୋକା ଚକ୍କର ମାରୁଥାନ୍ତି, କିନ୍ତୁ ଖୁସି ମନରେ ସନ୍ତୁ ପ୍ରତି ଅହେତୁକ ଦୁର୍ବଳତା ଲୁଚି ରହିଥିଲା । ଏକଥା ମୁଁ ସେଦିନ ଜାଣିପାରିଥିଲି, ଯେଉଁଦିନ ଗୟସ ଫୁଲ ଆଣିବାକୁ ଗଲାବେଳେ କଣ୍ଟାରେ ସନ୍ତୁର ପାଦ କଟି ଯାଇ ରକ୍ତ ବୋହୁଥିଲା, ଆଉ ରକ୍ତ ବନ୍ଦ କରିବାକୁ ଯାଇ ଖୁସି ତା ଓଢ଼ଣୀକୁ ଚିରି ସନ୍ତୁ ପାଦରେ ବାନ୍ଧି ଦେଇଥିଲା । ଏତେ ଝିଅ ଥାଉ ଥାଉ କେହି ଜଣେ ତ ହେଲେ ଆସି ସନ୍ତୁର ରକ୍ତ ବନ୍ଦ କରିବାକୁ ଚେଷ୍ଟା କରିନଥିଲେ, ଖୁସି କାହିଁକି କଲା ? ସମସ୍ତେ ନିରବରେ ଠିଆ ହେଇ ଆଖି ସାମ୍ନାରେ ଘଟିଯାଉଥିବା ଘଟଣାକୁ ଦେଖି ଈର୍ଷାରେ ଜଳୁଥିଲେ । ବାସ୍, ଏତିକିରେ ସନ୍ତୁ ବନିଗଲା ଆମ ସାହି ହିରୋ । ସେଦିନ ହିଁ ତାଙ୍କ ପ୍ରେମ କାହାଣୀର ମୂଳଦୁଆ ପଡ଼ିଥିଲା । କେହି କାହାରିକୁ ପାଟି ଖୋଲି କହି ନପାରିଲେ ବି ସେମାନଙ୍କ ଆଖିର ଆଭାସରୁ ମୁଁ ଭଲ ଭାବେ ବୁଝି ପାରିଥିଲି । କାହିଁକି ନା ଏ ସବୁ ଥିରେ ମୋର ଅନୁଭୂତି ଆଉ ଅଭିଜ୍ଞତା ଅନେକ ଦିନରୁ ଥିଲା ।

କଲେଜ ପଢ଼ା ଶେଷ କରି ମୁଁ ଚାଲି ଆସିଲି କଟକ ସହରକୁ ଉଚ୍ଚ ଶିକ୍ଷା ପାଇଁ, କିନ୍ତୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାରିବାରିକ ସମସ୍ୟା ଯୋଗୁଁ ସନ୍ତୋଷ ଆଗକୁ ପଢ଼ି ପାରି ନଥିଲା । ଘରର ବଡ଼ ପୁଅ ଭାବେ ସବୁ ଦାୟିତ୍ୱ ତା' ମୁଣ୍ଡ ଉପରେ । ପରିବାର ଚଳେଇବାକୁ କିଛି ତ ରୋଜଗାର କରିବାକୁ ପଡ଼ିବ, ଘରେ ବସିଲେ କିଏ ଦେବ ଖାଇବାକୁ ? ଅଧିକ ପଢ଼ିବାକୁ ଇଚ୍ଛା ଥିଲେ ମଧ୍ୟ ଇଚ୍ଛାକୁ ମନରେ ମାରି ଏକ ଘରୋଇ ସଂସ୍ଥାରେ ସ୍ୱଳ୍ପ ବେତନରେ ଚାକିରିଟିଏ କରିଲା ।

ଗାଁ ଛାଡ଼ି କଟକ ଆସିବା ମୋର ତିନି ବର୍ଷ ହେଇଗଲାଣି । ତିନି, ଚାରି ମାସ ବ୍ୟବଧାନରେ ଥରେ ମୁଁ ଗାଁକୁ ଯାଇ ବୁଲିଆସେ । ଖୁସି ସହ କେବେ କେମିତି ଭେଟ ହେଇଯାଏ କିନ୍ତୁ ସନ୍ତୁ ସହ ପ୍ରତି ଥର ଦେଖା ହୁଏ । ବିଶେଷ କରି ସନ୍ଧ୍ୟା ସମୟରେ ଗାଁ ଶେଷ ମୁଣ୍ଡରେ ଥିବା ଶିବ ମନ୍ଦିର ଆଡ଼େ ଯାଇ ଆମେ ଘେରାଏ ବୁଲି ଆସୁ । ଯିବା ବାଟରେ ପଲ୍ଲୀରୁ ଦିଲ୍ଲୀ ଯାଏଁ ଆମ କଥାର ଖିଅ ଆପେ ଆପେ ଲମ୍ବିଥାଏ । ରାଜନୀତି, ସିନେମା, ସାହିତ୍ୟ ସବୁ କିଛି ଆମ ଆଲୋଚନାର ପରିସରଭୁକ୍ତ । ପଢ଼ା ଛାଡ଼ିଲେ କ'ଣ ହେଲା, ସାହିତ୍ୟ ପ୍ରତି ସନ୍ତୁର ରୁଚି ରହିଥିଲା ପିଲାଟି ଦିନରୁ । ଆଜିକାଲି ତା'ର ଅନେକ କବିତା ବିଭିନ୍ନ ପତ୍ରି ପତ୍ରିକାରେ ପ୍ରକାଶିତ ହୋଇସାରିଛି । ସେଥି ମଧ୍ୟରୁ ଅଧିକାଂଶ ପ୍ରେମ ମୂଳକ କବିତା, ଆଉ ସେ କବିତା ଗୁଡ଼ିକର ପ୍ରତି ଶବ୍ଦ ଖୁସି ପ୍ରତି ଉତ୍ସର୍ଗୀକୃତ ଥିଲା ।

ବଢ଼ିଲା ଝିଅଟେ ଘରେ ଥିଲେ ଅଭାବି ପରିବାର ପାଇଁ ବୋଝ ପାଲଟି ଯାଏ । ହରଷ ମଉସା, ଶାନ୍ତି ଅପା ପରି ଖୁସିକୁ ମଧ୍ୟ ନିଜର ଝିଅ କରି ରଖିଥିଲେ । ଶାନ୍ତି ଅପା ପାଇଁ ଯେଉଁ ଭୁଲ କରିଥିଲେ, ଖୁସି ଜୀବନରେ ସେ ଭୁଲ୍ ପୁନର୍ବାର ଦୋହରାଇବାକୁ ଚାହୁଁ ନଥିଲେ । ନିଜ ସାମର୍ଥ୍ୟ ଦୃଷ୍ଟିରୁ ହରଷ ମଉସା, ଖୁସିକୁ ଆଇ.ଏ ପର୍ଯ୍ୟନ୍ତ ପଢ଼ାଇଥିଲେ । ଆଗକୁ ପଢ଼େଇବା ପରିବର୍ତ୍ତେ ନିଜର ଦାୟିତ୍ୱ ସମ୍ପୂର୍ଣ୍ଣ କରିଦେବାକୁ ସେ ନିଷ୍ପତ୍ତି ନେଇଥିଲେ । ଜୀବନ ସିନା ଆଜି ଅଛି, କାଲିକୁ ଥିବ କି ନାହିଁ ସେ କଥା କିଏ ଜାଣିଛି ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତେଣୁ ଯଥା ସମ୍ଭବ ଖୁସିକୁ ବିବାହ କରିବାକୁ ହରଷ ମଉସା ଲାଗି ପଡ଼ିଲେ ।

ଖୁସି, ସନ୍ତୋଷକୁ ଖାଲି ଭଲ ପାଉନଥିଲା, ବରଂ ମନେ ମନେ ତାକୁ ନିଜ ଜୀବନସାଥି ଭାବେ ସ୍ୱୀକାର କରିନେଇଥିଲା । ହରଷ ମଉସାଙ୍କ ଆଗରେ ସବୁ ସତ କଥା କହି ଜିଦ୍ ଧରି ବସିଲା, ଯଦି ବିବାହ କରେ କେବଳ ସନ୍ତୁକୁ । ନଚେତ୍ ସେ ଆଉ କାହା ହାତରୁ ସିନ୍ଦୂର ପିନ୍ଧିବ ନାହିଁ । ପ୍ରଥମେ ହରଷ ମଉସା ଏ ପ୍ରସ୍ତାବରେ ରାଜି ହେଉ ନଥିଲେ କିନ୍ତୁ ପରେ ଖୁସିର ଜିଦ୍ ଆଗରେ ସେ ହାର୍ ମାନିଗଲେ । ହେଲେ ସନ୍ତୁ ଘରେ ଯେତେ ବୁଝାଇଲେ ବି ସେମାନଙ୍କ ପ୍ରେମକୁ ସ୍ୱୀକୃତି ଦେବାକୁ ସିଧାସଳଖ ମନା କରିଦେଲେ । କାରଣ ସେହି ଗୋଟିଏ ଜାତିପ୍ରଥା, ଯାହା ପାଇଁ ସମାଜରେ ଅନେକ ପ୍ରେମ ଅଧୁରା ହୋଇ ରହିଯାଇଛି ।

ଦୁଇଟି ସରଳ, ନିଷ୍ପାପ ହୃଦୟ ଭିତରେ ଗଢ଼ି ଉଠିଥିବା ପବିତ୍ର ସମ୍ପର୍କକୁ ଅଦିନରେ ଭାଙ୍ଗି ଦେବାକୁ ହରଷ ମଉସା ଚାହୁଁ ନଥିଲେ । ସନ୍ତୁ ସହିତ ଖୁସିର ବିବାହ କରିବାକୁ ଯେଉଁଦିନ ରାଜି ହେଲେ, ଖୁସିର ଆଖିରୁ ଝରି ଆସିଥିବା ଆନନ୍ଦାଶ୍ରୁରୁ ସେ ଜାଣିପାରିଥିଲେ ତା' ମନର କଥା । ନିଜର ସଞ୍ଚିତ କିଛି ଟଙ୍କା ଆଉ ସୁନା ସନ୍ତୁ ହାତରେ ଧରେଇ ଖୁସିକୁ ନେଇ ଯିବାକୁ ହରଷ ମଉସା କହିଥିଲେ । ସନ୍ତୁ ରାଜି ନହେବାରୁ ସେମାନେ କିଛି ଦିନ ବାହାରେ ରହିଗଲା ପରେ ସନ୍ତୁର ବାପାଙ୍କୁ ବୁଝାସୁଝା କରି ସେମାନଙ୍କୁ ଘରକୁ ଫେରାଇ ଆଣିବାର ଦାୟିତ୍ୱ ମଉସା ନିଜେ ହିଁ ନେଲେ ।

ଘରକୁ ଆସି ସନ୍ତୋଷର ଆଖିରେ ଆଉ ନିଦ ନାହିଁ । ଉଚିତ୍ ଅନୁଚିତ୍ ଓ ଠିକ୍ ଭୁଲ୍ ର ହିସାବ କରିବାକୁ ଯାଇ ସେ ଦ୍ୱନ୍ଦରେ ପଡ଼ିଗଲା । ଗୋଟେ ଝିଅ ପାଇଁ ବାପାମାଆଙ୍କୁ ଛାଡ଼ିଦେବ କେମିତି ? ଏ ସମାଜର ଲୋକନିନ୍ଦା ଆଉ ଅପବାଦକୁ ସେ ସହିବ କିପରି ? ଏପରି ଅନେକ ପ୍ରଶ୍ନ ତା' ମନରେ ଉଙ୍କି ମାରୁଥିଲା । ଏଭଳି ପରିସ୍ଥିତିରେ ସେ ସମାଧାନର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରାସ୍ତା ଖୋଜି ପାଇଗଲା । କିଛି ପାଇବାକୁ ହେଲେ କିଛି ତ ହରାଇବାକୁ ପଡ଼େ । ଏମିତିରେ ହରଷ ମଉସା କଥା ଦେଇଛନ୍ତି, ତା' ବାପାଙ୍କୁ ବୁଝାସୁଝା କରି କିଛି ଦିନ ଭିତରେ ଘରକୁ ଫେରାଇ ଆଣିବେ । ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ରାତି ପାହିବା ଆଗରୁ ସନ୍ତ ଖୁସିକୁ ଧରି ଗାଁ ଛାଡ଼ିଲା । ଆଉ ସକାଳୁ ସକାଳୁ ଆସି କଟକରେ ହାଜର ।

ଏବେ ତ ସହର ସାରା ପ୍ରେମ ସପ୍ତାହର ପର୍ବ ପାଳନ ଚାଲିଛି । ପାର୍କ, ସିନେମା ହଲ୍, ହୋଟେଲ, ରେଷ୍ଟୁରାଣ୍ଟ ଯୁଆଡ଼େ ଦେଖିଲେ ପ୍ରେମୀ ଯୁଗଳଙ୍କ ଭିଡ଼ । ସଂଯୋଗ ବସତଃ ଆଜି ହେଉଛି ଫେବୃଆରୀ ଚଉଦ ମାନେ ଭାଲେଣ୍ଟାଇନସ୍ ଡେ । ଆଉ ଏ ପ୍ରେମୀଯୁଗଳ ଆସିଛନ୍ତି ଘର ପରିବାର ଛାଡ଼ି, ନିଜ ନୂଆ ଘର ସଂସାର ଗଢ଼ିବାକୁ । ଦହିବରା ଖାଇବା ପରେ ଆମ ଗାଡ଼ି ରାଜରାସ୍ତାରେ ଧାଇଁବା ଆରମ୍ଭ କଲା ମୁଁ ରହୁଥିବା ଠିକଣାରେ.....

ସ୍ୱାଗତ ମିଶ୍ର
ପଦ୍ମାଦେଇପୁର, ନୟାଗଡ଼
୯୯୩୮୭୬୧୨୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଡାଏରୀର୍ ସେଇ ପୁରୁଣା ପୃଷ୍ଠା



ଶୁଭସ୍ମିତା ପ୍ରଧାନ

ରାତି ଆସି ବାରଟା ବାଜିଲାଣି ଘଣ୍ଟାର ଟିକ୍ ଟିକ୍ ଶବ୍ଦରେ ନିଶିର ନିଦ ଭାଙ୍ଗିଗଲା । ଉଠି ପଡି ଦେଖେ ତ ସମୟ ଆସି ବାରଟା ବାଜିଲାଣି ଘଣ୍ଟାର ଆଲାରାମ ବନ୍ଦ କରି ଆଉ ଟିକେ ଶୋଇ ପଡିବ ଭାବି ବିଛଣା ଉପରକୁ ଯାଇ ଟିକେ ଛାଇ ନିଦରେ ଶୋଇ ଯାଇଛି ନିଶି । ହଠାତ୍ ଫୋନ ରିଂ ହେବାକୁ ଲାଗିଲା ନିଦରେ ଫୋନ ଉଠାଇ କାନ ପାଖରେ ଦେଲା ସେ । କେହି ଜଣେ ଉଚ୍ଚ ସ୍ୱରରେ ସେପଟୁ କହିଲା... ଜନ୍ମ ଦିନର ଢେର୍ ସାରା ଅଭିନନ୍ଦନ ନିଶି, ଭଗବାନ ତୋର ମଙ୍ଗଳ କରନ୍ତୁ । ଜନ୍ମଦିନ.... ଭୁଲି ଯାଇଛୁ ନା ତୁ । ନାଇଁ ଯେ, ହୋଉ କାଲି ସକାଳେ କଥା ହେବା କହି କଲ କାଟି ଦେଲା ନିଶି । ଯେତେ ଶୋଇବାକୁ ଚେଷ୍ଟା କଲେ ମଧ୍ୟ ଶୋଇ ପାରିଲା ନାହିଁ, ଫୋନ ପରେ ଫୋନ ଆସୁଥାଏ ରାଗି କରି ଫୋନ ସୁଇଚ ଅଫ୍ କରି ଶୋଇବାକୁ ଚେଷ୍ଟା କଲା କିନ୍ତୁ ନିଦ ଆସିଲା ନାହିଁ । ନୀରବ କୋଠରୀ ଭିତରେ ଏକୁଟିଆ ଘଣ୍ଟାକୁ ଚାହିଁ ରହିଥିଲା ନିଶି ସବୁ ବର୍ଷ ଯେମିତି ଚାହିଁ ରହିଥାଏ । ନା ଅଛି ସେ ଆଗ୍ରହ ନା ଅଛି ଆଶା, ପୁରୁଣା ଦିନର ସେ ଅଭୁଲା ସ୍ମୃତିକୁ ଚାହିଁଲେ ମଧ୍ୟ ଭୁଲି ହେଉ ନାହିଁ । ବାର ବାର ମନେ ପଡି ଯାଉଛି ସେଇ ଦିନ ସବୁ....

ବାଲକୋନୀକୁ ଯିବ ବୋଲି ଭାବି ବାହାରିଲା ବେଳେ ନଜର ତା'ର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଡିଲା ଟେବୁଲ ଉପରେ ଥିବା ଡାଏରୀ ଉପରେ, ଧୂଳି ଝାଡି ଦେଇ ଧରି ନେଲା ଡାଏରୀକୁ ସେ । ଡାଏରୀର କିଛି ପୃଷ୍ଠା ଉଇ ଖାଇ ଦେଇଛି, ଦୁଇ ଚାରି ପୃଷ୍ଠା ବାଦ୍ ଦେଇ ପର ପୃଷ୍ଠାକୁ ଦେଖିଲା ନିଶି । ଆଖିରେ ତା'ର ଲୁହ ଠଳ ଠଳ ହୋଇ ଯାଇ ଥିଲା, କିଛି କ୍ଷଣ ନିରେଖି ଦେଖିଲା ପରେ ଡାଏରୀରେ ଲାଗିଥିବା ସେଇ ପୁରୁଣା ଫଟୋକୁ ଧରି କାନ୍ଦିବାକୁ ଲାଗିଲା ନିଶି । ମନେ ମନେ ଭାବିବାକୁ ଲାଗିଲା ସମୟ କେତେ ଶୀଘ୍ର ଗତିପଥ ବଦଳେଇ ଆଗକୁ ବଢି ଚାଲୁଛି....

ଚାହୁଁ ଚାହୁଁ ବାର ବର୍ଷ ବିତି ଗଲାଣି, ଜନ୍ମଦିନ ସମସ୍ତଙ୍କ ମନରେ ଅଛି କିନ୍ତୁ ମୋ ପାଇଁ ଯେ ଏ ଏକ ଅଭିଶପ୍ତର ଦିନ । ଆଖିରୁ ଲୁହ ବିନ୍ଦୁ ପୋଛି ଡାଏରୀର ସେଇ ପୁରୁଣା ପୃଷ୍ଠାକୁ ଆଡ଼େଇ ଚାଲିଲା ନିଶି । ପିଲା ଦିନର ସେଇ ଚିତ୍ର ଉପରେ ତା'ର ନଜର ପଡିଗଲା କୁନି କୁନି ହାତରେ ସେ ଯେତେବେଳେ ତା ସାନ ଭାଇ ପେନସିଲ ଧରି ଆମ୍ବ, ମୂଷା, ପାରା ଆଉ ପରିବାରର ଗୋଟିଏ ଗଛ ଚିତ୍ର ଆଙ୍କିଥିଲା । ସେଇ ଗଛରେ ଥିଲା ଏଗାରଟି ଶାଖା... ଜେଜେ, ଜେଜୀ, ବାପା, ମା, ଦିଦି, ଭାଇ.... ପରିବାରର ଏଗାର ଜଣ ସଦସ୍ୟ । କୁନି କୁନି ହାତରେ ବି କିଛି ଖରାପ ଚିତ୍ର କରି ନଥିଲା ସେ ।

ଚିତ୍ରର ପର ପୃଷ୍ଠା ଆଡ଼େଇ ନିଶି ପଢିବାକୁ ଲାଗିଲା, ଯାହା ସିଏ ବାର ବର୍ଷ ପୂର୍ବେ ଏହି ଦିନରେ ହିଁ ଲେଖିଥିଲା । ସମୟ ଠିକ୍ ବାରଟା ରୁମ୍ ର କବାଟ କେହି ଠକ୍ ଠକ୍ କରୁଥିବାର ଶୁଣି ଯାଇ ଖୋଲି ଦେଖେ ତ କେହି ନାହାନ୍ତି । ପୁଣି ବନ୍ଦ କରି ଯାଇ ଶୋଇଲା ବେଳକୁ ଆଉ ଥରେ କେହି କବାଟ ଦୁଇ ଥର ବାଡେଇବାର ଶବ୍ଦ ଶୁଣାଗଲା । ନିଶି ଡରି ଡରି ଯାଇ କବାଟ ଖୋଲିଲା, ଚାରିଆଡ଼େ ଗାଢ ଅନ୍ଧାର ଦେଖି ତାକୁ ଆହୁରି ଡର ଲାଗୁଥାଏ । ନିଶି ଭୟରେ ଆଖି ବନ୍ଦ କରି ଥରିବାକୁ ଲାଗିଲା, ସମସ୍ତେ ଉଚ୍ଚ ସ୍ୱରରେ ଚିଲ୍ଲାଇ କହିଲେ, ହାପି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାର୍ଥ ଡେ ଟୁ ୟୁ.... ହାପି ବାର୍ଥ ଡେ ଟୁ ୟୁ.... ହାପି ବାର୍ଥ ଡେ ଟୁ ନିଶି... ବଡ ମାନଙ୍କ ସ୍ୱର କମ୍ ଶୁଭୁଥିଲା ବେଳେ କୁନି ପିଲାଟିଏ କୁନି ପାଟିରେ କହୁଥାଏ ହାପି ବାର୍ଥ ଡେ ନାନା.... ଆରେ ଅଭି ତୁ ବି ଶୋଇନୁ ଏ ଯାଏ ? ନାନା ଆଜି ତୋର ବାର୍ଥ ଡେ ତୋ ପାଇଁ ନା ମୁଁ ଆଉ ଲୁସି ନାନା ଗିଫ୍ଟ କରୁଥିଲୁ । ଗିଫ୍ଟ ପ୍ୟାକେଟ୍ ଟା ନିଶି ହାତକୁ ବଢ଼ାଇ ଦେଲା ଅଭି, ନେ ନାନା ଏଇଟା ତୋ ଗିଫ୍ଟ । କେଜାଣି କ'ଣ ଥିଲା ସେ ଗିଫ୍ଟରେ କିନ୍ତୁ ନିଶି ଦେଖି ବହୁତ ଖୁସି ହୋଇଗଲା । ଗିଫ୍ଟ ପ୍ୟାକେଟ୍ ଧରି ରୁମ୍ ଭିତରକୁ ଚାଲିଗଲା, ଗିଫ୍ଟ ଖୋଲିବା ଆଗରୁ ଜୋର୍ କରି ସମସ୍ତେ କେକ୍ କାଟିବା ପାଇଁ ଟାଣି କରି ନେଇଗଲେ ତାକୁ । ବୈଠକ ଘର ବହୁତ ସୁନ୍ଦର ଭାବେ ସଜା ହୋଇଥିଲା ବହୁତ ଧୁମ୍ ଧାମ୍ ରେ ସଭିଏଁ ନିଶିର ଜନ୍ମଦିବସ ପାଳନ କଲେ । ବହୁତ୍ ସାରା ମଜା ମସ୍ତି ସାରି ନିଶି ସବୁ ଗିଫ୍ଟ ଧରି ରୁମ୍ କୁ ଶୋଇବାକୁ ଆସିଲା । ଗିଫ୍ଟ ସବୁକୁ ଟେବୁଲ ଉପରେ ରଖି ଦେଇ ବେଡ୍ କୁ ଶୋଇବାକୁ ଗଲା ବେଳେ ଦେଖିଲା ବେଡ୍ ଉପରେ ଗିଫ୍ଟ ପ୍ୟାକେଟ୍ ଟିଏ ଅଛି । ଆରେ ଏ ତ ଅଭି ଦେଇଥିବା ଗିଫ୍ଟ, ଖୋଲି କରି ଦେଖେ ମୋ ଭାଇ କଅଣ ଆଣିଛି ମୋ ପାଇଁ ? ଗିଫ୍ଟ ଖୋଲିଲା ବେଳେ ମୁହଁରେ ଥାଏ ତା'ର କେତେ ଆଶା ଆଉ ସ୍ମିତ ହସ ପ୍ରଥମ ଥର ପାଇଁ ସାନ ଭାଇ କିଛି ଦେଇଛି ତାହା ତ ସାରା ଜୀବନ ମୋ ପାଇଁ ସ୍ମୃତି ହୋଇ ରହିବ । ଗିଫ୍ଟ ଭିତରେ ଥିଲା ଗୋଟେ ଡାଏରୀ ଆଉ ଗୋଟେ ପେନ୍ ଯିଏ ମତେ ଦେଇଥିଲା ପ୍ରେରଣା ଲେଖିବାର । କୁନି ହାତରେ ସୁନ୍ଦର ଚିତ୍ର ସବୁ, ଆଉ ନାନାର ଶୁଭ ମନାସି ଲେଖି ଦେଇଥିଲା ଦୁଇ ଚାରି ପୃଷ୍ଠା ଯାହା ସବୁ ଉଇ ଖାଇ ଚିରି ଯାଇଛି ଅଧା ଅଧା । ଜୀବନର ସବୁ ସୁଖ ଦୁଃଖ ଏଇ ଡାଏରୀରେ ଲେଖିବାକୁ ଅନୁରୋଧ କରିଥିଲା ଅଭି । ଚିତ୍ର ପୃଷ୍ଠା ପରେ ଗୋଟିଏ ପୃଷ୍ଠା ଥିଲା ଯେଉଁଥିରେ ଲେଖା ଯାଇଥିଲା -

"ନାନା, ମୁଁ ସବୁବେଳେ ତୋର ସୁଖ ଦୁଃଖ ସମୟରେ ତୋ ସହିତ ରହିବି ବୋଲି ଶପଥ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୁଛି ଯଦି କେବେ ମୁଁ ତୋ ପାଖରେ ନଥିବି ତାହେଲେ ତୁ ମତେ ଏ ଡାଏରୀ ଭାବି ଏଥିରେ ସବୁ କିଛି ଲେଖିଦେବୁ ।

।। ଇତି।।

ତୋ ସାନ ଭାଇ

ଅଭି

ଡାଏରୀର ପ୍ରଥମ ଲେଖା ମୋ ଗୁଲୁ ଅଭିର ଥିଲା ବୋଧ ହୁଏ ଶେଷ ଲେଖା ସେ ମୋ ପାଇଁ ଛାଡ଼ି ଯାଇଛି ।  ଆଜି ସେ ମୋ ପାଖରେ ନାହିଁ କିନ୍ତୁ ତା ସ୍ମୃତି ମୁଁ ଭୁଲି ପାରୁନି । ସେଇ ରୁମ୍ ସେଇ ଘର ସେଇ କାନ୍ଥ ସେଇ ଡାଏରୀ ସବୁ କିଛି ଅଛି ହେଲେ ମୋ ଅଭି ମୋ ପାଖରେ ନାହିଁ ।  ମୋ ଜୀବନର ଶ୍ରେଷ୍ଠ ଦିନରେ ମୋ ଠାରୁ ଦୂରେଇ ଯାଇଛି ସେ, ପୁଣି ମୋ ଜନ୍ମ ଦିନରେ..... ଭୁଲି ହେବନି ଏ ଦିନ କହି ଜୋରରେ କାନ୍ଦିବାକୁ ଲାଗିଲା ନିଶି ।  ଡାଏରୀକୁ ଛାତିରେ ଚାପି କେତେବେଳ ଶୋଇ ଯାଇଥିଲା ସେ ।

କଲିଂ ବେଲ୍ ର ଶବ୍ଦରେ ଉଠି ପଡି ଯାଇ ମୁଖ୍ୟ ଦ୍ୱାର ଖୋଲିଲା ବେଳକୁ କେହି ନଥିଲେ, ପୁଣି କିଛି କ୍ଷଣ ପରେ ଆଉ ଥରେ କଲିଂ ବେଲ୍ ବାଜିଲା ।  ଦ୍ୱାର ଖୋଲିଲା ବେଳେ କେହି ନଥିଲେ, ରାଗି କରି ଚାଲି ଯାଉଥିଲା ନିଶି ହଠାତ୍ କୁନି ପିଲାଟିଏର ସ୍ୱର ଶୁଣାଗଲା । ଖନେଇ ଖନେଇ କହୁଥିଲା ସେ ହାପି ବାର୍ଥ ଡେ, ହାପି ବାର୍ଥ ଡେ.... ଅଭି... ମୋ ଭାଇ କହି ବାହାରକୁ ଆସିଲା ବେଳକୁ ବାହାରେ ଛିଡା ହୋଇଥିଲେ ଶଙ୍କର ବାବୁ ଓ ଆଶୁ...ଆଉ ପରିବାରର ସମସ୍ତ ସଦସ୍ୟ ।

କାନ୍ଦିବାକୁ ଲାଗିଲା ନିଶି, ନିଶି ଆଖିରୁ ଲୁହ ପୋଛି ଦେଇ ଶଙ୍କର କହିଲେ ତମେ ମନ ଦୁଃଖ କରନି, ଅଭି ସିନା ଆଜି ନାହିଁ କିନ୍ତୁ ତୁମ ପୁଅ ଆଶୁ ଅଛି ନା ।  ସବୁ ବର୍ଷ ଭଳି ଏ ବର୍ଷ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବି କ'ଣ ଏମିତି ମନ ମାରି ବସିବ କି ?

ଆଶୁ - ନିଶି ମା' ଆଜି ବାର୍ଥ ଡେ ପାଳନ କରିବା ନା ?

ନିଶି - ହଁ ବାବା ନିଶ୍ଚିତ ।

ସଭିଏଁ ଖୁସିରେ ଖୁସିରେ ଘର ଭିତରକୁ ଚାଲିଗଲେ ସନ୍ଧ୍ୟା ପ୍ରସ୍ତୁତି କରିବା ପାଇଁ ସାଥିରେ ନିଶି ମଧ୍ୟ ଆଶୁକୁ ନେଇ ଭିତରକୁ ଗଲେ ।

(ଯଦି କେବେ ନିଜ ଲୋକ ପାଖରୁ ସବୁ ଦିନ ପାଇଁ ଦୂରେଇ ଯାଆନ୍ତି ନା ତେବେ ନିଷ୍ଚୟ ଭଗବାନ ତାଙ୍କୁ କେଉଁ ନା କେଉଁ ରୂପରେ ଆମ ଗହଣକୁ ପଠାଇ ଦିଅନ୍ତି । ଯେମିତି କି ନିଶି, ସାନ ଭାଇ ଅଭିକୁ ପୁଅ ଆଶୁ ରୂପରେ ପାଇଛି ଠିକ୍ ସେମିତି । ଏହା ଚିରନ୍ତନ ସତ୍ୟ ।)

ଲେଖିକା - ଶୁଭସ୍ମିତା ପ୍ରଧାନ, ଢେଙ୍କାନାଳ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱପ୍ନ



ପପୁ ରାଉତ

ସ୍ୱପ୍ନ ମୋ ପାଇଁ ଏକ ଏପରି ଶବ୍ଦ ଯାହାର ସଂଜ୍ଞା ଦେବା ପାଇଁ ମୁଁ ଅସମର୍ଥ । କାହାକୁ କାହାକୁ କହିବି ମୁଁ ସ୍ୱପ୍ନ ? ? ଯାହାକୁ ରାତିର ନିଦରେରେ ଦେଖେ, ନା ଯାହାକୁ ମନରେ ଭାବି ଆଶା ରଖେ ! ! କୁହନ୍ତି ସ୍ୱପ୍ନ ହେଉଛି ତାହା ଯାହା ଆମକୁ ଶୋଇବାକୁ ଦିଏନି ! ତାହାଲେ କଣ ଯିଏ ସମୟ ପରିସ୍ଥିତି ମଧ୍ୟରେ ଫସି ଆଜି ମେଧାବୀରୁ ଶ୍ରମିକ ହେଇ ରାତିରେ ନିଦକୁ ଭୁଲି ଦିନ-ରାତି କେଇଟା ପଇସା ପାଇଁ ଅନବରତ କାମ କରୁଛି, ସେ କାମକୁ କହିବା ଆମେ ସ୍ୱପ୍ନ ? ? ନା, ଇଚ୍ଛା ବିରୋଧରେ ହେଉଥିବା କାର୍ଯ୍ୟ କେବେ ସ୍ୱପ୍ନ ହୋଇନପାରେ !

ରୋପ୍ୟ ସହର ପାଦଦେଶରେ ଅବସ୍ଥିତ ଏକ ଗ୍ରାମ ଯାହାର ନାମ ସ୍ୱପ୍ନନଗର, ଗାଁର ନାଁ ଯେମିତି ସେଠାକାର ଅଧିବାସୀଙ୍କ ଆଗ୍ରହ ଓ ଆଶା ମଧ୍ୟ ଠିକ୍ ସେମିତି ଉଚ୍ଚ । ଗ୍ରାମରେ ଥାଏ ଜମିଦାରୀ ପ୍ରଥା । ଜମିଦାରଙ୍କ ସହ ଅନ୍ୟାନ୍ୟ ଜାତିର ଲୋକ ମଧ୍ୟ ଗ୍ରାମରେ ବସବାସ କରନ୍ତି । ଜମିଦାରଙ୍କ ଘର ଗାଁର ଉପର ମୁଣ୍ଡରେ ଥିବା ବେଳେ ଗାଁର ଶେଷଭାଗରେ ଥାଏ ଏକ ଗରିବ କମାର ପରିବାର, କିନ୍ତୁ ଜାତି - ଗୋତ୍ର, ଧନୀ - ଦରିଦ୍ର ନିର୍ବିଶେଷରେ ଜମିଦାର ଓ କମାର ପୁଅ ଦୁହେଁ ଭଲ ସାଙ୍ଗ । ଗୋଟିଏ ସ୍କୁଲରେ ପଢ଼ନ୍ତି ଓ ତାଙ୍କ ଦୁହିଁଙ୍କର ସମାନ ଲକ୍ଷ୍ୟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଣେ ଜଣେ ଶିକ୍ଷକ ହେବେ । ଲକ୍ଷ୍ୟ ଥିଲେ ମଧ୍ୟ ଜମିଦାର ପୁଅ ରାହୁଲ ଛାଡିପାରିନି ତା ସଉକ ଏବଂ ଅନ୍ୟ ଦିଗରେ କମାର ଥିଲା ଭାରି ଗରିବ ଓ ସେ ଗରିବୀରୁ ମୁକ୍ତି ପାଇବା ପାଇଁ କମାର ପୁଅ ରାକେଶ କରୁଥିଲା ଅକ୍ଲାନ୍ତ ପରିଶ୍ରମ । କେବେ ଶାନ୍ତିରେ ବସିନି ସେ, ପାଠ ସହ ବାପାଙ୍କୁ ମଧ୍ୟ କମାର କାର୍ଯ୍ୟରେ ସାହଯ୍ୟ କରୁଥିବାବେଳେ ରାହୁଲ ଜମିଦାର ବାପାଙ୍କ ସହ ଏକା ସଙ୍ଗେ ମଉଜ-ମଜଲିସ ଦିନ କାଟେ । ହାଇସ୍କୁଲ ପାଠ ସରିବା ପରେ ଜମିଦାର ପୁଅ ରାହୁଲ ଯାଇଛି ସହରକୁ ଆଉ ଭୁଲିଯାଇଛି ତା ସାଙ୍ଗ ରାକେଶକୁ ତଥାପି ରାକେଶ ତା ଆସିବା ବାଟକୁ ଚାହିଁ ରହି ସାଲିସ କରିନି ତା ପରିଶ୍ରମ ସହ । A Cର ଶୁ ଶୁ ଶବ୍ଦରେ ବସି ବଡ଼ ଲାଇବ୍ରେରୀରେ ପଢୁଥିବା ବେଳେ ରାକେଶ ଝଡ଼ ବତାସକୁ ସାଥୀ କରି ପଇସା ଅଭାବରୁ ପଢୁଛି ଛୋଟ ଏକ ପାର୍କରେ ।

ଦୁହିଁଙ୍କର ଆଶା କେବେ ଶିକ୍ଷକ ନିଯୁକ୍ତି ଆସିବ । ଦୀର୍ଘ ୪ ବର୍ଷ ପରେ ହଠାତ୍ ଆସେ ଶିକ୍ଷକ ନିଯୁକ୍ତି ଚିଠି । ରାକେଶ ସ୍ୱପ୍ନ ସାକାର ହେବ ଭାବି କହିଲେ ଖୁସି ନସରେ, କିନ୍ତୁ ରାହୁଲର ଦୁଃଖ ତା ଖୁସି ଠାରୁ ଅଧିକ କାରଣ ବର୍ଷ ତମାମ ଉଚିତ୍ କଷ୍ଟ ନକରି ମଜଲିସରେ ପଢୁଥିବା ରାହୁଲର ଆଶା ଅଧାରେ ରହିବ ଇତି ମଧ୍ୟରେ ସରିଯାଇଛି ପରୀକ୍ଷା ହେଇଯାଇଛି ନିରୀକ୍ଷା ବାକି ଅଛି କେବଳ ଅପେକ୍ଷା ।

ଟଙ୍କାରେ ବିଶ୍ୱାସ କରୁଥିବା ଜମିଦାର ବାବୁ ୧୫ ଲକ୍ଷ ଦେଇ ଅଯୋଗ୍ୟ ପୁଅକୁ କରିଛନ୍ତି ଯୋଗ୍ୟ । ପୁଅ ରାହୁଲ ହେଇଛି ସ୍ଥାନୀୟ ସରକାରୀ ବିଦ୍ୟାଳୟର ଜଣେ ନବ ନିଯୁକ୍ତ ଶିକ୍ଷକ । ସେପଟେ ଟଙ୍କାର ଅର୍ଥକୁ ବୁଝି ପରିଶ୍ରମ କରୁଥିବା ରାକେଶ ଟଙ୍କାର ଲୁଚା ଛପା ଭିତରେ ହେଇଯାଇଛି ଅଯୋଗ୍ୟ ଏବଂ ଶିକ୍ଷକ ହେଇଛି ଗୋଟିଏ ଘରୋଇ ବିଦ୍ୟାଳୟରେ ଯାହାର ମାସିକ ଦରମା ୫୨୦୦ ଟଙ୍କା । ସେତିକି ନୁହେଁ କେଉଁଠି ପଇସା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ ରାକେଶ ଦିନରେ ସ୍କୁଲ ଓ ରାତିରେ ହାଡ଼ଭଙ୍ଗା କଷ୍ଟକୁ କରିଦେଇଛି ସାଥି । ଇତି ମଧ୍ୟରେ ହଜିଯାଇଛି ତା ଆଖିର ନିଦ, ଭାଙ୍ଗିଯାଇଛି ତା ଆଶାର ପାହାଡ଼ ଓ ମନରେ ଉଙ୍କି ମାରୁଛି ବାସ୍ତବ ଅର୍ଥ ସ୍ୱପ୍ନର ।

ପପୁ ରାଉତ

+୩ ଦ୍ୱିତୀୟ ବର୍ଷ (ରାଜନୀତି ବିଜ୍ଞାନ ବିଭାଗ)

ନିମାପଡ଼ା ସ୍ୱୟଂଚାଳିତ କଲେଜ

ମୋବାଇଲ : ୭୮୯୪୯୮୩୫୭୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଦେଖା ଲୁହ



ରୁଦ୍ରକାନ୍ତ
ରାଉତରାୟ

ଚୈତ୍ରମାସରେ ସଂଧ୍ୟା ମିଶ୍ରବାବୁ (ଆର୍ତ୍ତବନ୍ଧୁମିଶ୍ର) ଛାତଉପରେ ଏକ ଚେୟାର ଉପରେ ବସି ପିଲାମାନଙ୍କୁ ପାଠ ପଢ଼ାଉଥାନ୍ତି । ଶିକ୍ଷକତାରୁ ଅବସର ନେବାପରେ ଏଇ ପିଲାମାନଙ୍କୁ ପାଠ ପଢ଼େଇ ଓ ଘର ପାଇଁ କାମକରି ସମୟ କାଟୁଛନ୍ତି । ଚା କପ୍ ଟି ଧରି ଶାରଦା ଦେବୀ ମାନେ ମିଶ୍ରବାବୁଙ୍କ ପତ୍ନୀ ପହଞ୍ଚିଲେ । ହସହସ ମୁହଁରେ ଚା କପ୍ ଟି ବଢେଇ ଦେଇ ପିଲାଙ୍କ ପାଇଁ ଆଣିଥିବା ବିସ୍କୁଟ୍ ଦେବାକୁ ଲାଗିଲେ ଆଉ କହି ଉଠିଲେ ଆଜି 'ପରୀ' ଆସିନି କି ? ମିଶ୍ରବାବୁଙ୍କ ପାଟିରୁ କଥା ନ ସରୁଣୁ ପରୀ ପଛପଟୁ ଆସି ଶାରଦାଦେବୀଙ୍କୁ କୁଣ୍ଢେଇ ଧରି କହି ଉଠେ ମା-ମା ଡେରି ହୋଇଗଲା । ସାର୍ ଏଇନେ ମୋତେ ଆଣ୍ଠେଇ ଦେଇ ବେତରେ ବାଡେଇବେ । ମିଶ୍ର ବାବୁଙ୍କ "ବେତ"କୁ ଶାରଦା ଦେବୀ ନେଇଆସି କହିଲେ ଏଇ ଦେଖ "ଜ୍ଞାନଦାସ" ମୋ ହାତରେ ଆଉ ତତେ କିଏ ମାରିବ ମିଶ୍ରବାବୁ ଆକଟ କରି କହୁଥାନ୍ତି, ବୁଝିଲ ତୁମର ଏଇ ସ୍ନେହ ପାଇଁ ସେ ବହୁତ ଚଗଲା ହେଲାଣି । ପ୍ରତ୍ୟେକ ଦିନ ଡ଼େରିରେ ଆସୁଛି, ଯଦି ଭଲ ନପଢେ ଏସବୁ ପ୍ରତ୍ୟେକ ସଂଧ୍ୟାରେ ମିଶ୍ରବାବୁ ଶାରଦା ଦେବୀ ଓ ପରୀର ପୁରୁଣା କଥା ।

ଆର୍ତ୍ତବନ୍ଧୁ ମିଶ୍ର ରାମପୁରର ଅଧିବାସୀ । ବାପା 'ମା' ଚାଲିଗଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରେ ଆସି ଏଇ ମାଧବପୁରରେ ଘରଟିଏ କରି ରହିଆସୁଛନ୍ତି । ପେଶାରେ ଶିକ୍ଷକ, ଉତ୍ତମ ଗୁଣର ମଣିଷଟିଏ । ଭଦ୍ର, ନମ୍ର ଓ ପରୋପକାରୀ ମଧ୍ୟ । ଶାରଦା ଦେବୀଙ୍କୁ ବିବାହ କରିବା ପରେ ସେ ଦୁହେଁ ଆଜି ଦିନରେ ଗୋଟେ ଉଦାହରଣ ପାଲଟିଛନ୍ତି । ସେମାନଙ୍କର ଦେହ ସିନା ଅଲଗା ହୃଦୟ ଗୋଟେ । ପୁଅଟିଏ ଜନ୍ମକରିଥିଲେ ତାକୁ ସ୍ନେହରେ 'ବାବୁନି' ବୋଲି ସମ୍ବୋଧନ କରନ୍ତି । ଭଲ ନାଁ ଗିରିଜା ମିଶ୍ର' ପୁଅ ବି-ଏସ-ସି ରେ ଟପ୍ପର ହେଲା ଆଉ ଜିଦ୍ ଧରି ବସିଲା ଆମେରିକା ଯାଇ ପଢ଼ିବା ପାଇଁ । ମିଶ୍ରବାବୁ କିନ୍ତୁ ରାଜି ନଥିଲେ, କାରଣ ସମାଜର ଗତିଶୀଳ ପରିସ୍ଥିତି ସହ ସେ ଅଙ୍ଗାଅଙ୍ଗି ଭାବ ଜଡିତ ତାପରେ ସମୟର ଉତ୍ଥାନ ପତନ ବି ସେ ନିଜ ଆଖିରେ ଦେଖିଛନ୍ତି । ପୁଅର ଜିଦ୍ ଆଗରେ ଦରମାରୁ କାଟି ଲୋନ୍ ଟିଏ କଲେ ମାତ୍ର ଦଶଲକ୍ଷ ଟଙ୍କରେ ଆମେରିକାରେ ଖାଇବା, ରହିବା, ପାଠ ପଢ଼ିବ. ଏଡ଼ମିସନ୍ ଏ ସବୁକୁ ନେଇ ଚିନ୍ତାରେ ଥାନ୍ତି ଶାରଦାଦେବୀ ଓ ମିଶ୍ରବାବୁ ! ବାବୁନି ଆସି କହି ଉଠିଲା "ବାବା ଘରଟାକୁ ବନ୍ଧକ ରଖି ମୋତେ ଆଉ ପଚିଶି ଲକ୍ଷ ଟଙ୍କା ଦିଅ । ମୁଁ ସେଠି ସେଟଲ ହେଲା ପରେ ସୁଝି ଦେବିନି । ହେଲେ ମିଶ୍ରବାବୁ ତାଙ୍କର ସ୍ୱପ୍ନର ଘରକୁ ବନ୍ଧା ରଖିବାକୁ ଚାହୁଁନଥିଲେ । ମାତ୍ର ଶାରଦା ଦେବୁଙ୍କ ଜିଦ୍ ଓ ଗୋଟିଏ ମାତ୍ର ପୁଅର ସ୍ୱପ୍ନ ଆଗରେ ତାଙ୍କ ସ୍ୱପ୍ନର ମୂଲ୍ୟ କିଛି ନଥିଲା । ବାବୁନି ଆମେରିକା ଗଲା ଯେ, ଆସି ସାତ ବର୍ଷ ହେଲାଣି ଫେରିନି । ଶୁଣିବାକୁ ମିଳୁଛି କେଉଁ ଏକ ସଫ୍ଟଓୟାର କଂପାନୀରେ ଭଲ ପୋଷ୍ଟରେ ଅଛି । ମାତ୍ର ମିଶ୍ରବାବୁ ତାଙ୍କ ପତ୍ନୀଙ୍କ ଜିଦ୍ ଯୋଗୁଁ ଆମ ଛକ ସାଇବର୍ କାଫେରେ ସମୟେ ସମୟେ ଭିଡ଼ିଓ କଲରେ ପୁଅ ସହ କଥା ହୁଅନ୍ତି । ସେଦିନ ହଠାତ୍ କଥା ହେବାବେଳେ କୁନି ଝିଅ ପିଲାଟିଏ ଆସି 'ବାବୁନି' କୋଳରେ ବସି ପଡ଼ିଲା । ମିଶ୍ର ବାବୁ ଓ ଶାରଦା ଦେବୀ ଦୁହେଁ ଦୁହିଁଙ୍କ ମୁହଁକୁ ଚାହିଁବା ଅବସ୍ଥାରେ ସେପଟୁ ଶବ୍ଦଟିଏ ଶୁଣାଗଲା, 'ମା' ମୁଁ ଜେସିକୁ ୩ବର୍ଷ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲା ମ୍ୟାରେଜ୍ କଲିଣି । ଇଏ ଆମ ଝିଅ 'ଜେନି' । ବାବା ରାଗିବେ ବୋଲି କହି ନଥିଲି । ଶାରଦା ଦେବୀ କଣ ଗୋଟେ କହିବା ଆଗରୁ ମିଶ୍ରବାବୁ 'କମ୍ପ୍ୟୁଟର' ମାଉସକୁ ଜୋରରେ ମାଡିଧରି ଏଣ୍ଡ ବଟନକୁ ଦବେଇ ସାରିଥିଲେ । ସେଇଦିନରୁ ସେମାନେ ପୁଅ ସହ ଆଉ କେବେ ବି ଭିଡ଼ିଓ କଲରେ କଥା ହୁଅନ୍ତିନି । ହଁ ଶରଦାଦେବୀ ଲୁଚିଲୁଚି ପୁଅସହ ତାଙ୍କ କିପେଡ୍ ମୋବାଇଲରେ କଥା ହୁଅନ୍ତି । ଲୋନ ସୁଝିବା କଥାକୁ ନେଇ ପୁଅକୁ କହିଲେ ଉତ୍ତରରେ ବାବୁନି କହି ଉଠେ, 'ମା' ଏତିକି ତ ଦରମା ପାଉଛି । ଏବେ ପରା ଦଶ ହଜାର ଟଙ୍କା ପଠେଇଛି, କଉଠୁ ଆଣିବି । ଏପଟେ ମିଶ୍ରବାବୁଙ୍କୁ ତାଙ୍କ ପେନସନ୍ ଟଙ୍କାରୁ ମାସିକ ବ୍ୟାଙ୍କ କିସ୍ତି, ଘର ବନ୍ଧକ ବାକି ଋଣର କିସ୍ତି, ଘରଖର୍ଚ୍ଚ ଓ ଶାରଦାଙ୍କ ବ୍ଲଡ୍ ପ୍ରେସର ଓ ଆଣ୍ଠୁଗଣ୍ଠି ରୋଗର ଔଷଧ ଖର୍ଚ୍ଚ ବୁଝିବାକୁ ପଡୁଥିଲା । ଏପଟ ସେପଟ କରି ଚଳିଥାଉ ଥିଲେ ମାତ୍ର ବ୍ୟାଙ୍କର ଋଣ ସୁଝିବା ପରେ ଆଉ ଘରର ବନ୍ଧକ ଋଣ ସୁଝିବା ସମ୍ଭବପର ହେଲାନାହିଁ ଘରଟି ନିଲାମ ହେଲା । "ବାବୁନିକୁ ଫୋନ୍ ମାଧ୍ୟମରେ ଶାରଦା ଦେବୀ ଏକଥା କହିଲା ପରେ ବି 'ବାବୁନି' ଛୁଟି ମିଳିବ ନାହିଁ, ଆଉ ଚାରି, ପାଞ୍ଚ ବର୍ଷପରେ ଆସବାକୁ କହି ଟଙ୍କାର ଅଭାବ ଦର୍ଶାଇ ଫୋନ୍ କାଟିଦେଇଥିଲା । ମିଶ୍ରବାବୁଙ୍କ ଆଖି ଆଗରେ ତାଙ୍କର ଘରଟି ନିଲାମ ହେଲା । ତାଙ୍କ ହାତଗଢା ସ୍ୱପ୍ନର ମହଲଟା ଆଜି ତାଙ୍କ ଠାରୁ ଅଲଗା ହେଉଥିବାର ଦୁଃଖ ସହ ଜନ୍ମକଲା ପୁଅର ସ୍ୱାର୍ଥବାଦୀ ଚରିତ୍ର ସେଦିନ ତାଙ୍କ ବାପ ପଣିଆକୁ ଧିକ୍କାର କରୁଥିଲା । ସ୍ୱାମୀ ସ୍ତ୍ରୀ ଦୁହେଁ ରସ୍ତାରେ ଯାଉଥିବାର ଦେଖି "ପରୀ" କହି ଉଠିଲା, ସାର୍, ମା କୁଆଡ଼େ ଯାଉଛନ୍ତି । ପରୀ ଜିଦ୍ କରି ନିଜ ବାପାଙ୍କ ଭେଟ କରାଇବାକୁ ତାଙ୍କ ଘରକୁ ଡାକିନେଲା । ପରୀ ପିଲାଟିବେଳୁ ମା' ଛେଉଣ୍ଡ । ତେଣୁ ତା ବାପା ତାକୁ ଘରେ କାମ କରୁଥିବା ଆୟା ପାଖରେ ଛାଡି ଚାକିରୀକୁ ଯାନ୍ତି । ଓ.ଏ.ଏସ. ଅଫିସର ହୋଇଥିବାରୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବଦଳି ଲାଗି ରହେ । ମିଶ୍ର ବାବୁଙ୍କୁ ତାର ପାଠପଢା ଭାର ଦେଇ ଯାଇଥିଲେ, ଆଜି ଫେରିଛନ୍ତି । ମିଶ୍ର ବାବୁଙ୍କ ଠାରୁ ସବୁକଥା ଶୁଣି ତାଙ୍କ ଘରେ ରହିବାକୁ ବାଧ୍ୟ କଲେ । ମାତ୍ର ସ୍ୱାଭିମାନୀ ମଣିଷଟା ନିଜର ସ୍ୱାଭିମାନକୁ ହତ୍ୟା କରିବାକୁ ଚାହୁଁନଥିଲା । ହେଲେ ପରୀର ଜିଦ୍ ଆଗରେ ମିଶ୍ରବାବୁ ରାଜିହେଲେ ଏବଂ କହି ଉଠିଲେ ଶାରଦା, 'ବାବୁନି' ବଦଳରେ ଏ ପରୀ ଆମଘରେ ଆମ ଝିଅ ହୋଇ ଜନ୍ମ ହୋଇ ନଥାନ୍ତା ? ଆଖିର ଲୁହକୁ ଲୁଚେଇ ପାରିଲେନି ସ୍ୱାମୀ ସ୍ତ୍ରୀ ଦୁହେଁ । ପରୀକୁ କୁଣ୍ଢେଇ ଧରି ଢ଼େରେ କାନ୍ଦିଲେ । ଏବେ ମିଶ୍ରବାବୁ 'ପରୀ' ସହ ଅନେକ ପିଲାଙ୍କୁ ପାଠ ପଢ଼ାଉଅଛନ୍ତି ।

ଶାରଦା ବି ଏ 'ପରୀ'ର ଚପଳତା ପାଖରେ 'ବାବୁନି' କୁ ଫୋନ୍ କରିବା ଭୁଲିଗଲେଣି । ଏବେ 'ବାବୁନି'ର କଲ୍ ଆସିଲେ ଶାରଦା ଦେବୀ ଅଚିହ୍ନା ନମ୍ବର ପରି ଦେଖି ମୋବାଇଲ୍କୁ ଟେବୁଲ ଉପରେ ଥୋଇ ଦଉଛନ୍ତି । ସମୟ ସ୍ରୋତରେ ସଂପର୍କର ପତ୍ର ଯେପରି ଠିକଣା ଖୋଜିଚାଲିଛି, ହେଲେ ମିଶ୍ରବାବୁଙ୍କ ଆଖିର ଲୁହକୁ ଆଜିଯାଏ କେହି ଓଠ ଛୁଇଁବାର ଦେଖିନି । ସେମିତି ହସ ଜରଜର ଆଉ ସତେଜ ମୁହଁ ।

ରଚନା - ଶ୍ରୀ ରୁଦ୍ରକାନ୍ତ ରାଉତରାୟ

ଆଡଭୋକେଟ, ଭଦ୍ରକ

ମୋ. ୯୯୩୮୯୮୪୦୫୪

Email- rudrakanta456@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବାଗଡ଼ା



ସଞ୍ଜୀବ କୁମାର ଦାସ

୨ୟ ଭାଗ.....

ସିନ୍ଧୁଆ ଅଜା ତାଙ୍କ ଘରକୁ ଚାଲିଗଲାପରେ ମୋ ବୋଉ ମୋ ବାପାଙ୍କ ମଇତ୍ରଘର ବନ୍ଧୁ ଭାବେ ନିଆରି ସାହିର ନାବ ବୋଉକୁ କହିଥିଲା ଆଉ ଜଣେ ଲୋକ ଠିକ ହେବାଯାଏ ବାହାର କାମଗୁଡା କରିବାକୁ । ନାବ ବୁଢୀମା ସେ ସବୁ କରୁଥିଲେ । ଏବେ ବାଗଡ଼ା ଆସି ଯିବାରୁ ସିଏ ବି ହାଲୁକା ହୋଇଗଲେ ଆଉ ମୋ ବୋଉକୁ କହିଲେ, ବୁଝିଲୁ ମଝିଆଣି, ଠାକୁରାଣୀ କଲେଇଶୁଣୀ ତୋ ଉପରେ ପ୍ରସନ୍ନ ହେଲେ ଲୋ ! ବାଗଡା ପରି ପିଲାଟିଏ ପାଇ ମାଗୁଣିଆ ଭାଇ (ମୋ ବୁଢାବାଙ୍କ ନାଁ ମାଗୁଣି ଚରଣ ଦାସ) ଭାରି ଖୁସି । ତା ଗୋଡ଼ ତଳେ ଲାଗୁନି । ସବୁ କାମ ଠିକ ଠିକ କରାଇବାକୁ ସେ ତା ସାଙ୍ଗେ ସାଙ୍ଗେ ଲାଗିଛି ବାପ ମା'ଛେଉଣ୍ଡ ପିଲାଟିର ଯତ୍ନ ଖୁବ ଭଲ ଭାବରେ ନେଉଛି ଯେମିତି ତା'ର କିଛି ଅସୁବିଧା ନ ହୁଏ । ମୁଁ ମଝିରେ ମଝିରେ ଆସୁଥିବି ଲୋ, ପିଲାଟିକୁ ଦେଖିଲେ ଭାରି ଖୁସି ଲାଗୁଚି । ପାଖରେ ବସିଥିବା ମୋ ବୁଢୀମା ଝଅଟ କହି ଉଠିଲା, ହଁ ନାବବଉ, ଆମ ବୁରୁଣି (ମୋ ବାପା ବୃନ୍ଦାବନ ଚନ୍ଦ୍ର ଦାସଙ୍କୁ ସେ ଏଇ ନାଁରେ ଡାକେ, କହେ ପୁଅମାନଙ୍କ ପୁରା ନାଁ କଅଣ ମୋ ପାଟିକୁ ଆସୁଛି ନା ମୁଁ ନେଇ ପାରିବି) ବି ଭାରି ଖୁସି ।। ସେ ସନ୍ଧ୍ୟାରେ କଚେରୀରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫେରିଲେ ବାଗଡା ଆଗ ଯାଇ ତା ସାଇକଲ ଓ ଝୁଲାରେ ଆଣିଥିବା ପନିପରିବା ସବୁ ଘର ଭିତରକୁ ନେଇ ଆସେ । ପରିବା ଥଳିକୁ ରୋଷେଇ ଘରେ ମଝିଆଣିକୁ ଦେଇଦିଏ । ନାରଣ ଆଣିଥିବା ପିଲାଟି ଆମ ଘରେ ନିଜକୁ ବେଶ ଖାପ ଖୁଆଇ ନେଲାଣି । ଘର ଲୋକ ଭଳିଆ ଚଳୁଛି । ସେ ଯିବାର ଦିଦିନ ପରେ ଉଦିନ ଭଦ୍ରକରୁ ଆସିଥିଲା (ମୋ ସାନ ବାପା ଉଦୟନାଥ ଦାସ ଯିଏ କି ଭଦ୍ରକରେ ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟରତ ଥିଲେ ତାଙ୍କୁ ମୋ ବୁଢୀମା ଉଦିନ ବୋଲି ଡାକେ) । ବାଗଡାର କାମ ଦାମ ଦେଖି ସେ ବି ଭାରି ଖୁସି ହେଲା । କହିଲା, ବୋଉ, ଆସନ୍ତା ପାର୍ବଣରେ ବାଗଡାକୁ ମୋ ବସାକୁ ପଠେଇଦେବୁ । ଦିନେ ଦିଦିନ ରହି ସାର୍ଟ ପ୍ୟାଣ୍ଟ ନେଇ ଆସିବ । ଚଂଚଳା, ମୋ ସାନମା, କହୁଥିଲା ସେ ଶୁଣିଚି ବଡ଼ ଭାଇ ଆମ ଘରକୁ ନେଇ ଆସିଥିବା ପିଲାଟି କୁଆଡେ ଭାରି ସଂସ୍କାରିଆ । ଚଂଚଳା ସାନ ମା ମୁଁ ଭଦ୍ରକରେ ସାନବାଙ୍କ ବସାରେ ରହି ଭଦ୍ରକ ହାଇସ୍କୁଲରେ ପଢୁଥିବା ବେଳେ ମୋତେ ଖୁଆଇ ପିଆଇ ବଡ଼ କରିଥିଲେ । ଏଇମିତି ସମସ୍ତଙ୍କ ଆଶୀର୍ବାଦ ପାଇ ବାଗଡା ଆହୁରି ବଡ଼ ହେବାକୁ ଲାଗିଲା, ଶୁକ୍ଳ ପକ୍ଷର ଚନ୍ଦ୍ରମା ଭଳି ।

ଆମ ଘରେ ରହି ବାଗଡା ବୁଢାବାଙ୍କ ଅତି ପ୍ରିୟ ହୋଇଯାଇଥିଲା । ଦିନ ଯାକର ଛୋଟ ମୋଟ କାମ ଶେଷ କରି ସନ୍ଧ୍ୟାରେ ଦାଣ୍ଡ ପିଣ୍ଡାରେ ବସି ପଡେ । ବୁଢୀମା ତାକୁ ଚା' ପାଣି ଟିକିଏ ଦେଇ ଦେଲେ ସେ ଖୁସି ହୋଇ ଯାଏ । ଦାଣ୍ଡ ପିଣ୍ଡାକୁ ଲାଗି ଆମ ଠାକୁର ଘର । ସନ୍ଧ୍ୟାରେ ଆମେ ସବୁ ଭାଇ ଭଉଣୀ ପ୍ରାର୍ଥନା କରି ସାରି ବୁଢାବାଙ୍କ ପାଖରେ ବସି ପଡୁ । ସେ ଆମକୁ ରାମାୟଣ କଥାର ଗୋଟିଏ ଅଧ୍ୟାୟ କହି ସାର ମର୍ମ ବୁଝାଇବା ପରେ ଆମେ ଯେଝା ଯେଝା ବହି ବସ୍ତାନି ଧରି ପଢିବାକୁ ଚାଲି ଯାଉଁ । ବୋଉ ଆମ ପାଞ୍ଚ ଜଣଙ୍କ ପାଇଁ ଦୁଇଟା ଲଣ୍ଠନରେ ତେଲ ଫିତା ଲଗାଇ ଠିକ କରି ଦେଇଥାଏ । ସେତେବେଳେ ଆମ ଗାଁକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିଜୁଳି ସଂଯୋଗ ହୋଇ ନ ଥିଲା । ବାଗଡ଼ା ବି ଆମ ସହିତ ରାମାୟଣ କଥା ଶୁଣେ । ତାକୁ ଯେଉଁଠି ଭଲ ଲାଗେ, ପୁଣି ଥରେ ଶୁଣିବାକୁ ବୁଢାବାଙ୍କ ଠାରେ ଅଳି କରେ । ବୁଢାବା ଆଉଥରେ ଶୁଣାଇଦେଲା ପରେ ତା'ର ମନେ ରହିଯାଏ । ଆମ ଘରେ ରାତି ଖିଆ ସରୁ ସରୁ ପ୍ରାୟ ନ'ଟା ଦଶଟା ବାଜି ଯାଏ । ସମସ୍ତେ ଜଲଦି ଜଲଦି ଶୋଇବାକୁ ଚାଲି ଯାଆନ୍ତି । ସକାଳ ହେଲେ ନିତ୍ୟ କର୍ମ ସାରି ଜଳଖିଆ, ତା ପରେ କିଛି ସମୟ ପାଠ ପଢା ଏବଂ ପରେ ପରେ ସ୍କୁଲ ଯିବା ପାଇଁ ସଜବାଜ । ଆଉ ତା ସାଙ୍ଗକୁ ବାପାଙ୍କ କଚେରୀ ଯିବା ପାଇଁ ପ୍ରସ୍ତୁତି । ବୁଢାବା ଏବଂ ବାଗଡ଼ା ସଜ ହୋଇ ଯା'ନ୍ତି ତାଙ୍କ ନିତିଦିନିଆ ରୁଟିନ ପାଇଁ ।

ଚାଷ କାମ ଆରମ୍ଭ ହୋଇଗଲେ ଖରାଦିନେ ବଡ଼ି ଭୋରରୁ ସୁରିଆ ଭାଇ ଓ ନଟ'ଦା ହଳ ନେଇ ଯା'ନ୍ତି । ସେମାନେ ଆମ ଜମିରେ ଭାଗ ଚାଷୀ ହୋଇ କାମ କରୁଥିଲେ । ବୁଢାବା ପ୍ରଥମେ ପ୍ରଥମେ ବାଗଡ଼ାକୁ ନେଇ ଆମର ସବୁ ଧାନ କିଆରୀ ଚିହ୍ନାଇ ଦେଲେ । ହଳ ଯୋଖା ହେବା ଦେଖାଇ ଦେଲେ । ଦିନ କେଇଟାରେ ସେ ସବୁ ଶିଖିଗଲା । ପରେ ପରେ ବୁଢାବା ଚାଷ କାମର ସବୁ ପର୍ଯ୍ୟାୟ ତାକୁ ବୁଝାଇ ଦେଲେ । ବର୍ଷ ଦୁଇ ତିନିଟାରେ ବାଗଡ଼ାକୁ ଆଉ କହିବାକୁ ପଡିଲାନି କିଛି । ଆମ ଘରୁ ବଡ଼ି ଭୋରରୁ କାନ୍ଧରେ ଲଙ୍ଗଳ ପକେଇ ବଳଦ ଦୁଇଟିଙ୍କୁ ଅଡ଼େଇ ନେବାବେଳେ ତା ପାଟି ଶୁଣି ସାହିର ଅନ୍ୟମାନେ ସଜବାଜ ହୋଇ ବାହାରି ପଡନ୍ତି ।

ଆମ ଜମି ଆଉ ଭାଗ ଚାଷରେ ଦିଆଗଲା ନାହିଁ ଏସବୁ କାମ ବାଗଡ଼ା ସମ୍ଭାଳିବା ଦିନଠୁ । ଗାଁ ମୁଣ୍ଡରେ ପହଁଚିଲା ବେଳକୁ ବାଗଡାର ସୂରିଆ ଭାଇ ଓ ନଟ ଦାଦିଙ୍କ ସହିତ ଭେଟ ହୁଏ ସବୁବେଳେ, ହଳ ହେଉକି ବାଟିଆ ପକା ଅବା ପାଣି ମଡ଼ା ଆଉ ଜମିରେ ଗୋବର ଖତ ଦେବା ଅବା ଅମଳ ସମୟରେ ଧାନ କଟା ସମୟ ଆସିଗଲେ ।। ଆମ ଗାଁ ଠୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆରମ୍ଭ କରି ଆଖପାଖର ସବୁ ଲୋକ ବାଗଡ଼ା ବିଷୟରେ ଜାଣିଲେ । ଗାଁ ରେ ସଭିଏଁ କୁହାକୁହି ହେଲେ ମାଗୁଣିଆ ବଡବା କୁଶଳୀ ପିଲାଟିଏ ପାଇଛନ୍ତି; ପିଲାଟି ସଂସ୍କାରି ଘରେ ପାଦ ଥୋଇଚି, ଆଗକୁ ତା'ର ସବୁ ମଙ୍ଗଳ ହେବ ।

ସାତ ଆଠ ବର୍ଷ ଏହା ଭିତରେ ବିତିଗଲାଣି । ବାଗଡ଼ାକୁ ସତେଇଶ ପୁରି ଅଠେଇଶ ଚାଲିଲା । ଭଗବାନଙ୍କ ଆଶୀର୍ବାଦରୁ ତଥା ଆମ ଘରର ସମସ୍ତଙ୍କ ସଦିଚ୍ଛାରେ ପରିପୂର୍ଣ୍ଣ ଯୁବକ ବାଗଡ଼ା ନିରଳସ ମାତ୍ର ସୁସ୍ଥ ଜୀବନ ଅତିବାହିତ କରୁଥାଏ । ଆମ ଘରେ ସମସ୍ତେ ତାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ ଜଣେ ସଦସ୍ୟ ହିସାବରେ, ଜଣେ ବିଶ୍ୱସ୍ତ ଓ କର୍ମନିଷ୍ଠ କର୍ମଚାରୀ ଭାବରେ ନୁହେଁ । ସେ ବି ବୁଝିଥିଲା ସମସ୍ତଙ୍କ ଆନ୍ତରିକତା ଓ ଅକୁଣ୍ଠ ସ୍ନେହ । ଦିନେ ଅଘଟଣଟିଏ ଘଟିଲା । ଆମ ଘର ବାଡ଼ି ପଟେ ଥିବା ପୋଖରୀକୁ ଲାଗି ଆମ୍ବ ଗଛଟିର ବଡ଼ ଡାଳଟିଏ ଛପରକରା ଗୁହାଳ ଆଡକୁ ଲମ୍ବି ଯାଇଥିଲା । ବୁଢାବା ଏହାକୁ ଦେଖି କହିଥିଲେ, ବାଗଡ଼ା, ସମୟ ଦେଖି ଡାଳଟାକୁ କାଟି ଦିଅନ୍ତନି ! ବାଗଡ଼ା ଠିକ ସମୟରେ କାଟି ଦେବାକୁ କହିଥିଲା । ଘଟଣା ଦିନ ବୁଢାବା, ବୁଢୀମା ଓ ମୋ ବୋଉ ଗାଧୁଆବେଳ ଖିଆ ସାରି ଟିକିଏ ବିଶ୍ରାମ ନେବାକୁ ଯାଇଥିଲେ । ବାଗଡା ବି ଖିଆପିଆ ସାରି ବିଶ୍ରାମ ନେବ କ'ଣ ବଡ଼ କୁରାଢ଼ିଟିଏ ଧରି ଆମ୍ବ ଗଛ ଉପରକୁ ଚଢ଼ିଗଲା । ଘଞ୍ଚ ପତ୍ର ଘେରିଥିବା ଗଛରୁ ବାହାରି ଲମ୍ବି ଯାଇଥିବା ଡାଳ ଉପରେ ଦୁଇ ପାଦ ରଖି କୁରାଢ଼ୀ ନେଇ ଲମ୍ବିଥିବା ସେଇ ଡାଳଟିକୁ କାଟିବା ସମୟରେ ପତ୍ର ଛାଇରେ ତା ବାଁ ପାଦଟିର ରଙ୍ଗ ଆମ୍ବ ଡାଳ ରଙ୍ଗ ସହିତ ମିଶି ଯାଉଥିବାରୁ ବାଗଡା କୁରାଢ଼ିର ଶକ୍ତାଘାତ ସେଇ ପାଦଟିରୁ ଦୁଇଟି ଆଙ୍ଗୁଳିକୁ ଅଲଗା କରିଦେଲା । ଆର୍ତ୍ତ ଚିତ୍କାର କରି ସେ ଧାନ ଖଳାରେ ପଡିଗଲା । ପାଟି ଶୁଣି ଘରୁ ସମସ୍ତେ ରୁଣ୍ଡ ହୋଇଗଲେ । ସାଙ୍ଗେ ସାଙ୍ଗେ ସୁରିଆ ଭାଇ ଓ ନଟ ଦାଦି ବି ପହଁଚିଲେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡାକ୍ତରଖାନା ନେବା ପୂର୍ବରୁ କପଡା ପଟିଟିଏ ବାନ୍ଧି ଦେଇ ତାକୁ ପାଣି ଛାଟି ସାଷ୍ଟମ କଲେ । ପୁରା ଦୁଇ ଦିନ ରହି ବାଗଡା ଘରକୁ ଫେରିଲା । ସମସ୍ତଙ୍କ ମନ ଖରାପ । ବଡ ବାପା ଓ ସାନ ବାପା ଖବର ପାଇ ବ୍ୟସ୍ତ ହୋଇ ପଡିଲେ ଏବଂ ତାକୁ ଦେଖିବାକୁ ଆସିଲେ । କାହାରି ମନରେ ସରାଗ ନ ଥାଏ । ମୋ ବଉ କଲେଇଶୁଣୀ ନାଁ ରେ ଗୁଆଟିଏ ଥୋଇ ବାଗଡା ଶୀଘ୍ର ଭଲ ହୋଇଯାଉ ବୋଲି ମାନସିକ ରଖିଲା । ତିନି ମାସ ପରେ ଡାକ୍ତରୀ ଚିକିତ୍ସା ଓ ସମସ୍ତଙ୍କ ଶୁଭ କାମନାରୁ ବାଗଡା ସୁସ୍ଥ ହେଲା । (....କ୍ରମଶଃ ...)

ସଞ୍ଜୀବ କୁମାର ଦାସ
ମର୍କତ ନଗର, କଟକ
୬୩୭୧୬୨୯୦୦୫

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୀତ ରାତି



ଶିବ ନାରାୟଣ
ଦାଶ

ସଞ୍ଜ ଆସେ ନଇଁ ନଇଁ, ଅନ୍ଧକାର
ଜମାଟ ବାନ୍ଧଇ,
ବେଳବୁଡ଼ ହେବ ଆଗୁଁ ସୂର୍ଯ୍ୟ ବୁଡି ଯାଇ
ମାଡି ଆସେ ଘନଘୋର ଛାଇ
ମୋ ସହର ଦିଗବଳୟ ଆକାଶକୁ ଛୁଇଁ ।
ଅପରାହ୍ନ ଅପସରି ଯାଇ
ହଠାତ୍ କେମିତି ସତେ
ସଞ୍ଜୁଆ ଅନ୍ଧାର ବସେ ଆକାଶ ଆବୋରି,
ଦିନ ଆସେ ଛୋଟ ହୋଇ
ହଜିଯାଇ ରାତି ଅନ୍ଧକାରେ,
ହେମାଳିଆ ଶୀତରାତି ଆସେ ମାଡି ମାଡି
ରକତକୁ ପାଣି କରି କଲିଜା ଥରାଇ ।

ମୋ ସହର ରାଜପଥ ଜନଶୂନ୍ୟ ହୁଏ
ମୁହଁ ସଞ୍ଜଟାରୁ,
ଗାଡି, ମଟରର ଆଉ ଶବ୍ଦ ଶୁଭେ ନାହିଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୁଭେନାହିଁ କୋଳାହଳ କିଛି,
ହାଡ଼ଭଙ୍ଗା ଶୀତରାତି ଆସଇ ଘନେଇ
ରାଜପଥ ରାଜରାସ୍ତା ଦେଇ ।
କଦବା କୋଚିତ କେବେ କାଁ ଭୁଁ।
ଦେଖାଯାଏ ରିକ୍ସାଟାଏ ଯିବାର ଆଗେଇ,
କୁହୁଡ଼ିଆ ଅନ୍ଧକାର କାଟି,
ବତୀଖୁଣ୍ଟ ନିଅନ ଆଲୁଅ ତଳେ
ଧୂଆଁଳିଆ ଛବି ତା'ର
ଲାଗେ ସତେ ପ୍ରେତଟିଏ ପରି ।

ଚାହା ଦୋକାନରେ ଭିଡ ଜମି ଉଠେ ଭାରି
ଲୋକଙ୍କ ଗହଳି,
ଆଉ ପୁଣି ଅଫିସ ଫେରନ୍ତା କେତେ
ବାବୁମାନଙ୍କର ଶୁଭେ ଫର୍ମାସୀ –
ଫୁଟନ୍ତ ଉଷ୍ମ କପ୍ ଚାହା ଟିକେ ପାଇଁ,
ତେଲଭଜା, ବରା, ପକୁଡିରେ
ଜମିଉଠେ ଶୀତୁଆ ସଞ୍ଜଟା,
ଉଷ୍ମତାରେ ଅମୋଦିତ କରି
ଭରିଦିଏ ଦେହେ ମନେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ଫୁର୍ତ୍ତି ଆଉ ପ୍ରାଣବନ୍ତ

ଶକ୍ତି ସତେଜତା ।

ପାଖେ ଥିବା କାଠ ଗୁମଟିରେ

ପେଟ୍ରୋମାକ୍ସ ତେଜି ଉଠେ ଯେବେ

ବଢି ଚାଲେ ଲୋକଙ୍କ ଧାଉଡ଼ି,

ସିଗାରେଟ ଧୂଆଁର କୁଣ୍ଡଳୀ ଛାଡି

ବାବୁଭାୟା ମାନେ

ଶୀତୁଆ ସଞ୍ଜରୁ ସତେ

ଉଷ୍ମତାକୁ ନିଅନ୍ତି ଚିପୁଡ଼ି ।

ସହରର ଦୋଛକିରେ

ଅବା ପୁଣି ରାସ୍ତା ପାଖ

ବୁଢା ବରଗଛ ତଳେ

ନିଆଁ ଜାଳି ଦେହ ସେକିବାର

ଦିଶିଯାନ୍ତି ଆତଯାତ

ଅଜଣା ପଥିକ,

ପୁଣି କେବେ ଦେଖାଯାଏ

ହୁଇସିଲ ମାରି ମାରି

ୱାଚମ୍ୟାନ ବୁଢାଟାଏ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଆଁ ପୁଇଁବାର,

ଆଉ କିଛି ବୟୋବୃଦ୍ଧ

ଗୋଲାକାରେ ଘେରି ବସିଥାନ୍ତି

କୁହୁଳା ନିଆଁକୁ ଟିକେ

ଚିଆଁଇଁ ଦେବାକୁ,

ହାତ, ମୁହଁ ତାପି ହେଉ ହେଉ

ଧୁଡୁକା ଗାଲକୁ ଶୋଷି

ଛାଡୁଥାନ୍ତି ବିଡି ଧୂଆଁ ସୁଅ,

ଧମନୀରେ ତାଜା କରି

ରକତର ଗରମ ପ୍ରବାହ ।

ଶୀତ ରାତି ଆଣିଦିଏ ପୁଣି

ରୋମାଞ୍ଚର ଶତ ଶିହରଣ,

ଉହ୍ମେଇ ପାଖରେ ବସି

ଜାକିଜୁକି ହୋଇ

ଠାକୁମା ପାଖରୁ କେତେ ଗପ ଶୁଣିବାର ---

ରଜାଝିଅ ଆଉ ବୁଢ଼ୀ -

ଅସୁରୁଣୀ କଥା,

ଅବା ପୁଣି ଟୁଆଁ-ଟୁଇଁ ସାଥେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଘମାମୁଁ ପିଠାଖିଆ ବ୍ୟଥା,

ଗପ ଶୁଣୁ ଶୁଣୁ କେବେ

ଆଖି ଲାଗିଗଲେ

ଠାକୁବାପା ସାଉଁଟି ନିଅନ୍ତି

ତାଙ୍କ କୋଳ କମ୍ବଳ ଭିତରେ,

ନିଶ୍ଚିନ୍ତାର ଉଷୁମ ଆବେଗେ

ଲାଗିଯାଏ ନିଦ-ଆଖି ପତା ।

ମୋବାଇଲ୍ : ୯୯୯୦୨୪୬୫୬

ଇମେଲ୍ : dasshibanarayan61@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅସତ୍ୟ ସହର



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

ପାହାଡ଼ ପାଚେରୀ ଘେରା ଏ ସହର ବହୁ ପୁରାତନ,
ଏ ସହର ଆଦ୍ୟ ଅଧିବାସୀ, ଆଦିବାସୀ ପ୍ରକୃତି ସନ୍ତାନ,
ତା' ପାଦରେ ଆଦିମର ଛନ୍ଦ,
ତା' ଅଧର ମଧୁର ଚୁମ୍ବନେ
ବାହୁନି ଉଠଇ ସଦା ନିର୍ଜନ ନିଶାରେ
ମନ ମତାଣିଆ ତା'ର ବଂଶୀର ସ୍ୱନ,
ବାନାମରେ(୧) ବେପଥୁର ଦରଦୀ ଆହ୍ୱାନ,
ଏ ସହର ପବନରେ ଡ଼ିଆଂର(୨) ଗନ୍ଧ !
ଏ ସହର ନିଦକ  ନିଦରେ ପଡେ ଯେବେ ଶୋଇ,
ମହୁଲର ମହକରେ, ଶାଳଫୁଲ ଖୋସବରେ,
ଗଭୀର ନିଶୀଥ କୋଳେ ଅଗନାଗ୍ନି ବନସ୍ତ ଭିତରେ,
ବନସ୍ପତି ଧୀରେ ପହୁଡ଼ଇ ।
ଧାଙ୍ଗଡ଼ିର(୩) ପୁଷ୍ପିତ ଗଭାରେ
ଗର୍ବକର ଶୋଭା ଆଜି ଆଉ ନାହିଁ,
ବନଫୁଲ ବନେ ଫୁଟି ଭୁଇଁରେ ଲୋଟଇ,
ଘୋଡାପୁଚ୍ଛ କଟାକେଶ ପବନରେ ଫରଫର ଉଡ଼େ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟର ରଙ୍ଗ ବୋଲି ହୋଇ ।

ଅନ୍ଧାର ଆସିଲେ ମାଡି ସହରର ଉପକଣ୍ଠେ,
ଆଦିବାସୀ ରମଣୀର ତିମିରିତ ଦେହ ଦେଉଳରେ,
ପାଶବିକ ଭୋକର ଭକତମାନେ
ଧାରଣା ଦିଅନ୍ତି ଆଉ ପାରଣା କରନ୍ତି,
ଡ଼ିଆଂନିଶାରେ ଭୋଳ ଚହଲିଲା ମନସବୁ
ହଜିଗଲା ପଦାର୍ଥକୁ ପାଇବା ଆଶାରେ,
ଅନ୍ଧାରରେ ଏଣେତେଣେ ଅଣ୍ଡାଳି ହୁଅନ୍ତି ।
ସ୍ୱପ୍ନସବୁ ଅଦୃଶ୍ୟ ହୁଅନ୍ତି
ସମ୍ମୋହିତ ପରକୀୟା ପ୍ରୀତି ଗରଳରେ,
ଉଲଗ୍ନ ମୁହୂର୍ତ୍ତମାନ ଶୋଇଯା'ନ୍ତି ଯୌନବିଛଣାରେ,
ଘାରିହୋଇ ନିଶାର୍ଦ୍ଧ କାଳରେ ।
ଦେହ ବିକା କିଣା ଏହି ସହରରେ
ପାହାଡର ପଛପଟେ,
ସକାଳର ଅଳସୁଆ ସୂର୍ଯ୍ୟ ଉଠେ ବହୁତ ଡେରିରେ,
ଶାଳବଣ ପାହାଡର ଅଜଗର କୁଢ଼ୀଆ ଦେହଟା
ଅଳସରେ  ଭିଡିମୋଡି ହୁଏ,
ଲହଲହ ପତ୍ରଜିହ୍ୱା ପବନରେ ସିରସିର କରେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହରର ରତିକ୍ଳାନ୍ତ ପାହାନ୍ତିଆ ନିଦ
ଭାଙ୍ଗେ ନାହିଁ ସକାଳର କୁକୁଡ଼ା ଡାକରେ !

ସ୍ୱପ୍ନର ଏ ସହରରେ ସୂର୍ଯ୍ୟର ବୟସ ବଢେ,
କଚେରୀରେ ଘଣ୍ଟା ବାଜେ,
ପଥଚାରୀ ଦୃଶ୍ୟ ପାଲଟନ୍ତି ଗହଳି ରାସ୍ତାରେ,
କଲେଜର ଝିଅମାନେ ବେପରୁଆ ସାଇକେଲ ଚଳାନ୍ତି
ହସି ହସି ରାସ୍ତା ମଝିଟାରେ ।

ଭଙ୍ଗାଗଢ଼ା ସଂସାରର ନିତିଦିନେ
ଅସରନ୍ତି ଜୀବନ ଯନ୍ତ୍ରଣା ବୋଝ,
ତା' ଉପରେ ହିଡ଼କଟା ଜମି ବେଦଖଲ,
ମାଡ଼ପିଟ, ମୁଂଡଫଟାଫଟିର ଯେ ଅସମ୍ଭାଳ ନଳିତାର ବିଡ଼ା
ନିରୁପାୟେ ମୁଣ୍ଡରେ ମୁଣ୍ଡାଇ,
ନାରଖାର ନିରିମାଖି ହୋଇ,
ଏ ସହର କଚେରୀ ହତାରେ
ଦୁଃସମୟେ ବୁଲୁଥାନ୍ତି ବୋକଚା କାଖେଇ,
କେତେ ବରଜୁ ମହାନ୍ତ, ରାଣ୍ଡ ନେତ ଦେଇ !
ମଫସଲି ଟାଉଟର କୂଟକପଟିଆ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଛିକଟା ଚରଣଚୁଟିଆ ଯେତେ

ସମାଗତ ହୁଅନ୍ତି ଏଠାରେ ମକଦ୍ଦମା ପାଇଁ,

କାହାର କ୍ଷୀରରେ ଖଣ୍ଡ,

କିଏ ଅବା ହୁଏ ବାରଠାଇଁ !

୧. ଆଦିବାସୀଙ୍କ କେନ୍ଦରା ଜାତୀୟ ବାଦ୍ୟଯନ୍ତ୍ର ବିଶେଷ

୨. ଆଦିବାସୀଙ୍କ ନିତ୍ୟ ପାନୀୟ ନିଶା ହାଣ୍ଡିଆ

୩. ଆଦିବାସୀ ଯୁବତୀ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମକର ବୁଲିବା ଆସ



ସିଦ୍ଧେଶ୍ୱର ତ୍ରିପାଠୀ

ଶୀତ ପରଶରେ ମକର ଆସି
ସଭିଙ୍କ ମନରେ ଭରିଛି ଖୁସି
ସାହୁଘର ହେଲା ଶଗଡ଼ ସଜା
ବୁଲିବେ ଯାତରା କରିବେ ମଜା ।

ବାଘମାରୀ ଠାରୁ ଅଟିରି ଯିବେ
ହଟକେଶ୍ୱରଙ୍କୁ ଭେଟ କରିବେ
ପିଲାଏ ଖାଇବେ ବରା ଘୁଘୁନି
କେତେଯେ ଖେଳଣା ଆଣିବେ ପୁଣି ।

କୁଆକୁଣ୍ଡ ପାଣି ଫୁଟୁଛି ଦେଖି
ପ୍ରଣାମ କରିବେ ବୁଜିଣ ଆଖି
ସାହୁଏ କିଣିବେ ରୋଦର ଡୋଲି
ସାହୁଆଣିଙ୍କର ଯେ ବୁଲାବୁଲି ।

ସବୁଠୁ ଛୁଟୁଛି ଲୋକଙ୍କ ସୁଅ
ରାତିରେ ଅପେରା ଦେଖିବ ପୁଅ
ବୁଲାବୁଲି ସାରି ଫେରିଲେ ବାବୁ
ଆମେ କାଲି ସବୁ ମକର ଯିବୁ ।

କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିବେକ ଋତୁ



ସୁଜିତ୍ ମିଶ୍ର

ସଭିଏଁ ମରତେ ଆପଣାର ଲୋକ ସରାଗ ସରଯୂ ସ୍ରୋତ,
ଅନ୍ଧକାର ମଧ୍ୟେ ମନର ଆଲୋକ ଅନୁରାଗେ ଉଦ୍ଭାସିତ ।
ଜୀବନ ଅମୃତ ବିବେକ ଋତୁର ଜୋସ୍ନାଭରା ବିକିରଣ,
ବିଶ୍ୱ ଭାତୃତ୍ୱ ହିଁ ଅମୂଲ୍ୟ ବୈଭବ ବାସଫୁଲ ସମ୍ମୋହନ ।

ଦୁଃଖର କୁହୁଡି ଘେରା ଏ ସଂସାର ଦରପୋଡା ମନ ପ୍ରାଣ,
ବିବେକ ସ୍ଫୁରଣ ଲୋଡୁଛି ପରାଣ ବହିବାକୁ ଘନଘନ ।
କାମନା ତାତିର ଶାଣିତ ଶାପରେ କମନୀୟ ଧରା ଧ୍ୱଂସ,
ଛାତି ତଳ ଭରା କାହିଁ କେତେ କାଳୁ ଛଳନାର ରଙ୍ଗ ରସ ।

ରୂପ ଲାବଣ୍ୟରେ କେହିକି ସଂସାରେ ହୋଇଅଛି ଯଶୋଦେହୀ ?
ବିବେକପଣର ମରଣରେ ଯଦି ପ୍ରତିକ୍ଷଣେ କଳାଛାଇ ।
ଆୟୁଷ ଖାତାର ଅଳପ ଦିନର ଅତିଥି ବିବେକାନନ୍ଦ,
ଚେତନାର ଦୀପ ଯୁବ ମାନସର ଚାରୁ ଚିନ୍ତନର ଛନ୍ଦ ।

ବିବେକପଣର ମୃଦୁ ସମୀରଣେ ବସନ୍ତର ମଧୁଗୀତି,
ବସୁଧା ଏକ ହିଁ ସୂତ୍ରରେ ବନ୍ଧନ ବିତରି ଫଗୁଣ ପ୍ରୀତି ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
୭୬୮୩୮୬୭୭୪୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲେଖୁଛି ତୁମକୁ ଚିଠି



ପ୍ରଶାନ୍ତ କୁମାର
ଦାଶ

କଲମ ମୁନରେ ଲୁହକାଳି ଦେଇ
ଲେଖୁଛି ତୁମକୁ ଚିଠି
ଆଗକୁ ଦଉଡ଼େ ସୁଖ ଦୁଃଖ ବାଣ୍ଟି
ନିରୋଳା ସମୟ ଏଠି ।।

ସମୟର ଖେଳ ଚାଲିଚି ଏଇଠି
ଦେଇ କେତେ ଅପବାଦ
ବିରହ ବିଚ୍ଛେଦ ନିଆଁରେ ଜଳି ମୁଁ
ପାଉଛି ତ ଅବସାଦ ।।

ହୃଦୟ ମରମ ତଳେ ନିଆଁଜଳେ
ଝରେ ଅସରନ୍ତି ଲୁହ
ମନ ମଧୁମତୀ ଚପଳଛନ୍ଦା ଗୋ
କାହିଁକି ନିରବ କୁହ ।।

କେତେ ଯେ ଫଗୁଣ କେତେଯେ ଶ୍ରାବଣ
ଗଲାଣି ଗ୍ରୀଷମ ଶୀତ
କେତେବେଳେ ବହେ ମଳୟ ସମୀର
ଶୁଭେ କୋଇଲିର ଗୀତ ।।

କେତେ ସୁଖ ଦୁଃଖ କେତେ ଭୟ ଶୋକ
ଜୀବନେ ଆସିଛି ମୋର
ସବୁ ତ ଛୁଟୁଛି ଆଗକୁ ଆଗକୁ
ସତେକି ନଈର ଧାର ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟ ଲେଖଇ ଦୁନିଆ ଛାତିରେ

ପ୍ରେମ ପ୍ରଣୟର ସ୍ମୃତି

ଭଲପାଇବାର ଆଶାରେ ବଂଚିବା

ପ୍ରେମହେବ ନାହିଁ ଇତି ।।

ମରମତଳର ବେଦନା ନିଆଁରେ

ଜୀବନ ନଯାଉ ଜଳି

ପ୍ରୀତି ପ୍ରିୟତମା ସାଜି ଫେରିଆସ

ଆନନ୍ଦର ଅଶ୍ରୁ ଢାଳି ।।

କୁଞ୍ଜର, ସଙ୍ଗଳାଇ,

ପିପିଲି, ପୁରୀ


ମୋବାଇଲ: ୯୬୭୮୭୨୨୧୯୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାତ୍ର ଥରୁଟିଏ



ପୁଷ୍ପାଞ୍ଜଳୀ ପଣ୍ଡା

ତୁମକୁ ଦେଖିବା ପରେ
ମୁଗ୍ଧ ମାଦକତା
ଖୁବ୍ ଘାରିଲା ମତେ
ଆଖି ବନ୍ଦ କଲାପରେ ବି ।

ବାଟରେ ତୁମସହ ସହ ସେଇ
ଥରୁଟେ ଭେଟରେ
ବଦଳିଯାଇଥିଲା ମୋର ସବୁକିଛି
ଜୀବନ ପ୍ରତି ଦୃଷ୍ଟି ଭଙ୍ଗୀ ବି ।
ତମେ କିମିଆ ଜାଣିଥିଲ ବୋଧେ ।

ସୂର୍ଯ୍ୟ ସ୍ନାତା ଶୀତ ସକାଳର
କଅଁଳ କିରଣ
ଲହଡ଼ି ଭାଙ୍ଗୁଥିଲା
ଛନ ଛନିଆଁ ଫୁଲକୁ ଛୁଇଁ,
ବଗିଚାର ଏପଟୁ ସେପଟ ।
ତୁମ ଦେହ ଦେହଳୀର
ବାସ୍ନା ମହକିଯାଉଥିଲା
ପୁଲକିତ ହେଉଥିଲି ମୁଁ
ସେଦିନ, ମାତ୍ର ଥରୁଟିଏ ।

ଅପୂର୍ବ ଶିହରଣ ଭରିଯାଇଥିଲା
ମୋ ଦେହରେ
ତୁମ ଉପସ୍ଥିତିରେ ।
ଧିରେ ଧିରେ ଦାନା ବାନ୍ଧୁଥିଲା
ବିସ୍ଫୋରଣ
ସମୁଦ୍ର ଛାତିରେ
ଧ୍ୱଂସ କରିବାପାଇଁ
ଛିନଛତ୍ର କରିବାକୁ ସବୁକିଛି
ଥରୁଟେ ତୁମ ଲାଗି ।

ଏବେ ଖାଲି ଅନ୍ଧ ଉପତ୍ୟକା
ଲୋଡ଼ା ପଡ଼ୁଛି
ଆଖି ବନ୍ଦ କରି ଆଉଥରେ
ବଞ୍ଚିବା ଶିଖୁଛି ।

କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହୃଦୟେ



ପ୍ରଭାସ କୁମାର
ମହାପାତ୍ର

ଦେଖିଛି ବହୁତ ଏଇ ଦୁନିଆରେ
ସଫଳ ପ୍ରେମକୁ ମୁହିଁ ।
ଛଅ ମାସ ପରେ ପ୍ରେମ ହୁଏ ଚୂନା
ଛାଇ ଦେଖନ୍ତିନି କେହି ॥

ଦେଖିଛି ଅନେକ ପ୍ରତିଶୃତି ଦେବା
ବିବାହ ପୂର୍ବରୁ ମୁହିଁ ।
ପ୍ରତିଶୃତି ସବୁ ଫିକା ପଡ଼ିଯାଏ
ବାକ୍ୟ ହୁଏ ମୁହାଁ ମୁହିଁ ॥

ବିଜୟ ହୋଇଛି ମୋ ପ୍ରେମ ଆଜିରେ
ପରାଜୟ କେବେ ନାହିଁ ।
ଭୟ ନାହିଁ କେବେ ଦୂରେଇ ଯିବାର
ହୃଦୟେ ଅଛି ସେ ରହି ॥

ପ୍ରତିଶୃତି କିଛି ଦେଇନାହିଁ ତାକୁ
ନେଇ ନାହିଁ ତାଠୁ କିଛି ।
ବିଫଳ ହେବାର ଜମା ଚିନ୍ତା ନାହିଁ
ଜୀବନ ଯେତିକି ଅଛି ॥

ବିଦେହ ଭାବରେ ଥିଲା ଦିନେ ସିଏ
ଅଛି ଆଜି ହୃଦେ ସିଏ ।
ଥିବ ଥିବା ଯାଏଁ ହୃଦୟେ ସ୍ପନ୍ଦନ
ବିଦେହ ପ୍ରେମ ମୋ ସିଏ ॥


ମୟୁରଭଞ୍ଜ, ଓଡିଶା
ଦୂର ଭାଷ -୯୮୬୧୬୦୮୩୦୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ



ତ୍ରିନାଥ ନନ୍ଦୀ

ମାଆ ମାଆ ବୋଲି ଡାକିଛି କେତେ

ମାଆ ମାଆ ବୋଲି ଡାକିଛି କେତେ।।୧।।

ଅଳି ଅଝଟ ଠାରୁ ହସଖୁସି ଯାଏ ,

ଜନ୍ମ ଭୂଇଁ ଠାରୁ ଦାଣ୍ଡ ପିଣ୍ଡା ଯାଏ ।। ୨।।

କେତେ ବେଳେ କୁଆଁ କୁଆଁ ରାବ ,

କେତେବେଳେ କାନ୍ଦଣା ର ରାହା ।।୩।।

ତାରି ପଣତ କାନିରେ ପୋଛାପୋଛି ,

ତାରି ମୁଖେ ନାନା ଗିତ ଗାଇ ଦିଏ ।।୪।।

ମୋ ମାଆ ସେତ ଯୋଶଦା ମାଆ,

ମୋ ମାଆ ସେତ ଦେବିକି ମାଆ ।।୫।।

ମାଆ ମାଆ ବୋଲି ଡାକିଛି କେତେ

ମାଆ ମାଆ ବୋଲି ଡାକିଛି କେତେ ।।୬।।

ଜହ୍ନ ଦେଖାଇ ସେତ ,

ମନ ଖୁସି କରାଇ ପୁତ ।।୭।।

ତା ହାତର ଚୁଡ଼ି ମୋ ପାଇଁ ଝୁମୁକା ,

ତା ହାତରନ୍ଧା ମୋ ପାଇଁ ଲହୁଣି ଭଳି ।।୮ ।।

ଅ ଆ ଠାରୁ ବାପା ବୋଉ ଯାଏ ,

ସ୍କୁଲ ଠାରୁ କଲେଜ ଯାଏ ସବୁଠି ସିଏ ମୋରି

ମାଆ ।।୯ ।।

ଖାତା ଠୁ ବହି ଯାଏ କଥା ଠୁ ଗପ ଯାଏ ,

ସବୁଠି ମୁଁ ଦେଖେ ତାରି ଛାପ ।।୧୦ ।।

ମାଆ ମାଆ ବୋଲି ଡାକିଛି କେତେ

ମାଆ ମାଆ ବୋଲି ଡାକିଛି କେତେ ।।୧୧।।

+୨ ୨ବର୍ଷ କଳା

ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ


ବାଲେଶ୍ୱର, ଓଡ଼ିଶା, ମୋ-୮୧୧୮୦୪୦୩୯୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହିସାବ ଖାତା



ବିଶ୍ୱନାଥ କର

ସମୟଟା ଡେଣା ଝାଡେ ଅସ୍ତଗାମୀ ସୂର୍ଯ୍ୟର ଛାତିରେ
ବରଗଛ ଛାଇତଳେ ମୋ ପାପୁଲିର ରେଖା ସବୁ ଗଣେ
ଆଉ କେତେ ଦିନ ବାକି ସବୁ ମୁହୂର୍ତ୍ତର ମିଠା ଚିହ୍ନାପଣ
ମୋ ଗଣ୍ଠିଲିରେ ସୁପ୍ତ ଯେତେ ପୂର୍ଣ୍ଣମାସୀ ଆଶାର କିରଣ ।

ଅନ୍ତହୀନ ରାଜରାସ୍ତା ଦୁଇପାଖେ ମୋ ସ୍ୱପ୍ନର ଆୟୁଷ
ଶୋରିଷ କ୍ଷେତର ଧାରେ କାଶତଣ୍ଡି ଫୁଲର ଚମକ
ଝରଣାର ଚିହ୍ନା କଳ କଳ ସ୍ୱନ ପକ୍ଷୀଙ୍କ ରାଗିଣୀ
ସବୁଠି ସବୁଠି ସେଇ ଅନାଗତ କାରୁଣ୍ୟ କାହାଣୀ ।

ବାସ୍ କେତେ ଦିନ କେତେ ରାତି ଏମିତି ପଶାର ପାଲିରେ
ବିଜୟର ଅହଙ୍କାର ମରୁଦ୍ୟାନେ ନିଜ ସତ୍ତା ହାରେ
ସୂର୍ଯ୍ୟ ଲିଭେ ଚନ୍ଦ୍ରମାର ଆଗମନ ମିଛ ହୋଇଯାଏ
ମୋ ସ୍ୱପ୍ନର  ବିଜୟୀ ଗୋଟି ବାରମ୍ବାର ବାଟବଣା ହୁଏ
ରୁକ୍ମିଣୀର ପ୍ରେମପତ୍ର ଦିଶେ ହାଲୁକା କାକରେ ଭିଜୁଛି
ମୁଁ ଜାଣେ ତମ ଚାରିପାଖେ କୃଷ୍ଣଚୂଡ଼ା ବିଛେଇ ପଡିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ସିନା ଜୀବନ ଖୋଜେ ତମ ପ୍ରେମ ଉଜାଣି ବନ୍ୟାରେ
ସମୟର ରଙ୍ଗବୋଳା  ଫୁଲସଜ୍ଜି ଆଦ୍ୟ ଫଗୁଣରେ ।

ତମେ କିନ୍ତୁ ଏବେ କାକର ବିନ୍ଦୁରେ ଦେହକୁ ମାଜୁଛ
ନୀଡ ଫେରନ୍ତା ନିଃସଂଗ ପକ୍ଷୀଙ୍କ ଗୀତକୁ ଶୁଣୁଛ ।
ମୁଁ କିଛି ବୁଝୁନି ସତେ କେତେ ରଙ୍ଗ ଫୁଲ ପାଖୁଡାରେ
କେଣେ ମାଣ କେତେ ବିଶ୍ୱା ବିଶ୍ୱାସର ହିସାବ ଖାତାରେ ।

ସାଇ କଲୋନୀ,ଦେଉଳସାହି, ତୁଳସୀ ପୁର, କଟକ୭୫୩୦୦୮
ସମ୍ପର୍କ : ୯୭୭୬୩୩୨୬୩୯
ଇମେଲ୍ : biswanathkar1956@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୁଣ ହେ ମାଗୁଣି ମୋର



ରବି ନାରାୟଣ ମିଶ୍ର

ହାତ ନାହିଁ ବୋଲି କିଛି ଦେଲୁନାହିଁ,
ଦୁଃଖ ଶୁଣିଲୁନି କାନ ତୋର ନାହିଁ,
ହେଲେ ତୋ ଆଖିରେ ଦେଖି ଯାଆ ଥରେ,
କେମିତି ଅଛିରେ ମୁହିଁ
ଆହେ ଜଗତ ଗୋସାଇଁ।୧।

ପାଦ ନାହିଁ ସିନା ଜଗତର କର୍ତ୍ତା,
ହାତ ନ ଥାଇ ବି ବୋଲାଉ ତୁ ଦାତା,
ସେହି ଦାତା ପଣେ ଭରିଦେ ମୋ ଥାଳ
ମାଗୁଣି କରୁଛି ମୁହିଁ,
ଆରେ କାଳିଆ ଗୋସାଇଁ।୨।

ଇଚ୍ଛାରେ ତୋହର ହୁଅଇ ଯେ ଦିନ,
ଇଚ୍ଛାରେ ତ ପୁଣି ରାତି ସମାପନ,
ଆହେ ଇଚ୍ଛାମୟ ତୁ ଯେ ଦୟାମୟ
ଦେଏ ତୋ ହାତ ବଢ଼ାଇ,
ଆରେ କାଳିଆ ଗୋସାଇଁ।୩।

କ୍ଷୀର ସାଗରରେ ରହି ଦେଖୁଅଛୁ,
ଦୁନିଆଁ ଯାକର ସ୍ଥିତି ପରଖୁଛୁ,
ଥରେ ଦେଖିଯାଆ ମୋ କୁଟୀରେ ଆସି
ରହିଛି କେମିତି ମୁହିଁ,
ଆରେ କାଳିଆ ଗୋସାଇଁ।୪।

ଇଙ୍ଗିତେ ତୋହର ସଂସାର ଯେ ଚାଲେ,
ତୋ ବିନା ସଂସାରୁ ତରିବ କେ ଭଲେ,
ଏହି ଦୁନିଆରେ କିଏ ବା କାହାର,
ଜଗତ ତୋ ପାଇଁ ବାଇ,
ଆରେ କାଳିଆ ଗୋସାଇଁ।୫।

ବାଲିପଦା, ଘଣ୍ଟେଶ୍ବର, ଭଦ୍ରକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସିନ୍ଦୂର



ବାସନ୍ତୀ ଲତା ଜେନା

ସଧବା ନାରୀର ସୁହାଗ ସିନ୍ଦୂର
ଦିବ୍ୟ ଜ୍ୟୋତି ଆଭା ତାର
ସଉଭାଗ୍ୟବତୀ ସେ ନାରୀ ହୁଅଇ
ଏହି ସଂସାର ମଧ୍ୟର ।୧।

ଶଙ୍ଖା ସିନ୍ଦୂର ଯେ ନାରୀର ଭୂଷଣ
ସ୍ୱାମୀଙ୍କ ମଙ୍ଗଳ ପାଇଁ
ପବିତ୍ରତା ହୁଏ ସତୀ ଶିରୋମଣି
ପତ୍ନୀ ଧର୍ମ ପାଳୁ ଥାଇ ।୨।

ହିରା ନୀଳା ଠାରୁ ଅଧିକ ଉଚ୍ଚରେ
ନାରୀର ନାଲି ସିନ୍ଦୂର
ସେ ସିନ୍ଦୂର ବିନ୍ଦୁ ଶକ୍ତି ଦେଇ ଥାଏ
ସମାଜେ ସମ୍ମାନ ତାର ।୩।

ଦୁଇ ପଟ ଶଙ୍ଖା ଟୋପାଏ ସିନ୍ଦୂର
ଉଚ୍ଚା କରେ ନାରୀ ଶିର
ସବୁ ଶୁଭ କାମେ ତାକୁ ଲୋଡ଼ା ଯାଏ
ଏତ ସମାଜ ବେଭାର ।୪।

ସିନ୍ଦୂରର ଶକ୍ତି ଅମାପ ଅଟଇ
କୁଦୃଷ୍ଟି ଦୂରେଇ ଦିଏ
ବିଶ୍ୱାସ ଭରସା ସାହସ ଶକତି
ଆପେ ଆପେ ବଢ଼ି ଯାଏ ।୫।

ଯେ ନାରୀ କପାଳେ ସିନ୍ଦୂର ଲିଭଇ
ଭାଗ୍ୟହୀନା ସେ ହୁଅଇ
ସାହସ ଧଇର୍ଯ୍ୟ ତାର ଶୂନ ହୁଏ
ମନୋବଳ ଭାଙ୍ଗୁ ଥାଇ ।୬।

ହସ ଖୁସି ତାର ଦୂର ହୋଇ ଯାଏ
ଅନ୍ତରେ ଯାତନା ଭରେ
ଛାତି ଫାଟି ଯାଏ ଚକ୍ଷୁ ଲୁହ ଝରେ
ସନ୍ତାପିତ ମନ ତାରେ ।୭।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା :ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଡଲ୍‌ଫିନରୁ ବାଘ ଗଣନା ଯାଏ



ନୀଳମଣି ଚାନ୍ଦ

ଦଶନ୍ଧିରେ ଥରେ ଜନଗଣନା ହୁଏ

ହେଲେ ପ୍ରତିବର୍ଷ

ଗଣନା ଚାଲେ ଡଲଫିନର

ସାତକୋଶିଆରେ କୁମ୍ଭୀରର

ଚିଲିକାପକ୍ଷୀଙ୍କର

ଆଉ ଆମରାଜ୍ୟରେ ବ୍ୟାଘ୍ରର

ଦିନ ଢ଼ିତେ ,ଗଣା ଶେଷହୁଏ

ଫଳ ଆସେ

ପରିସଂଖ୍ୟାନରେ ଲିପିବଦ୍ଧ ହୁଏ

ଏ ସଂଖ୍ୟା,ଏ ଗଣନା।

ତୁମକୁ ସତ ମୋତେ ମିଛ ଏ ଅଙ୍କ

ମନରେ ପ୍ରଶ୍ନ ଉଠେ

ସେଦିନ ଉଡୁଥିବା ପକ୍ଷୀ

ଲୁଚି ରହିଥିବା କୁମ୍ଭୀର

ଚିଲିକାର ସୀମା ଲଂଘିଥିବା ଡଲଫିନ

ଜ୍ୱରରେ କମ୍ପୁଥିବା ବାଘମାନେ

ଏହାର ଅନ୍ତର୍ଭୁକ୍ତ ହେଲେ ତ ?

ମୁଁ କିଏ

ନିଧି ଅବଧାନ ନା ଗଣିତର ଜୁଲୁ ସାର୍

ଏ ସତକଥାକୁ କିଏ ବା ବିଶ୍ୱାସ କରିବ

ଏ ପରିସଂଖ୍ୟାନକୁ ଭୁଲ୍ କହିଲେ ବିପଦ

ହୁଏତ ନିର୍ବାସନ ଦଣ୍ଡ ,ନ ହେଲେ

ପ୍ରଳୟ ଘଟିବାର ସମ୍ଭାବନା ଅଧିକ

ଅତଏବ, ମୁକ୍ତକଣ୍ଠରେ ସ୍ୱୀକାର କରେ

ଏ ଗଣନା ତ୍ରୁଟିଶୂନ୍ୟ,ପ୍ରମାଦହୀନ

ପ୍ରତିବର୍ଷ ଏ ପ୍ରକ୍ରିୟା ଚାଲିଥାଉ

ସେଥିରେ  କେତେ  ଯାଏ ଆସେ ମୋ'ର।

ମନ୍ତ୍ର ମାନୋର, ଭୁବନେଶ୍ୱର, ୯୪୮୩୨୦୨୩୫୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମଙ୍ଗଳମୟ



ସୁହଂସ ଭୋଇ

ତୁମେ ମଙ୍ଗଳମୟ ସାଜ ମହାଭୁଜ
ମଧୁମୟ ହେଉ ଜୀବନ
ତୁମେ କରୁଣାମୟ ହୋଇ ଢାଳି ଦିଅ
ଆଶିଷର ଫୁଲ ଚନ୍ଦନ

ତୁମେ ମନ୍ଦ ମଳୟ ହୋଇ ବୋହି ଯାଅ
ଛୁଇଁ ଯାଅ ପ୍ରତି ସ୍ପନ୍ଦନ
ତୁମେ ଭଗ୍ନ ବୀଣାରେ ଭରି ଦିଅ ସୁର
ମେଘ ମହ୍ଲାର ଗୁଞ୍ଜନ

ତୁମେ ଅନ୍ଧାରେ ଦୀପ ଶିଖାଟିଏ ହୋଇ
ଦେଖାଅ ଆଶାର କିରଣ
ତୁମେ ମଙ୍ଗଳମୟ ସାଜ ମହାଭୁଜ
ମଧୁମୟ ହେଉ ଜୀବନ

ତୁମେ କଲ୍ୟାଣମୟ ହୋଇ ଦୂର କର
କ୍ଳେଶ କାତରତା କଷଣ
ତୁମେ ଅମୃତମୟ କର ପରିବେଶ
ପ୍ରୀତିମୟ ହେଉ ଭୁବନ

ତୁମେ ସ୍ନେହ ସୂତାରେ ବାନ୍ଧିଦିଅ ଥରେ
ଅତୁଟ ରହୁ ସେ ବନ୍ଧନ
ତୁମେ ମଙ୍ଗଳମୟ ସାଜ ମହାଭୁଜ
ମଧୁମୟ ହେଉ ଜୀବନ

ପହଣ୍ଡି, ବରଗଡ

ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସମ୍ପତ୍ତି



କୀର୍ତ୍ତନ ସାହୁ

ସେ ତା ଅନ୍ଧାରୀ
ସାମ୍ରାଜ୍ୟରେ ତୋଳିପାରେ
ମନଲୋଭା ଘରଟିଏ
ଭରପୂର ଆପଣାପଣରେ
ବାନ୍ଧି ହୋଇ
ସେ ସାଇତି ରଖିଥିବା
ତାର ସେ ଗଣ୍ଠିଲିଟି
ତା ସମ୍ପତ୍ତି
ଯେଉଁଥିରେ ଭରି ରହିଛି
ଅଶେଷ ସ୍ନେହ ମମତାର
ତାରକସୀ
ଜୀବନ ଜୀଇଁବାକୁ
ବାଜି ଲଗେଇ
ତା ଆଖିରେ ବି ଧରାଦିଏ
ଅମାପ ଧନ ସଂପତ୍ତି ଖୁନ୍ଦା
ଆଖି ଝଲସା

ବିରାଟ କଳେବରର ଘର
ହେଲେ ସେ ନିର୍ବିକାର
ସନ୍ତୋଷରେ ପରିପୂର୍ଣ୍ଣ
ତା ହୃଦୟ

ତା ସାମ୍ରାଜ୍ୟର
ପରିଧି ଭିତରେ ଥିବା
ତା ସମ୍ପତ୍ତିକୁ ନେଇ
ଆଶାର ବୈତରଣୀ
ସେ ଲୋଡ଼େନା
ତା ଆଶାର ପୁଷ୍କରିଣୀରେ
ସେ ଫୁଟାଏ
ତା ସନ୍ତୁଷ୍ଟିର କଇଁ ଫୁଲ
ତା ହୃଦୟ ଜଳ ଧାରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାନବିକତାର ଚାରା ମାନ

ସେ ରୋପି ପାରେ

ଅନାୟାସରେ

ସମ୍ପତ୍ତି ଠୁଳ କରି

ପିରାମିଡ୍ କରୁଥିବା

ବ୍ୟକ୍ତି ବିଶେଷଙ୍କୁ

ସେ ଇର୍ଷା କରି ଶିଖିନି

ନିଜ ସ୍ଥିତି ପରିସ୍ଥିତିକି

ଯେ ଆପଣେଇ ଶିଖିଛି

ସେ କାହିଁକି ଦୁଃଖର

କଳା ପରଦା ଢାଙ୍କି ହେବ ଯେ

ବରଂ ସେ ଶିଖିଛି

ନିଜ ଆୟତରେ ଭରି ରହି ଥିବା

ସମ୍ପର୍କରେ ବାନ୍ଧି ହୋଇ

ବିଭୋର ହେବା ।

ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର

ଦୂରଭାଷ - ୯୪୩୮୪୧୪୭୦୧

Listen to Odia Podcast on https://anchor.fm/aahwaan

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ମୋ ବୋଉ



ରାମଚନ୍ଦ୍ର ପ୍ରଧାନ

ଜହ୍ନ ଠୁ ଶୀତଳ ସୂର୍ଯ୍ୟ ଠୁ ଉଜ୍ୱଳ
ଯିଏ ମମତାର ଢେଉ
ସବୁଠୁ ନିଜର ଅତି ଆପଣାର
ଅଟଇ ସିଏ ମୋ ବୋଉ ।
ସୁଖରେ ଦୁଃଖରେ ହସରେ କାନ୍ଦରେ
ରହିଥାଏ ସିଏ ପାଶେ
ଭୋକ ଉପାସରେ ରହିଥିଲେ ବି ସେ'
ମୋତେ ଦେଖିଦେଲେ ହସେ ।
ମୋ ବୋଉ ଆଶିଷ ଥିଲେ ମୋ ମଥାରେ
କାହାକୁ ନ ଥାଏ ଡର
ବୁଝିଥାଏ ସିଏ ଅନ୍ତର ବେଦନା
ମୋ ମନରେ କରି ଘର ।
ଡେରି ହେଲେ ଟିକେ ଖୋଜୁଥାଏ ମୋତେ
ଏଣୁତେଣୁ କଥା ଭାଳି
ମୋ ପାଇଁ କରେ ସେ' ଶହେ ମାନସିକ
ମନ୍ଦିରରେ ଦୀପ ଜାଳି ।

ଖୁସିରେ ଥିଲେ ମୁଁ ତା' ହୃଦୟୁ କମେ
ଦୁଃଖ ଯନ୍ତ୍ରଣାର ଭାର
ଦୁଃଖରେ ଥିଲେ ମୁଁ ତା' ଆଖିରୁ ଝରେ
ଅମାନିଆ ଲୁହ ଧାର ।
ରୋଗେ ମୁଁ ପଡ଼ିଲେ କରଇ ସେ' ସେବା
ରାତି ରହି ଉଜାଗର
ତା' ହାତ ପାପୁଲି ମୋ ଦେହେ ବାଜିଲେ
ଆପେ ଛାଡିଯାଏ ଜର ।
ମୋ ବୋଉ ମୋ ପାଇଁ ଚଳନ୍ତି ଠାକୁର
ମମତାର ପୂଜା ଫୁଲ
ତା' କାନି ପଣତ ରକ୍ଷା କରେ ମୋତେ
ବିପଦେ ସାଜି ମୋ ଢାଲ ।

ଶିକ୍ଷକ, ଟେକ୍ନିକାଲ୍ ହାଇସ୍କୁଲ୍, ଆସିକା, ଗଞ୍ଜାମ୍,
ମୋ: ୯୮୬୨୬୩୮୬୩୬

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମୁଁ ତୁମ କବିତାର ନାୟିକା



ନିରଞ୍ଜନ ସାହୁ

ତୁମ କବିତାର ନାୟିକା ହୋଇ ମୁଁ
ଯେତିକି ଆନନ୍ଦ ପାଉଛି
ସେହି ଆନନ୍ଦରେ ଅଧୀରା ହୋଇକି
ଖୁସିରେ ମୁଁ ଗୀତ ଗାଉଛି ।

ତୁମରି କବିତା ପଠନେ ପାଠକ
ଯେତେଯେତେ ଖୁସି ହୁଅନ୍ତି
ମୋତେ ଲାଗୁଥାଏ ତୁମରି ଭାବକୁ
ଅନ୍ତରରେ ସେତେ ଛୁଅଁନ୍ତି
ସେ ଭାବ ଭିତରେ ପରୋକ୍ଷରେ ମୁହିଁ
ହୃଦୟରୁ ହୃଦ ଧାଉଁଛି ।

ତୁମରି କବିତା ଏତେ ରସସିକ୍ତ
ରସେ ରସାଣିତ କରଇ
ସେଥିପାଇଁ ପରା ପାଠକପାଠିକା
ତୁମରି ବହିକୁ ଧରଇ
ସେ କବିତା ବହି ପୃଷ୍ଠା ଭିତରେ ମୁଁ
ଫଲଗୁ ଧାରା ପରି ଯାଉଛି ।

ପାଠକପାଠିକା ପସନ୍ଦ କରନ୍ତି
ତୁମ ଲେଖା ଭାରି ବଢିଆ
ସେହି ଖୁସିରେ ମୁଁ ପ୍ରଭୁଙ୍କ ପାଖରେ
ଭାଙ୍ଗିଥାଏ ପରା ନଡ଼ିଆ
ତୁମ କବିତାର ନାୟିକା ସାଜି ମୁଁ
କେବେକେବେ ଗାଳି ଖାଉଛି ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ — ୭୫୯୦୧୬
ମୋ :— ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମାନସୀ ମନ



ବିନୟାନନ୍ଦ
ବସ୍ତସ୍ୟ

ମାନସୀ ହୃଦରେ ମାନ ଭରିଅଛି
ଉଦାସୀ ଉଆଁସୀ ମନ,
ଜୋଛନା ହରା ତା ଆକାଶ ମାନସ
ପଟଳେ ମାନିନୀ ଜହ୍ନ,
ଚାନ୍ଦିନୀ କୁହୁଡି ଘେରା,
ଅସ୍ପଷ୍ଟ ଅସ୍ପୃଶ୍ୟ କ୍ଷଣପ୍ରଭା ପ୍ରାୟ
ଲାଗେ ମିଛ ମାୟା ଭରା।

ଜୀବନର ଭଗ୍ନ ବୀଣା ଛିନ୍ନ ତାରେ
ସୁର ଯାଏ ହଜି ହଜି,
ମାନସୀ ନୀରବ ଛନ୍ଦାୟିତ ସୁର
ତାଳ ସ୍ମୃତି ଭିଜା ଭିଜି,
ଖୋଜେ ସେ ମହାର୍ଘ୍ୟବେଳ,
ଜୀବନ ନାଟକେ ଯବନିକା ଟାଣେ
ବୁଡ଼ିଆସିଲାଣି ବେଳ ।

ପ୍ରୀତି ସ୍ନେହ ଭରା ସଂଳାପ ଅସ୍ପଷ୍ଟ
ପ୍ରଚ୍ଛଦ ସଙ୍ଗୀତ କ୍ଷୀଣ,
ଘୂର୍ଣ୍ଣନ୍ତ ଦର୍ଶକ ମସ୍ତକ ଭୂଲଗ୍ନ
ମରିଯାଏ ସିନା ମନ,
ଅଭିନୟ ଅସରନ୍ତି,
ତଥାପି ମଞ୍ଚରେ ରଙ୍ଗୀନ ଆଲୋକ
ଆଖି ମିଟିକା ମାରନ୍ତି।

ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଧୁରା ଦେବଦାସୀ



ପ୍ରଶାନ୍ତ ବ୍ରହ୍ମା

ପାଦରେ ପଡ଼ିଛି ସିଙ୍କୁଳି କେବେ ଯିବ ଅବା ସେ ମୁକୁଳି
ଅବୁଝା ମନଟା ତା'ର ପାରେନାହିଁ କେବେହେଲେ ସମ୍ଭାଳି ।

ସିନ୍ଧୁକ ଭିତରେ ଘୁଙ୍ଗୁର ରହିଅଛି କଳଙ୍କିତ ହୋଇ
କେବେ ହେବ ପାଦେ ବନ୍ଧା ଦୋହଲି ଯିବ ତା'ର ପାଦ ଦୁଇ ।

ଯନ୍ତ୍ରୀ ଯାଏ ଯେବେ ବାଜି ମନ ହୋଇଯାଏ ଅସ୍ଥିର
ଅଧୁରା ଦେବଦାସୀ ପରା କିପରି ହେବ କକାତର ।

ଅମାନିଆ ମନ ମାନେ ନାହିଁ ବୋଲ
କିପରି ପାରିବ ନିଜକୁ ସମ୍ଭାଳି
ଈଶ୍ୱରଙ୍କୁ ଚାହିଁ କହେ ଫିଟାଇ ଦିଅ ହେ
ପ୍ରଭୁ ମୋ ପାଦର ସିଙ୍କୁଳି ।

ପଳାଶପୁର, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବ ଗଲାପରେ



ଶାନ୍ତନୁ କୁମାର
ରାଉତ

ଏ ଜୀବ ଚାଲିଗଲା ସଭିଏଁ କାନ୍ଦିଲେ
ଅଧ୍ୟାୟର ଲୀନ ହେଲା
ଛ ଖଣ୍ଡ ବାଉଁଶ ଚାରି କାନ୍ଧ ରେ ଯେ
ସବ ମୋର ଚାଲୁ ଥିଲା
ସବ ମୋର ଚାଲୁ ଥିଲା... ! !

ଗାଁ ଠାରୁ ଯାଏ ସହର ପର୍ଯ୍ୟନ୍ତ
ଜନ ଶୋକ ସାଗରରେ
ଘରଣୀଟା ମୋର ମୁଣ୍ଡ ପିଟୁଥିଲା
ବାହାର ଦାଣ୍ଡ ପିଣ୍ଡାରେ
ବାହାର ଦାଣ୍ଡ ପିଣ୍ଡାରେ.... ! !

ବାବାଙ୍କ ଆଖିରେ ଅବିଶ୍ରାନ୍ତ ଲୁହ
ମନରେ ଅଦୃଶ୍ୟ ଗାର
ଭେଣ୍ଡିଆ ପୁଅର ଆକସ୍ମିକ ମୃତ୍ୟୁ
ଛାତିରେ ବଜ୍ର ପାହାର
ଛାତିରେ ବଜ୍ର ପାହାର..... ! !

ବୋଉଟା ମୋଅର ପାଗଳୀ ପରାୟ
ହେଉଥିଲା ଚେତା ଶୂନ୍ୟ
ପାଣି ଛାଟି ଛାଟି ଚେତା କରୁଥିଲେ
ପାଖ ଆତ୍ମ ପରିଜନ
ପାଖ ଆତ୍ମ ପରିଜନ....... ! !

ନିଦରେ ଥାଇ ମୁଁ ଜୀବନ ମରଣ
ଦେଖୁଥିଲି ଆଖି ଖୋଲି
ନିଦ ଭାଙ୍ଗି ଗଲା ପରେ ମୁଁ ଜାଣିଲି
ସପନ ମୁଁ ଦେଖୁଥିଲି
ସପନ ମୁଁ ଦେଖୁ ଥିଲି..... ! !

ପାଟରଙ୍ଗା, ଯାଜପୁର
୯୮୬୧୭୫୬୧୯୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସନ୍ଦେହ



ଅଲେଖ ମେହେର

ସନ୍ଦେହ ପାଲଟିଗଲେ ବଣବିଛୁଆତି,
ଅନଳ ଦହନକରେ ବଢିଯାଏ ତାତି,
ଭଲ ମନ୍ଦର ବିଚାର,
ପନ୍ନଗ ମୁଖରେ ପଡି ସାଜଇ ଆହାର ।
ଅକସ୍ମାତେ ମତି ଗତି ଯାଏ ଭ୍ରଷ୍ଟ ହୋଇ,
ବୁଦ୍ଧି ନଦୀ ତଟ ତରୁ ଧାର ନିଏ ବୋହି ।
ଭାଗ୍ୟାକାଶେ ନୀଶିମୁଖ,
ଦିବାଅନ୍ତ ହୋଇ ଦେଇ ଯାଏ କ୍ଲେଶ ଦୁଃଖ ।
ଅମାବାସ୍ୟା ସମ ଲୁପ୍ତ ହୁଏ ଜ୍ଞାନ ଇନ୍ଦୁ,
ବିଳପି ଉଠଇ ହିଆ ଚକୋରର ବିନ୍ଦୁ ।
ନିଶାନ୍ତ ପ୍ରହରେ ବସି,
ପ୍ରତିପତ୍ତି ଛଳେ କରେ ବାରଙ୍ଗନା ହସି ।

ଇନ୍ଦ୍ରିୟର ହୟ ଧାଏଁ  ଅଣାୟତ୍ତ ପଥେ,
ମନର ସାରଥି ଜଳେ ବସି ସେହି ରଥେ ।
ଅନଳେ ପତଙ୍ଗ ସମ,
ବାଚାଳତା ଛାଇଯାଏ  ହୁଏ ଦୃଶ୍ୟ ଭ୍ରମ ।
କାମନା ବାସନା ରିପୁ  ହେଲେ ଆଗଭର,
ତୁଟଇ ବିବେକ ବୁଦ୍ଧି ଖେଦ ବାନ୍ଧେ ଘର ।
ତୁଟି ଯାଏ ଧୈର୍ଯ୍ୟ ବନ୍ଧ,
ଆଖି ଥାଇ ନର ହୁଏ ଗୋଟାପଣେ ଅନ୍ଧ ।

ବରପଦର, ଗୋବିନ୍ଦପୁର, ବରଗଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ବୀର ସୈନିକ



ବିକାଶ କୁମାର ହୋତା

ସୈନିକ ଅଟନ୍ତି ଦେଶର ଗୌରବ
ସଚ୍ଚା ଜାଗ୍ରତ ପ୍ରହରୀ
ବୀରର ଦର୍ପରେ ଆଗେଇ ଆସନ୍ତି
ସେବା ଭାବ ହୃଦେ ଭରି ।।(୧)

ଦେଶର ସୁରକ୍ଷା କରି ନିଜ ଦୀକ୍ଷା
ମୃତ୍ୟୁକୁ ନ କରି ଭୟ
ଦେଶ ପାଇଁ ସଦା ଜୀବନ ଦିଅନ୍ତି
କର୍ମେ ଥାଏ ତାଙ୍କ ଲୟ ।।(୨)

ଶତ୍ରୁର ମନରେ ଆତଙ୍କ ଖେଳାନ୍ତି
ନ ନେଇ ନିଜର ଧ୍ୟାନ
ଦେଶ ସେବା ଆଗେ ଆଉ ସବୁ ତୁଚ୍ଛ
କର୍ମେ ଥାଏ ସଦା ମନ ।।(୩)

ଶତ୍ରୁର ପରାସ୍ତ ସଦା ଲକ୍ଷ୍ୟ ତାଙ୍କ
କର୍ମ ତ ପ୍ରଥମ ପ୍ରୀତି
ବର୍ବର ହସ୍ତରେ ଟେକି ଦିଅନ୍ତିନି
ନିଜ ମାତୃଭୂମି କୀର୍ତ୍ତି ।।(୪)

ପରିବାର ମୋହ ସଦା ତ୍ୟାଗ କରି
ସେବା ଦ୍ୟନ୍ତି ନିରନ୍ତର
ମନରେ ତାଙ୍କର ଆସେନି କେବେ ବି
ତିଳେମାତ୍ର ଅହଙ୍କାର ।।(୫)

ରକ୍ତରେ ଭିଜାଇ ଧରିତ୍ରୀର ବକ୍ଷ
ଯାଆନ୍ତି ସହୀଦ ହୋଇ
ଭାଳି ହେଉଥାନ୍ତି ବନ୍ଧୁ, ପରିଜନ
ହୃଦୟରେ କଷ୍ଟ ପାଇ ।।(୬)

ମନେ ସଦା ଥାଏ ନିଃସ୍ୱାର୍ଥର ଭାବ
ମୁଁ ଗର୍ବିତ ତାଙ୍କୁ ନେଇ
ମୋହ ମାୟା ନିଜ ତ୍ୟାଗ କରିଥାନ୍ତି
ଆମ ମାତୃଭୂମି ପାଇଁ ।।(୭)


ସାହା ହୁଅ ସଦା ତାଙ୍କ ପରିବାରେ
କାଳିଆକୁ ମୋର ଅଳି
କୋଟି ଦଣ୍ଡବତ କରୁଛି ହେ ନାଥ
ଚରଣରେ ତୁମ ଢ଼ାଳି ।।(୮)

ଦକ୍ଷିଣକାଳୀ ରୋଡ଼ ବିଦ୍ୟାନଗର ଢେଙ୍କାନାଳ

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ତୁ କେବେ କାହାର ହେଇପାରୁନା



ଅନୁଶ୍ରୀ ନାଏକ

ଚାନ୍ଦ ହୀନ ଛାତକୁ ଧାଇଁ ଆସିଲି ମୁଁ ଦେଖିବାକୁ
କେ ବିଚାରିବ ରଜନୀ ବଧୂର ପ୍ରତାରଣାକୁ
ଅପବାଦ କରୁଛି ଆଜି ମୁଁ ବସି ଚନ୍ଦ୍ରର ରସିକତାକୁ
ଉତ୍ତେଜିତ ହେବେ ସକଳ ଶୁଣି ମୋ ଦୁଃସାହସିକତାକୁ ।

ସବୁ ତ ମିଛ ମାୟା, ଭସ୍ମୀଭୂତ ପ୍ରାୟରେ
ନଭେ ଉଦେ ପୁଣି ଉଭେଇ ଯାଏ ଛାନିଆ ହେଇରେ
ଖତେଇ ତିମିର ନୃତ୍ୟ କରୁଛି କାଠଯୋଡ଼ି ଧାରେ
ଭ୍ରମରେ ଗରଳକୁ ଅମୃତ ମନେ କରି ତୁଣ୍ଡେ ଭରେ ।

ମରୀଚିକା ସଂସାରେ କପଟୀ ଚନ୍ଦ୍ର ମାୟା ଅଭିଷିକ୍ତ
ଭାବୁକ ମନକୁ ଭାଙ୍ଗି କଲା ସେ କ୍ଷତାକ୍ତ
ସର୍ବାଙ୍ଗୁ ତାର କେତେ ବହି ଯେ ଗଲା ଉଷ୍ମ ରକ୍ତ
ତଥାପି ମୁଁ ଚନ୍ଦ୍ରିକା ଶ୍ୱେତମୁଖ ଆଡକୁ ଆସକ୍ତ ।

କପଟ ଦୋଷ କଲା ପରି ମୁଖ ସେ ଲୁଚାଇ ଦେଇଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯଶଗାନ ତାର ଆଉ କରିବି ନାହିଁ ପଣ ମୁଁ କରିଅଛି

ଛନ୍ଦି ଲଳନା ଥରେ ମାଧୁର୍ଯ୍ୟ ରୂପରେ ଲୁଭାଇଛି

ପୁଣି ପାଉଁଶିଆ ଶ୍ମଶାନେ ନୀରବରେ ଶୋଇଯାଇଛି ।

ଫୁଲ ପରି ତାକୁ ଆଉ ପ୍ରେମ ମୁଁ କରିବି ନାହିଁ

ଯାଉଛି ମୁଁ ଫୁଲ ପାଶକୁ,ବିକଳେ ରହିଛି ଚାହିଁ

ଚନ୍ଦ୍ରିକା ପରି ଫୁଲ ଛଳନା କେବେ ତ କରି ନାହିଁ

ତମସା ବିନା ଜ୍ୟୋସ୍ନାମୟୀର ଅସ୍ତିତ୍ୱ କାହିଁ ।

ତୁ ନୁହେଁ ଆଉ ବାସ୍ତବ ସାଧନା

ନିଃସଙ୍କୋଚେ କହିବୁନା...

ସତ ନା ?

ତୁ କେବେ କାହାର ହେଇପାରୁନା .....।

..........

ରେଭେନ୍ସା ବିଶ୍ୱବିଦ୍ୟାଳୟ କଟକ

ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପୁରୁଣା ପୃଷ୍ଠାର ସ୍ମୃତି



ଆଶୁତୋଷ
ମେହେର

ପୁରୁଣା ପୃଷ୍ଠାର ଗପ ଭାରି ମିଠା
ସତେ କି ପୁରୁଣା ପ୍ରେମ ,
ସ୍ମୃତି ଉପବନେ ଝରା ଶେଫାଳୀର
ବାସ ସଦା ଅନୁପମ......।।୦।।

ଗାଆଁ ଦାଣ୍ଡଧୂଳି ଆମ୍ବ ତୋଟାମାଳ
ନଈ କାଚକେନ୍ଦୁ ପାଣି ,
ମିଛି ମିଛିକା ସେ ଧୂଳି ଖେଳଘର
ସପନର ଜାଲ ବୁଣି ,
ଏବେବି ହନ୍ଦାଳେ ହୃଦୟ କୋଣକୁ
ଆଖି ଲୁହେ ଥମଥମ.......।।୧।।

ପୁରୁଣା ହେଲେବି ସ୍ମୃତି ଉଝଟିଆ
ନିଆଁରେ ଆଉଟା ସୁନା ,
ଗପ ଉପନ୍ୟାସ ଅଧୁରା ଲାଗେ ତ
ପୁରୁଣା ପ୍ରେମିକା ବିନା ,
ମନ ଏକା ଜାଣେ ଛୁପି ରଖିଥାଏ
କିଏ ଜାୟା କିଏ ବାମା .....।।୨।।

ପୁରୁଣା ପୃଷ୍ଠାର ରଙ୍ଗ ଫିକା ଧରେ
ସମୟ ଯେ ଚୋରାବାଲି ,
ମନ ରଙ୍ଗ ହେଲେ ସଦା ଜଳୁଥାଏ
ଦେଖେନା ସେ ଗୋରୀ କାଳି ,
ପୁରୁଣା ପ୍ରେମର ମିଠାପଣ ଏକା
ପ୍ରିତୀର ସେ ଅନ୍ୟ ନାମ......।।୩।।

୫୪ ଆର୍ଯ୍ୟପଲ୍ଲୀ
କିଟଛକ ପଟିଆ ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲବ-କୁଶଙ୍କ ପ୍ରଶ୍ନ ?



ଆଲୋକ
ମେହେର

ଗୁରୁ ଆମ୍ଭ ନେଇଥିଲେ ରାମଙ୍କ ନଗରୀ
ଗାଇବାକୁ ରାମାୟଣ ରାମଙ୍କର ପୁରୀ ।

ରାମଙ୍କ ଆଗରେ ତାଙ୍କ ମହା ଯଶବାଣୀ
ତା ସଂଗତେ ପଚାରିଲୁ ସୀତାଙ୍କ କାହାଣୀ ।

ଯାହା ଆମ୍ଭେ ଶୁଣିଥିଲୁ ଗୁରୁଙ୍କ ମୁଖରୁ
ତାହା ସତ୍ୟ ଅଟେ କି ନା କହିବେ ମୁଖରୁ ।

ଦେଖିଲୁ ତାହାଙ୍କୁ ଯେବେ ପିତା ମୂର୍ତ୍ତି ପରି
ଅନେକେ ଦେଖିଲୁ କିନ୍ତୁ ନଲାଗେ ସେପରି ।

ତାଙ୍କୁ ଯେବେ ଦେଖିଦେଲୁ ଅଶ୍ରୁ ବୋହିଗଲା
ପିତା ବୋଲି ମନେକରି ମୁଣ୍ଡ ନୋଇଁଗଲା ।

ଅନ୍ୟ ପରିଜନେ କିନ୍ତୁ ନିଜ ପରିଲାଗେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହ ଗୋ ଜନନୀ ସେ ଯେ ଆମ୍ଭ କିସ ହେବେ ?

ଆମ୍ଭ ସାଥେ ତାଙ୍କର କି ଅଛି କିଛି ଭାବ !
ନିଥିଲେ କିମ୍ପାଇଁ ଏହା ହୋଇଥାନ୍ତା ସମ୍ଭବ ?

କହ କହ ସତ୍ୟ କହ ମମତା ବତ୍ସଳା
ସତ୍ୟ କଥା ନ କହିକି କରୁ କିମ୍ପା ହେଲା ।

ଜନ୍ମରୁ ଜେ ଆଜି ଯାଏ ଦେଖୁ ଅଛୁ ତତେ
ପିତା କାହିଁ ଆମ୍ଭ ? ତୁ ନକହୁ କେମନ୍ତେ ।

ଯେବେ ଦେଖୁ ଭ୍ରାତା ବେନି, ମୁଖେ ତୋର ଦୁଃଖ !
ଏ ଦୁଃଖର କି କାରଣ ଆମ୍ଭକୁ ପ୍ରକାଶ ?

କି ରୂପ ସେ ନାରୀ ମୂର୍ତ୍ତି ଅଟେ ବାତ୍ସଲ୍ୟ ମୟୀ
ତୋପରି ସେ ଅବିକଳ ଦେଖିବାକୁ ଗୋ ଜନନୀ ।

ଯଜ୍ଞ ସ୍ଥଳେ ବସିଥାନ୍ତି ତାଙ୍କ ଜାନକୀ ରୂପେ
ସେହି ବନଚାରିଣୀ ଦେବୀ ବସୁନ୍ଧରା ସମ୍ଭୂତେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେ ଧର୍ମ ବନ୍ତ ରାଜା ପୁଣି ପତ୍ନିବ୍ରତେ ଉଭା
ଦ୍ୱିତୀୟେ ଗ୍ରହଣ ନ କରି ଏକରେ  ସଦଭାବା ।

ଏହି ପରି ପତ୍ନିବ୍ରତ ପାଳିଛନ୍ତି ସେହୁ ନିଷ୍ଚଳା
କାହିଁ କି ସେ ଜାନକୀଙ୍କୁ ଠେଲି ଦେଲେ ଭଲା  ?

ତୁ କି ସେ ଦୁଃଖିନୀ ସତୀ ଅଯୋଧ୍ୟାର ରାଣୀ
ନ ଜାଣି ଗୋ ତତେ ପୁଣି ପ୍ରଶ୍ନ କଲୁ ବେନି ।

କାହିଁ କି ଗୋ ତ୍ୟାଗ କଲେ  ଅଯୋଧ୍ୟା ପୁରୀରୁ
କହ ତାର ସତ୍ୟ କଥା ବଖାଣ ମୁଖରୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବରକୋଳି



ସରୋଜ କୁମାର
ସାହୁ

କାକର ଟୋପାରେ ଦିଶଇ ସୁନ୍ଦର
ଭରା ଦେହେ ଫୁଲଫଳ
କେଉଁଠି ଧୂସର କେଉଁଠି ବାଦାମୀ
କେଉଁଠି ପୁଣି ସେ ନୀଳ ।
ମାଘ ର ପରଶ ଆଣିଛି ଧରାକୁ
ଖଟା ମିଠା ବରକୋଳି
ପାଟିକୁ ସୁଆଦ ଲାଗଇ ସେ କେତେ
ପାରିବେନି କେହି କଳି ।
ନଇଁ ଯାଉଅଛି ଫୁଲଭରା ଡାଳ
ସକାଳ କୁହୁଡି ବାଜି
ଛୁଟି ଆସୁଛନ୍ତି ଦୂର ଗାଆଁ ପିଲା
ସାଙ୍ଗ ସାଥି ସହ ମଜି ।

ମାରୁଛନ୍ତି ଟେକା ଡାଳ ରୁ ଡାଳକୁ
ଭ୍ରମର ତ ଯାନ୍ତି ଉଡି
ପତ୍ର ଫୁଲ ସାଥେ କଞ୍ଚା କି ପାଚିଲା
ପଡୁଅଛି ପୁଣି ଝଡି ।
ସଜସଜ କୋଳି ଖାଉଥିଲେ ତୋଳି
ମନକୁ ପାରିବ ତୋଷି
ଗୋଟେ କି ଦୁଇଟି ବାଜିଲେ ପାଟିରେ
ଇଛା ହେବ ପୁଣି ବେଶୀ ।
ଚାହିଁ ବସିଥିବେ କାହା ନାନୀ ଅପା
ବଡ ବୋଉ ସାନ ମାଇଁ
କାଁଅଲେଇ କରି ଡାକିବେ ଭାଉଜ
ଆଣିଛ କି ପିଲେ ନାହିଁ ।


ଆଠଗଡ କଟକ

ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଜୟ ମାଆ ଭାରତୀ



ନଳିନୀ ଦାଶ

ମାଘମାସ ଶୁକ୍ଳ ପଞ୍ଚମୀ ତିଥିରେ
ଶ୍ରୀପଞ୍ଚମୀ ଟି ହୁଏ ପାଳନ
ବିଦ୍ୟା ପ୍ରଦାୟିନୀ ମାତା ସରସ୍ୱତୀ
ପୂଜା ପାଇଥାନ୍ତି ଏହିଦିନ ||
ହଂସବାହିନୀ ମା ବୀଣାଧାରିଣୀଲୋ
ହୀରା ମୁକୁଟ ଶୋହେ ମଥାରେ
ଶ୍ୱେତପଦ୍ମା ଅଙ୍ଗେ ଶୋହେ ଶ୍ୱେତାମ୍ବର
କମନୀୟ ରୂପର ସମ୍ଭାରେ ||
ରତ୍ନ ବିଭୂଷିତ କର୍ଣ୍ଣରେ କୁଣ୍ଡଳ
ଶ୍ୱେତପଦ୍ମ ପରେ ପଦ୍ମାସନ
ବଜାଇ ଦିଅ ମା ଏ ପୁଣ୍ୟତିଥିରେ
ଶୁଭ୍ର ବୀଣା ସୁଲଳିତ ତାନ ||
କଣ୍ଠେ ଶୋଭାପାଏ ଗଜମୋତି ହାର
ଶୁଭ୍ର କୁସୁମର ଅଳଙ୍କାର
ବିଶ୍ୱଭାରତୀ ମା ଜ୍ଞାନର ଦେବୀ ଗୋ
ସର୍ବଗୁଣେ ମହିମା ଅପାର ||
ଜ୍ଞାନର ଭଣ୍ଡାର ବିବେକ ବିଦ୍ୟାର
ମାତା ଭାରତୀ ଗୋ ଉତ୍ସଟିଏ
ବସନ୍ତପଞ୍ଚମୀ ଦିନ ଆବିର୍ଭାବ
ସୃଷ୍ଟି ବାଣୀରେତ ଭରିଯାଏ ||
ସୃଷ୍ଟିକର୍ତ୍ତା ବ୍ରହ୍ମା ବ୍ରହ୍ମାଣ୍ଡ ସର୍ଜନା
ନିଜ ହାତେ ନିଜେ କରିଥିଲେ
ବ୍ରହ୍ମାଣ୍ଡ ଭ୍ରମଣେ ଚତୁର୍ଦ୍ଦିଗ ଦୃଷ୍ଟି
ନିକ୍ଷେପି ନିର୍ଜନ ଅନୁଭବିଲେ ||
ବିଷ୍ଣୁ ପରାମର୍ଶେ କମଣ୍ଡଳୁ ଜଳ
ଆଣି ଧରଣୀରେ ସିଞ୍ଚିଦେଲେ
ଏ ଜଳ କଣାରୁ ଚାରିଭୂଜଧାରୀ
ସରସ୍ୱତୀ ଆବିର୍ଭାବ ହେଲେ ||
ହସ୍ତରେ ପୁସ୍ତକ ବୀଣା, ମାଳାଧରି
ମାଆ ବାଗ୍ ଦେବୀ ଜନ୍ମନେଲେ
ବ୍ରହ୍ମା ଅନୁରୋଧେ ବୀଣା ବାଦନରେ
ଆନନ୍ଦ ଲହରୀ ଖେଳାଇଲେ ||

ଭିକାରିପଡା,ଶରଣକୁଳ, ନୟାଗଡ଼।
ଦୂରଭାଷ—୬୩୭୦୦୯୫୨୪୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଛନକା ପଶିଲା ଛାଟିରେ



ଶିଶିର କୁମାର
ପଣ୍ଡା

କାହିଁକି କେଜାଣି ସୁକୁଟି ଭାଉଜ
ଡାକିଲେ ସେଦିନ ରାତିରେ
ଯିବାକୁ ମୋହର ମନ ହେଲାନାହିଁ
ଛନକା ପଶିଲା ଛାତିରେ ।

ସନିଆ ଭାଇର ମାଡ଼କଥା ପଶି
ଆସିଲା ମୋହର ମନକୁ
ବରଷେ ହେଲାଣି ବଥା ଯାଇନାହିଁ
ହୋଇଯିବ ଏଇ ସନକୁ ।

ଶାଳୀଟା କଥାକୁ ଭାଳି ଯା ହେଉଛି
ଚକଚକ ଗାଲ ଯାହାର
ବାହା ହୋଇ ସିଏ ଶାଶୂଘର ଯିବ
ହାତଧରି ଆଉ କାହାର ।

ନୁଙ୍ଗୁଡ଼ା ପ୍ରକୃତି ଛାଡ଼ି ମୁଁ ଦେଲିଣି
ପର ଘରେ ଆଉ ପଶୁନି
ବାହା ହେଲା ପରେ ଭାଉଜମାନଙ୍କ
ପାଖରେ ଆସିକି ବସୁନି ।

ତା' ଆଗରୁ ଟିକେ ଖୁସିବାସି ସିଏ
ହୁଅନ୍ତା କି ମୋ ସାଥିରେ
ଏଇକଥା ଭାବି ଶିଝି ମୁଁ ଯାଉଛି
ଆପଣା ଛାତିର ତାତିରେ ।


କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୂନ୍ୟ ନୀଡ଼



ବିନୟ ମହାପାତ୍ର

କେବେ ଯଦି ଜୀବନର ଜଞ୍ଜାଳରୁ
ଦୁଇ ଘଡି ଫୁରସତ୍ ମିଳିବ,
ସେଇଥିରୁ ଘଡିଏ,
ମୋ ପାଇଁ ସାଇତି ରଖିବ,
ଧଳା କଳା ମିଶା ଉଲୁରା ବାଳ ସଜାଡି
ପଣତରେ ଝାଳ ପୋଛି ପୋଛି
କେବେ ଯଦି ଆସିବ,
ଅଗଣାର ବଉଳ ମୂଳରେ
ମୋ ପାଖେ ଖୁନ୍ଦି ହୋଇ ଦି'ଘଡି ବସିବ ।

ତୁମେ କିଛି କହିବ, ମୁଁ କିଛି କହିବି
ନିଜ କଥା କହି ଶୁଣି
କେବେ ହସି, କେବେ ପୁଣି
ଆଖି ଲୁହ ପଣତରେ ପୋଛିବା,
ସମୟ ସୁଅରେ ବିତିଗଲା ଦିନ
ଆଉ ହଜି ଗଲା ବୟସର
ହିସାବ କିତାବ ସାଥିହୋଇ କରିବା ।
ଜୀବନ କେମିତି ଥିଲା,
ସମୟର ସୁଅରେ
କେତେ କଥା ବୋହିଗଲା
ସଂସାରର ଟେଢା ମେଢା ରାସ୍ତାରେ
ପଥ ଚାଲୁ ଚାଲୁ, କେତେ କଣ ପାଇଲେ,
ଆଉ କଣ ହରାଇ ଦେଲେ,
ଯାତ୍ରାର ଅନୁଭବ ନିଜ ସାଥେ ବାଣ୍ଟିବା ।

ଆମ ଜୀବନର ଯାତ୍ରା
କେଉଁଠୁ ଯାତ୍ରା ଆରମ୍ଭ ହେଲା
ଆଜି ଆସି କେଉଁଠି ପହଞ୍ଚି ଗଲା
ଚଳ ଚଞ୍ଚଳ ଏ ଘରର ଗହଳ ଚହଳ
ଆଜି ସତେ ସ୍ୱପ୍ନ ପରି ଲାଗେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟର ସାଥେ, କଥା ସବୁ ସ୍ମୃତି ହୋଇ ଗଲା ।

ତୁମେ ମୋର ସାଥେ ଅଛ,

ଜୀବନର ସଂଧ୍ୟାରେ ସବୁ କିଛି ମନେ ପଡେ,

ବର୍ଷ ଆଉ ବୟସ ବଢିବା ଭିତରେ

ଏ ଦେହ, ଏ ମନରେ

ସମୟ କେତେ ରଙ୍ଗ ବୋଳିଦେଲା

କେତେ କେତେ ଘାଆ ଦେଇଗଲା

ରଙ୍ଗ ସବୁ ଧୋଇଗଲା ପରେ

ଘାଆ ଯେତେ ସୁଖିଗଲା ପରେ

ଦାଗ ଯେତେ ଜଳ ଜଳ ଦିଶେ ।

ପଟିଆ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଆ



ଦେବାର୍ଚ୍ଚନ
ମେହେର

ମାଆ ତୁମେ ଗର୍ଭ ଧାରିଣୀ,
ମାଆ ତୁମେ ଜନ୍ମ ଦାୟିନୀ ।

ମାଆ ତୁମେ ପାଳନ କାରିଣୀ,
ମାଆ ତୁମେ ଦୁଃଖ ହାରିଣୀ ।

ମାଆ ତୁମେ ମମତା ମୟୀ,
ମାଆ ତୁମେ ସ୍ନେହ ମୟୀ ।

ମାଆ ତୁମେ କରୁଣା ମୟୀ,
ମାଆ ତୁମେ କ୍ଷମା ମୟୀ ।

ମାଆ ତୁମେ ଭାରି ସୁନ୍ଦର,
ମାଆ ତୁମ କଥା ଅତି ମଧୁର ।

ମାଆ ତୁମେ ଦୟାର ସାଗର,
ମାଆ ତୁମେ ସନ୍ତାନକୁ କର ଆଦର ।

ମାଆ ତୁମେ ପତିବ୍ରତା,
ମାଆ ତୁମେ ସତୀ ସୀତା ।

ମାଆ ତୁମେ ସହନଶୀଳତା,
ମାଆ ତୁମେ ଜଗତ ଜିତା ।

ମାଆ ତୁମଠୁ ବଡ଼ କେହି ନାହିଁ,
ମାଆ ତୁମ ବିନା ସଂସାରେ ଖୁସି ନାହିଁ ।

ମାଆ ତୁମର ତୁଳନା ନାହିଁ,
ମାଆ ତୁମ ପରି କେହି ନାହିଁ ।

ମାଆ ତୁମେ ଗଙ୍ଗାଠୁ ପବିତ୍ର,
ମାଆ ତୁମେ ଶ୍ରେଷ୍ଠ ସର୍ବତ୍ର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଆ ତୁମ ହୃଦୟ କୋମଳ,
ମାଆ ତୁମ ମନ ନିର୍ମଳ ।

ମାଆ ତୁମେ ମୋ ପ୍ରଥମ ଶିକ୍ଷକ,
ମାଆ ତୁମେ ମୋ ପ୍ରଥମ ରକ୍ଷକ ।

ମାଆ ତୁମେ ଘରର ଲକ୍ଷ୍ମୀ ଠାକୁରାଣୀ,
ମାଆ ତୁମେ ନାରୀ ରୂପେ ନାରାୟଣୀ ।

ମାଆ ତୁମେ ଦୁଃଖ ଯନ୍ତ୍ରଣା ସହି ନିଅ,
ମାଆ ତୁମେ ନିନ୍ଦା ଅପମାନ ସହି ଯାଅ ।

ଧନ୍ୟ ଧନ୍ୟ ମାଆ ଗୋ ଜନମ ଜନନୀ,
ତୁମ ପାଦ ପଦ୍ମେ ସଦା ସର୍ବଦା ମୁଁ ଚିରୋ ଋଣୀ ।

ବାପୁଜୀନଗର, ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗାନ୍ଧୀ, ତୁମେ ଫେରିଆସ...



ଚନ୍ଦ୍ରକାନ୍ତ ଜେନା

ହେ ଗାନ୍ଧୀ....

ଦେଖୁଛ କି ଆଜି ?

ତୁମେ ଦେଖିଥିବା ସେ ସ୍ୱପ୍ନର ଭାରତ'କୁ

ତୁମ କଳ୍ପନାର ସେ ରାମରାଜ୍ୟକୁ,

ଓଃ ! ଅସହ୍ୟ ବାସ୍ତବତା ! !

କି ଅସହିଷ୍ଣୁତା ! ! !

ସତ୍ୟର ପଥ ଦେଖାଇଥିବା ତୁମର ସେ....

'ଆଲୋକ ବର୍ତ୍ତିକା'

ଜଳୁନି ଆଉ !

କେବେଠୁ ଲିଭିଲାଣି,

ଜାଣିଛ ମହାତ୍ମା ?

ତୁମ ଅହିଂସା ଆଜି ହିଂସାର କବଳରେ,

ସତ୍ୟ ଆଜି ଅସତ୍ୟର କଳା ବାଦଲ ତଳେ,

ଚାରିଆଡ଼େ 'ମୁଁ'... 'ମୋ'ର ଡିଣ୍ଡିମ....

ଗର୍ବ, ଅହଂର ହୁଙ୍କାର,

ସର୍ବସଂହା ଧରିତ୍ରୀ ଆଜି, ଅନ୍ୟାୟ, ଅନୀତିର କଳୁଷିତ କାଳିମାରେ ନିଷ୍ପେସିତ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନ୍ଧ ସାଜିଲାଣି 'ମଣିଷ'

ବିରଳ 'ମଣିଷପଣିଆ' !

ସ୍ୱାଧୀନତା ଆଜି ଲାଂଛିତ, ବଞ୍ଚିତ... ଫେର୍ ନିର୍ଯାତିତ !!

ଆଉ କେତେଦିନ ସତେ ???

ଏଇ ନିସ୍ତେଜତା !

ନିଷ୍ଠୁର ନିରବତା !!

ଉପେକ୍ଷିତ ସମୟ.....

ଅପେକ୍ଷା ତୁମକୁ ହେ ମହାତ୍ମା

ଫେରିଆସ ତୁମେ ଗାନ୍ଧୀ' !

ଫେରିଆସ ହେ ମହାତ୍ମା !

ସହକାରୀ ଶିକ୍ଷକ

ବ୍ରାହ୍ମଣସାଇଲୋ ସରକାରୀ ଉଚ୍ଚ ବିଦ୍ୟାଳୟ, କଣ୍ଟାପଡା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶଙ୍ଖକ୍ଷେତ୍ର ଅଧୀଶ୍ୱର



ସୀମାଞ୍ଚଳ ରାଉଳ

ମୁକ୍ତି ତୀର୍ଥ କ୍ଷେତ୍ର    ଶ୍ରୀ କ୍ଷେତ୍ର ବିହାର
ଜଗନ୍ନାଥ ଅବତାର
ଶଙ୍ଖାକାର କ୍ଷେତ    ଉତ୍କଳ ଭୂଖଣ୍ଡ
ଶଙ୍ଖକ୍ଷେତ୍ର ଅଧୀଶ୍ୱର ।

ଅନାଦି ପୁରୁଷ    ହଟାଇ କଳୁଷ
ଜଗତ ଜୀବନ ଛବି
ମଣ୍ଡିତ ଜଗତ    ସୁବର୍ଣ୍ଣ କିରଣେ
ରୂପ ଦିନମଣି ରବି ।

ଇନ୍ଦ୍ରଧନୁ ବର୍ଣ୍ଣ    ନିଜ ଅଙ୍ଗେ ବହି
ଶୋଭୁଅଛି ତାରାପୁଞ୍ଜ
ଉଜ୍ଜ୍ୱଳ ଆଲୋକ    ପ୍ରକାଶି ଜଗତ
ଝଟୁକୁଛି କଳାକୁଞ୍ଜ ।

ନାହିଁ ଯାର ଅନ୍ତ    ନାହିଁ ଯାର ଆଦି
ଗର୍ଭୁଜାତ ସୁଧାକାର
ବଢ଼ାଇ ତାହାର    ତରଙ୍ଗ ଅଧର
ବାସଚୁମ୍ବେ ତୋ ପୟର ।

ତୁମ ଲୀଳାମୟ    ଅବତାର ରୂପ
ସଂସାର ସଙ୍କଟ ମୋଚନ
ଦୁଃଖି ଜନଙ୍କର    ହିତେ ପରାୟଣ
ସାଧୁସନ୍ଥ ପରିତ୍ରାଣ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୁଣା ସାଗର ଆତ୍ମା ନିରାକାର
ଭକ୍ତ ଗହଳେ ସାକାର
ହେ ଦିବ୍ୟ ପୁରୁଷ ପତିତ ପାବନ
ଦୀନ, ଦୁଃଖୀ କଷ୍ଟ ହର ।

ସତ୍ୟଯୁଗେ ତୁମେ ନୃସିଂହ ନାଥ ହେ
ତ୍ରେତୟା ପ୍ରଭୁ ଶ୍ରୀରାମ
ଦ୍ୱାପରରେ କୃଷ୍ଣ କଳିରେ କାଳିଆ
ଦାରୁ ଦେବତା ରୁପମ ।

ଧନ୍ୟରେ ତୋ କ୍ଷେତ୍ର ବଡପଣ ତୋର
ଶଙ୍ଖକ୍ଷେତ୍ର ଅଧୀଶ୍ୱର
ଜଗତେ ବିଖ୍ୟାତ ଜଗନ୍ନାଥ ରୂପେ
ଅବତରୀ ଅବତାର ।

ମହେନ୍ଦ୍ରଗଡ, ଗଜପତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନୁଭବ



ମନୋଜ କୁମାର
ଭୋଇ

ହୃଦୟର ଭାଷା ପଢିକେ ପାରେନା
ଆପଣା ହୁଏଟି ପର
ଜୀବନର ଚିତ୍ର ଅପସରି ଯାଏ
କରି ସେ ତ ସାତ ପର ।

ମଣିଷ ଜୀବନ ନିମିତ୍ତ ମାତ୍ର
ହୃଦ ଭାଷାକୁ କେ ପଚାରେ
ସଂସାର ହାଟରେ ମନ କିଣା ହୁଏ
ସମ୍ପର୍କ ଆକଟ ପରେ ।

ଜୀବନ ଚିତ୍ରର ନକ୍ସା ଖୋଜୁ ଖୋଜୁ
ଅସ୍ଥିର ମନଟି ଭାଳେ ,
ଅନୁଭୂତି ସବୁ ଆଗେ ପଛେ ଆସି
ଗୁମୁରା ମନଟି ମରେ ।

କିବା ଦିବା ନିଶି ଅବା ସେ ସପନେ
ହାଥ ଠାରି ଡାକୁ ଥାଏ
ଦେବାକୁ ଟିକିଏ ସ୍ନେହ ପୁଷ୍ପ ଗୁଛ
କେତେ କଲବଲ ହୁଏ ।

ଅନୁଭୂତି ସବୁ ପ୍ରଶ୍ନ ହେଇ ଯାଏ
ହୃଦେ ଭରିଯାଏ ସ୍ନେହ
ବିଧିର ବିଧାନ ବୋଲି କହୁଥାଏ
ହୃଦେ ଚାପି ଧରି କୋହ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଣି ହସିଦେଇ ଦୀର୍ଘଶ୍ୱାସ ନେଇ
ସବୁ ଠିକ ଅଛି କହେ
ନୟନୁର ଅଶ୍ରୁ ନ ଦେଖନ୍ତୁ ଭାବି
ବଦନ ଫେରେଇ ନିଏ ।

ଅନୁଭବି ସିଏ ଜାଣିଛି ଯନ୍ତ୍ରଣା
ଜୀବନର ଚଲା ପଥେ
ଶତ୍ରୁ ହେଉ ପଛେ ନପାଉ କେ ଦୁଃଖ
ଭାଳୁ ଥାଏ ନିଜ ଚିତ୍ତେ ।

ତଥାପି ହାରିନି ତାର ମନୋବଳ
ସାଇତିଛି ସେ ଅନୁଭବ
ଆପଣା ହୃଦକୁ କରି ସେ ପଥର
ସାଜିଛି ଯନ୍ତ୍ରମାନବ ।

ଜୀବନ ସାର୍ଥକ କରେ ସେହି ଜନ
ଅନୁଭବ ପୀଡ଼ା ସହି
ସମ୍ପର୍କର ଟେକ ରଖିଥାଏ ସଦା
ଜାଗ୍ରତ ପ୍ରହରି ହୋଇ ।

ଅନୁଭବ କେବେ ସମ୍ପର୍କ କାଟେନା
ଯୋଡୁ ଥାଏ ନିରନ୍ତର
ଜୀବନର ମୂଲ୍ୟ ସେହି ଏକା ଜାଣେ
ଅନୁଭବି ନିର୍ବିକାର ।

ଟିକାବାଲି କନ୍ଧମାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତ୍ରିରଙ୍ଗା ତଳେ



ଭାରତୀ ହୋତା

ଆଜି ସାରା ଦେଶରେ ବହେ
ଅମୃତ ମଳୟ
ତ୍ରିରଙ୍ଗା
ପ୍ରତି ଘରେ ଘରେ
ଗଗନ ପବନ ନଦୀ ପ୍ରାନ୍ତର
ଆଚ୍ଛାଦିତ ଚତୁଃର୍ଦିଗ ।

ଏ ପତାକା...
ଯିଏ ଫର ଫର ଉଡୁଛି ପବନରେ
କେତେ ଲୁହ -ଲହୁ ସ୍ୱେଦରେ ବତୁରା
କେତେ ଆକର୍ଷକ ହୃଦୟ ଆଲୋଡ଼ା ।

ଏଇ ହାତ....
ଯାହା ଉତ୍ତୋଳିନେଲା
ଗାରିମାମୟୀର ଗରୀୟସୀ ଜୈତ୍ର
କେତେ ପୂତ ପବିତ୍ର, କେତେ ଅନୁଗତ
କେତେ ସମର୍ପିତ
ଏ ମାଟି ପାଣି ପବନର ହିପାଜତ୍
ଉତ୍ତର ଦାୟିତ୍ୱକୁ.....
ପୁଣି କେତେ ପୁଣ୍ୟ,
କେତେ ପାପର କେତେ ଭାଗିଦାର
ପୋଛି ଦେବାକୁ ଦି 'ଟୋପା ଲୁହ
ନିସ୍ତେଜ ଆଖିର, ଭୋକିଲା ପେଟର,
ସତେ କେତେ ଯୋଗ୍ୟ !
ପବିତ୍ର ତ୍ରିରଙ୍ଗାର ଡୋରୀ ଛୁଇଁବାରେ ।

ଏ କଣ୍ଠ..
ଯେଉଁ ମହାନ୍
ସଂଗ୍ରାମୀ -ସାଧକଙ୍କ ଗୌରବ ଗାନରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏତେ ଉଲ୍ଲସିତ, ଏତେ ଉଦଗ୍ରୀବ

ତାଙ୍କ ଅମର ଅମୀୟ ବ୍ୟକ୍ତିତ୍ୱରେ

କେତେ ଅନୁପ୍ରାଣିତ,

କେତେ ବାଟର ବା ବାଟୋଇ

ତାଙ୍କ ପଥର.... ।

ଏ ମାଟି ପାଣି ପବନ

ସ୍ୱର୍ଣ୍ଣ ପ୍ରସୂ ଭୂଖଣ୍ଡର ଉତ୍ପନ୍ନ ଦାନା କନା

ପ୍ରତିକ୍ଷଣେ ଯାହା ସଂଚାରେ ଜୀବନ

ପେଟ ପାଟଣା ଆମୋଦ ପ୍ରମୋଦର ଅବକାଶ

କେତେ ନିଷ୍କାମ ଆମ ସେବା

କେତେ ବ୍ରତୀ ଆମେ

ମା 'ମାଟି ସୁରକ୍ଷାରେ

ମନରେ.... ପ୍ରାଣରେ.... ।

ଏ ନାରା

ହର ଘରମେ ତ୍ରିରଙ୍ଗା

ସବୁ ଗଳି, ରାଜପଥ

ଗାଁ ଗଣ୍ଡା, ପୁରପଲ୍ଲୀ ସହର -ନଗର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଗଣିତ କେତେ ମଞ୍ଚ

କେତେ ବଚନିକା

ନିରୁତା ଦେଶଭକ୍ତି,

ଲହୁ ସିକ୍ତ ସହୀଦଙ୍କ କବରେ

କେତେ ସତ୍ୟତାର ।

ଆଜି ପରା ଦିନରେ

ଛଳନାର ନ ହୋଇ

ଏ ମଞ୍ଚ କି ହେଇପାରିବ

ବଳିଦାନର, ତ୍ୟାଗର

ଏ ହାତ କି ହୋଇ ପାରିବ ହତିଆର

ସ୍ୱାର୍ଥ ତ୍ୟାଗର

ଏ ସ୍ୱର କି ହେବ ସତ୍ୟ -ଧର୍ମ -ନ୍ୟାୟର

ମାନବିକତାର ବୀଜମନ୍ତ୍ରେ

ଗୁଞ୍ଜରିଉଠିବ ସଭିଁଙ୍କ ହୃଦତନ୍ତ୍ରୀ.... ।

ଖରିଆର ରୋଡ୍, ନୂଆପଡ଼ା

Listen to Odia Podcast on https://anchor.fm/aahwaan

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ମାନବୀୟ ଲୀଳା



ରମାକାନ୍ତ ସ୍ୱାଇଁ

ଆସ ନୀଳମଣି ବେଳ ତ ହେଲାଣି
ଡାହୁକ ଡାକିଲେ ଉଛେ
କର ନାହିଁ ମାନ ପ୍ରଭୁ ନାରାୟଣ
ଛଳେଇ ହୋଇବ ପଛେ

।୧।

କେମିତି ଶରୀର ଆହେ ମାୟାଧର
ଠେଲାପେଲା କେତେ ଖାଅ
ଥୋକେ ଯାଇ ଥୋକେ ବାଟ ଆଉ ଡାକେ
ମନ୍ଦ ମନ୍ଦ ହସୁ ଥାଅ

।୨।

ଶୁଭେ ହୁଳହୁଳି ତୋ ଦାଣ୍ଡ ଉଛୁଳି
ହରିବୋଲ ଚଉଦିଗେ
ଘଣ୍ଟ ଘଣ୍ଟା ଶବ୍ଦ ତିନି ପୁରେ ଭେଦ
ଭକତେ କରୁଣା ମାଗେ

।୩।

ତୁମ ପରା ଦିଅଁ କାହିଁ ଅଛି କୁହ
ଭକ୍ତ ଦୁଃଖେ ଦୁଃଖୀ ହୋଇ
ସାଜି ଗଜ ବାଜି ରଥରେ ବିରାଜି
ବଡ଼ ଦାଣ୍ଡେ ଗଡ଼ୁ ଥାଇ

।୪।

ଶ୍ୟାମଳ ଦ୍ୱିତୀୟା ମୋ ଚନ୍ଦ୍ର ଉଦିଆ
ଭକତ ଦର୍ଶନେ ଆସୁ
ବାରିଦ ବରନ ଆରେ ଶ୍ୟାମଘନ
ହଳଦୀ ବସନେ ରସୁ

।୫।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଧରି ପାଟଛତ୍ରୀ ସଙ୍ଗେ ପାତ୍ର ମନ୍ତ୍ରୀ

ମାନବୀୟ ଲୀଳା କରୁ

ଦେଇ ଦରଶନ ରମା ପ୍ରାଣ ଧନ

ଆଶ୍ରା ଦାନେ ମହାମେରୁ

।୬।

ସର୍ବ ଧର୍ମ ଏକ ତୁହି'ତା ପ୍ରତୀକ

ପ୍ରଚାର କରୁଛୁ ଭବେ

ସେହି ଧର୍ମ ପାଳି ହୋଇ କୋଳାକୋଳି

ବଡ଼ ଦାଣ୍ଡେ ପରା ଶୋଭେ

।୭।

ଭାବ ବିନୋଦିଆ ଭାବରେ ବନ୍ଧୁଆ

ହୋଇଗଲା ତୋର ବନ୍ଧୁ

ସେଦିନ ଦାସିଆ ଅର୍ପିଲା ନଡ଼ିଆ

ଭାବ ଡୋରି ବାନ୍ଧୁ ବାନ୍ଧୁ

।୮।

ରତ୍ନ ସିଂହାସନ ତେଜିଲେ ଆପଣ

ଭକତେ ଦେଖିବ ବୋଲି

ଭକ୍ତ ଭଗବାନ ଭାବର ବନ୍ଧନ

ଭାବରେ ହୃଦୟ ଖୋଲି

।୯।

ତୁମ ଗଢା ଜୀବ ଜୀବେ ପରାଭବ

ସବୁରି କାରଣ ତୁମେ

କରି କରାଉଛ ସବୁତ ଦେଖୁଛ

ମାୟାରେ ଭ୍ରମୁଛୁ ଆମେ

।୧୦।


ସା/ପୋ-ପାଟସୁନ୍ଦର ପୁର

କଟକ-୯୮୬୧୭୨୨୭୧୯

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସପନରେ ତୁମେ କାହିଁକି ଆସ



ଶାନ୍ତିଲତା ପଣ୍ଡା

କାହିକି କେଜାଣି ଜାଣିପାରେ ନାହିଁ
        ସପନେ ମୋ ପାଶେ ଆସ
ଆଖି ଖୋଲି ଦେଲେ ସପନଟା ମୋର
        ଦିଅଇ ତାସ୍ଛଲ୍ୟ ହସ
ଦିଏ ଶୂନ୍ୟବାଣୀ କହଇ ବାୟାଣୀ
        ଜାଣି ପାରୁନାହୁ କିଛି
ପ୍ରାଣଠୁ ଅଧିକ ଭାବୁ ତୁ ଯାହାକୁ
        ତୋତେ କି ସିଏ ବୁଝିଛି

ମିଛ ମାୟା ଭରା ଏ ସାରା ସଂସାର
        ମିଛି ମିଛିକା ଏ ଖେଳ
ସତ ହାରିଯାଏ ମିଛ ହସୁଥାଏ
        ସମ୍ପର୍କଟା କଲବଲ
ତଥାପି ତ ଏଠି ବଞ୍ଚିବା ପାଇଁକି
        ହୁଏ ପଚ୍ଛେ ହତାଦର
ଜୀବନଠୁ ଯାକୁ ନିଜର ଭାବିଛି
        ଖୋଜେ ତାକୁ ବାରବାର
        ସେ ମୋ ସପନ ସଉଦାଗର
        ସପନେ ଆସେ ବାରବାର
        ଖୋଜେ ତାକୁ ବାରବାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସପନରେ ତୁମେ କାହିଁକି ଆସ



ସଂଯୁକ୍ତା ସାହୁ

ସତରେ ଭାବି ଭାବି ଚାଲିଛି ମନରେ
ନିଜକୁ ଖୋଜି ଖୋଜି ବାଟ ପାଉନାହିଁ
ମୁଁ କିଏ ପଚାରୁଛି ମୋ ନିଜକୁ ନିଜେ
ପାଉନାହିଁ ଉତ୍ତର କେଉଁଠାରୁ ବି ମିଳୁନାହିଁ
ଜୀବନ ତ ଛାଇ ଆଲୁଅର ଖେଳ
ବାରମ୍ବାର ପରୀକ୍ଷାର ସମ୍ମୁଖୀନ ହୁଏ
କାହିଁକି ତୁମେ ମୋ ସ୍ୱପ୍ନରେ ଆସ
ଆଶା ଆଉ ସ୍ୱପ୍ନରେ ଭିଜେଇ ଦିଅ
ମନରେ ଭରିଦିଅ ରଙ୍ଗୀନ ସ୍ୱପ୍ନ ସବୁ
ଆଶା ଆଉ ଉଦ୍ଦୀପନାର ଭାବନାରେ
ବଞ୍ଚିବାର ସୌଧ ଗଢିଚାଲେ ଅହରହ
ସେଇ ସ୍ୱପ୍ନମାନ ଯଦି ଭାଙ୍ଗିଯିବେ
ଆତ୍ମା ଆଉ ହୃଦୟ ଖଣ୍ଡ ଖଣ୍ଡ ହୋଇଯିବ
ଇପସିତ ଆଶାର ସୌଧ ଭୁଶୁଡିଯିବ
ତୁମକୁ କଣ ଖୁସି ମିଳିବ କି ଏଥିରେ
କୁହ କୁହ ତୁମେ କାହିଁକି ସ୍ୱପ୍ନରେ ଆସ

ରାହାମା, ଜଗତସିଂହପୁର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସପନରେ ତୁମେ କାହିଁକି ଆସ



ତାନଶ୍ରୀ ପାଣିଗ୍ରାହୀ

ନିବିଡ଼ ଭାବରେ ଭଲ ପାଅ ବୋଲି
ତୁମକୁ ମୁଁ ଖୋଜେ ଯେବେ
ମରୁ ମରୀଚିକା ସାଜେ ମୋର ଆଶା
ମନ ଅସହାୟ ଭାବେ...

ମୋ ହୃଦୟ ଖୋଜେ ତୁମରି ପରଶ
ତୃଷ୍ଣାର ଆକୁଳ ମନେ
ଜୀର୍ଣ୍ଣ ଶୀତରେ ଥରଇ ଭାବନା
ହଜେ ସେ ପ୍ରେମ ବନ୍ଧନେ...

ମନେ ହୁଏ ଆଜି ମୋର ଶବ୍ଦ ସବୁ
ଅର୍ଥହୀନ ତୁମଠାରେ
ସବୁ ଭାଷା ଆଜି ବୁଝିବି ଅବୁଝା
ଲୁହର ବିଦ୍ରୁପରେ...

ସପନରେ ତୁମେ ଆସ ସବୁଦିନ
ରାତିର ଶେଷ ପ୍ରହରେ
ଶୋଷି ନିଅ ମୋର ଦେହର ଉଷ୍ଣତା
ନିର୍ଲିପ୍ତ ଅନ୍ତରରେ...

ଭୁଲ ବୁଝିବନି କେବେ ମୋତେ ପ୍ରିୟ
ଦେବନି କଳଙ୍କ ଟୀକା
ତୁମେ  ତ ମୋ ପ୍ରାଣ ସ୍ପନ୍ଦନ ପ୍ରିୟ
ସୋହାଗ ସିନ୍ଦୁର ଟୋପା  ॥

ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସପନରେ ତୁମେ କାହିଁକି ଆସ



ବୀରେନ୍ଦ୍ର କୁମାର ସାହୁ

କାହିଁକି କେଜାଣି    ବୁଝି ପାରୁନାହିଁ
କାହିଁକି ଭାବୁଛି ଏତେ
କେଉଁ ଜନମର    କି ସମ୍ପର୍କ ଇଏ
ରହିଛି ତୁମରି ସାଥେ..।

ଦେଖିଲି ପ୍ରଥମେ    ଯେବେ ମୁଁ ତୁମକୁ
ନିଜର ଲାଗିଲ ମୋତେ
ଜାଣି ପାରୁ ନାହିଁ    ସପନରେ ତୁମେ
କାହିଁକି ଆସ ଗୋ ସତେ...।

କେତେ ଯେ ଭାବନା    ମନେ ଆସିଯାଏ
ବିଛଣାରେ ଶୋଇ ରହି
ହସି ହସି କେତେ କଥା ଗୋପନରେ
ଗୁପତରେ ଯାଅ କହି...।

ତୁମର ପରଶେ    ପ୍ରୀତି ଶୀହରଣ
ଖେଳି ଯାଏ ମୋର ଦେହେ
ସ୍ୱପ୍ନ ରାଇଜର    ପରୀ ଭଳି ଲାଗ
କଣେଇ ଯେବେ ମୁଁ ଚାହେଁ...।

ହୋଇ ଯାଆନ୍ତ କି    ମୋ ଘରର ରାଣୀ
ପାଖରେ ଦେଖନ୍ତି ନିତି
କେତେ ଯେ ସପନ    ସାଥିରେ ଦେଖନ୍ତେ
ପ୍ରତି ଦିନ ପ୍ରତି ରାତି...।

ପାପସରା, ଅନୁଗୋଳ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସପନରେ ତୁମେ କାହିଁକି ଆସ



ପୁଷ୍ପଲତା ମିଶ୍ର

ବହୁତ ଦିନରୁ ଭୁଲି ମୁଁ ଯାଇଛି
ମନେ ତ ପକାଉ ନାହିଁ,
ପ୍ରତି ରଜନୀରେ ଶୋଇଗଲା ପରେ
ସପନରେ ଆସ କାହିଁ ।

କଥାଦେଇ ତୁମେ କଥା ରଖିଲନି
କାହିଁକି ଆସୁଛ ସ୍ୱପ୍ନେ,
ନିଦରୁ ଉଠି ମୁଁ ବାଉଳି ହୁଅଇ
ଝୁରିତ ହୁଅଇ ମର୍ମେ ।

ସପନର ଶେଷେ ପ୍ରଭାତ କିରଣେ
ଡାକେ କାକ, କୁମ୍ଭାଟୁଆ,
ବାସନା ବିଭୋରେ ସପନ ତ ଭାଙ୍ଗେ
ଫେରଇ ପ୍ରଶାନ୍ତି ବାଆ ।

ରାଣ ଦେଇଥିଲି ରାଣ ରଖିଲନି
କଥାକୁ ଦେଲ ଆଡେଇ,
କାହିଁକି ଆସୁଛ ସପନକୁ ମୋର
ପାରିବ କି ମତେ ନେଇ ।

ଦୁଃଖର ସୁଖର ସାଥୀଟିଏ ଥିଲ
ମୋ ମନରେ ଥିଲ ରହି,
ମୋ ହୃଦ କୁଞ୍ଜରେ ବସା ବାନ୍ଧିଥିଲ
ସମୟ ଦେଲା ଭୁଲାଇ ।

ଭୁବନେଶ୍ୱର, ୯୩୩୮୨୯୪୬୫୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସପନରେ ତୁମେ କାହିଁକି ଆସ



ସନ୍ତୋଷ କୁମାର ସାହୁ

ମଧୁ ମନ୍ଦାକିନୀ ମୋ ମନ ମୋହିନୀ
ମୋଦୀୟ ଚିତ୍ତରେ ହୋଇ ପ୍ରବେଶ
ଗୁଣୁ ଗୁଣୁ ଗାନେ ତୁମେ ପ୍ରତିଦିନେ
ଗୀତ ଗାଇ ପ୍ରାଣ କର ହରଷ...
ପ୍ରିତୀଝରା ତୁମେ ମୃଗ ନୟନୀ ମୋ
ଆସ ତୁମେ ନିତି ସଞ୍ଜ ସକାଳେ
ବିନିଦ୍ର ରଜନୀ ମଧୁର ଆଳାପେ
ସରି ଆସୁଥାଏ ପ୍ରଭାତ ବେଳେ....
ନଦେଖିଲେ ମୋତେ ଅଭିମାନ କରି
ମୁହଁକୁ ଲୁଚାଇ ବସୁଛ ରୁଷି
ପ୍ରଣୟ ଇସାରା ମୋ ଠାରୁ ପାଇଲେ
ଆନନ୍ଦିତ ଚିତ୍ତେ ଦିଆ ଗୋ ହସି...

ପ୍ରେମ ହିଁ ସୁନ୍ଦର ଚିରନ୍ତନ କହି
ଭାବୁଥିଲ ମୋତେ ଅତି ନିଜର
ଅସମୟ ବେଳେ ହାତ ଛାଡ଼ିଦେଇ
ଚାଲିଗଲା ତୁମେ ବହୁତ ଦୂର...
ତୁମରି ବିଛେଦେ ବିରହରେ ନିତି
ଝଡ଼ିଗଲି ମୁହିଁ ହୋଇ ଅଲୋଡ଼ା
ସଜ ସୁବାସିତ ଅକ୍ଷତ କୁସୁମ
ବୃନ୍ତ ଚ୍ୟୁତ କଲ ଦଳି ପାଖୁଡ଼ା....
ଭଲ ପାଇ କିଆଁ କରିଲ ଛଳନା
ଗଭୀର ବିଶ୍ୱାସେ ଢାଳିଲ ବିଷ
ମୋ ଠାରୁ ଦୂରେଇ ଚାଲିଗଲ ଯଦି
ସପନରେ ତୁମେ କାହିଁକି ଆସ....

ଗାନ୍ଧୀ ନଗର, କୋରାପୁଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସପନରେ ତୁମେ କାହିଁକି ଆସ



ରଞ୍ଜିତା ଦାଶ

ମୁଦ୍ରିତ ନୟନେ ନୀରବ ଭାବନା
କରେ କାହିଁ ଆନମନା,
ସଞ୍ଜରୁ ସକାଳ ତୁମ ଛବି ଆଙ୍କେ
ତୁମେ ପରା ମୋ ଭାବନା ।

ଆଖି କେବେ ମିଛ ତ ଦେଖେନା
ତୁମର ସେ ମିଠା ହସ,
ଭାବ ପଣତରେ ବାନ୍ଧିଛି ବୋଲି
ସପନେ ସେ ପାଇଁ ଆସ ।

କିଛି ସପନକୁ ରାତି ଅଣ୍ଟେ ନାହିଁ
ପଲକରେ ଛୁପିଯାଏ,
ମେଘ ଆକାଶଟା ଭୁମିକୁ ଛୁଇଁଲେ
ଅଧିର କାହିଁକି ହୁଏ ।

ଅପେକ୍ଷାର ଫଳ ମିଠା ହୋଇପାରେ
ଯନ୍ତ୍ରଣାର ସେ ତୋରଣ,
ଅପେକ୍ଷା କରି ରାଧାରାଣୀ ଜେମା
ପାଇଥିଲେ କେତେ କଷଣ ।

ପାହାନ୍ତି ସପନ ସତ ହୁଏ ପୁଣି
ଶେଫାଳୀର ମହକରେ,
ନିଜକୁ ହଜାଇ ପ୍ରୀତିତ ବାନ୍ଧେ
ପ୍ରଣୟର ପସରାରେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସପନରେ ତୁମେ କାହିଁକି ଆସ



ନଳିନୀପ୍ରଭା ମିଶ୍ର

ସପନରେ ତୁମେ କାହିଁକି ଆସ
ତୁମେ ତ ! ! ଯାଇଛ ଦୂରେ
ହରାଇ ତୁମକୁ ଚିରଦିନ ପାଇଁ
ସତତ ଏ ମନ ଝୁରେ ।
ସପନେ ତୁମର ହୁଏ ଆଗମନ
ସତ ପରି ଲାଗେ ମୋତେ
ସପନ ହଜିଲେ ହୁଏ ପ୍ରକୃତିସ୍ଥ
ଆଖି ଲୁହେ ଭିଜେ କେତେ ।
ଠିକଣା ହଜାଇ ଯାଇଛ ଚାଲି
ଏ ମରତ ଧାମ ଛାଡି
ତୁମ ହାତ ଗଢା ସଂସାର ଆଜି
ରହିଛି ପଛରେ ପଡି ।
ସପନ ରେ ଆସି ଦେଉଛ ଦେଖା
ବାସ୍ତବ ନୁହେଁ ସେ ଭେଟ
ଜାଗତିକ ସତ୍ୟ ରହିଛି ଯାହା
ନୁହେଁ ସେ କେବେ ଉଭଟ ।
ସପନେ କାହିଁକି ଆସୁଛ ତୁମେ
ହୃଦୟେ ଦେଉଛ ଦୁଃଖ
ମୃତ୍ୟୁ ଅନିବାର୍ଯ୍ୟ ଜୀବନ ପାଇଁ
ଛଡାଇ ନେଇଛି ସୁଖ ।
ସପନେ କାହିଁକି ଆସୁଛ ତୁମେ
ଏ ଜୀବନେ ଦେଖା ନାହିଁ
ପୁଣି ଦେଖା ହେବ ତୁମରି ସାଥେ
ଆର ଜନମର ପାଇଁ ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ
ମୋ-୯୭୭୭୮୮୭୯୪୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସପନରେ ତୁମେ କାହିଁକି ଆସ



ଲତା ବେହେରା

ବୁଝି ମୁଁ ପାରୁନି କିଏ ତୁମେ ସାଥୀ
କୋଉଠି ତୁମର ବାସ
କହି କି ପାରିବ ସପନରେ ତୁମେ
କାହିଁକି ମୋହର ଆସ ?

ଜାଣିନି ତୁମକୁ ଦେଖିନି ଆଖିରେ
ସପନରେ ଆସ ପାଶ
କଥାରେ ଭୁଲେଇ ମନକୁ ଚୋରାଇ
ତୁମେ ମୋ ପାଖରେ ବସ ।

କୋମଳ ବଚନ କହି ଭାଙ୍ଗ ମାନ
ଓଠେ ଭରା ଥାଏ ହସ
ଏତେ ଭଲ ପାଅ କୋଳେଇଣ ନିଅ
ପ୍ରେମେ କରି ଦିଅ ବଶ ।

ତୁମେ ଯେବେ ଆସ ପାଖରେ ମୋ ବସ
ବାସ ଛୁଟେ ଚଉପାଶ
ରଜନୀଗନ୍ଧାର ସଜ ଗୋଲାପର
ମଲ୍ଲୀ ଫୁଲର ସୁବାସ ।

ବିଭୋର କରଇ ତନୁ ମନ ମୋର
ଓଠେ ଆସି ଯାଏ ହସ
ଧରିବାକୁ ଯେବେ ହାତ ମୁଁ ବଢାଏ
ସପନ ହୁଅଇ ଶେଷ ।

ଆଖି ଆଗେ ଖାଲି ନାଚେ ତୁମ ଛବି
ଭୁଲି ପାରେନି ସେ ହସ
ଲାଗେ ତ ଯେମିତି ନୁହେଁ ସେ ସପନ
ସତେ ତୁମେ ଅଛ ପାଶ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଖି ମଳି ମଳି ଯେବେ ଚାହିଁ ଦିଏ
ହେଇ ଯାଉଛ ଅଦୃଶ୍ୟ
ବୁଝି ମୁଁ ପାରୁନି କିଏ ଗୋ ରୂପସୀ
କାହିଁକି ଆସୁଛ ପାଶ ?

ଆଖିରେ ନଚେଇ ଦେଉଛ ଫସେଇ
ପ୍ରେମରେ କରୁଛ ବଶ
ପ୍ରେମ ଯାଦୁଗରୀ ପ୍ରେମ ଚୋରି କରି
ଉଭାନ ହେଉଛ ପାଶ ।

ଭୁଲି ମୁଁ ପାରୁନି ଖୋଜି ବି ପାଉନି
କି ଯାଦୁ ଅଛି ପରଶ
ଝୁରେ ମନ ମୋର କହି କି ପାରିବ
କାହିଁକି ସପନେ ଆସ ?

ଜଙ୍କା, ଢେଙ୍କାନାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସପନରେ ତୁମେ କାହିଁକି ଆସ



ନୂତନ କୁମାର
ବେହେରା

ଜାଣିଛ ତୁମେ ଖୁବ୍ ଭଲ ଭାବରେ
ମୁଁ ତୁମକୁ ହୃଦୟ ଭରି ଭଲପାଏ ବହୁତ
ମୁଁ ବି ଜାଣିଛି ଉପଲବ୍ଧି କରିଛି
ତୁମେ ମୋତେ ଭଲପାଅ ଆଶାତୀତ
ତୁମ ଭିତରେ ଅଛି ମୁଁ
ମୋ ଭିତରେ ଅଛ ତୁମେ
ଉଭୟେ ତ ଅଛୁଁ ଏକାତ୍ମ ହୋଇ
କାୟା ଛାୟା ପରି ପ୍ରେମେ
ଜନ୍ମ ଜନ୍ମାନ୍ତର ଧରି
କେହି କାହାକୁ ପାଇବାନି ଛାଡ଼ି
ଏ ତ ସଦ୍ୟ ଦିବାଲୋକର ପ୍ରକାଶ
ବାସ୍ତବ ସତ୍ୟକୁ ଏଡ଼ି ଦେଇ
ସପନରେ ତୁମେ କାହିଁକି ଆସ... ?

ଏତେ ଆନ୍ତରିକତା ଏତେ ନିବିଡ଼ତା
ପ୍ରାଣ ଆଉ ସ୍ପନ୍ଦନ
ଜୀବନ ଓ ପ୍ରଶ୍ୱାସର ବନ୍ଧନ
ଦୁହିଁଙ୍କର ଏକ ଜୀବନ
ଆଶା ଆକାଂକ୍ଷା ଅଭିଳାଷ ବିଳାସ
ବସନ୍ତର ସ୍ପର୍ଶରେ ଫଗୁଣର ହସ
ଫୁଲଶଯ୍ୟାର ଆନନ୍ଦ ଉଲ୍ଲାସ
ଏକାଗ୍ରତାର ଏକତାରେ ଅନୁବନ୍ଧିତ
ହୋଇଛୁ ସଂକଳ୍ପବଦ୍ଧ
ତୁମର ମୋର କଣ୍ଠ ନିଃସୃତ ଶବ୍ଦକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଦ ଲାଳିତ୍ୟରେ କରିବା ସଂଗୀତମୟ
ଗଢ଼ିବା ଆମର ଜୀବନ
ସାରା ସଂସାରକୁ କରି ମଧୁମୟ
ହୃଦୟରେ ସଞ୍ଚି ବି ଏତେ ଭରସା ବିଶ୍ୱାସ
ସପନରେ ତୁମେ କାହିଁକି ଆସ... ?
ହୁଏଁ ମୁଁ ବ୍ୟସ୍ତ ଅଧିର ଅସ୍ଥିର
ନିଦ୍ରା ମୋର ଭାଙ୍ଗିଯାଏ ଅଚାନକ
ଚାହିଁ ରହେ ଅପଲକ
ଖେଳ ତୁମେ ମୋ ସାଥେ ଲୁଚକାଳି
ହୋଇ ମରୁର ମରୀଚିକା
ନିଃସଙ୍ଗତାରେ ଲାଗେ ଏକା ଏକା
ସତ ହୋଇ ତୁମେ ହୁଅ ସପନ
ତୁମ ମନକଥା ରଖ ଗୋପନ
ତୁମର ଅଧିକାରକୁ କରି ଜାହିର
ହେଉନ ତୁମେ ଅଧିକାରିଣୀ
ବାଜି ଉଠିବ
ମନର ମୋହନ ବଂଶୀ
ତୋଳି ସାତ ସୁରର ରାଗ ରାଗିଣୀ
ସୁଯୋଗ ତ ଡ଼ାକେ ହାତଠାରି
ବଜାଇବାକୁ
ମଧୁ ମିଳନର ମହୁରୀ
ତଥାପି ରୁହ ନୀରବେ
କର ଅବିଶ୍ୱାସ
ସତକୁ ସାହସର ସହିତ
ସାମ୍ନା ନ କରି
ସପନରେ ତୁମେ କାହିଁକି ଆସ... ?

କୋହି, ବାରିପଦା, ମୟୂରଭଞ୍ଜ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସପନରେ ତୁମେ କାହିଁକି ଆସ



ଭାରତୀ ଲେଙ୍କା


ସପନରେ ଆସ ସଦା
ଆହେ ଭାବ ଗ୍ରାହୀ,
ବାସ୍ତବରେ ଆସ ଥରେ
ଅଛି ବାଟ ଚାହିଁ ।
ସ୍ୱପନେ ଦେଖି ସେ ରୂପ
ବଢ଼ିଲାଣି ଲୋଭ
ବାସ୍ତବରେ ଦେଖିବାକୁ
ହୃଦେ ଜାଗେ ଭାବ ।
ସ୍ୱପନେ ପାଇଛି ତୁମ
ମହକର ବାସ
କର୍ପୁର ଚନ୍ଦନ ଗନ୍ଧ
ଗୋଗୁଳ ସୁବାସ ।
ବାସ୍ତବରେ ଦେଖା ଦିଅ
ଥରୁଟିଏ ହରି
ଛଡା ତୁଳସୀକୁ ପାଇ
ଭବୁ ଯିବି ତରି ।
ସ୍ୱପନେ ଦେଖିଲେ ମିଳି
ଯାଏ କୋଟିନିଧି
ବାସ୍ତବ ଦର୍ଶନ କରି
ସ୍ୱର୍ଗ ପ୍ରାପ୍ତ ହେବି ।
ବ୍ୟାକୁଳ ଏ ମନ ପ୍ରାଣ
ରୂପ ଦରଶନେ
ସବୁ ଜାଣି ଭାବଗ୍ରାହୀ
ବସିଛ ମଉନେ ।
ଭାବ ବିନୋଦିଆ ହରି
ବୁଝି ମୋର ଭାବ
ଥରୁଟିଏ ବାସ୍ତବରେ
ଦରଶନ ଦେବ ।
ଭାରତୀ ରଖିଛି ଆଖି
ଲୁହକୁ ସାଇତି
ଚରଣ ପଖାଳି ବାକୁ
ଆହେ ଲକ୍ଷ୍ମୀ ପତି ॥

ଭାରତୀ ଲେଙ୍କା, କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସପନରେ ତୁମେ କାହିଁକି ଆସ



ବିନୋଦିନୀ ଦାଶ

ଜୀବନ ଯମୁନା ତୋଳଇ ମୂର୍ଚ୍ଛନା
ତୁମକୁ ଜାବୋଡି ମୋ ଚଉପାଶ
ବିଭାବରୀ କୋଳେ ଆଶ୍ରା ନେଲା ବେଳେ
ସପନରେ ତୁମେ କାହିଁକି ଆସ ?

କହି କି ପାରିବ ଏ ରହସ୍ୟ ଭାବ
ମନକୁ ଟିକିଏ ଦିଅ ପଚାରି
ଯେବେ ନ ପାରିବ ମୋଠାରୁ ଶୁଣିବ
ମୋ ମନ କହିବ ସବୁ ବିଚାରି ।

କୁଳୁକୁଳୁ ତାନ ପରା ରସହୀନ
ବନ୍ଧୁର ପଥରେ କରିକି ଗତି
ନିଜକୁ ଭୁଲିଛ ମୋତେ ବି ଭୁଲିଛ
କେବଳ କର୍ମରେ ରଖିକି ମତି ।

ଥାଇ ବି ପାଖରେ ଅଛ ବହୁ ଦୂରେ
ସେଥିପାଇଁ ମନ ଝୁରେ ସର୍ବଦା
ବ୍ୟାକୁଳିତ ପ୍ରାଣେ ଅଶ୍ରୁର ପ୍ଲାବନେ
ଭିଜି ଉପାଧାନ ହୁଅଇ ଓଦା ।

ତନ୍ଦ୍ରା ଆସେ ଯେବେ ତୁମେ ଆସ ସେବେ
କୋଟିନିଧି ସତେ ମିଳେ କି ମୋତେ !
ତୁମରି ପରଶ ସତେ କି ପୀୟୂଷ
ଢାଳି ଦିଏ ମୋର ମୁଖରେ କେତେ !

ପ୍ରେମ, ଆଶ୍ୱାସନା ଅନ୍ତରବେଦନା
ହରି ନେଇ ଭରେ ବିଶ୍ୱାସ ବିନ୍ଦୁ
ଶତ ସ୍ରୋତସ୍ୱିନୀ ଧାରା ବହେ ସତେ
ଲଭିବାରୁ ତୁମ ଭରସା ସିନ୍ଧୁ ।

ସପନେ ଏମିତି ଆସୁଥାଅ ନିତି
ଅବାସ୍ତବରେ ବି ଲାଗଇ ସତ
ତୁମେ ଯେଣୁ ମୋର ଅତି ଆପଣାର
ନିଃଶ୍ୱାସ ବି ଗାଏ ବିଶ୍ୱାସ ଗୀତ ।

କୁରୁଆଁ, ମୁଗପାଳ, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସପନରେ ତୁମେ କାହିଁକି ଆସ



କୃଷ୍ଣ କୁମାର

ଜୀବନରେ ତୁମେ ଥିଲ ଆପଣାର
ଏ ଯାଏ ଯାଇନି ଭୁଲି,
ପ୍ରତିଟି ରାତିର ଶେଷ ସପନରେ
ତୁମେ ଆସୁଥାଅ ଚାଲି
କଥା ହୋଇଥିଲେ ପରସ୍ପର ମିଶି
ଚଳିବା ମରଣ ଯାଏ,
ହେଲେ ତୁମେ ବାଟ ଭାଙ୍ଗିଗଲ
ଗାଧୋଇଛି ନିତି ଲୁହେ ।
ମର ପର ଏ ସଂସାରର କଥା
ଦେଇଥିଲି ମୁଁ ପାଶୋରି,
ତୁମେ ଗଲା ଦିନୁ ତୁମ ଅପେକ୍ଷାରେ
ରହିଛି ତୁମକୁ ଝୁରି,
ଅପେରା ରାଇଜେ ତୁମେ ରହିଅଛ
ଗୁଣି ହେଉଛି ମୁଁ କେତେ,
ଅନନ୍ତ ପ୍ରତୀକ୍ଷା ତୁମ ପାଇଁ ମୋର
ଦୁଃଖରେ ମୋ ଦିନ ବିତେ ।


ସଂସାର  ବାସ୍ତବ ଜନ୍ମ ମୃତ୍ୟୁ ବୋଲି
କରୁଛି ଶେଷେ ସ୍ୱୀକାର,
ତୁମ ଆତ୍ମା ମୋର ଚାରିପଟେ ଘୁରେ
ମନରେ ଆସେ ବିଚାର,
ଦୂର ଦିଗ୍‌ବଳୟେ ତୁମ ଛବି ନାଚେ
ଅଥିର କରାଏ ମୋତେ ,
ଭାବିବନି ବୋଲି ଯେତେ ମୁଁ ଭାବଇ
ମନେ ପଡ଼େ ମୋର ସେତେ ।
ମାୟା ପ୍ରହେଳିକା ପଛେ ହୋଇ ଥାଅ
ତଥାପି ତୁମେ ନିଜର,
ନିଦୁଆ ଆଖିରେ ଦେଖାଦିଅ ବୋଲି
ଆଣିବିନି ମନେ ଡର ।

କୃଷ୍ଣ କୁମାର, କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସପନରେ ତୁମେ କାହିଁକି ଆସ



ବିଦ୍ୟୁତପ୍ରଭା ମିଶ୍ର

ସପନରେ ମୋର କାହିଁକି ଆସ
ତୁମକୁ ଦେଖିଲେ ବଢ଼େ ବିଶ୍ୱାସ
ଭାଙ୍ଗିଯାଏ ଯେବେ ସପନଟି ପ୍ରଭୁ
ଖୋଜି ହେଉଥାଏ ମୁଁ ଚଉପାଶ ।
କଳାକାହ୍ନୁ ତୁମେ ସପନେ ଆସି
ବଜାଇ ଯାଉଛ ମୋହନ ବଂଶୀ
ସପନେ ଗୋପନେ ତୁମ ଛବି ଦେଖି
ଝୁରି ହେଉଛି ମୁଁ ଦିବସ ନିଶି ।
ଦେହରେ ଶୋହୁଛି ପୀତ ବସନ
ତ୍ରିଭଙ୍ଗୀ ଠାଣିରେ ଦଣ୍ଡାୟମାନ
ଅଧରୁ ତୁମର ହସ ଝରି ପଡେ
ମାଥେ ଶିଖି ପୁଚ୍ଛ ଦୋଳାୟମାନ ।
ସ୍ୱପ୍ନେ ଆସିତୁମେ ଦିଅ ସୂଚାଇ
ସତ ପଥେ ନିଅ ବାଟ କଢାଇ
ଭାଙ୍ଗି ପଡି ଥିବା ମନକୁ ମୋହର
ଯୋଡି ଦେଇଯାଅ ଆଶ୍ୱାସ ଦେଇ ।
ନୁହେଁ ମୁହିଁ ରାଧା ନୁହେଁ ମୁଁ ମୀରା
ମରତ ନାରୀ ମୁଁ ଜଞ୍ଜାଳେ ଘେରା
ଶେଷକାଳେ ମୋର ଆସିବ ନିଶ୍ଚୟ
ଏତିକିଭରସା ମୋର ସାହାରା ।
ନୁହେଁ ମୁଁ ଶ୍ରମଣା କୋଳିକୁ ଚାଖି
ଚାହିଁ ରହିଥିବି ବାଟକୁ ଦେଖି
ପଦ୍ମାବତୀ ଅବା ହେବି ମୁଁ କେମିତି
ପଦ ପୂରାଇବ ଭାବରେ ଲେଖି ।
କରମା ବାଇର ଖେଚୁଡ଼ି ଖାଇ
ମୁକ୍ତି ମାର୍ଗ ତାକୁ ଗଲ ଦେଖାଇ
ଚରଣେ ତୁମର ଯାଉଛି ଶରଣ
ଆଶ୍ରିତ ଜନ ମୁଁ ତୁମ ଅଟଇ ।
କୁନ୍ତୀ ମାତା ପରି ମାଗୁଛି ଦୁଃଖ
ପର କର ନାହିଁ କଳା ଶ୍ରୀମୁଖ
ସପନରେ ହେଉ କି ଅବା ସତରେ
ପାଶେ ସଦା ଥାଅ ପଙ୍କଜ ମୁଖ ॥

ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସପନରେ ତୁମେ କାହିଁକି ଆସ



ନିବେଦିତା ପଣ୍ଡା

ସପନେ ଆସୁଛ ନିଶବ୍ଦ ମୁହୂର୍ତ୍ତେ
ପଡୁଛି ସେକଥା ମନେ,
ପ୍ରତିଛବି ତୁମ ଜାଜ୍ଜୁଲ୍ୟମାନ ମୋ'
ନୟନ ନିବୃତ୍ତ କୋଣେ ।

ଅନେକ ଉତ୍କଣ୍ଠା ନିରବ ପ୍ରତ୍ୟାଶା
ପରେ ସପନେ ସାକ୍ଷାତ,
ଆଙ୍କି ଦେଇଯାଅ ମଗ୍ନ ଲଗ୍ନ ଟିଏ
କରିଦେଇ ବଶୀଭୁତ ।

ସ୍ମିତ ହାସ୍ୟରେଖା ସପନରେ ଟାଣ
ଅତୃପ୍ତ ଅଧରେ ମୋର,
ହଜି ହଜାଉଛି ନିଜେ ମୁଁ ନିଜକୁ
ଭାବୁଅଛି ନିରନ୍ତର ।

କାହିଁକି ଆସୁଛ ସପନେ ଦେଉଛ
ପୀରତିର ଆଭୁଷଣ,
ଅପ୍ରତ୍ୟାଶିତ ଏହି ଆଗମନର
ବୁଝି ପାରୁନି କାରଣ ।

ଅଳ୍ପ ମୁହୂର୍ତ୍ତରେ ଆହ୍ଲାଦିତ ହୋଇ
ପାଉଛି ପ୍ରେମ ପରଶ,
ହୃଦୟ ମୋହର ଲଭେ ଆତ୍ମତୃପ୍ତି
ଦେଖି ସେ' ଇପ୍ସିତ ବେଶ ।

ମନ ମହକୁଛି  ସୁନ୍ଦର ମହକେ
ମନ୍ତ୍ରମୁଗ୍ଧ ମୁଁ ହେଉଛି,
ଆସୁଛ ବୋଲି ତ ସପନରେ ମୋର
ବାସ୍ତବେ ଦୁଃଖ ପାଉଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାତିର ସପନ ସର୍ବୋତ୍ତମ ହୋଇ
ସ୍ମାରକୀ ହୋଇ ରହିଛି,
ଜନ୍ମ ଜନ୍ମାନ୍ତର ପାଇଁ ମୁକ୍ତିପଥ
ଉନ୍ମୁକ୍ତ କରି ଦେଇଛି ।

ପ୍ରତୀକ୍ଷାର ଫଳ ସ୍ୱପ୍ନେ ପ୍ରସ୍ଫୁଟିତ
ଜିଜ୍ଞାସାର ମନ ମଧ୍ୟେ,
ମାନସରୋବରେ ପହଁରି ପହଁରି
ଜିତିଯାଏ ଯଥାସାଧ୍ୟେ ।

ନିବେଦିତା ପଣ୍ଡା, ରାଉରକେଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସପନରେ ତୁମେ କାହିଁକି ଆସ



ସ୍ୱାଗତିକା ସାହୁ

ବିଭାବରୀ କୋଳେ ସୁନ୍ଦର ପ୍ରୟାସ
ଅଜଣା ଉଦବେଗକୁ ମୁହଁ କରି
ଆଖିରେ ଆକାଶର ନୀଳ
କେତେ ସ୍ୱପ୍ନଙ୍କ ଡେଣା ଧରି
ନିଶାଶକ୍ତ ଆଖିରେ ଆସ
ବିଶ୍ୱାସର ଇସ୍ତାହାରରେ...
କୁଢ଼ ଅନ୍ଧାରକୁ ଚିରି ଆସ
ଅକଳନୀୟ ଶୋଷ ନେଇ
ସ୍ୱାର୍ଥ ପାଇଁ କରନି ଏପରି ଅଭଦ୍ରାମି

ସପନରେ ତୁମେ କାହିଁକି ଆସ...
ଦେଖିବାକୁ ସତେଜ ପ୍ରତିଛବି
ଭାରି ଅମାନିଆ ମନଟା
ସବୁ ଶବ୍ଦକୁ ଅକାମି କରି
କେତେ ମାନ ଅଭିମାନ ଦେଖ
ଭାବନାରେ ନାହିଁ ଥୟକୂଳ

ଆଖି ତଳେ ମହୁଆ ମହକ
ଫଟେଇଦେଇ ପ୍ରେମର ଗଣ୍ଠି
ଖୋଜ ବାହୁ ବନ୍ଧନ ...
କି ବେଲଜ୍ଜ୍ୟା ବେସରମ... !
ମନ ଯୌବନ କୁ ଭିଯାଇ..

ପିଙ୍ଗୁଳା ହୁଏ ସବୁ ଅବଶୋଷ
ଝଲମଲ ଝୁଲନ୍ତା ଆଶା
ଥରାଏ
କେତେ ସୁଖ ଦୁଃଖ
ଉଦାସ ଆଖିର ମଉନ ଚାହାଣି
ଓଠ ପାରେନି କହି...
ହଁ ବାରିନିଏ ସବୁ ନିରାବତାକୁ
ଯେତେ ସବୁ ମନକଥା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓଃ କି... ଦୁଷ୍ଟାମୀ ହଜାଇ ନଜକୁ
ଛାପ ଚିହ୍ନ ସବୁ ରହିଯାଏ
ଏକା ବେଳେକେ ଲିଭେନି

ଅନେକ ଅବାସ୍ତବ ସ୍ୱପ୍ନ
ଦୂର ଭରା ଭାବନା ରାଇଜେ
ନିଜେ ମୁଁ ନିଜକୁ ଖୋଜେ
ଜାଣି ଶୁଣି ଆଖି ବୁଜେ
ଆଖି ଯାଏ ନଇଁ...
କିଛି ବି ପାରିନି ଭୁଲି,
ପାଉଁଶ ତଳର ନିଆଁ ପରି
କୁହୁଳୁଥିଲା ଜୀବନ୍ତ ରାତିଟା
ତା ନିଆଁ ଦହକାରେ

ଏବେବି ଉଷ୍ମ ଅନୁଭବେ
ଜଳିଯାଇଛି ତମାମ ସମୟ
ଛଳ ଛଳ ସ୍ୱପ୍ନ ଚପଳାମି ନାହିଁ
ନିଦ ଭାଙ୍ଗି ଉଠେ ତ ଆବକ
ଚାଇପରି ରହିଛି କେମିତି...
ସରିନି ସପନ ମରିନି କାମନା
ଫେରେ ପ୍ରତିଧ୍ୱନି ହୋଇ
କାଲି ପୁଣି ଆସିବ ବୋଧେ
କରିବାକୁ ମିଠା କ୍ଷତାକ୍ତ
କେତେ ଦୂରେ ଅଛି ଛକି... !

ଉମରକୋଟ, ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସପନରେ ତୁମେ କାହିଁକି ଆସ



ଭାସ୍କର ରାଉତ

ନିଶାର୍ଦ୍ଧ ରାତିରେ ନିତି ସପନରେ
କାହିଁକି ଆସ ମୋ ପୁରେ,
ମନ ଦରଜାକୁ ଖୋଲିଣ ତାହାକୁ
ପଶିଯାଅ ଧୀରେ ଧୀରେ ।
ଯେତେ ମୁଁ ବାରଣ କରିଲେ ନଶୁଣ
ଶଙ୍କା ନକର ମନରେ,
କେଉଁ ଭାବ ନେଇ ଆସୁଅଛ ଧାଇଁ
ସେ କଥା ବୁଝି ନପାରେ ।
ମୁଁ ନୁହେ ତରୁଣୀ କୁଳ ଭୁଆସୁଣୀ
ଅଟଇ ଏହି ସଂସାରେ ।
ଚୋରା ପୀରତିକୁ ନକରିବି ତାକୁ
ଥିବାଯାଏଁ ଜୀବନରେ,
କୁଳ କଳଙ୍କିନୀ କେବେ ସାଜିବିନି
କ୍ଷମା କରିଦେବ ମୋରେ ।
ହେ ନଟ ନାଗର ଧରୁଛି ପୟର
କୃପାକର ମୋରଠାରେ ।

ଦେବମାୟା ଭବନ, ଶେରଗଡ଼,ଗଞ୍ଜାମ
୯୭୭୬୪୮୬୬୨୮

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସପନରେ ତୁମେ କାହିଁକି ଆସ



କଳ୍ପନା ମହାରଣା

ସପନରେ ତୁମେ କାହିଁକି ଆସ
ମନର ସପନ ନେଇ ସୁହାଗ ।
ଭ୍ରମର ହୋଇ ମତେ ଛୁଇଁ ଯାଅ
ଶିହରଣ  ଖେଳାଇ ଅଳସ ଦିଅ ।
କଡ ଲେଉଟାଇ ନିଦରେ ଶୁଏ
ସେତିକି ବେଳେ ତୁମେ ହିଁ ଆସ ।
ମନ କୋଠରି  କରି ଆଲୋକିତ
ସପନ ରେ ଭରିଦିଅ ଲାଳିତ୍ୟ
ପୁରୁଣା ସ୍ମୃତିକୁ ଉଜ୍ଜୀବିତ କର
ସାନିଧ୍ୟ ଅନୁଭବ କରେ ତୁମର
ଅକୁହା କଥା ଖୋଲି ମୁଁ କହେ
ଆଧ୍ୟାତ୍ମିକ ରୂପ ନେଇ ଯେବେ ଆସ
ଭାବବିହ୍ୱଳ ହୋଇ  ନିଦ୍ରା ଭଙ୍ଗକର
ନିଦ୍ରରୁ ଉଠି ପଡ଼ି ତୁମକୁ ଖୋଜେ
ହାତ ଯୋଡ଼ି  ନିବେଦନ କରେ
ସପନରେ ତୁମେ କାହିଁକି ଆସ   ।

ଚେତନାକୁ ପୁଣି କର ଜାଗ୍ରତ
ମନ ଉପବନେ ଭ୍ରମର ହୋଇ
କେତେ ଉପତ୍ୟକା ଭ୍ରମି ଆସଇ
ବୟସର ଉପାନ୍ତରେ ଛୋଟ
ଝିଅର ସପନ ରୂପ ଦେଖେ
ଚପଲ ଓ ଫ୍ରକ୍ ପିନ୍ଧି ସ୍କୁଲ ଯାଉଛି
ଖେଳକୁଦ କରି କୋଳି ତୋଳୁଛି
ସଲଜ ମନରେ ସପନ ଦେଇ
ଖୁସିର ଝଲକ ଭଳିକି ଭଳି
ସପନରେ ତୁମେ ନୀତି ଆସ
ଅଚେତ ମନକୁ କର ଚିରହରିତ ।

ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମୋ ନାମ ସ୍ୱପ୍ନା



ସ୍ୱପ୍ନା ମହାନ୍ତି

ବାପାମା'ଙ୍କର ଅଲିଅଳି ଝିଅ
ନାମ ମୋର ସ୍ୱପ୍ନା !
ମା'ର ଥିଲା ସପନ ହେବି ମୁଁ କବି
ଇଂରେଜି କବିଙ୍କ ପରି
ନାମ ଦେଲେ ସେଲି !
ଜେଜେ ଦେଲେ ଝାମ୍ପୁରୀ ମୁଣ୍ଡି !
ଅତି ସ୍ନେହ ଶ୍ରଦ୍ଧାରେ ବଢିଥିଲି
ଥିଲି ସମସ୍ତଙ୍କର ଆଦରର କନ୍ୟା
ପରିବାରର ପ୍ରଥମ କନ୍ୟା ବୋଲି
ମା କହିଲେ ଘରକୁ ଆସିଲେ
ଲକ୍ଷ୍ମୀ ପ୍ରତିମା !

ଜନମରୁ ଦେଖୁଥିଲି ଅନେକ ସପନ
ସପନର ଆକାଶେ ବୁଲୁଥିଲି
ପଚାରିଥିଲି କେବେ ଛୁଇଁବି ଚନ୍ଦ୍ରକୁ !
ଛୋଟ ବେଳୁ ବାପାଙ୍କ ଅଭିନୟ ଦେଖି
କରୁଥିଲି ଅଭିନୟ
ଗିଲାସକୁ microphone କରି
କହିଯାଉଥିଲି କେତେ କଣ !
ବେତାର ଶୁଣି ସପନ ଦେଖିଲି
ମୁଁ ବି ତା ଭିତରେ ରହି କହିବି
ଶୁଣିବେ ଲୋକେ ।
ସପନ ତ ଅନେକ
ବାପା ମା'ଙ୍କ ଆଶୀର୍ବାଦରେ
ହୋଉଛି ପୂରଣ !

ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ-ଇ-ପତ୍ରିକା

 Magazine Downloaded from www.aahwaan.com

# ଇଏ କଣ ସ୍ୱାଧୀନତା ?



ଉପେନ୍ଦ୍ର କୁମାର
ବସ୍ତିଆ

ଇଏ କଣ ଆମ ସ୍ୱାଧୀନତା
ବର୍ଷ ବର୍ଷ ଧରି କେତେ ବର୍ଷ ଗଲା
ସରିନାହିଁ ଏଠି ଅରାଜକତା
ଶୁଣିଲେ ଘୂରାଏ ମଥା
ଇଏ କଣ ଆମ ସ୍ୱାଧୀନତା ?
ଭୋକିଲା ପେଟକୁ ନାହିଁ ଦାନା
ଦେହକୁ ନ ମିଳେ ଛିଣ୍ଡା କନା
ପିଇବାକୁ ପାଣି ନ ମିଳଇ
ମୁଣ୍ଡ ଗୁଞ୍ଜିବାକୁ ଘର ନାହିଁ
ନେତାଙ୍କର ବଡ ବଡ କଥା
କାଟୁଛନ୍ତି ଖାଲି ନାଲି ଫିତା
ଇଏ କଣ ଆମ ସ୍ୱାଧୀନତା ?
ଖାଦ୍ୟରେ ଭେଜାଲ ଦେଶ ସାରା
ଲାଂଚ କାରବାର ଧରା ମରା
ଅନାହାର ମୃତ୍ୟୁ ଚାରିଆଡେ
ଖାଦ୍ୟପାଇଁ ପିଲା କାନ୍ଦି ଗଡେ
ପିଲା ବିକ୍ରିଚାଲେ ପେଟ ପାଇଁ
ଟଙ୍କା ପାଇଁ କେତେ ବଧୂ ହତ୍ୟା
ଇଏ କଣ ଆମ ସ୍ୱାଧୀନତା ?
ଧର୍ଷଣ ଶୋଷଣ ଛୁଟେ ସୁଅ
କିଏ ନେଇଯାଏ କାହା ପୁଅ
ପିଲା ଚୋରି ଠାରୁ ଅଙ୍ଗ ଯାଏ
ଯିଏ ପାଇଲା ସିଏ କାଟି ନିଏ
ଔଷଦ ଭେଜାଲ ସୁଅ ଛୁଟୁଛି
ଦେଶ ସାରା ଖାଲି ଭ୍ରୁଣ ହତ୍ୟା
ଇଏ କଣ ଆମ ସ୍ୱାଧୀନତା ?
ଶାସନ ଗଲାଣି ଢିଲା ହୋଇ
ସ୍ନେହ ଶ୍ରଦ୍ଧା ପ୍ରୀତି କିଛି ନାହିଁ
ଦାଦାଗିରି ଆଉ ଗୁଣ୍ଡାଗିରି
ପୁଲିସି ବୁଲୁଛି ଗାଡ଼ି ଧରି
ଆସ ହେ ମହାତ୍ମା ଆଉ ଥରେ
କହିଦିଅ ତୁମ ମନ କଥା
ଇଏ କଣ ଆମ ସ୍ୱାଧୀନତା ?

ରାଉରକେଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କେଉଁଟା ମୋ ଶେଷ ?



ମନୋରଞ୍ଜନ
ମହାନ୍ତି

କେଉଁ ଦେଖା ମୋର  ଶେଷ ଦେଖା ହେବ
ବୁଝି ପାରୁ ନାହିଁ ସଖା,
କେଉଁ ମୁଖ ଶବ୍ଦ  ଶେଷ ଶବ୍ଦ ହେବ
ମନରେ ଆସଇ ଶଙ୍କା ।
କେଉଁ ଶୁଣା ମୋର  ଶେଷ ଶୁଣା ହେବ
ଭାବି ପାରୁ ନାହିଁ ସଖା,
କେଉଁ କାର୍ଯ୍ୟ ମୋର  ଶେଷ କାର୍ଯ୍ୟ ହେବ
କପାଳେ ହୋଇଛି ଲେଖା ?
ପାପ ଭୋଗିବି କି  ପୂଣ୍ୟ ମୁଁ ଭୋଗୀବି
ଭାଗ୍ୟେ ମୋ ରହିଛି ରଖା,
କରମ ମହତ  କରିବାକୁ ବ୍ରତ
ମନରେ ଅଛି ମୋ ଭୋକା ।
କରିବାକୁ ପୂଣ୍ୟ  ବଳିଛି ମୋ ମନ
ଦୁର୍ଭାଗ୍ୟ ନ ଦେଉ ଦେଖା
କେଉଁ  ଲେଖା ମୋର  ଶେଷ ଲେଖା ହେବ
ଜାଣି ମୁଁ ପାରୁନି ସଖା  ।

ରାମକୃଷ୍ଣପୁର, ବରପଦା, ଭଦ୍ରକ

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ରାତି ସପନ



ରଶ୍ମିରେଖା ସାହୁ

ହେ ସପନ ତୁମ ପ୍ରେମ ପୂର୍ଣ୍ଣ ରୂପ
ସକାଳେ ବିରୂପ ହୁଏ ,
ଏତେ ରଙ୍ଗଭରା ଜୀବନ ମୋହର
ପାଣି ଫିକା ହୋଇଯାଏ ।

ରାତିସାରା ଯେତେ ଗୁଣୁ ଗୁଣୁ କଥା
ଦିନରେ କର୍କଶ ଶୁଭେ ,
ପାଆନ୍ତି ସକାଳ ଶୀତୁଆ ପବନେ
ଅତୀତ କୁ ଖାଲି ଭାବେ ।

ଲୁହ ପୋଛିବାକୁ ହାତ ଥାଇ ମୋର
ଗଢି ଯାଉଥିଲା ଓଠେ ,
ତୁ ସପନ ଥିଲୁ ଦେଖେଇଲୁନାହିଁ
ବାସ୍ତବ ଜୀବନ ପଥେ ।

ପ୍ରେମ ଆଉ ମୋହର ଜାଲିକା
କେବେ ଦେଖେଇଲୁ ନାହିଁ ,
ହେ ସପନ ତୋର ସୁନ୍ଦର ରୂପ
ବିରୂପ ହୋଇଲାକାହିଁ ।

ପାଦେ ପାଦେ ଚଲାପଥେ ମୋର
କଣ୍ଟା ର ଛାଉଣି ବୋଲି ,
କହିଦେଲୁ ନାହିଁ ଠକିଗଲି ମୁଁହି
ଗଣୁଛି ଶରଧା ବାଲି।

ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଇଚ୍ଛା



ଚିତ୍ରାରାଣୀ ପାତ୍ର

ଇଚ୍ଛାଗୁଡା ଯଦି ହୋଇଯାନ୍ତା ପ୍ରଜାପତି ,
ଉଡ଼ିବୁଲୁଥାନ୍ତା ନିଶ୍ଚେ ଫୁଲ ଖୋଜି ନିତି ।

ଇଚ୍ଛାରେ ପତ୍ର ଲେଖନ୍ତି ' ପ୍ରେମିକ ପାଖକୁ,
ସୁବାସରେ ଭରି ଦେଇ ସଜାନ୍ତି ତାହାକୁ ।

ଇଚ୍ଛା ମୋର ନଈ ହୋଇ ବହନ୍ତା ଦୂରକୁ
ସାଗରେ ମିଶନ୍ତି ଯାଇ ଆଗକୁ ଆଗକୁ ।

ଇଚ୍ଛା ସବୁ ପ୍ରକାଶିତା'  କହନ୍ତା କାହାଣୀ,
ଶୁଣନ୍ତା ସାଗର ସବୁ ତାରକାକୁ ଗଣି ।

ଇଚ୍ଛାରେ ଗଢନ୍ତା ଏକ ଫୁଲର ନଗର
ସେ ନଗରେ ଘୁରୁଥାନ୍ତା ଧରି ମିତ କର ।

ଇଚ୍ଛାର ବଗିଚାଟିରେ ଫୁଟି କେତେ ଫୁଲ
ବାସନାରେ ଭରୁଥାନ୍ତା ସପନ ମହଲ ।

ଇଚ୍ଛା ସବୁ ଝରିଯାନ୍ତା ଜହ୍ନ କର ପରି
ରେଣୁ ସବୁ ବିଞ୍ଛି ବିଞ୍ଛି ଗଭାରେ ତାହାରି ।

ଇଚ୍ଛାମୟ ନଗରୀରେ ରାଣୀଟିଏ ହୋଇ
ସବୁଦିନେ ରହି ଥାନ୍ତା ସବୁ ଭୁଲିଯାଇ ।

ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବଡ଼ବିଲ



ଦେବାଶିଷ
ଚକ୍ରବର୍ତ୍ତୀ

ଯେଉଁଠି ଅଳସ ଭାଙ୍ଗୁଥାଏ
ସମ୍ଭାବନାର ସବୁଜ ଫସଲ
ଅଭିଧାନରେ ତାକୁହିଁ
କୁହାଯାଇଥାଏ ବିଲ
ଏଇ ଭୂଇଁର ନାଆଁ ସିନା
ବଡ଼ବିଲ
ଏଠି କିନ୍ତୁ ଶୁଭୁନିକି
ଝରାପତ୍ରର କାରୁଣ୍ୟ କେବଳ ?

ଏଠି ଆପଣା ଭୂଇଁରେ ବି
ଆମେ ବିଦେଶୀ
ମନେ ହୁଏନିକି ଆମଭାଷା
ଏଠି ପରଦେଶୀ
ନିରଙ୍କୁଶ ଭାବରେ
ରାଜୁତି କରୁଛି ହିନ୍ଦୀ
ତା'ର ନାଗପାଶ ବନ୍ଧନରେ
ଆମ ଭାଷା, ସାହିତ୍ୟ, ସଂସ୍କୃତି
ସାଜିନିକି ପଣବନ୍ଦୀ ?

ଏଠି ଗଛବୃଛ ସଭିଏଁ ଧୂଳି ଧୂସର
ଯେପରିକି ଉପେକ୍ଷାର
ବହଳ ଧୂଳିରେ ପୋତିହୋଇ
ପଡିଥାଏ ଖଟିଖିଆଙ୍କ କପାଳ
ଏଇଠି ଝିଣ୍ଟିକା ମାରି ବଣି ପୋଷିବାର
ନୀତିହିଁ ପ୍ରଗତି
ରାଜକୀୟ ଠାଣି କିନ୍ତୁ ଏଠି ବଣିଙ୍କର
ହତାଶା ର ଅଶ୍ରୁଜଳ ହିଁ କେବଳ କଣ
ସାଜିଥିବ ଝିଣ୍ଟିକାଙ୍କର ସମ୍ବଳ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଠି ଖଣିଖୋଳିଲେ ଭାତ

ନହେଲେ ଜାଗର ବରତ

ଖୋଳି ଖୋଳି ତ ଖୋଳହୋଇ

ସାରିଲାଣି ରତନ ଭୂଧର

ଜାଣିପାରୁନି କାହିଁକି ଯେ

'ବସି ଖାଇଲେ ନଈବାଲି ସରେ'

ଏହି ମହାସତ୍ୟକୁ ଆମେ ହେଉଛୁ ପାଶୋର ?

କୃଶାଙ୍ଗୀ କାରୋର କ୍ଷୀଣଜଳଧାର

ଲାଗେନି କି ଦୁଃଖୀଙ୍କର ଅଶ୍ରୁନୀର ?

ପ୍ରାଚୁର୍ଯ୍ୟର ହାନ୍ଦୋଳାରେ ଶୋଇଥିବା

ଦୁଃଖିନୀ ରଜାଝିଅ ବଡ଼ବିଲ

ସତରେ କଣ ତୁ ଏଇମିତି ସାଜିଥିବୁ

କେନ୍ଦୁଝରୀର ଛାତିସାରା ଘାଊଁରି ଖାଉଥିବା

ଅନୁକ୍ତ ବେଦନା କେବଳ ?

ମଣ୍ଡୁଆ, କେନ୍ଦୁଝର ଗଡ଼

ମୋବାଇଲ୍ : ୯୪୩୭୭୨୪୭୩୯୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ସମ୍ବିଧାନ ଆମରି ବଳ



ନିରୁପମା ପଣ୍ଡା

ଆମେ ଭାରତୀୟ ସ୍ୱୀକୃତି ପାଇଛୁ
ଦେଇଅଛି ସମ୍ବିଧାନ
ଊଣେଇଶ ସହ ପଚାଶ ମସିହା
ଆସିଲା ଖୁସିର ଦିନ ।

ସମ୍ବିଧାନ ସ୍ୱାକ୍ଷରିତ ହୋଇଥିଲା
ଜାନୁୟାରୀ ଛବିଶିରେ
ଏହାର ପ୍ରଣେତା ଆମ୍ବେଦକରଙ୍କୁ
ଆଜିବି ଭାରତ ଝୁରେ ।

ଧର୍ମ ନିରେପେକ୍ଷ ଆମରି ଭାରତ
ସଭିଏଁ ଆମେ ସମାନ
ସମ୍ବିଧାନ ଆମ ଜାତିର ଗୌରବ
ସଭିଏଁ ଦେଉ ସମ୍ମାନ ।

ବିଜୟ ପ୍ରତୀକ ଆମରି ଦେଶର
ଅଟଇ ତ୍ରିରଙ୍ଗା ଧ୍ୱଜା
ଗରବେ ଉଡ଼ାଉ ଜାତୀୟ ଦିବସେ
ବଜାଇ ବିଜୟ ବାଜା ।

ସ୍ୱାଧୀନ ଭାରତ ଦାୟଦ ଆମେରେ
ଅହିଂସା ଆମର ମନ୍ତ୍ର
ସ୍ୱାଭିମାନ ଆମ ତ୍ରିରଙ୍ଗା ପତାକା
ସବୁଠି ଆମେ ସ୍ୱତନ୍ତ୍ର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତ୍ରିରଙ୍ଗା ପତାକା ଛତ୍ର ଛାୟା ତଳେ
ହିନ୍ଦୁସ୍ଥାନ ମୋ ମହାନ୍
ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ
ଭାରତ ମାତା ସନ୍ତାନ ।

ତ୍ରିରଙ୍ଗା ଆମର ଜାତୀୟ ପତାକା
ଉଡ଼େ ଫର ଫର ହୋଇ
ତିନି ରଙ୍ଗ ତାର ଗୌରବ ମଣ୍ଡିତା
ମହତ୍ ଭାବନା ନେଇ ।

ଭୂମି ଠାରୁ ଭୂମା ତରଙ୍ଗାୟିତ ସେ
ତ୍ରିଗୁଣ ଆଧାର ହୋଇ
ନାରଙ୍ଗୀ ଧଳା ଓ ସବୁଜକୁ ନେଇ
ବନ୍ଦେ ମାତରଂ ଗାଇ ।

ତ୍ୟାଗ ବୀରତ୍ୱର ରଙ୍ଗଟି ନାରଙ୍ଗୀ
ଧଳା ରଙ୍ଗ ସତ୍ୟ ଶାନ୍ତି
ଚେତନା ସମୃଦ୍ଧି ବିଶ୍ୱାସରେ ଭରା
ସବୁଜ ରଙ୍ଗର ନୀତି ।

ପ୍ରତି ମୁହୂର୍ତ୍ତରେ ସଂକେତ ଦିଅଇ
ଚବିଶି ଅଖ ଚକ୍ରର
ଆଳସ୍ୟକୁ ତେଜି ବିକଶିତ ହୁଅ
ମୋ ଦେଶ ଭାରତ ବୀର ।

ଆଳି, କେନ୍ଦ୍ରାପଡା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମ କେବେ ମରେନା



ଏଲିନା ପାଣିଗ୍ରାହୀ

ଆଜି ଅନେକ ଦିନ ପରେ

ଆକାଶକୁ ଚାହିଁଲି

ଦେଖିଲି ପୂର୍ଣ୍ଣମୀର ଚାନ୍ଦ

ସେ ତ ସଜଫୁଟା ପଦ୍ମ

ହେଲେ କାଲି ଠାରୁ ଏ ତ ସରି ସରି ଯିବ

ଅମାବାସ୍ୟା ଦିନ ଯାର ସତ୍ତା ବି ନ ଥିବ

ଥିବ ଯଦି ଥିବ ଖାଲି ତା'ର ସ୍ମୃତି

ଆଉ ଅମା ଅନ୍ଧକାର

ସେ ଅନ୍ଧାରର ଛାଇ ମୋତେ ଜଡ଼ାଇ ଧରିବ

ମୋ ଚେତନାକୁ ଚମକାଇ ଦେବ

ଆଉ କହିବ

ମିଛ, ସବୁ ମିଛ

ଏ ଆକାଶ, ଏ ଚନ୍ଦ୍ରମା

ଏ ଜୀବନ, ଏ ମରଣ

ସବୁ କଛି ମିଛ

ମିଛ ମୋର ଆଜିର ଏ ରୋମାଞ୍ଚ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେଇ ଅନ୍ଧାରରେ ମୁଁ ଦେଖିବି ମୋ ନିଜକୁ

ଯେହେତୁ ଆଉ କିଛି ଦିଶିବନି ମୋତେ

ସେ ଅନ୍ଧାରରେ ଖୋଜି ପାଇବି ମୁଁ

କେବଳ

ଗୋଟିଏ ସତ୍ୟକୁ... ସବୁ ସରିଯିବାର, କିଛି ନ ରହିବାର

ତଥାପି ତୁମେ ରହିଥିବାର ସତ୍ୟକୁ, ମୋ ଜୁଇ ଜଳିଗଲା ପରେ ବି...

ମୋ ମାରଣକୁ ମୁଁ ପାରିହେଲା ପରେ ବି....

ତଥାପି ମୁଁ ବଞ୍ଚିଥିବି

ତୁମେ ଅବଶ କରୁଥିବ

ଆତ୍ମହରା କରୁଥିବ.....

ମୋ ଚେତନାକୁ ନୂଆ ନୂଆ ଆନନ୍ଦରେ ।

ତୁମର ପ୍ରତିଟି ଆଲିଙ୍ଗନ ପାଇଁ

ମୋର ସଜଫୁଟା ରୋମାଞ୍ଚ

ସାଇତା ଥିବ....

ସମୟ ନ ଥିବ ବିତିଯିବା ପାଇଁ

ଚାନ୍ଦଟାବି ସରି ସରି ଯାଉ ନ ଥିବ ସେଠି

ଏ ଆକାଶ ନ ଥିବ, ପୃଥିବୀ ନ ଥିବ

ନ ଥିବେ ସୁର୍ଯ୍ୟ, ଚନ୍ଦ୍ର, ତାରା

ଖାଲି ଥିବ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

*ତୁମେ ଆଉ ତୁମେ*

ମୋ ଦୃଷ୍ଟିର ଶେଷ ସୀମା ଯାଏ

ମୋ ଆତ୍ମାର ଶେଷ ବିନ୍ଦୁ ଯାଏ

ଭରି ରହିଥିବ ତୁମେ ଆଉ ତୁମେ

କାହିଁକିନା.....

*ପ୍ରେମ କେବେ ମରେନା*....

ବାଲେଶ୍ବର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହୃଦୟର ସ୍ୱର ମହୁଠୁ ମିଠା



ସୂର୍ଯ୍ୟ ନାରାୟଣ ସାବତ

ବନ ପୋଡ଼ିଗଲେ ହୁରି ପଡ଼ିଯାଏ
ମନ ପୋଡ଼ିଗଲେ କେହି ଜାଣେନା,
ମନର ମଣିଷ ଅମାନିଆ ହେଲେ
ବଞ୍ଚିରହିବାର ମାନେ ରହେନା ।

ଚିହ୍ନା ଚିହ୍ନା ମୁହଁ ବାଟ କାଟିଗଲେ
ଦୁଃଖ ଲାଗେ ଯାହା ସହି ହୁଏନା,
ପୋଷା ଶୁକ ସାରୀ ଉଡିଗଲେ ଚାଲି
ବୁକୁଫଟା କୋହ କହିହୁଏନା ।

ପୀରତିର କଥା ଚିନିଠାରୁ ବଳି
ପୀରତିର ଗାଳି ତାଠାରୁ ବଳି,
ପୀରତିର ଅଠା ଫେବିକଲ ଭଳି
ପୀରତି ପ୍ରତୀକ ଗୋଲାପ କଳି ।

ମନ ବୁଝିପାରେ ମନର ମାନସୀ
ନବୁଝିଲା ମନ ଅସହ୍ୟ ଖଟା,
ମନ ମିଶିଗଲେ ମର୍ତ୍ତ୍ୟ ବଇକୁଣ୍ଠ
ହୃଦୟର ସ୍ୱର ମହୁଠୁ ମିଠା ।

ଶହୀଦ ଲକ୍ଷ୍ମଣ ନାୟକ ଆଶ୍ରମ ବିଦ୍ୟାଳୟ,
ତେନ୍ତୁଲିଗୁମ୍ମା, ବୈପାରିଗୁଡା ବ୍ଲକ(କୋରାପୁଟ)
ଚଳନ୍ତ ଭାଷ -୭୦୦୮୦୧୪୬୦୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ହୃଦୟର ସ୍ୱର ମହୁଠୁ ମିଠା



ରିନା ବେହେରା

ହୃଦୟର ସ୍ୱର ମହୁଠୁ ମିଠା
ନଥାଏ ସେଥିରୁ ଛଳନାର କପଟତା
ଖୋଲା ହୃଦୟରେ ନଥାଏ ମଳିନତା
ଅନ୍ୟର ହୃଦୟରେ ଲଗାଏ ସ୍ନେହର ଅଠା ।

ମିଠା ମିଠା କଥା ହୃଦୟରେ ଧରି
ପରକୁ ଆପଣାଏ ହୃଦୟରେ ଆଦର ଭରି
ସ୍ନେହ ମମତା ବାଣ୍ଟେ ଦିନ ରାତି
ପ୍ରାପ୍ତ କରେ ମନରେ ଆତ୍ମ ତୃପ୍ତି ।

ହୃଦୟଟା ପରା ସରଳ ବିଶ୍ୱାସୀ
ଆଖି ବୁଝି ଅନ୍ୟକୁ ଭଲ ପାଏ
ପ୍ରତାରଣାକୁ ସେ ବୁଝିପାରେ ନାହିଁ
ମାୟାର ଜାଲରେ ଛନ୍ଦି ହୋଇଯାଏ ।

ହୃଦୟର ସ୍ୱର ମଧୁଠୁ ମଧୁର
ସ୍ନେହ ବୋଳା ପ୍ରୀତିରେ ହୃଦୟଟା ଗନ୍ତାଘର
ଜାଣି ପାରେ ନାହିଁ କାହାର ଯାତନା ଯନ୍ତ୍ରଣା
ପରକୁ ଆପଣାର କରିବା ତାକୁ ଜଣା ।

ପର ନିନ୍ଦା ତାର ହୃଦୟରେ ସ୍ଥାନ ନାହିଁ
ଚୋପା ଜହ୍ନ ପରି ହୃଦୟ ନିର୍ମଳ
ଭାବନାର ବ୍ୟଥା ରଖେ ଛାତି ତଳେ
ସହିଯାଏ ଯେତେ କଷ୍ଟ ଆସୁ କାହିଁ ।

ମହୁ ଠାରୁ ମିଠା ହୃଦୟର ସ୍ୱର
ତା ମିଠା ମିଠା କଥାରେ ମନକୁ ସେ କିଣିନିଏ
କାହିଁ କେତେ ଦୂର ଅଚିହ୍ନା ଭାବକୁ
ମଧୁର ସମ୍ପର୍କରେ ଯୋଡି ଦିଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଇଲେ ମା ସରସ୍ୱତୀ



ଅଂଶୁମାନ ସ୍ୱାଇଁ

ଶ୍ୱେତ ପଦ୍ମାସିନୀ ମା ମହାମାୟୀ
ବିଦ୍ୟାର ଭଣ୍ଡାର ବିଦ୍ୟାପ୍ରଦାୟିନୀ
ହଂସ ବାହିନୀ ମା ଅଭୟ ଦାୟିନୀ
ଦୁଃଖ ନିବାରିଣୀ ବିପଦ ଭଞ୍ଜନୀ ।।

ତୋ କରୁଣାରୁ ମା ମୂର୍ଖ ହୁଅଇ ଜ୍ଞାନୀ
ଶ୍ୱେତ ବସ୍ତ୍ର ବିଭୂଷିତା ବ୍ରହ୍ମାଙ୍କ ଦୁଲଣୀ
ପଞ୍ଚ ମହାଭୂତ ତୋ କୃପାବଳେ ପ୍ରକଟ
ମା ତୋ ପାଦପଦ୍ମେ କରେ ସତ ଦଣ୍ଡବତ ।।

ବାକ୍ୟ ଦେବୀ ସରସ୍ୱତୀ ପଦ ପଙ୍କଜିନି
ତୁମେ ମା ଜଗତର ଜଗତ ଜନନୀ
ବରଷକେ ଥରେ ଆସେ ତୁମର ଏ ପୂଜା
ଗଣ୍ଡ ମୂର୍ଖ ଲଭିଥାଏ ମହାଜ୍ଞାନୀ ରଜା।

ଧୂପ, ଦୀପ ନୈବେଦ୍ୟ ସମର୍ପି ତୁମକୁ
ବିଦ୍ୟାର୍ଥୀ ପୁଜୁଥାଇ ଭକ୍ତି ଭାବେ ଯାକୁ
ମା ତୁମେ ଅଗତିର ଏକ ମାତ୍ର ମୁକ୍ତି
ଦିଅ ମା ବୁଦ୍ଧି ବଳ ମୋ ତନୁରେ ଶକ୍ତି ।।


ତୋହରି ଦୟାରୁ କାଳିଦାସ ହେଲେ
ଅଜ୍ଞାନରୁ ମହାବଡ ଜ୍ଞାନର ପ୍ରଦୀପ
ସେହି ଦୟା କୃପା ତୋର ରହୁ ଏ ଅଧମେ
ଜ୍ଞାନର ଆଲୋକ ଦିଅ ଅରକ୍ଷ ପରାଣେ ।।

ସରମଙ୍ଗା, ସଡଙ୍ଗ, କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କନ୍ୟାଟିଏ ପରା ଘରକୁ ଲକ୍ଷ୍ମୀ



ଅରୁନ୍ଧତୀ ଲେଙ୍କା

ସତରେ ଆଜି ମୁଁ କନ୍ୟାଟିଏ ବୋଲି
ନିଜକୁ ମଣୁଛି ଧନ୍ୟ
ବାବା ମାମା ମୋର ଭାରି ଯେ ସୁନ୍ଦର
ସିଏ ମୋର ଭଗବାନ ।।

ମୁଁ ଯେବେ ଆସିଲି କହି ହେଲେ ଖାଲି
ଲକ୍ଷ୍ମୀ ମୋ ଆସିଛି ବୋଲି
ସରଧା ମନରେ ମିଠା ସେ ବାଣ୍ଟିଲେ
ଦୁଃଖ ଗଲେ ସବୁ ଭୁଲି ।।

ଯାହା ମୁଁ ଭାବୁଛି ତାହା ମୁଁ କରୁଛି
ନାହିଁ ମୋ ଜୀବନେ କଷ୍ଟ
ସତ୍ୟ ପଥେ ଚାଲି ଜୀବନ ଜିଉଛି
କାହିଁକି ହେବି ମୁଁ ନଷ୍ଟ ।।

ପାଠ ମୁଁ ପଢିଲି ନମ୍ବର ରଖିଲି
ସବୁ ପୁଅଙ୍କଠୁ ଅଧିକ
ଆମରି ସ୍କୁଲର ସୁନାମ ଅର୍ଜିଲି
ଗଲି ପଢିବାକୁ କଟକ ।।

ବାପାଙ୍କ ଛାତି କୁଣ୍ଢେମୋଟ ହେଲା
କନ୍ୟାଟିଏ ସିଏ ପାଇ
ତାଙ୍କରି ଆଦର୍ଶ ତାଙ୍କ ସ୍ନେହ ପ୍ରେମ
ଛିଡା କଲା ମଣିଷ ହୋଇ ।।

ପ୍ରଭୁ ପାଦତଳେ କୋଟି ନମସ୍କାର
ସଭିଙ୍କୁ ଦିଅହେ ବୁଦ୍ଧି
କନ୍ୟାଟିଏ ହେଲେ ଏମିତି କୁହନ୍ତୁ
ଘରକୁ ଆସିଲା ଲକ୍ଷ୍ମୀ ।।

ଢେଙ୍କାନାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀତ କାଳ



ସଞ୍ଜୟ ନାଏକ

ପହଞ୍ଚିଅଛି ଶୀତ କାଳ
ଲାଗୁଚେ କେତେ କଆଁକଁର,
ଆମେ ସଭେ ପିନ୍ଧୁଛୁ
ଜାଆକେଟ ସୁଇଟଅର ।

କେବେ ଢାକୁଚେ କୁହୁଡି
କେବେ ନେଇ ଢାକୁଚେ,
ଯେତେ ଦୋଉଚେ ତପ
ଶୀତ ଟିକେ ଟିକେ ଲାଗୁଚେ ।

ଗାଦି ଗଲେ ପାଏନକେ ଦେଖି
ରମ ଜାଉଛେ ଟିଙ୍ଗେଇ,
ସେନ ଜାଉଛେ ଅଟକି
ଖାଲି ଭାବିଇ ଭାବିଇ ।

ପାଏନକେ ଟିକେ ମୁହୁଁ ଧୋଏଲେ
କେତେ କରୁଛେଁ କଆଁକଁର,
ଗାଦଶ କେଁ ଲାଗଲାନା
ମୋକେ ତୋ ଡର ।

ଲପ ଲପୁଚେ ଡାଳ ପତର
ଶାଗ ସବଜି,
କେତେ ଦେଖବ ସଏଁରସ
ମୂଳା ଭାଜି ।

ନେଇ ଛାଡୁଚେ ଆର
ମୋକେ ସରଦି,
ସରଘଟ ସରଘଟ ଜୋଉଚେ
ଖାଲି ନାଦି ।

ରଏନଗୁଡା, କଳାହାଂଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବନ୍ଧୁଟିଏ ଖୋଜୁ ଖୋଜୁ



ନାରାୟଣ ଚନ୍ଦ୍ର
ସେନାପତି

ସେଦିନ ଅପରାହ୍ନରେ ଦୂର ଦିଗବଳୟକୁ ଚାହିଁ
ପଚାରିଲି ବନ୍ଧୁର ସଜ୍ଞା
ସିଏ ଉପରକୁ ତଳକୁ ଚାହିଁ ପୁଣି ନିଜକୁ ଚାହିଁଲା
ଭାବିଲି ଆକାଶ ଆଉ ପୃଥିବୀ ପ୍ରେମିକ ପ୍ରେମିକା
ଜଣେ ନିର୍ମଳତାର କୁବେର
ଜଣେ ଧୈର୍ଯ୍ୟର ପ୍ରାଚୀର
ଆଉ ତାଙ୍କ ମିଳନରେ ନିବିଡତାର ଦିଗବଳୟ
ସେ ତ ପ୍ରଣୟର ଗନ୍ତାଘର
ପରସ୍ପର ପରିପୂରକ
ପ୍ରେମରେ ଗଢା ସମ୍ପର୍କ
ଏ ବୋଧେ ବିଧିର ଆଜ୍ଞା ।

ତାଙ୍କ କେଇପଦ କଥା
ମୋତେ ନିଜର କରିଦେଲା
ଖୋଲା ବହିଟିଏ ମନ ଇଚ୍ଛା ପାଠ ବାଣ୍ଟିଲା ପରି
ଗୁଲୁରୁ ଗୁଲୁରୁ କଥା ମୋ ମନ ମୋହିଦେଲା
ଖିଲି ଖିଲି ହସ ମୋ ହୃଦୟକୁ ଆନ୍ଦୋଳିତ କଲା
ତାଙ୍କ ଯତ୍ନ ସୁରକ୍ଷା ନେବାକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସତେ ଯେମିତି ମୋ ମନ ମୋତେ କହିଲା
ସାକ୍ଷାତ ସେ ସରଗ ପରୀ
ଜହ୍ନ ବି ଫିକା ପଡିବ ତାଙ୍କ ରୂପ ଗୁଣରେ
ଭାବିଲି ଏ ବାସ୍ତବ ନା ସ୍ୱପ୍ନ ପୁରୀ ।

ରାତି ପାହିଲେ ତାଙ୍କୁ ଖୋଜିଲା ମୋ ଆଖି
ତାଙ୍କ ହସ ହସ ମୁହଁ
ମୋ ଆଗରେ ଲାଗିଲା ନାଚିଲା ପରି
ବେଳେବେଳେ ତାଙ୍କ ପ୍ରେମବୋଳା ଡାକ
କାହିଁକି ମୋ କାନରେ ବାଜିଲା ପରି ଶୁଭିଲା
ଦିନେ ବି ତାଙ୍କ ଓଠରୁ ମଧୁ ଭାଷା ନ ଶୁଣିଲେ
ମୋତେ ପାଗଳ ପରି ଲାଗିଲା
ମୋ ମନର କଥା କହିବାକୁ ଇଚ୍ଛା ଥିଲେବି
କାଳେ ସମ୍ପର୍କଟା କଟିଯିବ
ମନରେ ଆଶଙ୍କା ଆସିଲା
ଭାବିଲି ବରଂ ଦୁଃଖ ହେଉ ସହିଯିବି
ହେଲେ ତାଙ୍କୁ ହରାଇ କାହିଁକି ମରିବି ଝୁରି ଝୁରି ।

ଜମ୍ବରା, କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଋତୁ ପ୍ରାୟ ସବୁ ବଦଳିଗଲା



ହେମନ୍ତ କୁମାର ନାୟକ

ଛୁଆ ଭୁଲି ଗଲେ ମାଟି ସିଲଟ
ସ୍କୁଲ ଗଲେ ଧରି ଖାତା ଡ଼ଅଟ ।
ଖଡ଼ିଟି ହାତରୁ ଯାଉନି ଗଡ଼ି
ସ୍କୁଲ ଗଲେ ପିଲା ସାଇକେଲ ଚଢି।
ଆଜି ନାହିଁ ଆଉ କାଳି ଦୁଆତ
ସାଙ୍ଗ ସଙ୍ଗେ ସାଙ୍ଗ ବସୁନି ମିତ ।
ଶ୍ରାଦ୍ଧ ଅନୁକୂଳ ନାହିଁ ପିଠା ବଣ୍ଟା
ଶାଶୁ ଶୁଣୁ ଅଛି ବହୁ ଠୁ ଖୁଣ୍ଟା ।
ବାଲି କୁଦରେ ଛୁଆ କରୁନି ଗାତ
ବହଲେଇମା ଖୋଉନାହି ଭାତ ।
ଗାଁରେ ହେଉନି କବାଡି ଖେଳ
ମୋବାଇଲ ଟିପି ଯାଉଛି ବେଳ ।
ଗାଁରୁ ଗଲାଣି ଭିଡିଓ, ଡ୍ରାମା
ଅନଲାଇନରେ କିଣା ପେଣ୍ଟ ଜାମା ।
ଗାଁରେ ରଜକ ଲୁଗା ସଫା କରୁନି
ଘରକୁ ଆସି ଭଣ୍ଡାରି ଚୂଳ କାଟୁନି ।

ବିକୁନି ଗୁଡିଆ ପୁଅ ମୁଢ଼ି ହୁଡୁମ
ବାପାଙ୍କ ଉପରେ ଏବେ ପୁଅ ହାକିମ
ଭାରିଜା କଥା ମାନି ପୁଅ ଚାଲିଲା
ମାଆର ଆଖିରୁ ସଦା ଲୁହ ଝରିଲା ।
ବିଛଣା ଧରି ଜେଜେବାପା ବିଛୁନି
ଯେଜେ ମାଁ ରାଜା ରାଣୀ ଗପ କହୁନି
ବାପା ଖଟି ଖଟି କରିଲେ ଘର
ଏବେ ରହୁଛନ୍ତି ବୃଦ୍ଧାଶ୍ରମର ।
ନୂଆ ବହୁ ଓଢ଼ଣା ଦେଉନି
ଆ ଜହ୍ନ ମାମୁଁ ମାଁ କହୁନି ।
ମାଁ ଦୁଃଖ କଥା ବୁଝିବ କିଏ
ଅମୃତ ଆଜି ବିଷ ପରାଏ ।
ବଦଳିଲା ରୂପ ଆମ ଗାଆଁର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ପୁଅ ହେଉନାହିଁ ନିଜ ମାଆର।

ଗାଁ ରେ ନାହିଁ ଗାଈଗୋରୁ ଙ୍କ ପଲ

ପଡ଼ିଆ ଚଷି ସବୁ କରିଲେ ବିଲ ।

ଶ୍ମଶାନ, ଗୋଦଣ୍ଡା ଚାଷ ହୋଇଲା

ଶବ ପୋତିବାକୁ ଜେସିପି ଆଇଲା ।

ନ୍ୟାୟ ନିଷ୍ପତ୍ତିର ବିଚାର ନାହିଁ

ମଦ୍ୟପଙ୍କ ସଂଖ୍ୟା ବଢ଼ିଲା ଭାଇ।

ପୋଖରୀ ସବୁ ଦଳ ଗଢୀଆ ହେଲେ

ଭାଇ ସଙ୍ଗେ ଭାଇ ଲଢେଇ କଲା ।

ହେମନ୍ତ କାନ୍ଦି କାନ୍ଦି କହିଲା

ଋତୁ ପ୍ରାୟ ସବୁ ବଦଳିଗଲା।

୮୦୯୮୨୪୦୨୬୬

ତେନ୍ତୁଳି ନଣ୍ଡା, କେନ୍ଦୁଝର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଓଡ଼ିଆ ଭାଷା



ପ୍ରଶାନ୍ତ କୁମାର
ନାଥ

ଆମେରେ ଓଡିଆ ସବୁଠୁ ବଢିଆ
କିଏ ହେବ ଆମ ସରି
ଯା ହୃଦୟେ ପରା ରଖିଛି ସାଇତି
ଅସୀମ ସାହସ ଧରି ।

ମୋ କଳା ଭାସ୍କର୍ଯ୍ୟ ସବୁଠୁ ଉତ୍କୃଷ୍ଟ
ନାହିଁ ତା'ର ପଟାନ୍ତର
ମୋ ଭାଷା ସାହିତ୍ୟ ସବୁଠୁ ସୁନ୍ଦର
ସତେ କି ମଧୁର ଝର ।

ଜାତିର ପ୍ରାଣ ସେ ହୃଦୟ ସ୍ପନ୍ଦନ
ମୋର ଏ ଓଡ଼ିଆ ଭାଷା
ମଧୁରହାସିନୀ ଭାଷା କଲ୍ଲୋଳିନୀ
ମେଣ୍ଟାଏ ସଭିଙ୍କ ଆଶା ।

କେତେ ଯେ ବଇରୀ ସାଜି ଛନ୍ତି ଆସି
ମୋ ଭାଷା ହରଣ ପାଇଁ
ସେ ଦୁଷ୍ଟ ଅରାତି ହୋଇନି ସଫଳ
ମୋ ଭାଷାକୁ କେବେ ଛୁଇଁ ।

ପ୍ରଷ୍ଫୁଟିତ ହୋଇ ଫୁଟିଛି ମୋ ଭାଷା
ବିଶ୍ୱ ଦରବାରରେ ଦେଖ
ମନେ ଆବିଳତା ଫେଇ ଦେଇ ସର୍ବେ
ଆଗ ମାତୃଭାଷା ଶିଖ ।

ଓଡିଆ ବୋଲିଣ ମନେ ଗର୍ବ ବୋହି
ରଖିବା ଭାଷାର ମାନ
ସେ ଭାଷା ବୈଭବେ ହୋଇଯିବ ଧନ୍ୟ
ଆମ ଉତ୍କଳ ଜୀବନ ।

ମାତୃଭୂମି ମାତୃ ଭାଷାର  ମମତା
ରଖିବା ହୃଦୟେ ଭରି
ତେବେ ସିନା ଆମେ ହୋଇବା ମହାନ
ବିଶ୍ୱଦରବାର ବରି  ।

(ଜୁଣଗଡି) ରାଜନଗର, କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧର୍ମ ସ୍ତମ୍ଭ



ମନୋରଞ୍ଜନ
ସୁରୁଜାଳ

ସ୍ଥାବର ସମ୍ପତ୍ତି ଧନ କୋଠା ବାଡ଼ି
ଭାବିଛୁ ମିତ୍ର ପରି କି,
କାହା ପାଇଁ ଧନ ସଞ୍ଚୁଛୁରେ ମନ
କି ନେବୁ ଆର ପାରି କି ?
ମାଣ ମାଣ ଜମି ଗୁଣ୍ଠ ଗୁଣ୍ଠ ଜମି
ଏତିକି କାହିଁକି ଲୋଡ଼ା,
ସମୁଦାୟ ଜମି ତିନି ହାତ ଅଧେ
ପୋତା ହବୁ କିବା ପୋଡା ।

ଅରଜି ଦେଇଛୁ ଯେତକ ଖଜଣା
ତୋ ଅନ୍ତେ ହୋଇବ ପର,
ମରିଗଲା ପରେ ମାଡ ଗାଳି ହେବେ
ଖାଇବେ ଚୋର ତସ୍କର ।

ବିଦେଶରେ ପୁଅ ପଢି ବଡ଼ ଲାଟ
ତା ପାଇଁ ସହିଛୁ ଦୁଃଖ,
କାନ୍ଧ ଦେବା ପାଇଁ ନଥିବ ପାଖରେ
ଦେଖିବନି ମଲା ମୁଖ ।

ପିନ୍ଧିବାକୁ ଲୁଗା ଦାମିକା ଦାମିକା
ଦେହ ସଜାଇବା ଇଛା,
କନା ଛେକା ଖଣ୍ଡେ ରହିବ କି ଦେହେ
ମଣିବୁ ସବୁକୁ ତୁଛା ।

ଶରୀର ସୌନ୍ଦର୍ଯ୍ୟ ପାଇଁ କି କେତେ ଯେ
କରୁଅଛୁ ପ୍ରସାଧନ,
ଖାଇବା ପିଇବା ଜିହ୍ୱା ଲାଳସାରେ
କିସମ କିସମ ମନ ।

ଶେଷ ସମୟରେ ଅଲୋଡ଼ା ଯେତକ
ଇନ୍ଦ୍ରିୟ ହେବ ଅବଶ,
ଜୀବନ ଦୀପକ ତୈଳ ଆୟୁ ସରି
ରହିବ କି ଭାଗଶେଷ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧର୍ମ ସ୍ତମ୍ଭ ଗୋଟି ପୋତିଛନ୍ତି ବିହି
ଧାରଣ କରେ ଭୂଲୋକ,
ଧର୍ମ ଧନ ସିନା ତୋର ପଛେ ପଛେ
ବାହୁଡ଼ିବ ପରଲୋକ ।

ଭୌତିକ ଜଗତ ମାୟା ଇଶାରାରେ
ପଡନା ମୋହ ପଛର,
ସଞ୍ଚି ଧର୍ମ ଧନ ଅରଜନେ ପୂଣ୍ୟ
ପାର୍ଥିବ ସୁଖ ସଂସାର ।

କର୍ପୁର ପରିକା ଆତ୍ମା ଦେହ ଛାଡି
ବାହାରି ଯିବ ଶୟଳେ,
ପାହାଚ ଚଢିବ ଜୀବ ମୋକ୍ଷ ଧାମ
ଧରମ ପ୍ରତାପ ବଳେ ।

ମନୋରଞ୍ଜନ ସୁରୁଜାଲ
ସୌଜନ୍ୟ ସମ୍ପାଦକ :-ପ୍ରୀତି ପ୍ରଣତି
ଆଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାଟଗ୍ରାମ୍ ସେତୁ ସାୟାହ୍ନରେ



ପଙ୍କଜ କୁମାର
ମଙ୍ଗଳ

"ଭ୍ରାମ୍ୟ ମନ ମୋର ବଚଳିତ ପ୍ରାୟେ ଭାବି ମନକୁ ମୁଁ ସାନ୍ତ୍ୱନା ଦେବି,
ଏକା ମୁଁ ବାଟଇ ବୁଲି ବାହାରିଲି ଅଟକିଲି ଦେଖି ପଶ୍ଚିମ ରବି ।
ନିଶା ତୀବ୍ରତାରେ ପ୍ରକାଶ ହଜିଲା କ୍ଷଣିକେ ଗହନ ଅମା ଅନ୍ଧକାର,
ନିସ୍ତେଜ ରୁଦ୍ରଙ୍କୁ ଢାଙ୍କିବା ପାଇଁ ତୁଷାର ଯେମିତି କରିଛି ପଣ ।
ଅଟକିଲେ ନବଦମ୍ପତି ଦୁହେଁ ଉପଭୋଗ ଆଶେ ଏ ଗୋଧୂଳି ସମୟ,
ଅନୁମେୟ ମୋର ଆନନ୍ଦିତ ମନେ ଯାଉଛି ଲାବଣ୍ୟ ପତି ସହ ପିତ୍ରାଳୟ ।
ଫେରଇ ଚାଷୀ ଦିନଚର୍ଯ୍ୟା ସାରି ତିମିର ନ ଆସୁଣୁ ଧରିବ ଘର,
ବିହଙ୍ଗ ବାହୁଡ଼େ ବସା ଅଭିମୁଖେ ଖାଦ୍ୟ ଅନ୍ୱେଷଣେ ଯେ ଥିଲା ବହୁଦୂରେ ।"

ବଡ଼ପାହି, ଭୋଗରାଇ,ବାଲେଶ୍ୱର
ଦୂରଭାଷ-୭୭୪୯୯୩୬୬୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେମିତି ଅଛ



ବାଲାଜୀ ସେଠୀ

ସୁରଭି ରହିତ କୁସୁମ ପରଶ
ନଖୋଜେ ଭ୍ରମର କୀଟ
ତୁମ ବିନା ମୋର ପରିଚୟ ଚିର
ଫକୀର ଥାଳର ଫାଟ ।।

କି ହୋଇବ ଧନ ଯହିଁ ଥିବେ ଜନ
ଭାବ ବନ୍ଧନ ରହିତ
ଊଣା ଥିଲେ ମନ ବିତ୍ତ ଅରଜନ
ସୁଖକୁ ନୁହେଁ ପ୍ରାପତ ।।

କଇଁ କୁ ପଚାର ଜୋଛନା ଜହ୍ନର
ତା ପାଇଁ କି ପ୍ରୟୋଜନ
ରମଣେ ପତଙ୍ଗ ଅନଳ ତରଙ୍ଗ
ଝାସିବାକୁ ନିଜ ପ୍ରାଣ ।।

କେଉଁ ସୁଖ ପାଇଁ ସାଗର ଫେରଇ
ବେଳାଭୂମି କୂଳ ପାଶ
ସାତ ସିନ୍ଧୁ ମିଶି  ନ ପାରନ୍ତି ସାଧି
କ୍ଷୁଦ୍ର ଚାତକୀର ଶୋଷ ।।

ହୀନ ଜଳେ ମୀନ ଭୋଗେ ଉତ୍ପୀଡ଼ନ
କା ଆଗେ କହିବ ଦୁଃଖ
ଛାଡିଲା ନିଃଶ୍ୱାସ ନହୁଏ ବିଶ୍ୱାସ
ଫେରିବ କି ହୋଇ ସୁଖ ।।

କାଲି ଯିଏ ଲାଗେ ନିଜ ଠୁଁ ନିଜର
ଆଜି ସିଏ ସାତ ପର
ବାୟା ମନ ଖାଲି ମାୟା ଜାଲେ ପଡି
ଅଭିନୟ ତାର ସାର ।।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତୁମେ ଆତ୍ମା ମୋର ମୁଁ ତୁଚ୍ଛ ଶରୀର
ଜୀବନ ହେଲାଣି ଜଡ଼
ଗଲା ଦିନୁ ତୁମ ବାହୁଡା ପଥକୁ
ନୟନ କରିଛି ନୀଡ଼ ।।

ଫେରି ଆସିବାରେ ଦେଖିଯାଅ ଥରେ
କାହାଣୀ ତ ନୁହେଁ ମିଛ
ଦେଖି ବୁଝିଯିବ କାହିଁ ପଚାରିବ
ମୋ ବିନା "କେମିତି ଅଛ" ।।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେଉଁଠି ପୂର୍ଣ୍ଣତା



ସଞ୍ଜୀବ କୁମାର ଦାସ

ଜୀବନର ଆଦ୍ୟରେ ସଂସାର ଶିଢି ଚଢୁଥିବା ଲୋକଟିର ପାଦ ଚହଲୁ ଥାଏ ।

ଧିରେ ବଢ଼ାଇବାକୁ ହୁଏ ପାଦ ଦୁଇଟାକୁ, ଜଗିରଖି ।

ଟଳି ଗଲେ ସବୁ ଏପାଖ ସେପାଖ ।

ସ୍ଥିର ରହିଗଲେ ମିଳି ଯାଆନ୍ତି ଇପ୍ସିତ ଅସୁମାରୀ ସ୍ୱପ୍ନର ପ୍ରାସାଦ ।

ଇଏ ଏକ ପୂର୍ଣ୍ଣତା.....

ପୁଣିଥରେ ଆଗକୁ ଆଉ ପାଦ ଟିଏ...

ପ୍ରାପ୍ତିର ସମ୍ଭାର ଲାଗେ ଖାଲି ଖାଲି

ଆଉ ଟିକେ ମିଳନ୍ତାନି ଜୀବନକୁ ସହଜ ସୁବିଧା କରିବାକୁ,

ଥିବାଠାରୁ ମେଞ୍ଚାଏ  ଆହୁରି !

ପ୍ରାପତ ହୋଇ ଯାଏ ଇୟେ ବି,

ଏ  ଆଉ ଏକ ପୂର୍ଣ୍ଣତା...

ଶିଢିର ଅନ୍ତିମ ପାହାଚରେ ପହୁଞ୍ଚାଇଦିଏ

ଖୁବ୍ ବ୍ୟଗ୍ର ସେହି ପାଦ ଦୁଇଟି ।

ଏଠି ସବୁ ପାଇବାର ଦୁର୍ବାର ସନ୍ତୋଷ ଭିତରେ ଉଲ୍ଲସିତ ହେବା ବେଳେ ଆଦ୍ୟର ଶକ୍ତ ପାଦ ଯୁଗଳ କିନ୍ତୁ ଚହଲି ଯାଆନ୍ତି।

ଆର୍ତ୍ତନାଦ ମଧ୍ୟରେ ଭୂମିଷ୍ଠ ହୋଇ ଶିଢ଼ିକୁ ଆଉଜି ଯାଉଥିବା ଲୋକଟିର ସ୍ୱପ୍ନ ପାଣି ଫୋଟକା ପରି ମିଳେଇଯାଏ;

ହେଲେ, ୟେ ବି ଏକ ପୂର୍ଣ୍ଣତା

ଯହିଁ ଛୁପି ରହିଥାଏ ନିଜକୁ ଚିହ୍ନିବାର ସତ୍ୟତା।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମମତାମୟୀ ମାଆ



ଶୁଭସ୍ମିତା ପ୍ରଧାନ

ମମତାମୟୀ ସେ ସେନେହ ଦାୟିନୀ
ତୁଳନା ନାହିଁ ଯାହାର,
ଡାକରୁ ଯାହାର ଝରି ପଡୁଥାଏ
ମମତାର ଟିକି ଝର ।

ଦୁନିଆରେ ଯଦି ନିଜର କେ ଥାଏ
ସର୍ବୋଚ୍ଚ ସ୍ତରରେ ସିଏ,
ଜୀବନରେ ବଡ ମଣିଷ ହେବାକୁ
ସର୍ବଦା ଯେ ଶିକ୍ଷା ଦିଏ ।

ରାଗ ଅଭିମାନ ଘୃଣା ଅପବାଦ
ସହିଯାଏ ସବୁକିଛି,
ଆମ ଖୁସି ପାଇଁ ଈଶ୍ୱରଙ୍କ ପାଶେ
ପ୍ରାର୍ଥନା ସଦା କରୁଛି ।

ମାଆ ସିଏ ଆମ ଦୁନିଆରେ ଏକା
ସର୍ବସଂହା ନାରୀ ଟିଏ,
ଦୁଃଖରେ ମୋହର ସାନ୍ତ୍ୱନା ଦେଇ ଯେ
ସବୁବେଳେ ପାଶେ ଥାଏ ।

କୁନିଥିଲା ବେଳେ ହାତ ଧରି ମୋର
ଚାଲି ଯେ ଶିଖେଇ ଥିଲା,
ମଧୁର କଣ୍ଠେ ମୋ ମାଆ ଡାକ ଶୁଣି
କେତେ ଖୁସି ହେଉଥିଲା ।

ସ୍ନେହ ମିଶା ଗାଳି କେତେ ଭଲ ଲାଗେ
ତାର ସେ ମଧୁର କଣ୍ଠେ,
ଗାଳି କରି ପୁଣି କେତେ ଯେ ବୁଝାଏ
ହସ ଆଣିବାକୁ ଓଠେ ।

ଦୁନିଆଟା ସିନା ଧୋକା ଦେବ ଦିନେ
ଭୁଲିବନି କେବେ ମାଆ,
ସବୁ ଭୁଲକୁ ସେ ଭୁଲିଯାଇ ଆମ
ପାଖକୁ ଡାକିବ ଆ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୃଥିବୀ ପରି ଯେ ସବୁ ସହିଯାଏ

ଅଳି ଅଝଟ ଆମର,

ଯେତେ କଷ୍ଟ ଦେଲେ ଓଠଖୋଲି କେବେ

କହି ନାହିଁ ଭୁଲ୍ ତୋର ।

ଦୁଇଟି ଅକ୍ଷର ସମାହାରରେ ଏ

ମାଆ ଶବଦର ସୃଷ୍ଟି,

ମାଟି ଓ ଆକାଶ ଠାରୁ ବଳି ଆମ

ସମ୍ପର୍କର ଏଇ ଗଣ୍ଠି ।

ବଡ ମଣିଷ ମୁଁ ହେବି ତୋ ଆଶିଷେ

କରୁଛି ପ୍ରତିଜ୍ଞା ଆଜି,

ପୁଣ୍ୟ କାମ କରି ତୋ ନାମ ରଖିବି

କଣ୍ଟାର ପଥିକ ସାଜି ।

ଶପଥ କରୁଛି ଜୀବନରେ କେବେ

ଦେବିନି ତୋ ମନେ କଷ୍ଟ,

ସବୁବେଳେ ତୋର ସେବା କରୁଥିବି

ଥିବା ଯାଏ ମୋ ନିଶ୍ୱାସ ।

~ ଶୁଭସ୍ମିତା ପ୍ରଧାନ, ଢେଙ୍କାନାଳ

(ଆଶା କରେ ଆପଣଙ୍କୁ ମୋର ଲେଖା ନିଶ୍ଚୟ ଭଲ ଲାଗିବ.... ଆପଣ ମୋ ଲେଖାକୁ ପତ୍ରିକାରେ ସ୍ଥାନ ଦେବା ପାଇଁ ଯୋଗ୍ୟ ମନେ କରିବେ। ଧନ୍ୟବାଦ )

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେମିତି ସୁନ୍ଦରୀ ଝିଅ



ତାରା ପ୍ରସାଦ ଜେନା

ଠିକଣା ମୋହର ପାଇଲା ପରେ ତ ଠିକଣା ହଜାଇ ଦିଅ
ବାଉନ ବଜାର ତେପନ ଗଳିକୁ
କେମିତି ସୁନ୍ଦରୀ ଝିଅ ! ୦ !

ଆଗରୁ ସୁନ୍ଦର ମନକୁ ମନ ତ ବାଟକୁ କଢ଼ାଇ ଯାଅ
ଏବେକୁ ଦିଶୁନ ଫଗୁଣ ଦୋଳିକୁ
କେମିତି ସୁନ୍ଦରୀ ଝିଅ ! ୧ !

ହସର ବଇଣା ଲୁହଠୁ ନେଇଛ ବଢ଼ିଆ କମେଇ ହୁଅ
ଭୁଲି ତ ଗଲଣି ମଉଜ ତାଳିକୁ
କେମିତି ସୁନ୍ଦରୀ ଝିଅ ! ୨ !

ଓଠର କଦମ୍ବ ଛୁଆଁକୁ ଦେଉନ ରାଗିଲା ଆଖିରେ ଥାଅ
ବିରହ କଥାରେ ଦେଉଛ ଗାଳିକୁ
କେମିତି ସୁନ୍ଦରୀ ଝିଅ ! ୩ !

'ତାରା'ର ଭାବକୁ ଅଭାବ କରିଛ, ସହଜ କଠିନେ ନିଅ
ନିରୀହ ମଣିଷ ଚଢ଼ାଅ ବଳିକୁ
କେମିତି ସୁନ୍ଦରୀ ଝିଅ ! ୪ !

ରଣପୁର (ଗୋଡ଼ିପାଟଣା ସାହି), ଡାକ-ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬, ଓଡ଼ିଶା -୯୩୪୮୦୫୪୩୦୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରତୀକ୍ଷା



ତନୁଜା
ପ୍ରିୟଦର୍ଶିନୀ

ଚାନ୍ଦମୁହିଁ ରାଧା      ଚନ୍ଦ୍ରକୁ ଚାହିଁଛି
ଚାହେଁ ଦିଶେ କଳାକାହ୍ନୁ
କାହ୍ନୁ କଥା ଭାବି      ରାଇ ହସିଦିଏ
ଜୋସ୍ନା ଝରିପଡେ ତନୁ
ରାଇ ହସ ଦେଖି      ଜହ୍ନ ପଚାରିଲା
ଆଲୋ ରାଧିକା ରାଣୀ
ଗ୍ରୀଷ୍ମ ଯାଇ ଶୀତ      ମେଲାଣି ନେଲାଣି
ହେଲେ, ତୋ କାହ୍ନୁ ଆସିଲା ନାହିଁ
ଗୋରା ମୁହେଁ ତେଣେ      ମେଘ ଘୋଟିଗଲା
ଶ୍ରାବଣ ଝରିଲା ନେତ୍ରୁ
କ୍ଷଣେ ଦୁଃଖ ଭୁଲି      ରାଧିକା କହିଲା
ବସନ୍ତେ ଆସିବେ କାହ୍ନୁ

ମଳୟ ବହିବ      ପଳାଶ ଫୁଟିବ
କୋଇଲି ଗାଇବ ଡାଳେ
ଆମ୍ବ ବଉଳର      ଡାଳେ ଡାଳେ ଝୁଲି
ଆସିବେ କାହ୍ନୁ ମୋ କୋଳେ
ହାତରେ ମୋହନ      ମଥାରେ ଚନ୍ଦନ
କେଶ ରେ ଥିବ ଚନ୍ଦ୍ରିକା
ମୋହନ ବଜାଇ      ରାହାସ ରଚାଇ
ଅନ୍ତ କରିବେ ମୋ ପ୍ରତୀକ୍ଷା
କୁଞ୍ଜ ସଜାହେବ      ଧରଣୀ ନାଚିବ
ରାଧାକୃଷ୍ଣ ମେଳ ହେବ
ଫଗୁଣ ମାସରେ      ବସନ୍ତ ଋତୁ ରେ
ଆକାଶେ ଫଗୁ ଉଡ଼ିବ।

ସାଲେପୁର, କଟକ, ୮୮୯୫୨୯୭୯୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପୁର ପଲ୍ଲୀ



ମଧୁସ୍ମିତା ସାହୁ

ଭାରୀ ବଢିଆ ମୋର ଚକା ଆଖିଆ,
ବଡ଼ଦାଣ୍ଡେ  ଦେଖାଦେଇ,
କୋଟିକୋଟି ଦୂରରୁ ଭକ୍ତ ଡକାଇ,
ଅଜସ୍ର ଲୀଳା ଲଗାଇ ।।
ଓଡ଼ିଶା ମାଟିର ପୁଲ୍ଲକିତ ବାସ୍ନା,
ସୁଗନ୍ଧିତ ସୁମଧୁର,
ପୁରପଲ୍ଲୀରେ ଭିଟାମାଟିର ସ୍ଥାନ,
ସତେ ଅବା ମନୋହର ।।
ଗାଁ ଗହଳିରେ ଏକତା ବଳେ ଚଳେ,
ଅତି ଆପଣାର ଭାବ,
ମାଁ କୋଳରେ ରହିଥାଏ ଶିଶୁପୁତ୍ର,
କରିକୁଆଁକୁଆ ରାବ।।
ଭାଗବତ ଟୁଙ୍ଗୀ ପରମ୍ପରା ରହି,
ଦାସକାଠିଆ ଅପେରା,
ରାତିରେ ସମସ୍ତେ ଏକାଠି ହୋଇବେ,
କେତେ ହେଁ ଟାହିଟାପରା ।।

ଟୋକା ବୁଢ଼ା ପିଲାର ଦାଦା ପୁତୁରା,
ଭୋଜିଭାତ  ମନମୌଜ,
ନଦୀକୂଳରେ ସାଙ୍ଗସାଥୀ ଗାଧୋଇ,
ରଜଦୋଳି ସଜବାଜ।।
ବିଲବାଡ଼ି ଅଗଣାରେ ଚାଷବାସ,
କେତେ ଅମଳ ଶସ୍ୟର,
ଭାଇ ବନ୍ଧୁ କୁଟୁମ୍ବ ଖାଇ ବହିଲେ,
ହୁଏନି କେବେ ଅସର।।
ସଜଫୁଲ ତୋଳି ଦିଅଁ ପୂଜାକରି,
ତୁଳସୀ ଚଉଁରା ମୂଳେ,
ସକଳ ପ୍ରାଣୀ ର ମଙ୍ଗଳ କାମନା,
ଆତ୍ମାକୁ ଆନନ୍ଦ ମିଳେ ।।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗାଈଗୁହାଳର ମହକ ଚହକ
ତୃପ୍ତି କର ଅନୁଭବ,
ଖୀରଦହି ଛେନା ଲହୁଣୀ ରାବିଡି,
ସର୍ବସ୍ୱ ଶାନ୍ତି କରିବ ।।
ପଖାଳ କଂସାର ସୁସ୍ୱାଦ ବ୍ୟଞ୍ଜନ,
ପେଟ ପୁରା ଭରିଦିଏ,
ଗୁଡ଼ରେ କାକରା ଆରିସା ମଣ୍ଡାର,
ମନୋମୁଗ୍ଧ କରିଦିଏ ।।
କାଞ୍ଜି, ଆମ୍ବିଳା, ବେସର ମହୁରୀର,
କାଠ ଚୁଲି ମାଟି ହାଣ୍ଡି,
ଭିନ୍ନସ୍ୱାଦ ଭରା ରହିଥାଏ ତାହା,
ପରିବା ସାରରେ ଭେଣ୍ଡି ।।
ଓଡ଼ିଆ ଆମେରେ ଓଡ଼ିଶାର ବାସୀ,
ଗର୍ବିତ ମନରେ ଭାବି,
ଆମ ଐତିହ୍ୟ ପରମ୍ପରାକୁ ଧରି,
ବିଶ୍ୱ ଦରବାରରେ ଛବି ।।

ବ୍ରହ୍ମା ନଗର ପ୍ରଥମ ଗଳି, ବ୍ରହ୍ମପୁର
ଜିଲ୍ଲା-ଗଞ୍ଜାମ, ଓଡ଼ିଶା
ମୋ–୯୩୪୮୨୮୪୪୧୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୁନା ଶିଖିଲା ପିମ୍ପୁଡ଼ିଠାରୁ



ଅମରନାଥ ବାରିକ

ପିମ୍ପୁଡ଼ି ଭାଇ ପିମ୍ପୁଡ଼ି ଭାଇ
କଥା ପଚାରିବି ଦେବକି କହି ।
କୁଆଡ଼େ ଯାଉଛ ମୋ କଥା ଶୁଣ
ଦେଉଅଛି ମୁହିଁ ତୁମକୁ ରାଣ ।

ଟିକିଟିକି ଗୋଡ଼ ଛୋଟ ଶରୀର
ଟିକି ହାତେ ବଡ଼ କାମଟି କର ।
ଉପାୟ ତାହାର ଦେବକି କହି
ଦଣ୍ଡେ ବିଶ୍ରାମରେ ମୋ ପାଖେ ରହି ।

ବରଷା ଆଗରୁ ଆହାର ରଖ
ଭଲ ମନ୍ଦ ସବୁ ବୁଝି ପରଖ ।
ଯିବାବେଳେ ବାଟେ ଧାଡ଼ିରେ ଚାଲ
ମାନ ନାହିଁ କେବେ ଢିପ କି ଖାଲ ।

ମିଳିମିଶି ସବୁ ସାଙ୍ଗରେ ରୁହ
ତୋର ମୋର କିଛି କେବେ ନକୁହ ।
ସାଥି ହୋଇ ସବୁ ଏକାଠି ଖାଅ
ଶୃଙ୍ଖଳାରେ ମନେ ମନ ମିଳାଅ ।

ଏକ ଆରେକର ସହାୟ ହୋଇ
ଖୋଜି ବୁଲୁଥାଅ ଆହାର ପାଇଁ ।
ପାଇଲେ ସଭିଏଁ ନିଅ ଗଡ଼େଇ
ଟିକି ମନେ ବଡ଼ ଆଶାଟି ନେଇ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପିମ୍ପୁଡ଼ି କହିଲା କୁନାକୁ ଚାହିଁ
ବସ ମୋର ପାଖେ ଦେବି ବତାଇ ।
ଏଥର କଥା ମୋ ଶୁଣ ଧ୍ୟାନରେ
ଯାହା ମୁଁ କହୁଛି ଛୋଟ ପାଟିରେ ।

ସର୍ବଦା ହୋଇବ ପରୋପକାରୀ
ମନେ ଉଚ୍ଚ ଆଶା ବିଶ୍ୱାସ ଭରି ।
ହୁଅ ପଛେ ଛୋଟ ପିଲାଟି ତୁମେ
ନିଜକୁ ମଣିବ ନର ପ୍ରଥମେ ।

ନରଖିବ ସ୍ୱାର୍ଥ ଜୀବନେ କେବେ
ମଣିଷରେ ଗଣା ହୋଇବ ତେବେ ।
ପାଠ ସାଠ ଜ୍ଞାନ ବିବେକ ବୁଦ୍ଧି
ରଖିବ ବିଚାର ଉଚିତ ଯଦି ।

କରୁଥିବ କାମ ଯେତେ କଠିନ
ଅଳସୁଆ ହେବ ନାହିଁଟି ଧନ ।
ଜିତିବ ନିଶ୍ଚିତ ଜୀବନ ବାଜି
ନହୋଇବେ ଜନେ କେବେ ଅରାଜି ।

କାଲି କାମ ପୁଣି ଆଜି କରିବ
ଦେଶ ଜାତି ଲାଗି ଜୀବନ ଦେବ ।
ଅଳପରେ ଖୁସି ହୋଇ ରହିବ
ଅଧିକ ଧନେ ଲୋଭ ନରଖିବ ।

ସମୟର ସଦୁପୋଯୋଗ କରି
ଚଲାଇବ ହସି ଜୀବନ ତରୀ ।
ନକରିବ ହେଳା ପିତା ମାତାଙ୍କୁ
ପୂଜୁଥିବ ସଦା ମାନି ଏହାଙ୍କୁ ।

ପିମ୍ପୁଡ଼ି ଭାଇର ହିତ କଥାକୁ
ଶୁଣି କୁନା ସବୁ ନେଲା ମନକୁ ।
କରିବ ଯାହା ସେ କହିଲେ ସବୁ
ଏବେ ଠାରୁ ଲାଗି ପଡ଼ିଲେ ବାବୁ ।

ଗ୍ରା/ପୋ-କଇଁଆ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅର୍ଥହୀନ ଜୀବନ



ଶ୍ରୀତମ ରଣା

କେଡ଼େ ଅଜବ ସତେଏ ଦୁନିଆଁ
ନିଜେ ମରେ ନୀତି ନୀତି ଦିନିଆଁ ।।
ଅନ୍ୟର ବୁଝାଏ ପେଟର ନିଆଁ
ନିଜେ ଦିଏ ସେ ପେଟେ ଓଦାକନା ।।

ଦେଖାଯାଏ ନାହିଁ ତା'ର ଆଖିର ଲୁହ
ଦିସେ ଖାଲି ତା'ର ଗାଉଁଲି ମୁହଁ ।।
ମିଳେନାହିଁ ଏଠି କଷ୍ଟର ମୁଲ
କୁହନ୍ତି ତ ସଉଦା ଭାରି ଭଲ ।।

ଦରବୃଦ୍ଧି ସତେ ଭାରି ବାଧୁଛି
ଚାଷୀଟା ଦରିଦ୍ର ହୋଇ ଚାଲିଛି । ।
ଦରବୃଦ୍ଧି ଏତେ କରୁଛି କିଏ
ଚଷାତ ଏଠି ଯେ ଭୋକରେ ଶୋଏ । ।

ଚାଷ ପାଇଁ ତା'ର ନାହିଁତ ଧନ
ହେବଟି ତାହାର ସ୍ୱପ୍ନ ପୁରଣ । ।
ପିଲାଙ୍କୁ ତା'ର କରିବ ଶିକ୍ଷିତ
ଭାବିଣ ମରେତ ପ୍ରତି ମୁହୂର୍ତ୍ତ । ।

କରଜେ ବୁଡିଛି ଜୀବନ ତା'ର
ଚାଷ ଏକା ପେଟ ପାଟଣା ତା'ର । ।
ମିଳୁନାହିଁ ତାକୁ ଋଣର ଧନ
ଭାବୁଛି ବସି ଏକା ସେ ରହିଣ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫସଲ ତାହାର ଭଲ ହୋଇଛି
ଅଭାବୀ ବିକିରି ଲାଗି ରହିଛି । ।
ମିଳେନାହିଁ ତା'ର ଫସଲ ମୂଲ
ମନ ଚିନ୍ତିତ ହୁଏତ ବହୁଳ । ।

ଋଣରେ ସଂସାର ଭାସି ଯାଉଛି
ସୁଝିବାକୁ ପାଖେ ନାହଁତ କିଛି । ।
ଜୀବନର ମୂଲ୍ୟ ନାହଁ ତାହାର
ମିଳେ ଏଠି ଖାଲି ପ୍ରତିଶ୍ରୁତି ହାର । ।

ଶ୍ରୀତମ ରଣା
ଅନୁଗୁଳ ଆଠମଲ୍ଲିକ
ଏମଏ ଓଡ଼ିଆ ଦିତୀୟ ବର୍ଷ ଛାତ୍ର
ମୋବାଇଲ୍ : ୭୮୪୬୯୦୯୬୪୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଖୁଦୁରୁକୁଣୀ, ସେକାଳ ଏକାଳ



ବିଶ୍ୱରଞ୍ଜନ ମହାନ୍ତି

## ସେକାଳ

ସୂର୍ଯ୍ୟୋଦୟ ପୂର୍ବରୁ
ପ୍ରସ୍ଫୁଟିତ ପୁଷ୍ପର ଆଶାରେ
ଅନ୍ଧାରରେ ଚାଲୁଥାନ୍ତି
ଅବିଶ୍ରାନ୍ତ ବର୍ଷାରେ ।

ସୁଉଚ୍ଚ ପ୍ରଶାଖାର ଅଗ୍ରଭାଗକୁ
ବିସ୍ତାରିତ କରି
କେବେ ଅବା ପ୍ରାଚୀରକୁ
ଅତିକ୍ରମ କରି ।

ବାଳିକା ମାନଙ୍କର ସଂଗ୍ରହର ପ୍ରଚେଷ୍ଟା
ବ୍ୟର୍ଥ ଯାଏ ନାହିଁ ରାତ୍ରିର ଆନନ୍ଦ ଅବସ୍ଥା ।

ଅଜାଣିତ ମଧୁ ଗନ୍ଧରେ ମତ୍ତ ଭ୍ରମର
କରେ ନିଷ୍ଫଳ ଭୟର ସଂଚାର ।

ବିନା ତାରକାରୀରେ ଅଢେଇ ଗୁଣ୍ଡାର
ଖାଦ୍ୟ ଅଲଣା ପଖାଳ
ରବିବାର ହୋଇମଧ୍ୟ ନିରାମିଷ ଖାଇବାରେ
ମନେ ନ ଗଡାଇ ଲାଳ ।

ପୁଷ୍ପର ପ୍ରାଚୁର୍ଯ୍ୟ ପୂର୍ଣ ହୁଏ
ଭ୍ରାତାଙ୍କ ଅନନ୍ୟ କୁସୁମରେ
ଯାହାଙ୍କ ମଙ୍ଗଳ କାମନା କରି
ହୁଏ ଉପାସନା ଆଗ୍ରହରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖୁଦୁରୁକୁଣୀ, ଅରଖ ଫୁଲରେ ହସ୍ତ
ବସେ ସାରୁ ପତ୍ରରେ ଫୁଲତୋଡ଼ା
ପୁଷ୍ପମାଲ୍ୟ ହୁଏ ଅବନମିତ
ଲାଗେ ମଥାରେ ମନ୍ଦାର ଯୋଡ଼ା ।

ସାହିର ସମସ୍ତ ବାଳିକା ମାନେ
ସାୟଂ କାଳେ ହୁଅନ୍ତି ମିଳିତ
ହୁଳହୁଳି, ତପୋଇ ସଂଗୀତରେ
ତାଳେ ତାଳେ ବହିଯାଏ ଅତୀତ ।

ଭ୍ରାତାର ମଙ୍ଗଳ କାମନା
ସଙ୍ଗେ ହୁଏ ଖୁସିର ସମ୍ଭାର
ଅପୂର୍ଣ୍ଣ ଆଶା ସାଧବ ବୋହୂ ପାଲଟିବା
ପର୍ଯ୍ୟନ୍ତ ସାଧବ ଝିଅଟିର ।

**ଏକାଳ**

କେତେଥର ପଢ଼ିବା ଏବେ ତପୋଇ ଗଳ୍ପ
ଦୁର୍ଲଭ ସମୟ ଅଛି ଅମପାଶେ ସ୍ୱଳ୍ପ ।

କିଆନନ୍ଦ ଅଛି ପ୍ରଭାତେ ସୁଖ ନିଦ୍ରା ଭାଙ୍ଗି
ମୋବାଇଲ ଛଡା ଅଛି କିଏ ମୋର ସଙ୍ଗୀ ।

ଅଢେଇଗୁଣ୍ଡା ପଖାଳର କି ବୈଜ୍ଞାନିକ କାରଣ
କାହିଁକି ନଭୁଞ୍ଜିବା ଆମିଶର ତିଅଣ ।

ବୋହୁ ହବାର ନିଶା ଆଉ ନାହିଁ ଏବେ
ଭଲ ପାଠ ପଢି ବାଳିକା ସମକକ୍ଷ ହେବେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରତୀକ୍ଷିତ ମୁହୂର୍ତ୍ତ



ଦିବାକର ନାୟକ

ମୂଳହିନ୍ଦୀ- ଡକ୍ଟର ଗୀତାଞ୍ଜଳି ରେଣୁ ଦାଶ
ଅନୁସୃଜନ-ଦିବାକର ନାୟକ

କେବେ ଆସିବ ସେହି ଦିନ
ସେହି ବହୁ ପ୍ରତୀକ୍ଷିତ ଅପୂର୍ବ ମୁହୂର୍ତ୍ତ
ଦୁନିଆର ଭିଡ଼ ଭିତରେ ନ ଥିବା ଆମେ
ଆମେ ଥିବା ସହରଠାରୁ ଅନେକ ଦୂରରେ
ଆମେ ପାଉ ନ ଥିବା କାହା ଆଖିକୁ ।

ଏମିତି ଏକ ନିରୋଳା ରେସ୍ତୋରାଁରେ
ବସିଥିବା ଆମେ ପାଖାପାଖି
ଆମକୁ ସେଠି କେହି ଚିହ୍ନି ନ ଥିବେ
ଅଥଚ ଆମ ଦୁଇ ଓଠ ପାଇଁ
ଗରମ କଫି ମାତ୍ର ଗୋଟିଏ କପ୍ ଥିବ
ଆମ ଦୃଷ୍ଟ ମୌନ ଭାଷାର ତାଳେତାଳେ
ଅନାୟତ ଅବୟବର ନିର୍ଲଜ ଛୁଆଁ ଛୁଇଁ ବେଳେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେହି କଫି ଥରେ ତୁମ ଓଠକୁ ସ୍ପର୍ଶ କରୁଥିବ ତ

ପୁଣି ସ୍ପର୍ଶ କରୁଥିବ ମୋ ଓଠକୁ ।

ମଥା ଉପରେ ଆକାଶ

ପାହାଡ଼ ଶୀର୍ଷରୁ

କର ମର୍ଦ୍ଦନ କରୁଥିବ

କୁଆଁରୀ ପୃଥିବୀକୁ

ଆଉ ଭୌଗୋଳିକ କୋଣାନୁକୋଣକୁ

ସାଉଁଳୁ ସାଉଁଳୁ

ନିର୍ନିମେଷ ନୟନରେ ଚାହିଁ

ଅଧ୍ୟୟନ କରୁଥିବ

ପ୍ରଥମ ପୁଲକର ଝିମ୍ ଝିମ୍ ପରିଭାଷାକୁ ।

ସେଠିକାର ମୃଦୁ ମଳୟର

ମିଠାମିଠା ଗୁଞ୍ଜନରେ

ମନକୁ ଚଞ୍ଚଳ କରି ଦେଉଥିବ

ନୂତନ ରୋମାଞ୍ଚରେ ।

ତୁମେ ଖୋଲି ଦେଇଥିବ

ବିତିଯାଇଥିବା ସ୍ମୃତିର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଟିଗୋଟି ଅବ୍ୟକ୍ତ ଫର୍ଦ୍ଦ ।

ମୁଁ ଆହୁରି ନିକଟରୁ ନିକଟତର
ହେଇ ଚାଲିଥିବି ଦିଗରୁ ଦିଗନ୍ତକୁ
ଆଉ
ଶ୍ରବଣ କରୁଥିବି ତୁମ ଓଠରୁ ଗୁଞ୍ଜରିତ
ପ୍ରତ୍ୟେକଟି ଶବ୍ଦକୁ
ଅନୁଭବ କରୁଥିବି ପ୍ରତ୍ୟେକଟି ଭାବକୁ
ଆଉ ସେହି ବିଭୋରିତ ଭାବରେ
ତୁମ କ୍ଲାନ୍ତ ଓଠକୁ ପୁଣି
ମୋ ଓଠରେ ସାନ୍ତ୍ୱନା ଦେଇ
ହଜି ଯାଉଥିବି ତୁମରି
ଉଷ୍ମ ଆଶ୍ଲେଷରେ ।

ପାଟପୁର, କନିସି, ଗଞ୍ଜାମ
ମୋ-୯୯୩୮୬୧୯୯୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବୁନ୍ଦାଏ କାକରର ମାୟାରେ



କିରନ୍ ସ୍ୱାଇଁ

ସବୁଜ ଲଟାର ଛାତିରେ
ଝୁଲସ୍ତୁ ଥିବା
ବୁନ୍ଦାଏ କାକର
ସମଗ୍ର ଧରାକୁ
ନିଜ ଭିତରେ ଆୟତ୍ତ
କରି ନେବାରେ ସମର୍ଥ ।

ପ୍ରକୃତିର ଗଳାରେ
ମୋତି ମାଳ ଗୁନ୍ଥି ଦିଶେ
ଧରଣୀର
ଅନ୍ୟ ପ୍ରତିରୂପ ।

ଚଞ୍ଚଳ ଚପଳ
ସେ ବିନ୍ଦୁ ବିନ୍ଦୁ ମୁକ୍ତା
କ୍ଷଣିକ ଉଭାନରେ
ପ୍ରାକୃତିକ ମାୟା ରଚେ
ସତେ କି ଏ କାକର କୁହୁକ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୂନ୍ୟତା ଭିତରେ ପୂର୍ଣ୍ଣତା



ଅମୃତନାରାୟଣ
ଶତପଥୀ

ଶୂନ୍ୟତା ଭିତରେ ପୂର୍ଣ୍ଣତା ଖୋଜିବା,
ଅଟଇ ଏକ ଆହ୍ୱାନ,
ସେହି ଆହ୍ୱାନର ମୁକାବିଲା ବନ୍ଧୁ
ଅଟଇ ଯେ ଦିବ୍ୟଜ୍ଞାନ ।

ଶୂନ୍ୟ ଆକାଶର ନୀଳିମା ଭିତରେ,
ଦିବାକର ଯେ ଚମକେ,
ରାତ୍ରିର ଅନ୍ଧାର କଳିମାକୁ ପୁଣି,
ପୂର୍ଣ୍ଣ ଇନ୍ଦୁ ଯେ ବିନାଶେ ।

ସୌଦାମିନୀ ପୁଣି ଶୂନ୍ୟ ଆକାଶରୁ
ଦର୍ଶାଇ ନିଜ ଆଲୋକ,
କ୍ଷୁଦ୍ର ତାରା ମଧ୍ୟ ଅନ୍ଧକାରରେ
ଦେଖାଇଦିଏ ପୁଲକ ।

ଅନ୍ତର ଭିତର ଶୂନ୍ୟତା ଭାବକୁ,
ଦୂର ଯେବେ କର ବନ୍ଧୁ,
ତ୍ୟାଗ ମନୋଭାବ ହେଲେ ଉପନୀତ,
ହେବ ସତେ ରତ୍ନଗର୍ଭା ସିନ୍ଧୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆବେଗଭରା ମୁହୂର୍ତ୍ତ



ଡଃ ମନୋରଞ୍ଜନ ବିଷୋୟୀ

ଜୀବନ...

କଳା ମଚମଚ୍ କଂକ୍ରିଟ୍ ପଥ

ଅଙ୍କାବଙ୍କା ଅନେକ ସ୍ୱପ୍ନ

ଚୂନାଚୂନା ସୁରଭିତ ପୁଷ୍ପ

ରଙ୍ଗବେରଙ୍ଗ ବେଷ୍ଟିତ

ସୁଉଚ୍ଚ ପ୍ରାଚୀର

ଖଣ୍ଡ ଖଣ୍ଡ ଅମାନିଆ

କାଳିଆ ବାଦଲ

ମିଞ୍ଜି ମିଞ୍ଜି ଅନେକ ନକ୍ଷତ୍ର

ପୂର୍ଣ୍ଣମୀ ଜହ୍ନର ଦୁଷ୍ଟାମୀ ହସ

ଆଉ କାନ୍ଦୁରା କିରଣ

କିନ୍ତୁ ସବୁ ଆଜି ସ୍ୱପ୍ନାତୀତ

ଜୀବନର ଚଲାପଥ

ନିରବ ନିଷ୍ଫଳ

ଅଙ୍କାବଙ୍କା ସୁନେଲି ସ୍ୱପ୍ନ

ସେ ତ ଆଜି ସୁଦୂର ଅତୀତ

ରଙ୍ଗର ବିରାଟ ପ୍ରାଚୀର

ଭଗ୍ନ ଆଜି କ୍ଲାନ୍ତ ପଥ ପରେ

ଭରା ଭରା ଚୂନା ଚୂନା ହସ

ବନ୍ଦୀ ସବୁ ବ୍ୟଥା ବନ୍ଦୀଶାଳେ

ତେଣୁ ଉଜାଗର ରାତ୍ରି ଆଣେ

ଦେହେ ଅବସାଦ

ପୁଞ୍ଜିଭୂତ ଚିନ୍ତାଙ୍କର

ଏକତ୍ର ବିପ୍ଳବ

ତଥାପି ସେ

ଆନନ୍ଦର ଏକମାତ୍ର ପଥ ।

ଦାମୋଦରପୁର, ଗଂଜାମ

ସଂପର୍କ: ୮୮୯୫୦୪୦୭୭୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିର୍ବାସିତ ଓଡ଼ିଆ



ଦଣ୍ଡାସି ପ୍ରଧାନ

ଜନ୍ମ ଭୂମି ଯା'ର  ଉତ୍କର୍ଷ ଉତ୍କଳ
ସୁଧା ମଧୁ ସିକ୍ତ ମାଟି-
ପାଣି ପବନ ରେ  ବିଧୌତ ଶୋଭିତ
ଜାଗ୍ରତ ଯତନ ଅତି ।
ଦାଦନ ଖଟଇ ଏଠି ,
କର୍ମ ସଂସ୍ଥାପନେ  ନିର୍ବାସିତ ହୋଇ
ପରିତ୍ୟାଗି ଭିଟାମାଟି ।।

ପ୍ରବାସେ ରହଣି  ଉପଶମ ଚିନ୍ତା
ବେଳୁ ବଢାଏ ଯାତନା
ମାତୃଭୂମି ମାତୃ -  ଭାଷା ପରିଚିତି
ଦାୟଦ ଶିକ୍ଷା ଯନ୍ତ୍ରଣା ।
ଭବିଷ୍ୟତ ବାଟବଣା,
ଇଚ୍ଛା ଅନିଚ୍ଛାର  ପ୍ରଶ୍ନ ଉଠୁନାହିଁ
କଥା ଯେ' ପେଟ ପାଟଣା । ।

ଦୀର୍ଘ ବେଳା ଭୂମି  ନଦୀ ନାଳ ଭରା
ସୁଘଞ୍ଚ ଅରଣ୍ୟ ଯହିଁ
ମାଳ ଠାରୁ କୂଳ  ଖଣିଜ ସମ୍ପଦ
ପଟାନ୍ତର ଯା'ର ନାହିଁ ।
କଳା କଉଶଳ ସାଇଁ
ପ୍ରଯୁକ୍ତି ବିଜ୍ଞାନ  ଆଧାରିତ ଜ୍ଞାନ
ଆବର୍ଜିତ କାହାପାଇଁ  ?? ।।

ଉଚ୍ଚ ଶିକ୍ଷା ବର୍ଗ  ପ୍ରବାସେ ଖଟଇ
ପବିତ୍ର ଅଭାବ ଭାବ
ଓଡ଼ିଆ ଜିଇଁବ  ପଡୋଶୀ ପ୍ରଦେଶେ
ଭାଷାନ୍ତରେ ବାହି ନାବ ।
ଅବାଞ୍ଛିତ ଅସମ୍ଭବ
ବାସ୍ତବତା ଚିତ୍ର  ସଂଯୋଗ ସ୍ଥାପନେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଞ୍ଚିବ ଭାଷା ବିଭବ ।।

ପବିତ୍ର ଈର୍ଷାରେ ଅନ୍ତର୍ଦାହ ଘେନି

ଓଡ଼ିଆ ଜୀଇଁ ଜୀବନ

କ'ଆଗେ କହିବା କିଏ ବା ଶୁଣିବ

ଅପ୍ରିୟ ସତ୍ୟ ବଚନ ।

ଜାଣି ଶୋଇ ଚେତା ଶୂନ୍ୟ

ଆପଣା ହସ୍ତରେ ଜିହ୍ୱା ଛେଦନ

କି ହେବ ପ୍ରତିବିଧାନ ।।***

ସାହିତ୍ୟ ସମ୍ପାଦକ,

ଉପାନ୍ତ ସାହିତ୍ୟ ସାଂସ୍କୃତିକ ସେବା ସଂସଦ, ପାତ୍ରପୁର ଗଞ୍ଜାମ

ଭ୍ରାମ୍ୟଭାଷ: ୮୭୭୦୦୯୪୯୭୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୁପୂର



ଡଃ ଆଭାଞ୍ଜଳି
ଶତପଥୀ

କି ସୁନ୍ଦର ଦିଶେ ପାଦେ ନୁପୂର
ତା ସାଙ୍ଗକୁ ପୁଣି  ଅଳତା ଗାର
ଝୁଣ୍ଟିଆ ବଢ଼ାଏ ଶୋଭା ତାହାର
ଛମ ଛମ ହୁଏ ତାହାର ସ୍ୱର
ସ୍ୱର ନୁହେଁ ସେ ତ ଦିବ୍ୟ ଝଙ୍କାର
ମୁକୁଳା ବକ୍ଷ ତା ନୁହେଁ ଜଞ୍ଜୀର ।

ନୁପୂର ସ୍ୱର ସେ କେତେ ମଧୁର
କି ମୋହ କେଜାଣି ସେହି ଧ୍ୱନିର
ରାଗ ଯୋଖି ଦିଏ ପ୍ରେମ ମହ୍ଲାର
ପ୍ରେମ ସଂଗୀତରେ ସ୍ୱାମୀ ଅଧୀର
ପ୍ରଣୟ ହୃଦୟେ ପ୍ରେମ ଅକ୍ଷର
ଶାଶୁଘର ଲୋକ ଭାବେ ବିଭୋର
ସ୍ନେହ ଶ୍ରଦ୍ଧାରେ ସେ ବାନ୍ଧଇ ଡୋର ।

ନୁପୂର ଧ୍ୱନିର କେତେ ସମ୍ଭାର
ରୁମୁ ଝୁମୁ କରେ କେରେ ଅକ୍ଷର
ସେ ଅକ୍ଷରେ ଭରା ସଦା ଆଚାର
ସମାଜ ସଭ୍ୟତା କୁଳ ସଂସ୍କାର
ଆହା କି ସୁନ୍ଦର ବାଣୀ ନୁପୂର ।

ମାଆ ବାପଙ୍କର ଗେହ୍ଲୀ ଆମର
ଜେମା ମଣି ବାନ୍ଧେ ସେହି ନୁପୂର
ବାପା ଘର ଗାଁ କରି କି ପାର
ସାଜନ ସଙ୍ଗରେ କରିବ ଘର
ଧରି ରଖିବ ସେ  ମା' ସଂସ୍କାର
ରଖିବ  ଟେକ ସେ ବାପଘରର
ଆଶିଷ ରହଇ ସଦା ଆମର
ସଦା ସୁହାଗିନୀ ରୂପସଜ୍ଜାର
ଦାମ୍ପତ୍ୟପ୍ରେମର ସୁଖ ସଂସାର
ଆଦର୍ଶ ଦମ୍ପତି ଯୁଗ ଯୁଗର
ଚିର ସବୁଜ ସେ ରହୁ ଅମର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ରାମ କେତେ ସୁନ୍ଦର



ବିଜୟ କୁମାର ସାହୁ

ମୋ ରାମ କେତେ ସୁନ୍ଦର
ମୋ ପ୍ରଭୁ କେତେ ସୁନ୍ଦର
ତ୍ରିଭୁବନେ ନାହିଁ ତା ସମ ସୁନ୍ଦର
ମୋ ରାମ କେତେ ସୁନ୍ଦର
ମୋ ପ୍ରଭୁ କେତେ ସୁନ୍ଦର (ଘୋଷା)

କୌଶଲ୍ୟା ଦୁଲାରୀ ପ୍ରିୟ ଶ୍ରୀରାମ ସୁନ୍ଦର
ଦଶରଥ ନନ୍ଦନ ରଘୁନାଥ ସୁନ୍ଦର
ଜାନକୀ ରମଣ ଶ୍ରୀସୀତାପତି ସୁନ୍ଦର
ମୋ ରାମ କେତେ ସୁନ୍ଦର
ମୋ ପ୍ରଭୁ କେତେ ସୁନ୍ଦର

ଠୁମକ ଠୁମକ ଚାଲି ଶ୍ରୀରାମ ସୁନ୍ଦର
ଖନି ଖନି କଥା ତା ଲାଗେ ଭାରି ସୁନ୍ଦର
କରେ ତା ଶୋଭା ଶରଚାପ ରାମ ସୁନ୍ଦର
ମୋ ରାମ କେତେ ସୁନ୍ଦର
ମୋ ପ୍ରଭୁ କେତେ ସୁନ୍ଦର

କୋଟି କାମଦେବ ରୂପ ଶ୍ରୀରାମ ସୁନ୍ଦର
ମନ୍ଦ ମନ୍ଦ ହସ ତା ମନ କରେ ଉଲ୍ଲାସ
ପ୍ରେମ ପିୟାସୀ ମୋ ରାମ ଆହା କି ସୁନ୍ଦର
ମୋ ରାମ କେତେ ସୁନ୍ଦର
ମୋ ପ୍ରଭୁ କେତେ ସୁନ୍ଦର

ଯୋଗୀଜନ ମାନସ ହଂସ ରାମ ସୁନ୍ଦର
ବିଶ୍ୱାମିତ୍ର ପ୍ରିୟ ଧନ ଶ୍ରୀରାମ ସୁନ୍ଦର
ହନୁମନ୍ତ ପ୍ରିୟ ଭାଜନ ରାମ ସୁନ୍ଦର
ମୋ ରାମ କେତେ ସୁନ୍ଦର
ମୋ ପ୍ରଭୁ କେତେ ସୁନ୍ଦର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲକ୍ଷ୍ମଣ ସେବକ ପ୍ରିୟ ଶ୍ରୀରାମ ସୁନ୍ଦର

ଭରତ ଶତ୍ରୁଘ୍ନ ପ୍ରାଣପ୍ରିୟ ରାମ ସୁନ୍ଦର

ଅବଧପୁରବାସୀ ପ୍ରିୟ ରାମ ସୁନ୍ଦର

ମୋ ରାମ କେତେ ସୁନ୍ଦର

ମୋ ପ୍ରଭୁ କେତେ ସୁନ୍ଦର

ଶବରୀ ଅଇଁଠା ଖିଆ ଶ୍ରୀରାମ ସୁନ୍ଦର

ବିଭୀଷଣ ଚିନ୍ତାମଣି ଶ୍ରୀରାମ ସୁନ୍ଦର

ବିଜୟ ମନ ଭାବନ ଶ୍ରୀରାମ ସୁନ୍ଦର

ମୋ ରାମ କେତେ ସୁନ୍ଦର

ମୋ ପ୍ରଭୁ କେତେ ସୁନ୍ଦର

ବିଜୟ କୁମାର ସାହୁ , ବିଜିଗୋଳ

ମୋ – ୮୭୬୩୯୪୮୬୨୩

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ରାସ୍ତାରେ କଡ଼େ କଡ଼େ



ପ୍ରହ୍ଲାଦ ସାହୁ

ସୁଦୀର୍ଘ ସାମୁଦ୍ରିକ ରାସ୍ତା
ସର୍ପିଳ ନହେଲେବି ଅନତିଦୂରରେ
ଲାଇଟ ପୋଷ୍ଟ ଏବଂ ସୁଉଚ୍ଚ ବୃକ୍ଷର ସମାହାରେ
ରାସ୍ତାର ଦୈର୍ଘ୍ୟ ପ୍ରସ୍ଥ ସଂକୁଚିତ ।
ପୁଣି ଦୃଶ୍ୟମାନ ଅଙ୍କାବଙ୍କା
ଶତ ଶତ ତରଙ୍ଗରେ ତରଙ୍ଗାୟିତ ~
ଉଚ୍ଚ ନୀଚ କ୍ଷୟ ଅବକ୍ଷୟର
ଲହଡି ଭଙ୍ଗା ସମୁଦ୍ର ବେଳାଭୂମି ।

ସେହି ରାସ୍ତା କଡ, ଯେଉଁଠି କେବଳ
ଆକାଶ ଛୁଆଁ ଝାଉଁ ଗଛ ମାଳ ମାଳ ।
ଝଡ ଝଞ୍ଜା ନଥାଇ ବି ଲାଗେ
ଝଡର ଆକସ୍ମିକ ଆଗମନ ।
ଅଦୃଶ୍ୟ ବର୍ଷା ବତାସରେ ବି
ଏ ଦେହ ଭିଜି ଯାଏ ମଧୁର ଲୁଣିପାଣିର ଛିଟାରେ
ମନ ଭରିଯାଏ ଅହେତୁକ ଆର୍ଦ୍ର ଉଚ୍ଛ୍ୱାସରେ ।
ଝାଉଁ ବଣରୁ ଝଙ୍କୃତ ସ୍ୱାଗତ ସଙ୍ଗୀତ
ଅତିଥି ସତ୍କାରାର୍ଥେ ସେମାନେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହିଁ କେତେକାଳୁ ଦଣ୍ଡାୟମାନ ।

ସ୍ୱଚ୍ଛ ଦିବାଲୋକେ କାଜୁ ଜଙ୍ଗଲର
ମଧୁର ମହକ ମନ ମୋହି ନିଏ,
ଝାଉଁ ବଣର ସିଁଇଁ ସିଁଇଁ ଶବ୍ଦ
ହୃଦୟର ନିଭୃତ କୋଣେ ଗୁଞ୍ଜରିତ ହୁଏ।

ପ୍ରାକୃତିକ ଖାଦ୍ୟ ପାନୀୟ ଭରା ସେହି ରାସ୍ତା କଡ
ହଳଦୀ ଗୁରୁ ଗୁରୁ କାଜୁ ଜଙ୍ଗଲ
ଲାଲ ନୀଳ ରଙ୍ଗରେ ଆଚ୍ଛାଦିତ ସମୁହ ପରିବେଶ
କାଜୁ ଗଛର କୋରଡ଼ରେ କିଚିରି-ମିଚିରି
ଖଣ୍ଡି ଉଡା ଦେଉଥିବା କେତୋଟି ପକ୍ଷୀ ଶାବକ ।
ଛାଇ ଆଲୁଅର ଲୁଚକାଳି ସାଥେ
ଫଟା ବାଦଲର ଗର୍ଜନ
ଚତୁର ବିଲୁଆ ମାନଙ୍କ ଖାଦ୍ୟ ଅନ୍ୱେଷଣ
ରହି ରହି ଉତ୍ତାଳ ତରଙ୍ଗମାଳାର କୂଳ ମଣ୍ଡନ
ପ୍ରକୃତି ଆନନ୍ଦ ଉଲ୍ଲାସରେ ବିଭୋରିତ।
ସେହି ରାସ୍ତାର କଡେ କଡେ
ଚାରି ଚକ୍ର ବାହନର ଯାତ୍ରା ଅତ୍ୟନ୍ତ ମନମୋହକ
ପାଖେଇ ଆସୁଥାଏ ଭଗ୍ନ କୋଣାର୍କ
ଉତ୍କଣ୍ଠିତ ମନ ପ୍ରାଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ଦେଖିବ ଏ ନେତ୍ର ନୈସର୍ଗିକ ସୁନ୍ଦରତା
ବାରଶହ ବଢେଇଙ୍କ ଶ୍ରମ ଦାନେ
ଦଣ୍ଡାୟମାନ ଅବକ୍ଷୟିତ ଶିଳାପଦ୍ମ।

ସାମୁଦ୍ରିକ ଜଳବାୟୁ ର ଅସମ୍ମତା
ବେଳେବେଳେ ମେଘରୁ ଝରାଇ ଦିଏ
କେଇଟୋପା ଅମୀମାଂସିତ ଜଳ ବିନ୍ଦୁ
ସେ ନୁହେଁ ବର୍ଷା, କ୍ଷତାକ୍ତ ବଢେଇଙ୍କ ଅଶ୍ରୁ
ସେହି ରାସ୍ତା କଡେ,
ଅତୃପ୍ତ ଆତ୍ମାର ରୋଦନ ଶୁଭେ
ରାତି ହେଲେ ପୁଣି
କୋଣାର୍କ ନାଟ ମଣ୍ଡପରୁ ଘୁଙ୍ଗୁର ବାଜି ଉଠେ
ସ୍ୱାନ ଶୃଗାଳଙ୍କ ଆର୍ତ୍ତନାଦ ରେ
ଓଁକାର ଧ୍ୱନି ଗୁଞ୍ଜରି ଉଠୁଥାଏ ~~
ଚିରନ୍ତନ ସେ କଳା ନୈପୁଣ୍ୟ
ମୁକ ସାଖି ସେହି ରାସ୍ତା କଡ !!!

ପ୍ରହ୍ଲାଦ ସାହୁ, ନିଉଦିଲ୍ଲୀ
ଦୂରବାର୍ତ୍ତା – ୯୫୪୦୫୩୧୨୭୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତମ ପାଇଁ



ସତ୍ୟବ୍ରତ ବାରିକ

ଆଖି ଖୋଲିଲେ କେବଳ ତମକୁ ଦେଖୁଛି
ମନ ସିନ୍ଧୁକରେ ଆମ ପ୍ରେମକୁ ସାଇତି ରଖିଛି

ଗୋଲାପି ଚିଠିରେ ତମ କଥା ଲେଖୁଛି
ହୃଦୟ କାଗଜରେ ତମ ଛବି ଆଙ୍କୁଛି

ଚିତ୍ରଲେଖା ଓଠେ ଅଜସ୍ର ହସର ଜୁଆର
ଅନେକ ଫୁଲର ମହକେ ଭରିଯାଏ ପ୍ରେମର ମନ୍ଦିର

ସୁନ୍ଦରୀ ଝିଅଟେ ହେଇ ପରୀ ରାଇଜରୁ ଆସିଛ
ମିଠାମିଠା କଥା କାନ ପାଖେ କିଛି କହିଯାଅ

ଶୂନ୍ୟ ଏ ହୃଦୟରେ ପ୍ରେମର ଅମୃତ ଭରିଦେଲ
ଆଖିର ଇଶାରାରେ ମନକୁ ମୋର ଚୋରେଇନେଲ

ସ୍ୱପ୍ନ ଭିଜା ଆଖିରେ ତୁମରି ସ୍ମୃତି
ଅସରନ୍ତି ପ୍ରେମରେ ଭିଜେ ଦିନରାତି

ସାଧବବୋହୁ ସାଜି କେବେ ହେବ ମୋ ରାଣୀ
ଟିକେ ଲାଜରେ ଦେଖୁଥିବ ପ୍ରୀତି ଓଢଣା ଟାଣି ।

୯୮୬୧୬୨୦୯୨୪

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶ୍ରୀରାମଙ୍କ ଜୀବନରୁ ଶିକ୍ଷା



ଆଶୁତୋଷ ନାୟକ

## ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଜୀବନରୁ ଶିକ୍ଷା

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରାର ମହାନତାର ଗାଥା ସାରାବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା ।

କ୍ଷମତା ପିପାସୁ ରାଜନେତା ସଂଖ୍ୟାଲଘୁ ସଂପ୍ରଦାୟକୁ ଖୁସି କରାଇବା ଲକ୍ଷ୍ୟରେ ଦିଆଯାଉଥିବା ହିନ୍ଦୁ ସନାତନ ଧର୍ମ ବିରୋଧରେ ମନ୍ତବ୍ୟ ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ । ସଂଯମତା, ଶାଳୀନତା ଏବଂ ନୈତିକ ମୂଲ୍ୟବୋଧର ଅଭାବ ଏକବିଂଶ ଶତାବ୍ଦୀରେ ରାଜନେତାଙ୍କ ଠାରେ ପରିଲକ୍ଷିତ ହୁଏ । ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅହିଂସା । ଏଥିରେ ହିଂସାର କୌଣସି ସ୍ଥାନ ନାହିଁ । "ବସୁଧୈବ କୁଟମ୍ବକମ" ନୀତି ଉପରେ ହିନ୍ଦୁ ସନାତନ ଧର୍ମ ପର୍ଯ୍ୟବେଶିତ । ସବୁ ଧର୍ମକୁ ସମ୍ମାନ ଏହାର ମୁଖ୍ୟ ଲକ୍ଷ୍ୟ । ସନାତନ ଧର୍ମ ଯେ ସର୍ବଶ୍ରେଷ୍ଠ ଏହା ଭଗବାନଙ୍କ ମୁଖନିସୃତ ବାଣୀ ଅତିପବିତ୍ର ଗ୍ରନ୍ଥ ଭଗବତଗୀତାରେ ଏହାର ଯଥେଷ୍ଟ ପ୍ରଣାମ ରହିଛି ।  ମନୁଷ୍ୟର ଦୈନନ୍ଦିନ ଜୀବନରେ ଘଟୁଥିବା ସମସ୍ତ ସମସ୍ୟାର ସରଳ ସମାଧାନ ଏହି ପବିତ୍ର ଧର୍ମଗ୍ରନ୍ଥ ଭଗବତଗୀତାରେ ବର୍ଣ୍ଣିତ । ହିନ୍ଦୁ ସନାତନ ଧର୍ମ ଉପରେ ଏହିପରି ବାରମ୍ବାର ଆକ୍ରମଣ ଅଗଣିତ ହିନ୍ଦୁଙ୍କୁ ଏହା ଗଭୀର ମର୍ମାହତ ଓ ବ୍ୟଥିତ କରିଛି ।

ସତ୍ୟସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ, ଜାପାନ, ଇଂଲଣ୍ଡ ମଧ୍ୟ ସନାତନ ହିନ୍ଦୁ ଧର୍ମକୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ତ୍ୱକୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୁର୍ଣ୍ଣ କରିବାପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି । ସେଥିପାଇ କୁହାଯାଇଛି "ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ ।”

ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ ।

ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ ।<br>
ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ,<br>
ବିଧର୍ମୀ ଷଡ଼ଯନ୍ତ୍ରର ରହିଛି ଦୃଷ୍ଟାନ୍ତ,<br>
ସବୁ ଭୟ ପ୍ରଲୋଭନ କରି ପ୍ରତିହତ,<br>
ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର,

ଦୟା, କ୍ଷମା, ଦାନ, ପରୋପକାର ଚରିତ୍ର ହିନ୍ଦୁର ।

ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ । ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ । ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ । ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ ।

ଋକ, ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟିବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ । ଅନେକ ପରମ୍ପରା ଓ ଦର୍ଶନ ନୀତି, ନିୟମ ଆଦର୍ଶର ମେଳ, ସନାତନ ଧର୍ମ ଏହାଥିବ ଚିରକାଳ ।”

ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ । ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନୋବୃତ୍ତି ବଶତଃ "ଧର୍ମ" ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି । ଅତ୍ୟାଚାରୀ ଓ ଅଧର୍ମୀ ଔରଙ୍ଗଜେବଙ୍କ ଧର୍ମଭିର୍ଥିକ ରାଜନୀତି ତତ୍କାଳୀନ ହିନ୍ଦୁ  ପ୍ରଜାମାନଙ୍କୁ ନିର୍ଯାତନା ଓ ଅତ୍ୟାଚାର ସହିବାକୁ ପଡିଥିଲା । ଏପରିକି ପରବର୍ତ୍ତୀ କାଳରେ ବ୍ରିଟିଶଶାସକମାନେ ମଧ୍ୟ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ, ବଳ, କୌଶଳ ଉପଯୋଗ କରିଥିଲେ । ସେ ହୃଦୟ ବିଦାରକ ନିର୍ଯାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ । ଧର୍ମନିରପେକ୍ଷତା ଆଜି କେବଳ ଆଧୁନିକ ଭାରତର ଏକ ସ୍ଲୋଗାନ ନୁହେଁ, ଏହାର ଐତିହ୍ୟ ସୁପ୍ରାଚୀନ ଅଟେ । ବୁଦ୍ଧଦେବ, ଶଙ୍କରାଚାର୍ଯ୍ୟ, ବଳରାମ ଦାସ, ଶ୍ରୀ ଚୈତନ୍ୟ ଦେବ, ସନ୍ଥ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁଳସୀ ଦାସ, ମହାତ୍ମା କବୀର, ସ୍ୱାମୀ ବିବେକାନନ୍ଦ ପରି ମହାପୁରୁଷ ଏଠାରେ ଜନ୍ମଗ୍ରହଣ କରି ସେମାନଙ୍କ ମାନବବାଦ ବାଣୀ ଶୁଣାଇ ଯାଇଛନ୍ତି । କେହି କୁତ୍ରାପି କୌଣସି ଧର୍ମ ପତି ବିଦ୍ୱେଷ ଭାବ ପୋଷଣ କରି ନାହାନ୍ତି ।

ସମସ୍ତେ ସେହି ଗୋଟିଏ ମହାନ ଉଦ୍ଦେଶ୍ୟରେ ଅଭିପ୍ରେତ ହୋଇଛନ୍ତି ଓ ସମସ୍ତେ ସେହି ଗୋଟିଏ ସାର୍ବଜନୀନ ବାଣୀ ଶୁଣାଇଛନ୍ତି । ତାହା ହେଉଛି ମାନବ ସମାଜର କଲ୍ୟାଣ ସାଧନ । ବୌଦ୍ଧଧର୍ମର ପ୍ରବକ୍ତା ମହାପୁରୁଷ ଗୌତମ ବୁଦ୍ଧ ଧର୍ମନିରପକ୍ଷତାର ପ୍ରଥମ ପ୍ରବକ୍ତା । ମୋଗଲ ସମ୍ରାଟ ଆକବର ନିଜର ଉଦାରତା ଓ ନିରକ୍ଷେପତା ବଳରେ ହିନ୍ଦୁ- ମୁସଲମାନ ଉଭୟଙ୍କର ଅତ୍ୟନ୍ତ ପ୍ରିୟଭାଜନ ହୋଇପାରିଥିଲେ । ସେ ସର୍ବଧର୍ମର ସାରମର୍ମକୁ ସଂଗ୍ରହ କରି "ଦିନ-ଇ-ଇଲାହି" ନାମକ ଏକ ସମନ୍ୱିତ ଧର୍ମର ପ୍ରଚାର କରିଥିଲେ । ଏପରିକି ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଗୀତାରେ କହିଛନ୍ତି “ସର୍ବଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ” । ଏହାର ଅର୍ଥ ସବୁ ଧର୍ମକୁ ପରିତ୍ୟାଗ କରି ମୋର ଶରଣ ନିଅ; ସୁତରାଂ ଧର୍ମନିରପେକ୍ଷତା ହେଉଛି ପୁଣ୍ୟଭୂମି ଭାରତର ମର୍ମବାଣୀ । ସର୍ବପୁରାତନ ସର୍ବଶ୍ରେଷ୍ଠ ସନାତନ ଧର୍ମର ଉତ୍ପତ୍ତି ସୃଷ୍ଟିର ଆରମ୍ଭରୁ ରହିଛି ଏବଂ ମାନବସଭ୍ୟତା ରହିଥିବା ଯାଏଁ ଏହାର ଅସ୍ତିତ୍ୱ ରହିଥିବ । କ୍ଷମତାପିପାସୁ ରାଜନେତା, ବିଧର୍ମୀ ବ୍ୟକ୍ତିବିଶେଷ ଅସାମାଜିକ ତତ୍ତ୍ୱଙ୍କ ଦ୍ୱାରା ସନାତନ ହିନ୍ଦୁଧର୍ମ ବିରୋଧରେ କରାଯାଉଥିବା ଷଡଯନ୍ତ୍ର ସେମାନଙ୍କୁ ରସାତଳଗାମୀ କରିଦେବ ଏବଂ ଭବିଷ୍ୟତରେ ସେମାନଙ୍କ ଅସ୍ତିତ୍ୱର ବିଲୁପ୍ତ ଘଟିବ । ଏଥିରେ ସନ୍ଦେହର କୋଣସି ଅବକାଶ ନାହିଁ । ଏ ବିଶ୍ୱବ୍ରହ୍ମାଣ୍ଡରେ କୌଣସି ଶକ୍ତି ନାହିଁ ଯାହାକି ହିନ୍ଦୁ ସନାତନ ଧର୍ମର ମୂଳୋତ୍ପାଟନ କରିଦେବ । ଏକବିଂଶ ଶତାବ୍ଦୀର ମଣିଷ ଜାତି, ଧର୍ମ ଓ ସଂପ୍ରଦାୟ ନାମରେ ହତ୍ୟା, ବ୍ୟଭିଚାର, ଧର୍ଷଣ, ଲୁଣ୍ଠନ, ଚୋରି, ଡକାୟତି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିବାକୁ ପଛଘୁଞ୍ଚା ଦେଉନାହିଁ । ଏତାଦୃଶ କାର୍ଯ୍ୟ ଦ୍ୱାରା କୋଣସି ରାଷ୍ଟ୍ରର ଉନ୍ନତି ଅସମ୍ଭବ ।

ଏ କଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ ଯେ ଆମ ସମସ୍ତଙ୍କର ଗୋଟିଏ ଜାତି ତାହା ହେଉଛି ମାନବ ଜାତି ଏବଂ ସମସ୍ତଙ୍କର ଗୋଟିଏ ଧର୍ମ ତାହା ହେଉଛି ମାନବ ଧର୍ମ । ପଣ୍ଡିତ ବିଷ୍ଣୁ ଶର୍ମା କହିଥିଲେ, "ବସୁଧୈବ କୁଟୁମ୍ବକମ୍ ।" ଅର୍ଥାତ ସମଗ୍ର ବସୁଧା ହେଉଛି ଗୋଟିଏ କୁଟୁମ୍ବ । ଏହି ମହାନବାଣୀକୁ ଆମେ ଭାରତୀୟମାନେ ମନ୍ତ୍ର ଭଳି ଗ୍ରହଣ କରିନେଲେ ବହୁ ସମସ୍ୟାର ସମାଧାନ ସହଜରେ ହୋଇପାରିବ ।

ପୌଷ ମାସ ଶୁକ୍ଲ ପକ୍ଷ ଦ୍ୱାଦଶୀ ୨୨- ଜାନୁଆରୀ- ୨୦୨୪ ସୋମବାରର ଅତ୍ୟନ୍ତ ଶୁଭ ଦିନରେ ୫୦୦ବର୍ଷର ସର୍ବ ପୁରାତନ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଅଯୋଧ୍ୟାରେ ନିର୍ମିତ ହେଉଥିବା ନୂତନ ମନ୍ଦିରର ଗର୍ଭଗୃହରେ ବିରାଜିତ କରାଯାଇ ପ୍ରାଣ ପ୍ରତିଷ୍ଠା କରାଯାଇଛି । ଏହି ଶୁଭ ଅବସରରେ ଅଯୋଧ୍ୟାରେ ଅଭୂତପୂର୍ବ ଆନନ୍ଦମୟ ଭକ୍ତିର ପରିବେଶ ସୃଷ୍ଟି ହୋଇଥିଲା । ଏହି ମନ୍ଦିର ନିର୍ମାଣ ପରମ୍ପରାଗତ ନାଗର ଶୈଳୀରେ ହୋଇଛି । ମନ୍ଦିର ତିନି ମହଲା ବିଶିଷ୍ଟ ହୋଇଛି । ପ୍ରତ୍ୟେକ ମହଲାର ଉଚ୍ଚତା ୨୦ଫୁଟ । ମନ୍ଦିରରେ ମୋଟ ୩୯୨ଟି ସ୍ତମ୍ଭ ଏବଂ ୪୪ଟି ପ୍ରବେଶ ଦ୍ୱାର ରହିଛି । ମନ୍ଦିରରେ ମୋଟ ପାଞ୍ଚଟି ମଣ୍ଡପ ରହିଛି, ଯଥା ନୃତ୍ୟ ମଣ୍ଡପ, ରଙ୍ଗ ମଣ୍ଡପ, ସଭା ମଣ୍ଡପ, ପାର୍ଥନା ମଣ୍ଡପ ଏବଂ କୀର୍ତ୍ତନ ମଣ୍ଡପ । ମନ୍ଦିରକୁ ପ୍ରବେଶ ପାଇଁ ୩୨ଟି ସିଡିର ବ୍ୟବସ୍ଥା ହୋଇଛି ସିଂହଦ୍ୱାର ଦେଇ ପହଞ୍ଚିବା ପାଇଁ । ରାମାୟଣ ପୁରାଣରେ ଆମ ଜୀବନ ସହିତ ଆଧାରିତ ବିଷୟବସ୍ତୁ ଦେଖିବାକୁ ମିଳେ । ଏକବିଂଶ ଶତାବ୍ଦୀର ମନୁଷ୍ୟ ପ୍ରଭୁ ଶ୍ରୀରାମଙ୍କର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ ସମ୍ପାଦନ କରିପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମ୍ଭବ ହୋଇପାରିବ । ପିତୃସତ୍ୟ ପାଳନ କରିବା ପାଇଁ ଯେପରି ଭଗବାନ ଶ୍ରୀରାମ ୧୪ବର୍ଷ ଧରି ବନବାସରେ ଅତିବାହିତ କରିଥିଲେ । ସେହିପରି ମନୁଷ୍ୟ ଜୀବନରେ ଯେତେ ବାଧାବିଘ୍ନ, ଦୁଃଖକଷ୍ଟ, ଘାତପ୍ରତିଘାତ ଆସିଲେ ମଧ୍ୟ କଦାପି ସତ୍ୟପଥରୁ ବିଚ୍ୟୁତ ହେବା କାପୁରୁଷର ଲକ୍ଷଣ । ଭଗବାନ ଶ୍ରୀରାମ ସତ୍ୟ, ଧର୍ମ, ନ୍ୟାୟ ଏବଂ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ।

ଏହିସବୁ ମହନୀୟ ଗୁଣ ମନୁଷ୍ୟ ନିଜର ବାସ୍ତବ ଜୀବନରେ ଉପଯୋଗ କରିପାରିଲେ ସେ ନିଜକୁ ପ୍ରତିଷ୍ଠିତ କରିପାରିବ । ଭଗବାନ ଶ୍ରୀରାମ ଯେପରି ବିଶ୍ୱବ୍ରହ୍ମାଣ୍ଡର ଛୋଟ କୀଟପତଙ୍ଗ ଠାରୁ ଆରମ୍ଭ କରି ପଶୁପକ୍ଷୀ, ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । ତାଙ୍କ ପାଖରେ ଉଚ୍ଚନୀଚର ଭେଦଭାବ ନଥିଲା । ସେହିପରି ଆମକୁ ଅହଂକାର ପରିହାର କରି ସମସ୍ତଙ୍କୁ ଆପଣାର ଭାବିବାକୁ ପଡିବ, କାହାକୁ ବି ହେୟଜ୍ଞାନ ମନେକରିବା ଉଚିତ ନୁହେଁ । ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଆବଶ୍ୟକ । ପ୍ରଭୁ ଶ୍ରୀରାମ ଯେପରି ନମ୍ର ଶାଳୀନତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିଲେ ତାହା ଏକବିଂଶ ଶତାବ୍ଦୀର ମନୁଷ୍ୟ ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟୀ । ମନୁଷ୍ୟକୁ ସଫଳ ହେବାକୁ ହେଲେ ବାସ୍ତବ ଜୀବନରେ ନମ୍ର, ଉଦାରବାଦୀ, ଦୟାଳୁ, କର୍ତ୍ତବ୍ୟନିଷ୍ଠ, ସତ୍ୟବାଦୀ ହେବାକୁ ପଡିବ । ଭଗବାନ ଶ୍ରୀରାମ ଆଦର୍ଶବାଦୀ, ନ୍ୟାୟବନ୍ତ, ପ୍ରଜାଅନୁରାଗୀ, ସତ୍ୟନିଷ୍ଠ ରାଜା ଥିଲେ । ଠିକ୍ ସେହିପରି ଏକବିଂଶ ଶତାବ୍ଦୀର ରାଜନେତା କ୍ଷମତା ମୋହରେ ଅନ୍ଧ ନହୋଇ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ଅସହାୟ ଜନତାଙ୍କ ସେବା କରିବା ଉଚିତ । ପ୍ରଭୁ ଶ୍ରୀରାମ ଯେପରି ନିଜର ନୀତି, ଆଦର୍ଶ, ନୈତିକତା ସହିତ କୌଣସି ସାଲିସ୍ କରୁନଥିଲେ ଠିକ୍ ସେହିପରି ଯେତେ ବାଧାବିଘ୍ନ ଘାତପ୍ରତିଘାତ ଆସିଲେ ମଧ୍ୟ ଆମେ ନିଜର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନୈତିକତା, ନୀତି, ଆଦର୍ଶ ସହିତ ସାଲିସ କରିବା ଅନୁଚିତ । ଯେପରି ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମ ମୃତ୍ୟୁଶଯ୍ୟାରେ ପଡିରହିଥିବା ଅହଂକାରୀ ଦାନବ ରାବଣ ଠାରୁ ଶିକ୍ଷା ଗ୍ରହଣ କରିବା ପାଇଁ ନିଜର କନିଷ୍ଠ ଭ୍ରାତା ଲକ୍ଷ୍ମଣଙ୍କୁ ପ୍ରେରଣ କରି ନିଜର ମହାନତା, ନମ୍ରତାର ପରିଚୟ ଦେଇଛନ୍ତି ଏହା ସଦାସର୍ବଦା ମାନବଜାତି ପାଇଁ ପ୍ରେରଣାଦାୟୀ ।

ଏକବିଂଶ ଶତାବ୍ଦୀର ରାଜନେତା ନିଜର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଶତ୍ରୁ ନଭାବି କାଦୁଅଫିଙ୍ଗା ରାଜନୀତିରୁ ନିବୃତ୍ତ ରହି ପରସ୍ପର ମିଳିତ ସହଯୋଗ ଓ ବୁଝାମଣାରେ ଆମ ରାଷ୍ଟ୍ରର ଉନ୍ନତି ପାଇଁ ସବୁ ପ୍ରକାର ଉଦ୍ୟମ କରିବା ଆବଶ୍ୟକ । ଏହିପରି ହୋଇପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ ।

ଗୋପାଳପୁର, ବାଲେଶ୍ୱର,

ମୋବାଇଲ-୭୦୨୦୬୧୧୩୦୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଜାଦ ହିନ୍ଦର ବାଘ



ପ୍ରଭାସ କୁମାର ମହାପାତ୍ର

ନିଘଞ୍ଚ ଅରଣ୍ୟରେ ହଜାର ହଜାର ଜୀବଜନ୍ତୁ ମାନଙ୍କ ମଧ୍ୟରେ ମହାବଳ ଶାଳୀ ବାଘ ଯେପରି ଜଙ୍ଗଲର ରାଜା ହୋଇଥାଏ । ଠିକ ସେହିପରି ସ୍ୱାଧୀନତା ଆନ୍ଦୋଳନରେ ଆଜାଦ ହିନ୍ଦ ଫୌଜର ବାଘ ଥିଲେ ବୀର ସୁବାଷ ଚନ୍ଦ୍ର ବୋଷ । ଯଦିଓ ୧୯୪୨ ମସିହାରେ ଜେନେରାଲ ମୋହନ ସିଂହଙ୍କ ନେତୃତ୍ୱରେ ବ୍ରିଟିଶ ଭାରତୀୟ ସେନାର ଭାରତୀୟ ଯୁଦ୍ଧବନ୍ଦୀ ମାନଙ୍କୁ ନେଇ ମାଳୟ ଅଭିଯାନରେ ଏବଂ ସିଙ୍ଗାପୁରରେ ପ୍ରତିଷ୍ଠିତ ହୋଇଥିବା ଏହି ଆଜାଦ ହିନ୍ଦ ଫୌଜ ଏତେ ସଫଳତା ହାସଲ କରିନଥିଲା, କାରଣ ପ୍ରଥମ ଆଇ ଏନ ଏ ଏସିଆ ଯୁଦ୍ଧରେ ଜାପାନର ଭୂମିକାକୁ ନେଇ ଏହାର ନେତୃତ୍ୱ ଏବଂ ଜାପାନୀ ସେନା ମଧ୍ୟରେ ମତଭେଦ ହେବାପରେ ସେହି ବର୍ଷ ଡିସେମ୍ବରରେ ସେନା ଭାଙ୍ଗି ଯାଇଥିଲା । ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ସୁବାଷ ଚନ୍ଦ୍ର ବୋଷଙ୍କୁ ଆଇ ଏନ ଏ ହସ୍ତାନ୍ତର କରାଯାଇଥିଲା ଏବଂ ୧୯୪୩ ମସିହାରେ ସୁବାଷ ଚନ୍ଦ୍ର ବୋଷ ଦକ୍ଷିଣ ପୂର୍ବ ଏସିଆରେ ପହଞ୍ଚିବା ପରେ ତାଙ୍କ ନେତୃତ୍ୱରେ ଏହାକୁ ପୁନଃରୁଦ୍ଧାର କରାଯାଇଥିଲା । ଏହି ସେନାକୁ ବୋଷଙ୍କ ଅର୍ଜି ହୁକୁମତ-ଏ - ଆଜାଦ ହିନ୍ଦ (ମୁକ୍ତ ଭାରତର ଅସ୍ଥାୟୀ ସରକାର)ର ସେନା ବୋଲି ଘୋଷଣା କରାଯାଇଥିଲା । ଯାହାର ମୁଖ୍ୟ ଲକ୍ଷ୍ୟ ଥିଲା ବ୍ରିଟିଶ ରାଜ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କବଳରୁ ଭାରତର ସ୍ୱାଧୀନତାକୁ ରକ୍ଷା କରିବା । ସେଇଠୁ ନେତାଜୀ ଆହ୍ୱାନ ଦେଇଥିଲେ ଦିଲ୍ଲୀ ଚାଲୋ । ସେଥିପାଇଁ ସୁବାଷ ଚନ୍ଦ୍ର ବୋଷ, ମହାତ୍ମା ଗାନ୍ଧୀ, ଜବାହାରଲାଲ ନେହେରୁ, ମୌଲାନା ଆଜାଦ ଏବଂ ଆଇ ଏନ ଏ ର ବ୍ରିଗେଡ / ରେଜିମେଣ୍ଟର ନାମକରଣ କରିଥିଲେ । ଝାନ୍ସୀର ରାଣୀ ଲକ୍ଷ୍ମୀବାଇଙ୍କ ନାମରେ ଏକ ମହିଳା ରେଜିମେଣ୍ଟ ମଧ୍ୟ ଥିଲା । ସୁବାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ଆଇ ଏନ ଏ ମାଳୟ (ବର୍ତ୍ତମାନର ମାଲେସିଆ) ଏବଂ ଆନୁଗତ୍ୟ ବଜାୟ ରଖିବା ପାଇଁ ରିପୋଟିଂ ନିଷେଧାଦେଶ ଏବଂ ଜିଫସ ନାମକ ଏକ ପ୍ରଚାର ଅଭିଯାନ ଆରମ୍ଭ ହୋଇଥିଲା ।

ଆଜାଦ ହିନ୍ଦ ଫୌଜ ୧୯୪୪ ମାର୍ଚ୍ଚ ୧୮ ତାରିଖରେ ବର୍ମା ସୀମା ଅତିକ୍ରମ କରି ଭାରତୀୟ ମାଟିରେ ପାଦ ଥାପିଥିଲା ଓ ମଣିପୁରର ଇମ୍ଫାଲ ଯାଏଁ ଏହି ଅଭିଯାନ ଅଗ୍ରସର ହୋଇଥିଲା । ଦୃଢ଼ ପଦକ୍ଷେପ କାରଣରୁ ଆଜାଦ ହିନ୍ଦ ଫୌଜ ଆହୁରି ଅଗ୍ରସର ହୋଇଥିଲା ଯାହା ଫଳରେ ବ୍ରିଟିଶ ବାହିନୀର ନଜର ଆଜାଦ ହିନ୍ଦ ଫୌଜ ଉପରେ ପଡିଲା ଏବଂ ସେମାନେ ସ୍ଥଳ ଓ ଆକାଶ ମାର୍ଗରୁ ଆକ୍ରମଣ କରି ଇମ୍ଫାଲ ଠାରେ ତାଙ୍କୁ ପରାସ୍ତ କଲା ।

ଶାହନୱାଜ କମିଟି, ଖୋସଲା କମିଶନ, ମୁଖାର୍ଜୀ କମିଶନ ପରି ଅନେକ କମିଶନ ଅଫ ଇନକ୍ୱାରି ବସିଥିଲେ ମଧ୍ୟ ତାଙ୍କ ମୃତ୍ୟୁର କାରଣ ଓ ସମୟ ସଠିକ ଭାବରେ ଜଣା ପଡ଼ିନାହିଁ ।

*ମୋତେ ରକ୍ତଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି* ବାସ୍ତବରେ ସେ କେତେ ଦେଶପ୍ରେମୀ, ସାହସୀ, ପରାକ୍ରମୀ, ସ୍ୱଷ୍ଟବାଦୀ, ଭବିଷ୍ୟତ ଦ୍ରଷ୍ଟା, ଥିଲେ ଏଥିରୁ ସ୍ୱଷ୍ଟ ଭାବରେ ଜଣା ପଡ଼ିଯାଏ । ସ୍ୱାଧୀନତା କେହି କାହାକୁ ଦିଏ ନାହିଁ, ସ୍ୱାଧୀନତାକୁ ଛଡାଇ କରି ଆଣିବାକୁ ହୁଏ ତାଙ୍କର ମତ ଥିଲା ସେଥିପାଇଁ ଶେଷ ନିଶ୍ୱାସ ଥିବାଯାଏଁ ସେ ବାଘ ପରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନ ଜୀଇଁ ଥିଲେ । ଆଉ ଆଜି ତାଙ୍କରି ବଳିଦାନ ପାଇଁ ଦେଶ ସ୍ୱାଧୀନତା ହାସଲ କଲା । ଯେତେ ଦୂରେ ଥିଲେବି ଆଜି ଆପଣ ସମସ୍ତଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନରେ ଅଛନ୍ତି ବୋଷ... ।

ପ୍ରଭାସ କୁମାର ମହାପାତ୍ର

ମୟୁରଭଞ୍ଜ, ଓଡ଼ିଶା

ଦୂରଭାଷ -୯୮୬୧୬୦୩୦୬

Listen to Odia Podcast on https://anchor.fm/aahwaan

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ବିଦ୍ୟାଳୟ ସ୍ତରରେ ଆର୍ଥିକ ଶିକ୍ଷା



ଜଗଜୀବନ ସେଠୀ

ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର Y. V ରେଡ୍ଡୀ କହିଥିଲେ, ଭାରତ ଗରିବ ହୋଇ ରହିବାର ମୁଖ୍ୟ କାରଣ ଭାରତୀୟଙ୍କ କମ ରୋଜଗାର ନୁହଁ, ମୁଖ୍ୟ କାରଣ ହେଲା ଭାରତୀୟଙ୍କ ମଧ୍ୟରେ ଥିବା ଆର୍ଥିକ ଜ୍ଞାନର ଅଭାବ । ମଣିଷର ପ୍ରତ୍ୟେକ କାର୍ଯ୍ୟ ଅର୍ଥନୀତି ସହିତ ଜଟିତ କିନ୍ତୁ କେହି ମଧ୍ୟ ଆର୍ଥିକ ଜ୍ଞାନ ଆହାରଣ କରିବାକୁ ଚାହାଁନ୍ତି ନାହିଁ । ଯାହାକୁ ଅର୍ଥନୀତିର ପରିଭାଷାରେ OXYMORON କୁହାଯାଏ । ଭାରତ ଆଜି ବଦଳୁଛି, ଭାରତ ଆଜି ବିଶ୍ୱର ଚତୁର୍ଥ ସର୍ବବୃହତ ଅର୍ଥନୀତି, କିନ୍ତୁ ଏହି ଅର୍ଥନୀତି ସହିତ ବିଭିନ୍ନ ସମସ୍ୟା ଜଡିତ । ଆଜି ମଧ୍ୟ ଲୋକଙ୍କ ମଧ୍ୟରେ ଉପଯୁକ୍ତ ଆର୍ଥିକ ଜ୍ଞାନର ଅଭାବ ରହିଛି । ଅନଲାଇନ ଠକେଇ ବଢ଼ିବାରେ ଲାଗିଛି, ତେଣୁ ୱାରେନ ବଫେଟ କହିଛନ୍ତି, "ଆଜିର ମୁଖ୍ୟ ଶତ୍ରୁ ହେଲା, ଅନଲାଇନ ଠକେଇ ।"

ଯେଉଁ ଭାରତ ବିଶ୍ୱରେ ବିକାଶର ଗାଥା ଗାଉଛି, ତାକୁ ଆବଶ୍ୟକ ଯଥେଷ୍ଟ ଆର୍ଥିକ ଜ୍ଞାନ ।

"ଟିକି ଟିକି ଟୋପା ପାଣିରେ ଗଢ଼ା ହୋଇଛି ସିନ୍ଧୁ,
ଟିକି ଟିକି ଜମା ଅଭ୍ୟାସ ହୁଏ ଆମର ବନ୍ଧୁ ।"

ରୋଜଗାରର କିଛି ଅଂଶ ଭବିଷ୍ୟତ ପାଇଁ ଜମା ରଖିବା ନିହାତି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆବଶ୍ୟକ । ଦେଶବାସୀଙ୍କ ମଧ୍ୟରେ ଏହି ଅଭ୍ୟାସ ସୃଷ୍ଟି କରିବା ପ୍ରତ୍ୟେକ ସରକାର, ଆର୍ଥିକ ସଂଘଠନ ଆଦିଙ୍କ କାର୍ଯ୍ୟ ଅଟେ । ଭାରତରେ ୧୨ଟି କ୍ଷୁଦ୍ର ଜମା ଯୋଜନା ରହିଛି, ଏଥି ମଧ୍ୟରୁ ସ୍ୱଳ୍ପ ମିଆଦି ଜମା, ଦୀର୍ଘ ମିଆଦି ଜମା, ସୁକନ୍ୟା ସମୃଦ୍ଧି ଯୋଜନା, ଅଟଳ ପେନସନ ଯୋଜନା, କୃଷକ ବିକାଶ ପତ୍ର, ରାଷ୍ଟ୍ରୀୟ ଜମା ପ୍ରମାଣ ପତ୍ର, ବରିଷ୍ଠ ନାଗରିକ ଜମା ଯୋଜନା ଆଦି ବେଶ ପ୍ରଚଳିତ । ଏହି ଯୋଜନା ଗୁଡିକରେ ନିବେଶ କରିବା ସମ୍ପୂର୍ଣ ସୁରକ୍ଷିତ ଓ ଅଧିକ ଲାଭଦାୟକ ହୋଇଥାଏ । ଲୋକଙ୍କ ମଧ୍ୟରେ ଏହି ଯୋଜନା ବିଷୟରେ ଯଥେଷ୍ଟ ସଚେତନତା ସୃଷ୍ଟି କରିପାରିଲେ, ଯୋଜନା ଗୁଡିକର ଲାଭ ସମସ୍ତଙ୍କ ନିକଟରେ ପହଂଚି ପାରିବ ।

ଲୋକଙ୍କ ମଧ୍ୟରେ ବ୍ୟାଙ୍କିଙ୍ଗ ଅଭ୍ୟାସ ସୃଷ୍ଟି କରିବା, ବ୍ୟାଙ୍କିଙ୍ଗ କାରବାର ସହିତ ପରିଚିତ କରାଇବା ଦିଗରେ ଭାରତ ଅଭୁତପୂର୍ବ ସଫଳତା ଅର୍ଜନ କରିଛି । ୧୯୬୯ ମସିହାରେ ଗ୍ରାମାଞ୍ଚଳରେ ବ୍ୟାଙ୍କିଙ୍ଗ ସୁବିଧା ପହଞ୍ଚାଇବା, ଅଧିକରୁ ଅଧିକ ଲୋକଙ୍କ ଆର୍ଥିକ ସମାବେଶନ କରାଇବା ପାଇଁ ୧୪ଟି ବ୍ୟାଙ୍କର ଜାତୀୟକରଣ କରାଯାଇଥିଲା । ସେହିପରି ୨୦୧୪ ମସିହାରେ 'ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା'ର ଶୁଭାରମ୍ଭ କରାଯାଇଛି । ବର୍ତ୍ତମାନ ପ୍ରାୟ ୫୦ କୋଟି ଭାରତୀୟଙ୍କ ପାଖରେ 'ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା' ଜରିଆରେ ଜମା ଖାତା ରହିଛି । ସେହିପରି ମୁଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ଅଟଳ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ କୃଷକ କଲ୍ୟାଣ ଯୋଜନା ଆଦିରେ କୋଟି କୋଟି ଭାରତୀୟ ଜମା ଖାତା ଖୋଲି ସାରିଲେଣି ।

ଆର୍ଥିକ ସାକ୍ଷରତା ମିଶନର ପ୍ରମୁଖ ଚେହେରା 'ଅନିଲ ଲାମ୍ବା 'ନିଜ ସର୍ଭେରେ କହିଛନ୍ତି, "ଭାରତର ୯୫% ଆର୍ଥିକ କାରବାର କେବଳ ଆର୍ଥିକ ସାକ୍ଷରତା ଅଭାବରୁ ଘଟୁଛି ।"

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୋକଙ୍କ ମଧ୍ୟରେ ଉପଯୁକ୍ତ ଆର୍ଥିକ ଜ୍ଞାନ ଅଭାବରୁ ଉପାର୍ଜନର ମାର୍ଗ ଖୋଜି ପାଇପାରୁ ନାହାନ୍ତି. ନିଜ ପାଖରେ ଥିବା ପୁଞ୍ଜି ରାଶିକୁ କେଉଁଠି ଜମା ରଖିବେ, କେମିତି ବିନିଯୋଗ କରିବେ ଜାଣିପାରୁନାହାନ୍ତି । ତେଣୁ ତ କୁହାଯାଏ;


"ନିବେଶ କରିବ ବିଚାରି, ଟଙ୍କାରୁ ଟଙ୍କା ଯେ ତିଆରି ।"

ଆମେରିକା, ଇଂଲଣ୍ଡ, ସିଙ୍ଗାପୁର ଆଦି ଦେଶ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ କରି ନାଗରିକମାନଙ୍କୁ ଉପଯୁକ୍ତ ଶିକ୍ଷାପ୍ରଦାନ କରୁଛନ୍ତି । ଆର୍ଥିକ ସୁରକ୍ଷା ନିମନ୍ତେ ବିଭିନ୍ନ ପ୍ରୟାସ ମାନ ଜାରି ରଖିଛନ୍ତି । ତେଣୁ ଭାରତ ମଧ୍ୟ ଏ ଦିଗରେ ଅଗ୍ରସର ହେବା ନିହାତି ଆବଶ୍ୟକ, "ବିଦ୍ୟାଳୟ ସ୍ତରରୁ ପ୍ରତେକ ଛାତ୍ରଛାତ୍ରୀଙ୍କ ଆର୍ଥିକ ସାକ୍ଷରତା ମିଶନରେ ସାମିଲ କରିବା ଆବଶ୍ୟକ ।"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପାଠକୀୟ ସ୍ୱୀକୃତି



ଅମରନାଥ ବାରିକ

ବ୍ରହ୍ମାନନ୍ଦଂ ପରମସୁଖଦଂ କେବଳଂ ଜ୍ଞାନମୂର୍ତ୍ତିଂ
ଦ୍ୱନ୍ଦ୍ୱାତୀତଂ ଗଗନସଦୃଶଂ ତତ୍ତ୍ୱମସ୍ୟାଦି ଲକ୍ଷ୍ୟମ୍
ଏକଂ ନିତ୍ୟଂ ବିମଳମଚଳଂ ସର୍ବଧୀସାକ୍ଷି ଭୂତମ୍
ଭାବାତୀତଂ ତ୍ରିଗୁଣରହିତଂ ସଦ୍ ଗୁରୁଂ ତଂ ନମାମି ।

ସମ୍ମାନୀୟ ସମ୍ପାଦକ ମହାଶୟ ,

ହେ ଅମ୍ଳାନ ସାରସ୍ୱତ ସାହିତ୍ୟ ପ୍ରେମୀ ! ସାଧୁବାଦ ପ୍ରଣାମ ଜଣାଉଛି । ଆମ ଆହ୍ୱାନ ସାହିତ୍ୟ ପତ୍ରିକା ପ୍ରତ୍ୟେକ ସାରସ୍ୱତ ମାର୍ଗକୁ ଅତି ନିଖୁଣ ଭାବରେ ପରିଚାଳିତ କରିବାରେ ସିଦ୍ଧହସ୍ତ । ଏଭଳି ସୁନ୍ଦର ସୁନ୍ଦର ବିଷୟ ବସ୍ତୁକୁ ନେଇ ଆଲୋଚନା, ଆମ କଥା, ପାଠକ ବିଚାର, ସଂପାଦକୀୟ, ସୂଚୀପତ୍ର, କବିତା, କାହାଣୀ, ପ୍ରବନ୍ଧ, ଜଣା ଅଜଣା, ଶିକ୍ଷଣୀୟ ତଥ୍ୟ, ଆମ ରୋଷେଇ, ସାକ୍ଷାତକାର, ଆଧ୍ୟାତ୍ମିକ ଚେତନା, ପରିବେଶ ସୁରକ୍ଷା ବିଶେଷଜ୍ଞ, ଶିଶୁ ଭିତ୍ତିକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଏବଂ ଏକପଦୀ ଇତ୍ୟାଦିକୁ ଗୁରୁତ୍ୱ ଦେଇ ଉପସ୍ଥାପନା କରି ଆସୁଛି ଆମ ଆହ୍ୱାନ ସାହିତ୍ୟ ପତ୍ରିକା । ଏମିତିକା ସାରସ୍ୱତ ଅମୃତ ମନ୍ଥନ ଦ୍ୱାରା ଆମ ଯୁବପିଢିଙ୍କୁ ମିଳି ପାରୁଛି କିଛି ନୂତନ ଦିଗ୍ଦର୍ଶନ ଅନୁଭବ । ତେଣୁ ଏ ମହାନ ଅନୁଷ୍ଠାନକୁ ପୁଣିଥରେ ମୁଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାର୍ଯ୍ୟକ୍ରମ ଆଗକୁ ନେବାପାଇଁ ଜଗତ ଜନନୀଙ୍କ ପାଦପଦ୍ମରେ ଭିକ୍ଷା ପ୍ରାର୍ଥନା କରୁଛି । ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗ ମାଆ ବୀଣାପାଣିଙ୍କର ଆଶୀର୍ବାଦ ସଦୃଶ । ଆପଣଙ୍କ ତେଜୋଦିପ୍ତ ମାର୍ଗଦର୍ଶନ ସାହିତ୍ୟ ଜଗତର ନବ ଉନ୍ମେଷର ପ୍ରତୀକ । ଆମ ଆହ୍ୱାନ ସାହିତ୍ୟ ପତ୍ରିକାର ସାରସତ୍ୱ ସାଧନା ସଭିଙ୍କୁ ମନମୁଗ୍ଧ କରିଛି । ଏଥରର ଶାରଦୀୟ ପୂଜା ସଂଖ୍ୟା ୨୯୨ ପୃଷ୍ଠା ବିଶିଷ୍ଟ ଆମ ପରଶମଣି ଗାଁ ମହକ ସାହିତ୍ୟ ପତ୍ରିକାର ପ୍ରଚ୍ଛଦପଟ୍ଟ ମୁଖ୍ୟ ଆକର୍ଷଣ ହେବା ସହ ସଂପାଦକୀୟ ବାର୍ତ୍ତା ମନ ମୁଗ୍ଧକର ଥିଲା ଏବଂ ସମସ୍ତ ବିଷୟ ବସ୍ତୁ ପ୍ରତ୍ୟେକ ସ୍ରଷ୍ଟାମାନଙ୍କ ସୃଷ୍ଟି ହୃଦୟସ୍ପର୍ଶୀ ହୋଇଥିଲା । ମୋର ଯାହା ଅନୁମାନ ସମସ୍ତ ପାଠକଙ୍କ ଆଦୃତ ହୋଇପାରିଥିଲା ।

ଆପଣଙ୍କ ଶ୍ରେଷ୍ଠ କାର୍ଯ୍ୟକୁ ଶ୍ରଦ୍ଧା ପୂର୍ବକ ସମ୍ମାନ ଜଣାଇ ମୋ ତରଫରୁ ଆପଣଙ୍କୁ ତଥା ସଦନର ପ୍ରତିଷ୍ଠାତା ଓ ସମ୍ପାଦକ ମହୋଦୟଙ୍କୁ ମୋର ଅନନ୍ତ କୋଟି ଭକ୍ତିପୂତ ପ୍ରଣାମ ଏବଂ ହୃଦୟର ଗଭୀରତମ ପ୍ରଦେଶରୁ କୃତଜ୍ଞତା ଜ୍ଞାପନ କରୁଛି ମୁଁ ଅମରନାଥ ବାରିକ୍ ସୁଦୂର ଯାଜପୁର ମାଟିରୁ । ମା ବିରଜା ଆପଣଙ୍କ ପଥ ପ୍ରଶସ୍ତ କରନ୍ତୁ । ଅନୁଷ୍ଠାନର ଦୀର୍ଘ ନିରାମୟ ସାରସ୍ୱତ ଜୀବନ କାମନା କରୁଅଛି । ପୂଜ୍ୟ ସାହିତ୍ୟନୁରାଗୀ, ସମସ୍ତ କର୍ମକର୍ତ୍ତା ବୃନ୍ଦ, ଆମ ମାତୃଭାଷାକୁ ଭଲ ପାଉଥିବା ସମସ୍ତ କବି କବୟିତ୍ରୀ, ମୋତେ ସ୍ନେହ ପ୍ରେମ ପ୍ରେରଣା ଦେଉଥିବା ସମସ୍ତ ବିଦ୍ୱାନ ସୁଧି ସର୍ଜନ ମଣ୍ଡଳୀଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ଇଂରାଜୀ ନବବର୍ଷରେ ଆପଣଙ୍କ ଧନ ଜନ ଓ ମନର ବିପୁଳ ପରିବର୍ତ୍ତନ ଘଟୁ ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ମୋର ବିନମ୍ର ନିବେଦନ ।

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର

ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧, ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ମାର୍ଚ୍ଚ ୨୦୨୪

ଲେଖା ପଠାଇବାର ଶେଷ ତାରିଖ : ୩ ମାର୍ଚ୍ଚ ୨୦୨୪

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ୍ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ଆମକୁ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :


**aahwaan@gmail.com**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।







ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

# https://anchor.fm/aahwaan

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆହ୍ୱାନ ଓଡ଼ିଆ ପୋଡ଼କାଷ୍ଟ ସେବା ନିମ୍ନୋକ୍ତ ସମସ୍ତ ପୋଡ଼କାଷ୍ଟ ପ୍ରସାରଣ ସେବାରେ ଉପଲବ୍ଧ ।
ବିଶ୍ୱବ୍ୟାପୀ ସମସ୍ତ ପରିଚିତ ଓ ପ୍ରସିଦ୍ଧ ପୋଡ଼କାଷ୍ଟ ପ୍ଲାଟଫର୍ମରେ ଆମ ପୋଡ଼କାଷ୍ଟ ଶୁଣି ପାରିବେ ।
ଏଥିରେ ନିଜର ଲେଖା ପ୍ରକାଶିତ କରିବା ପାଇଁ ଆମ ସହ ହ୍ୱାଟସ୍ଆପ୍ ଦ୍ୱାରା ସମ୍ପର୍କ କରନ୍ତୁ ।

Amazon Music · AntennaPod · Anytime Player · Apple Podcasts · Bullhorn · Castamatic · Castbox · Castro · Curiocaster · Fountain

Goodpods · Google Podcasts · Apple iTunes · Listen Notes · Moon FM · Overcast · Player FM · Pocket Casts · Podbean · Podcast Addict

Podcast Index · Podcast Guru · Podcast Republic · Podchaser · Podfriend · Podknife · podStation · Podverse · Sonnet · Spotify

Steno.fm · Subscribe on Android · Subscribe by email · RSS feed

- Spotify
- Amazon Music
- Apple Music
- Cast Box
- Castro
- Curio caster
- Fountain
- Goodpods
- Google Podcast
- Apple iTunes
- Pocket cast
- Podbean
- Podcast Addict
- Podcast Index
- Podcast Guru
- Podcast republic
- Podchaser
- Podfriend
- Podverse
- Sonnet
- Steno.fm
- Rephonic
- Jio Saavn
- ivoox
- Audacy
- Tune in
- Radio Public

On all the links you can listen to our Podcast, or do a search in Google for Aahwaan Odia Podcast and You will find it on your own podcast player.

You too can Publish your article on our Podcast for a small fee and it will be heard worldwide on different podcast players on mobile phones, audio players, car stereos and much more. The decision to publish any article will be taken by the editorial board. Don't pay any fees before getting confirmation. If you are interested do let us know by sending message on WhatsApp to 9040985463.

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା